# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୧୧/୨୦୨୦ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, January 11 / 2020 ★★

୧୬ଶ ଭାଗ ୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-


# ଓଡ଼ିଶା ହରାଇବ ୩୦ ହଜାର କୋଟି

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପଞ୍ଚଦଶ ଅର୍ଥ କମିଶନରେ ଓଡ଼ିଶାକୁ କେନ୍ଦ୍ରୀୟ ଟିକସ ବାବଦ ଅଂଶଧନ କମିବ। କମିଶନ ୨୦୧୧ ଜନସଂଖ୍ୟାକୁ ସଂଶୋଧିତ ମାନଦଣ୍ଡ ଭାବେ ଗ୍ରହଣ କରିଥିବାରୁ ରାଜ୍ୟ ପାଇଁ ବଡ ଆର୍ଥିକ କ୍ଷତି ହେବ। ଜନସଂଖ୍ୟା ନିୟନ୍ତ୍ରଣ ଏବଂ ଦାରିଦ୍ର୍ୟ ହ୍ରାସ ଯୋଗୁ ରାଜ୍ୟକୁ ବାର୍ଷିକ ପ୍ରାୟ ୫ରୁ ୬ ହଜାର କୋଟି ହିସାବରେ ୫ ବର୍ଷରେ ପ୍ରାୟ ୩୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିବ ବୋଲି ଆକଳନ କରାଯାଇଛି।

ଗତ ଦୁଇ ଦଶନ୍ଧି ଧରି ଓଡିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଯୋଗୁ ଦାରିଦ୍ର୍ୟ ହ୍ରାସ ପାଇବା ସହ ଜନସଂଖ୍ୟାକୁ ମଧ ନିୟନ୍ତ୍ରଣ କରାଯାଇପାରିଛି। ପଞ୍ଚଦଶ ଅର୍ଥ କମିଶନଙ୍କ ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ରାଜ୍ୟଗୁଡିକୁ ଅଧିକ କ୍ଷତି ସହିବାକୁ ପଡିଛି। ଏହାକୁ ଓଡିଶା, ପଶ୍ଚିମବଙ୍ଗ, କେରଳ ସମେତ ଦକ୍ଷିଣ ଭାରତ ରାଜ୍ୟଗୁଡିକ ମଧ ବିରୋଧ କରିଛନ୍ତି। ପୂର୍ବ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ୧୯୭୧ ଜନଗଣନାକୁ ମାନଦଣ୍ଡ ରୂପେ ଧରି ଟିକସକୁ ଭାଗ କରିବାକୁ କେନ୍ଦ୍ର ସରକାରଙ୍କୁ ଉକ୍ତ ରାଜ୍ୟଗୁଡିକ ସ୍ମାରକପତ୍ର ଦେଇଛନ୍ତି। ଏଥିଯୋଗୁ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅର୍ଥ କମିଶନ କାଳରେ ରାଜ୍ୟକୁ କେନ୍ଦ୍ରୀୟ ଟିକସ ଭାଗ ୪.୭୮ ପ୍ରତିଶତରୁ ୪.୬୬ ପ୍ରତିଶତକୁ ଖସି ଯାଇଥିଲା। ପଞ୍ଚଦଶ ଅର୍ଥ କମିଶନରେ ଏହା ଆହୁରି ହ୍ରାସ ପାଇବ। ୧୯୭୧ ଜନସଂଖ୍ୟାକୁ ମାନଦଣ୍ଡଭାବେ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଏ ନେଇ ଏକ ଚିଠି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଛନ୍ତି । ୨୦୧୧ ଜନସଂଖ୍ୟା ଅନୁଯାୟୀ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଭଳି ଜନବହୁଳ ରାଜ୍ୟକୁ ଅଧିକ ଫାଇଦା ମିଳିବ।

ଅନ୍ୟପକ୍ଷରେ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅବଧିକୁ ୧ ବର୍ଷ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏ ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇଦେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କମିଶନ ଏକ ବର୍ଷିକିଆ ସ୍ୱତନ୍ତ୍ର ରିପୋର୍ଟ ପ୍ରଦାନ କରିବେ। ୨୦୨୧-୨୨ରୁ ୨୦୨୫-୨୬ ଯାଏ ଆଉ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଥମଥର ଲାଗି ବର୍ଷିକିଆ ରିପୋର୍ଟ ଦେବାକୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏ ନେଇ ଅର୍ଥ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରଥମ ଚୂଡାନ୍ତ ରିପୋର୍ଟ ଚଳିତବର୍ଷ ଅକ୍ଟୋବର ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ୨୦୨୧ ଏପ୍ରିଲ ପହିଲାରୁ ୫ ବର୍ଷିଆ ରିପୋର୍ଟ ପ୍ରସ୍ତୁତ କରିବାକୁ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକ ପାଇଁ କମିଶନଙ୍କ କାର୍ଯ୍ୟକାଳ ଘୁଞ୍ଚିଯାଉଥିବାରୁ ପୁଣି ଥରେ ରାଜ୍ୟ ସରକାରଙ୍କୁ ସଂଶୋଧିତ ସ୍ମାରକ ପତ୍ର(ମେମୋରାଣ୍ଡମ)୨୦୨୦ ମାର୍ଚ୍ଚ ୩୧ ପୂର୍ବରୁ କମିଶନଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫-ଏ ହଟିବା ପରେ ସ୍ଥିତି ସ୍ୱାଭାବିକ ହୋଇ ନ ଥିବାରୁ କମିଶନଙ୍କ କାର୍ଯ୍ୟକାଳ ବର୍ଷକ ପାଇଁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟକୁ ☞ପୃଷ୍ଠା-୪

**ବର୍ଷେ ଘୁଞ୍ଚିଲା ପଞ୍ଚଦଶ ଅର୍ଥ କମିଶନ କାର୍ଯ୍ୟକାଳ**

- ୨୦୨୧-୨୨ରୁ ହେବ ୫ ବର୍ଷିଆ ଯୋଜନା
- ଅକ୍ଟୋବର ୩୦ ତାରିଖ ସୁଦ୍ଧା ଚୂଡାନ୍ତ ରିପୋର୍ଟ ଦେବାକୁ କମିଶନଙ୍କୁ ନିର୍ଦ୍ଦେଶ
- ମାର୍ଚ୍ଚ ୩୧ ପୂର୍ବରୁ ସଂଶୋଧିତ ସ୍ମାରକପତ୍ର ଦାଖଲ ପରାମର୍ଶ




**ସୁପ୍ରିମକୋର୍ଟଙ୍କ ରାୟ: ଇଣ୍ଟରନେଟ୍ ସେବା ମୌଳିକ ଅଧିକାର**

**ଇରାନ୍ ଖସାଇଛି ୟୁକ୍ରେନ୍ ବିମାନ**

୨

**ଆଜିର ସମ୍ପାଦକୀୟ**

**ଆଇପିଏସ୍ ଲଢ଼େଇ**

# ପାରଳା ମହାରାଜା ଗୋପୀନାଥ ଗଜପତିଙ୍କ ପରଲୋକ

**ପାରଳାଖେମୁଣ୍ଡି, ୧୦।୧(ସ୍ୱ.ପ୍ର.)**

ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ଶୁକ୍ରବାର ସକାଳେ ୭୭ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିବାବେଳେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭୋର୍ ୪ଟା ୨୦ରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ୨୦୧୬ରେ ମହାରାଜା ଅସୁସ୍ଥ ହେବା ପରେ ପ୍ରଥମେ ତାଙ୍କୁ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ପରେ ପୁଣି ଅସୁସ୍ଥ ହେବା ଯୋଗୁ ୨୦୧୭ ଜାନୁୟାରୀରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରଠାରୁ ସେ କ୍ରମାଗତ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ।



**ପାରଳାଖେମୁଣ୍ଡି ରାଜସମାଧିସ୍ଥଳରେ ଶେଷକୃତ୍ୟ ସମ୍ପନ୍ନ**

୧୯୪୩ ମାର୍ଚ୍ଚ ୬ରେ ସେ ପାରଳା ରାଜପରିବାରରେ ଜନ୍ମ ନେଇଥିଲେ। ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପୁତ୍ର ରାମଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପୁତ୍ର। ୧୯୬୭ ମାର୍ଚ୍ଚ ୧୪ରେ ସେ ଧରମପୁରର ରାଜଜେମା ପୂର୍ଣ୍ଣଦେବୀଙ୍କୁ ବିବାହ କରି ଏକ କନ୍ୟା ଓ ପୁତ୍ର ସନ୍ତାନର ଜନକ ହୋଇଥିଲେ। ପୂର୍ବରୁ ରାମଚନ୍ଦ୍ର ଗଜପତିଙ୍କ ☞ପୃଷ୍ଠା-୪





ହିଂସାକାଣ୍ଡରୁ କୌଣସି ସମାଧାନର ସୂତ୍ର ବାହାରି ନ ଥାଏ। ବିକାଶ ହାସଲ କରିବାକୁ ହେଲେ ଶାନ୍ତି ଅପରିହାର୍ଯ୍ୟ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ■ ଅନ୍ତର୍ଜାତୀୟ ଗଣମାଧ୍ୟମ ହାତରେ ଦୁର୍ଘଟଣା ବେଳର ଭିଡିଓ

# ଇରାନ ଖସାଇଛି ୟୁକ୍ରେନ ବିମାନ

ନ୍ୟୁୟର୍କ,୧୦।୧



ଇରାନରେ ୟୁକ୍ରେନର ବିମାନ ଦୁର୍ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ନୁହେଁ, ବରଂ ମିଶାଇଲ ମାଡ଼ରେ ଏହା ଖସିପଡ଼ିଥିବା ଦାବି କରାଯାଉଛି। ଇରାନ ରାଜଧାନୀ ତେହେରାନସ୍ଥିତ ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦରରୁ ବୋଇଙ୍ଗ୍ ୭୩୭-୮୦୦ ବୁଧବାର ସକାଳ ୬ଟା ୧୨ ମିନିଟରେ ଉଡ଼ାଣ ଆରମ୍ଭ କରିଥିଲା। ହେଲେ ଏହାର ମାତ୍ର ୨ ମିନିଟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସମସ୍ତ ୧୭୬ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଇରାନ ଭୁଲବଶତଃ ଏହାକୁ ଟାର୍ଗେଟ କରି ଖସାଇଦେଇଛି ବୋଲି ଆମେରିକା ଦାବି କରୁଥିବାବେଳେ ନ୍ୟୁୟର୍କ ଟାଇମ୍ସ ଏବଂ ସିଏନ୍‌ଏନ୍ ସମେତ କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ହାତରେ ଦୁର୍ଘଟଣା ବେଳର ଦୃଶ୍ୟ ଥିବା ୧୦ ସେକେଣ୍ଡ ଅବଧିର ଏକ ଭିଡିଓ ଲାଗିଛି। ବିମାନବନ୍ଦର ନିକଟରେ ଏକ କ୍ଷେପଣାସ୍ତ୍ର ବିମାନକୁ ମାଡ଼ କରିବା ପରେ ଏହା ତଳକୁ ଖସିପଡ଼ିଥିବା ଏଥିରେ ଦେଖିବାକୁ ମିଳିଛି। ତେଣୁ ଇରାନ ଭୁଲରେ ଏହାକୁ ଆମେରିକାର ବିମାନ ଭାବି ଖସାଇ ଦେଇଥାଇପାରେ ବୋଲି ଆଶଙ୍କା କରାଯାଉଛି।

ଜାନୁୟାରୀ ୩ରେ ଇରାକ ରାଜଧାନୀ ବାଗଦାଦସ୍ଥିତ ବିମାନବନ୍ଦରରେ ଆମେରିକା ସେନାର ରକେଟ ମାଡ଼ରେ ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ ସୋଲେମାନୀ ଓ ଅନ୍ୟ କେତେଜଣ ଅଧିକାରୀ ନିହତ ହୋଇଥିଲେ। ଇରାନ ଏହାର ପ୍ରତିଶୋଧ ନେବାକୁ ଯାଇ ୮ ତାରିଖରେ ଇରାକର ଅଲ-ଅସାଦ୍ ଓ ଇର୍‌ବିଲ୍‌ସ୍ଥିତ ଆମେରିକାର ଦୁଇଟି ସେନାଘାଟିକୁ ଟାର୍ଗେଟ କରିଥିଲା। ଏହାର କିଛି ସମୟ ପରେ ୟୁକ୍ରେନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ଆସିଲା। ପ୍ରଥମେ ଏହାକୁ ଯାନ୍ତ୍ରିକ ତ୍ରୁଟିଜନିତ ବୋଲି କୁହାଯାଉଥିଲା। କିନ୍ତୁ ଇରାନର ମିଶାଇଲ ଆକ୍ରମଣ ପରେ ଏହି ଦୁର୍ଘଟଣା ଘଟିଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଲା। ଇତିମଧ୍ୟରେ ଦୁର୍ଘଟଣାସ୍ଥଳ ନିକଟରୁ ରୁଷିଆ ନିର୍ମିତ ଏକ ମିଶାଇଲର ଯନ୍ତ୍ରାଂଶ ମିଳିବା ପରେ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ତେଣୁ ୟୁକ୍ରେନର ୪୫ ଜଣିଆ ତଦନ୍ତକାରୀ ଦଳ ତେହେରାନରେ ପହଞ୍ଚି ଖୋଳତାଡ଼ କରୁଛନ୍ତି। ସେମାନେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ କରିବା ଲାଗି ଉଦ୍ୟମ ଜାରି ରଖିଥିବାବେଳେ ଏକ ଭିଡିଓ ସାମ୍ନାକୁ ଆସିଛି। ଉଡ଼ାଣ କରିବାର କିଛି ସମୟ ପରେ ପାରାଣ୍ଡ ସହର ଆକାଶରେ ବିମାନକୁ ଏକ କ୍ଷେପଣାସ୍ତ୍ର ଧକ୍କା ଦେଇଥିଲା। ଫଳରେ ଏହା ସିଗ୍‌ନାଲ ପ୍ରେରଣ କରିବା ବନ୍ଦ କରିଦେଇଥିଲା। କିନ୍ତୁ ଏଥିରେ ବିମାନ ବିସ୍ଫୋରଣ ହୋଇ ନ ଥିଲା। ଆଉ କିଛି ସମୟ ଉଡ଼ାଣ କରିବା ପରେ ବିମାନବନ୍ଦର ଆଡ଼କୁ ଏହା ଘୁଞ୍ଚି ଆସିଥିଲା। ତଳେ ଖସିପଡ଼ିବା ପୂର୍ବରୁ ଏଥିରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ପ୍ରଚଣ୍ଡ ଶବ୍ଦ ଶୁଭିବା ପରେ ଏହାର ଭଗ୍ନାବଶେଷ ଚତୁର୍ଦ୍ଦିଗରେ ବିଛାଡ଼ି ହୋଇ ପଡ଼ିଥିଲା। ଜିଓଲୋକେଶନ (ଭୂଅବସ୍ଥିତି) ଟେକ୍ନୋଲୋଜି ବ୍ୟବହାର କରି ଓ ଅନ୍ୟ କେତେକ ଜ୍ଞାନକୌଶଳ ପ୍ରୟୋଗ କରି ବେଲ୍ଲିଙ୍ଗ୍‌କେଟ ନାମକ ଏକ ନିରପେକ୍ଷ ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସ୍ପଷ୍ଟ କରିଛି ଯେ ଏହି ଭିଡିଓ ପାରାଣ୍ଡରେ ହିଁ ଶୁଟ୍ କରାଯାଇଛି। ସେହିପରି ମହାକାଶ ଜ୍ଞାନକୌଶଳ କମ୍ପାନୀ ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଗୁରୁବାର ଉପଗ୍ରହ ଜରିଆରେ ଦୁର୍ଘଟଣାସ୍ଥଳ ଆଖପାଖ ଅଞ୍ଚଳର ଚିତ୍ର ଉତ୍ତୋଳନ କରାଯାଇଛି। ଭିଡିଓ ଫୁଟେଜ୍ ଓ ଉପଗ୍ରହ ଫଟୋରେ ତାଳମେଳ ଖାଉଥିବା ନ୍ୟୁୟର୍କ ଟାଇମ୍ସ କହିଛି। ବେଲ୍ଲିଙ୍ଗକେଟ କହିଛି ଯେ, ଦୁଇଟି କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଥିବାବେଳେ ଏହାକୁ କେହି ରେକର୍ଡିଂ କରିବା ଆରମ୍ଭ କରିଥିଲେ। ନ୍ୟୁୟର୍କ ଟାଇମ୍ସ ମଧ୍ୟ କହିଛି, ପ୍ରଥମ ମିଶାଇଲ ଛଡ଼ାଯିବା ପରେ ଶବ୍ଦ ଶୁଣି ସମ୍ପୃକ୍ତ ବ୍ୟକ୍ତି ସେତେବେଳର ଦୃଶ୍ୟକୁ ନିଜ କ୍ୟାମେରାରେ କଏଦ୍ କରିଥିଲେ।

## ‘ଉଡ଼ାଣ ପରେ ଆପେ ଆପେ ଖସିପଡ଼େନି ବିମାନ’




ଇରାନ, ୟୁକ୍ରେନ ଓ ଆମେରିକାର ସରକାର ଏବେ ବିମାନ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବାରେ ଲାଗିଛନ୍ତି। କେତେଜଣ ବିଶ୍ଳେଷକ ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ଯୋଗୁ ବିମାନ ଖସିପଡ଼ିଥିବା ନେଇ ସାମ୍ନାକୁ ଆସିଥିବା ତଥ୍ୟ ସହ ଏକମତ ହୋଇଛନ୍ତି। ଆମେରିକାର ଟିଏଲ୍ ଗ୍ରୁପ୍ ଭାଇସ୍ ପ୍ରେସିଡେଣ୍ଟ ତଥା ଏରୋସ୍ପେସ୍ ଆନାଲିଷ୍ଟ ରିଚାର୍ଡ ଅବୋଉଲାଫିଆ କହିଛନ୍ତି, ବିମାନ ଉଡ଼ାଣ ଆରମ୍ଭ କରିବା ପରେ ଆପେ ଆପେ ଖସିପଡ଼େ ନାହିଁ। ୟୁକ୍ରେନ୍ ବିମାନକୁ ଏକ ଗ୍ରେନେଡ ମାଡ଼ ହୋଇଛି। ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ଆକ୍ରମଣରେ ଏହା ଖସିପଡ଼ିଥିବା ଜଣାପଡୁଛି। ଏହା କୌଣସି ଯାନ୍ତ୍ରିକ ତ୍ରୁଟିଜନିତ ଦୁର୍ଘଟଣା ନୁହେଁ।

## ଖଣ୍ଡନ କଲା ଇରାନ

ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଇରାନ ଖଣ୍ଡନ କରିଛି। ଇରାନ ସରକାରଙ୍କ ମୁଖପାତ୍ର ଅଲି ରାବିଏଇ ଏକ ବିବୃତିରେ କହିଛନ୍ତି, ସମସ୍ତ ରିପୋର୍ଟ ଇରାନ ବିରୋଧରେ ଏକ ମାନସିକ ଯୁଦ୍ଧ। ଯେଉଁ ଦେଶର ନାଗରିକମାନେ ବିମାନରେ ଥିଲେ ସେହି ଦେଶଗୁଡ଼ିକ ନିଜ ପ୍ରତିନିଧିମାନଙ୍କୁ ପଠାଇପାରନ୍ତି। ବିମାନ କମ୍ପାନୀ ବୋଇଙ୍ଗ୍ ମଧ୍ୟ ତା’ର ପ୍ରତିନିଧି ଦଳକୁ ପଠାଉ। ବ୍ଲାକ୍‌ବକ୍ସକୁ ନେଇ ମିଳିତ ଭାବେ ତଦନ୍ତ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ। ଇରାନର ବେସାମରିକ ବିମାନ ଚଳାଚଳ ମୁଖ୍ୟ ଅଲି ଅବେଦ୍‌ଜାଦେ କହିଛନ୍ତି, ଆମ ଦେଶର କୌଣସି ମିଶାଇଲ ୟୁକ୍ରେନ ବିମାନକୁ ଧକ୍କା ଦେଇନାହିଁ। ବ୍ଲାକ୍‌ବକ୍ସକୁ ନେଇ ବିଭିନ୍ନ ପରୀକ୍ଷାନିରୀକ୍ଷା ଚାଲିଛି। ତଦନ୍ତ ପରେ ସତ ପଦାକୁ ଆସିବ।

## ମିଶାଇଲ ମାଡ଼ ହୋଇଛି

ଇରାନର ମିଶାଇଲ ମାଡ଼ରେ ୟୁକ୍ରେନ ବିମାନ ଖସିପଡ଼ିଥିବା ଡଚ୍ ସାମରିକ ଗୋଇନ୍ଦା ସଂସ୍ଥା ଏମ୍‌ଆଇଭିଡି କହିଛି। କ୍ୟାବିନେଟ ବୈଠକ ପରେ ପ୍ରତିରକ୍ଷାମନ୍ତ୍ରୀ ଆଙ୍କ ବିଜ୍‌ଲେଭେଲ୍ଡ କହିଛନ୍ତି, ଏମ୍‌ଆଇଭିଡିଠାରୁ ମିଳିଥିବା ତଥ୍ୟାନୁସାରେ ଇରାନର ଆଣ୍ଟାଇ-ଏୟାରକ୍ରାଫ୍ଟ ମିଶାଇଲ ଏହି ବିମାନ ସହ ମାଡ଼ ହୋଇଥିଲା। ଏଥିଯୋଗୁ ବିମାନ ଖସିପଡ଼ିଥିଲା। ସେହିପରି ଡଚ୍ ବହିର୍ବ୍ୟାପାର ମନ୍ତ୍ରୀ ଷ୍ଟେଫ୍ ବ୍ଲକ୍ ମଧ୍ୟ ବ୍ରସେଲ୍ସରେ ସମାନ କଥା କହିଛନ୍ତି।



## ତଦନ୍ତ ବିଶ୍ୱସନୀୟ ହେଉ: ଟ୍ରୁଡୋ

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୭୬ ଯାତ୍ରୀଙ୍କ ମଧ୍ୟରୁ ୬୩ ଜଣ ଥିଲେ କାନାଡା ନାଗରିକ। ତେଣୁ ଦୁର୍ଘଟଣାର ବିଶ୍ୱସନୀୟ ଓ ସମ୍ପୂର୍ଣ୍ଣ ତଦନ୍ତ କରାଯାଉ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଦାବି କରିଛନ୍ତି। ଏହା ସହ ସେ ଦୁର୍ଘଟଣାସ୍ଥଳକୁ କାନାଡା ଓ ଅନ୍ତର୍ଜାତୀୟ ତଦନ୍ତକାରୀଙ୍କୁ ଯାଞ୍ଚ ପାଇଁ ଯିବାକୁ ଅନୁମତି ଦିଆଯାଉ ବୋଲି ଇରାନକୁ ଅନୁରୋଧ କରିଛନ୍ତି।



## ୯ ଆକ୍ରମଣକାରୀ ଚିହ୍ନଟ

ନୂଆଦିଲ୍ଲୀ,୧୦।୧(ପି.ଟି.)



ଜେଏନ୍‌ୟୁ ହିଂସା

ଜେଏନ୍‌ୟୁ ହିଂସାକାଣ୍ଡ ଘଟଣାରେ ପୋଲିସ ୯ ଆକ୍ରମଣକାରୀଙ୍କୁ ଚିହ୍ନଟ କରି ଶୁକ୍ରବାର ସେମାନଙ୍କ ଫଟୋ ଜାରିକରିଛି। ସେମାନଙ୍କ ମଧ୍ୟରେ ଜେଏନ୍‌ୟୁ ଛାତ୍ର ସଂସଦ ସଭାନେତ୍ରୀ ଆଇଶେ ଘୋଷଙ୍କ ସମେତ ୭ ବାମପନ୍ଥୀ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ଅଛନ୍ତି। ୨ଜଣ ଭାଜପା ସହଯୋଗୀ ଏବିଭିପିର ଛାତ୍ରଙ୍କୁ ମଧ୍ୟ ପୋଲିସ ଚିହ୍ନଟ କରିଛି। ଘୋଷଙ୍କ ସମେତ ଚୁନ୍‌ଚୁନ୍ କୁମାର, ପଙ୍କଜ ମିଶ୍ର, ୱାସ୍କର ବିଜୟ, ସୁଚେତା ତାଲୁକ୍‌ଦାର, ପ୍ରିୟରଞ୍ଜନ, ଦୋଲନ୍ ସାୱନ୍ତ, ଯୋଗେନ୍ଦ୍ର ଭରଦ୍ୱାଜ୍, ବିକାଶ ପଟେଲ୍‌ଙ୍କ ଫଟୋ ଜାରି କରାଯାଇଛି। ମାମଲାର ତଦନ୍ତ କରୁଥିବା ଡିସିପି(କ୍ରାଇମ ବ୍ରାଞ୍ଚ) ଜୟ ତିର୍କୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅଧିକାଂଶ ଛାତ୍ରୀଛାତ୍ର ଜାନୁୟାରୀ ୧ରୁ ସେମିଷ୍ଟର ଲାଗି ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବାବେଳେ ବାମପନ୍ଥୀ ସମର୍ଥିତ ଛାତ୍ରୀଛାତ୍ରମାନେ ସେମାନଙ୍କୁ ବାରଣ କରିଥିଲେ। ବିଶ୍ୱବିଦ୍ୟାଳୟର ପେରିୟାର ହଷ୍ଟେଲରେ ସେମାନେ ପ୍ରଥମ ଆକ୍ରମଣ କରିଥିଲେ। ସଭାନେତ୍ରୀ ଘୋଷଙ୍କ ସମେତ କେତେକ ଛାତ୍ର ହଷ୍ଟେଲ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିଲେ ବୋଲି ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ସେପଟେ ଆକ୍ରମଣରେ ଆହତ ଘୋଷ ପୋଲିସର ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ କ’ଣ ପ୍ରମାଣ ରହିଛି ତାହା ସର୍ବସାଧାରଣରେ ପ୍ରକାଶ କରିବା ଜରୁରୀ ବୋଲି କହିଛନ୍ତି।

## ସହଯୋଗ କରିଥିଲା ପୋଲିସ

ନୂଆଦିଲ୍ଲୀ,୧୦।୧

**ଆକ୍ରମଣକାରୀ ଏବିଭିପି କର୍ମୀଙ୍କ ସ୍ୱୀକାରୋକ୍ତି**

ଏବିଭିପି କର୍ମୀ ଅକ୍ଷତ ଅୱସ୍ଥି ରବିବାର ଜେଏନ୍‌ୟୁ କ୍ୟାମ୍ପସ୍ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି କ୍ୟାମେରା ଆଗରେ ସ୍ୱୀକାର କରିଛନ୍ତି। ସେଠାରେ କର୍ତ୍ତବ୍ୟରେ ଥିବା ଜଣେ ପୋଲିସ ଅଫିସର ବାମଦଳ ସମର୍ଥିତ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ପାଇଁ ଆକ୍ରମଣକାରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ହିଂସାକାଣ୍ଡ ବେଳେ କ୍ୟାମ୍ପସ୍‌ରେ ଥିବା ପୋଲିସ ଲାଇଟ ବନ୍ଦ କରିଦେଇଥିଲା ବୋଲି ଅୱସ୍ଥି ଅଭିଯାଗ କରିଛନ୍ତି। ଅକ୍ଷତ ଜେଏନ୍‌ୟୁରେ ଫ୍ରେଞ୍ଚ ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ପ୍ରଥମ ବର୍ଷ ଛାତ୍ର। ରବିବାର ଆକ୍ରମଣ ସମୟର ଫଟୋରୁ ସେ ନିଜକୁ ଚିହ୍ନାଇବା ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଜଣେ କର୍ମୀ ବୋଲି ପରିଚୟ ଦେଇଛନ୍ତି।

## କୃଷି ବୈଜ୍ଞାନିକଙ୍କ ମୃତଦେହ ଉଦ୍ଧାର

ବଣ୍ଡା,୧୦।୧(ଆଇଏଏନ୍‌ଏସ୍)



ଆର୍.ବି. ରାୟ

ଉତ୍ତରପ୍ରଦେଶ ବଣ୍ଡା ଜିଲାର ଏକ ହୋଟେଲରୁ ଜଣେ ୬୫ ବର୍ଷୀୟ କୃଷି ବୈଜ୍ଞାନିକଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ବରେଲିର ଆର୍.ବି. ରାୟ ନାମକ ଏହି ବୈଜ୍ଞାନିକ ଜଣକ ଦୁଇଦିନିଆ ସେମିନାରରେ ଭାଗନେବା ପାଇଁ ବଣ୍ଡା ଆସିଥିଲେ ବୋଲି ଏଏସ୍‌ପି ଲାଲ୍ ଭାରତ କୁମାର ପାଲ୍ କହିଛନ୍ତି। ହୋଟେଲ ରୁମ୍‌ରୁ କେତୋଟି ଖାଲି ମଦ ବୋତଲ ଓ ଦୁଇଟି ଗ୍ଲାସ୍ ମିଳିଛି। ଉକ୍ତ ରୁମ୍‌କୁ ସିଲ୍ କରିଦିଆଯାଇଥିବା ଏଏସ୍‌ପି କହିଛନ୍ତି। ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଥିବା ଆନିମଲ ହଜ୍‌ବ୍ୟାଣ୍ଡ୍ରି ଆଣ୍ଡ ଭେଟେରିନାରୀ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଥିଲେ ବୈଜ୍ଞାନିକ ରାୟ। ହୃଦ୍‌ଘାତ କିମ୍ବା ରକ୍ତଚାପ ଯୋଗୁ ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତର କହିଛନ୍ତି। ଶବବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

## ସିଏଏ ବିରୋଧରେ ଅବସରପ୍ରାପ୍ତ ଅଧିକାରୀଙ୍କ ପ୍ରତିବାଦ ଶୋଭାଯାତ୍ରା

କୋଲକାତା,୧୦।୧(ପି.ଟି.)

ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ଶତାଧିକ ଅବସରପ୍ରାପ୍ତ ସରକାରୀ ଅଧିକାରୀ ଏବଂ ସିଭିଲ ସୋସାଇଟି ସଦସ୍ୟ ଶୁକ୍ରବାର କୋଲକାତାରେ ର‍୍ୟାଲି କରିଛନ୍ତି। ଏଭଳି ବିବାଦୀୟ ଆଇନକୁ କାର୍ଯ୍ୟକାରୀ ନ କରିବା ପାଇଁ ସେମାନେ ଅଣଭାଜପା ଶାସିତ ରାଜ୍ୟଗୁଡିକୁ ଅନୁରୋଧ କରିଛନ୍ତି। ଫୋରମ୍ ଫର୍ ଡେମୋକ୍ରାସି ଆଣ୍ଡ୍ କମ୍ୟୁନାଲ ଆମିଟି (ଏଫ୍‌ଡିସିଏ) ବ୍ୟାନରରେ ପୂର୍ବତନ ଆଇଏଏସ୍ ଅଫିସର ହର୍ଷ ମନ୍ଦରଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ଏସ୍‌ପ୍ଲାନେଡ୍ ଅଞ୍ଚଳର ଷ୍ଟେଟ୍ସମ୍ୟାନ ହାଉସ୍ ନିକଟରୁ ର‍୍ୟାଲି ବାହାରି ମେୟୋ ରୋଡ୍‌ର ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇଥିଲା।

## ପାକ୍ ମସ୍‌ଜିଦରେ ବିସ୍ଫୋରଣ: ୧୩ ନିହତ

କରାଚି,୧୦।୧(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ରାଜଧାନୀ କ୍ୱେଟାସ୍ଥିତ ଏକ ମସ୍‌ଜିଦରେ ଶୁକ୍ରବାର ବିସ୍ଫୋରଣ ଘଟି ୧୩ ଜଣଙ୍କ ମୃତ୍ୟୁ ହେବା ସହ ୧୧ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ବରିଷ୍ଠ ପୋଲିସ ଅଧିକାରୀ ଅଛନ୍ତି। ତାଙ୍କୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିବା କୁହାଯାଉଛି। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ବିସ୍ଫୋରଣ ପରେ ସହରର ସମସ୍ତ ହସ୍ପିଟାଲରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି। ତିନିଦିନ ପୂର୍ବରୁ ଉକ୍ତ ସହରରେ ଅନ୍ୟ ଏକ ବିସ୍ଫୋରଣରେ ୨ ଜଣ ପ୍ରାଣ ହରାଇଥିଲେ।



## କଶ୍ମୀର: ୨୬ ଗୃହବନ୍ଦୀଙ୍କ ଉପରୁ ପିଏସ୍‌ଏ ହଟିଲା

ଶ୍ରୀନଗର,୧୦।୧(ପି.ଟି.): ଇଣ୍ଟରନେଟ ବନ୍ଦ ଏବଂ ଉପତ୍ୟକାରେ କଟକଣାକୁ ନେଇ ସୁପ୍ରିମକୋର୍ଟ ସରକାରଙ୍କୁ ସମାଲୋଚନା କରିବା ପରେ ଜମ୍ମୁ-କଶ୍ମୀର ପ୍ରଶାସନ ଅଟକ ଥିବା ୨୬ ଜଣଙ୍କ ଉପରୁ ସର୍ବସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ) ପ୍ରତ୍ୟାହାର କରିନେଇଛନ୍ତି। ସେମାନଙ୍କ ମଧ୍ୟରେ କଶ୍ମୀର ବାର୍ କାଉନସିଲ୍‌ର ପୂର୍ବତନ ଅଧ୍ୟକ୍ଷ ନାଜିର ଅହମଦ ରୋଙ୍ଗା ଅଛନ୍ତି। ୩୭୦ ଉଚ୍ଛେଦ ପରେ ସେମାନଙ୍କ ବିରୋଧରେ ପିଏସ୍‌ଏରେ ମାମଲା ଦାଏର କରାଯିବା ସହ ଅଟକ ରଖାଯାଇଥିଲା। ସେମାନଙ୍କୁ ଶନିବାର ମୁକ୍ତ କରାଯାଇପାରେ ବୋଲି ଜଣାପଡିଛି।

## ସୀମାରେ ମୋର୍ଟାର ମାଡ଼: ୨ ମୃତ

**ଜମ୍ମୁ,୧୦।୧(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଚସ୍ଥିତ ଫରୱାର୍ଡ ପୋଷ୍ଟରେ ପାକିସ୍ତାନ ସେନା ପକ୍ଷରୁ ଶୁକ୍ରବାର ମୋର୍ଟାର ମାଡ଼ କରାଯାଇଛି। ଫଳରେ ସେନାରେ କାର୍ଯ୍ୟରତ ୨ କୁଲି ନିହତ ହୋଇଥିବାବେଳେ ୩ ଆହତ ହୋଇଥିବା ଜଣାପଡ଼ିଛି। ନିୟନ୍ତ୍ରଣ ରେଖା ନିକଟ ଗୁଲପୁର ସେକ୍ଟରରେ ଏମାନେ କାର୍ଯ୍ୟକରୁଥିବାବେଳେ ସେମାନଙ୍କ ଉପରେ ପାକିସ୍ତାନ ସେନା ପକ୍ଷରୁ ମୋର୍ଟାର ମାଡ଼ କରାଯାଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବାବେଳେ ଦୁଇ କୁଲିଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

### [ଇତିହାସର ଆଇନାରେ] ଜାନୁୟାରୀ ୧୧ର ପ୍ରମୁଖ ଘଟଣା

୧୯୯୮ ଜାନୁୟାରୀ ୧୧ରେ ଆଲଜେରିଆର ସିଦ୍ଧି ହାମେଦ ସହରରେ ଗଣହତ୍ୟା କରାଯାଇଥିଲା। ଫିଲ୍ମ ଚାଲୁଥିବା ବେଳେ ଏକ କାଫେରେ ୫୦ ବନ୍ଧୁକଧାରୀ ପଶି ଆଖିବୁଜା ଗୁଳିମାଡ଼ କରିବାରୁ ପ୍ରାୟ ୧୦୦ ଜଣ ପ୍ରାଣ ହରାଇଥିଲେ।

୨୦୧୩ ଜାନୁୟାରୀ ୧୧ରେ ସୋମାଲିଆର ବୁଲୋ ମାରେର୍‌ଠାରେ ଅଲ୍ ସବାବ୍ ଆତଙ୍କବାଦୀଙ୍କ କବଳରୁ ଫ୍ରାନ୍ସର ଯବାନ ଡେନିସ ଆଲେକ୍ସଙ୍କୁ ଉଦ୍ଧାରକରିବା ଲାଗି ସେନା ଅପରେଶନ ବେଳେ ୧୭ ଆତଙ୍କବାଦୀ ପ୍ରାଣ ହରାଇଥିଲେ।

## ■ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଇଣ୍ଟରନେଟ ସେବା ମୌଳିକ ଅଧିକାର

ନୂଆଦିଲ୍ଲୀ,୧୦।୧(ଆଇଏଏନ୍‌ଏସ୍)

ସମ୍ବିଧାନର ଅନୁଚ୍ଛେଦ ୧୯ ଅନୁଯାୟୀ ଇଣ୍ଟରନେଟ ସେବା ପାଇବା ନାଗରିକଙ୍କ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ସ୍ପଷ୍ଟ କରିଦେଇଛନ୍ତି। ଜମ୍ମୁ-କଶ୍ମୀର ଜନସାଧାରଣଙ୍କୁ ସରକାରୀ ୱେବସାଇଟ, ଇ-ବ୍ୟାଙ୍କିଙ୍ଗ୍ ସୁବିଧା, ହସ୍ପିଟାଲ ସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ପାଇବା ଲାଗି ତୁରନ୍ତ ଇଣ୍ଟରନେଟ ସେବା ଯୋଗାଇଦେବା ପାଇଁ ସର୍ବୋଚ୍ଚ ଅଦାଲତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅନ୍ୟାନ୍ୟ ସେକ୍ଟର ଏବଂ ଉକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଇଣ୍ଟରନେଟ ସେବା ଯୋଗାଇଦେବା ଲାଗି ରାୟରେ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ।

ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ସହ ସେଠାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ ଏନ୍.ଭି. ରମାନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ବି.ଆର୍. ଗଭାଇ ଏବଂ ଆର୍. ସୁଭାଷ ରେଡ୍ଡୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସରକାର ତାଙ୍କର ନିଷ୍ପତ୍ତିର ସମୀକ୍ଷା କରିବାକୁ ଅଦାଲତ କହିଛନ୍ତି। ବିନା କାରଣରେ ଦୀର୍ଘଦିନ ପାଇଁ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇପାରିବ ନାହିଁ। କାରଣ ମତବ୍ୟକ୍ତ କରିବା ଅଧିକାର ଭଳି ଇଣ୍ଟରନେଟ ସେବା ସ୍ୱାଭାବିକ ଭାବେ ମୌଳିକ ଅଧିକାର। ତେଣୁ ସରକାର ଏହି ସେବା ବନ୍ଦ କରିବା ନିର୍ଦ୍ଦେଶନାମା ସମେତ ଅନ୍ୟ ସମସ୍ତ ନିର୍ଦ୍ଦେଶର ସମୀକ୍ଷା ୭ ଦିନ ମଧ୍ୟରେ କରିବାକୁ ଖଣ୍ଡପୀଠ କହିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କିମ୍ବା ଭିନ୍ନମତକୁ ଇଣ୍ଟରନେଟ ସେବା ବନ୍ଦର କାରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଯେତେବେଳେ ସରକାର ଏହି ସେବା ବନ୍ଦ ପାଇଁ ନିଷ୍ପତ୍ତି ନେଲେ ସେତେବେଳେ ଏହାର କାରଣ ସମ୍ପର୍କରେ ସବିଶେଷ ବିବରଣୀ ଦେବାର ଥିଲା ବୋଲି କୋର୍ଟ କହିଛନ୍ତି।



■ ୭ଦିନ ମଧ୍ୟରେ ନିଷ୍ପତ୍ତିର ସମୀକ୍ଷା ପାଇଁ ସରକାରଙ୍କୁ ନିର୍ଦ୍ଦେଶ

■ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ

ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ କଶ୍ମୀର ଉପତ୍ୟକାର ଜନସାଧାରଣ ସ୍ୱାଗତ କରିଛନ୍ତି। ଗତ ୫ ମାସ ହେଲା ଉପତ୍ୟକାରେ ଇଣ୍ଟରନେଟ ସେବା ବନ୍ଦ ରହିଥିବାବେଳେ ଶୁକ୍ରବାରର ରାୟ ଏକ ଖୁସି ଖବର ବୋଲି ସେମାନେ କହିଛନ୍ତି। ରାୟରେ କୁହାଯାଇଛି, ସିଆର୍‌ପିସିର ଧାରା ୧୪୪ ବାକ୍ ସ୍ୱାଧୀନତା ଏବଂ ଭିନ୍ନ ମତପୋଷଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାପିଦେଇପାରିବ ନାହିଁ। ଅଦାଲତଙ୍କ ରାୟକୁ ସ୍ୱାଗତ କରି କଂଗ୍ରେସ କହିଛି, ୨୦୨୦ରେ ଏହା ସରକାରଙ୍କୁ ପ୍ରଥମ ବଡ଼ ଝଟ୍‌କା। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କଶ୍ମୀର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନଙ୍କ ପାଇଁ ମାମଲା ଲଢୁଥିବା ବ୍ରିନ୍ଦା ଗ୍ରୋଭର କହିଛନ୍ତି। ସେହିପରି କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଐତିହାସିକ ବୋଲି କହିଛନ୍ତି। ପ୍ରଥମ ଥର ପାଇଁ ଅଦାଲତ ଜମ୍ମୁ-କଶ୍ମୀରବାସୀଙ୍କ ଅନୁଭବକୁ ବିଚାରକୁ ନେଇଥିବାରୁ ଆଜାଦ ଧନ୍ୟବାଦ ଜଣାଇଛନ୍ତି। ଏଭଳି ରାୟକୁ ସାରା ଦେଶ ଅପେକ୍ଷା କରିଥିଲା ବୋଲି ସେ କହିଛନ୍ତି। ଅଦାଲତଙ୍କ ରାୟ ଆସିବା ପରେ କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମଧ୍ୟ ରାୟକୁ ସ୍ୱାଗତ କରିଛି। ତୁରନ୍ତ ଇଣ୍ଟରନେଟ ସଂଯୋଗ ଦେବା ପାଇଁ ନ୍ୟାଶନାଲ କନ୍‌ଫରେନ୍ସ ନେତା ଦେବେନ୍ଦର ସିଂ ରାଣା ଦାବି କରିଛନ୍ତି।



“ ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

■ ନାବାଳିକା ଝିଅକୁ ବଳାତ୍କାର ପରେ ହତ୍ୟା ଘଟଣା

# ଗୁଜରାଟରେ ଜଣେ ଓଡ଼ିଆଙ୍କୁ ଫାଶୀ ଦଣ୍ଡାଦେଶ

**ସୁରଟ୍,୧୦।୧(ପି.ଟି.):** ନିଜର ନାବାଳିକା ଝିଅ(୧୪)କୁ ବଳାତ୍କାର କରି ଗର୍ଭବତୀ କରିବା ପରେ ତଣ୍ଟିଚିପି ମାରିବା ଘଟଣାରେ ଗୁଜରାଟର ସ୍ବତନ୍ତ୍ର କୋର୍ଟ ଜଣେ ଓଡ଼ିଆଙ୍କୁ ଫାଶୀଦଣ୍ଡାଦେଶ ଦେଇଛନ୍ତି। ଅତିରିକ୍ତ ଜିଲା ଓ ସେସନ୍ ଜଜ୍ ପି.ଏସ୍. କାଲା ସୁରଟ୍‌ର ପାଣ୍ଡେସ୍ରାରେ ରହୁଥିବା ଟୁକୁନା ଦାସଙ୍କୁ ‘ରେୟାରେଷ୍ଟ ଅଫ୍ ରେୟାର’ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ କରି ଏଭଳି ଦଣ୍ଡାଦେଶ ଦେଇଛନ୍ତି। ମୃତକଙ୍କ ରକ୍ତନମୁନା ସହ ଟୁକୁନାଙ୍କ ଡିଏନ୍ଏ ଟେଷ୍ଟ ମେଳଖାଇବା ପରେ ପିଶାଚ ବାପାର ରାକ୍ଷସପଣ ଜଣାପଡ଼ିଥିଲା। ମିଳିଥିବା ସୂଚନା ଅନୁଯାୟୀ ଟୁକୁନା ଦ୍ୱିତୀୟ ସ୍ତ୍ରୀ (ମୃତ ନାବାଳିକା ଝିଅର ସାବତ ମା) ସହ ରହୁଥିବାବେଳେ ନାବାଳିକା ଝିଅକୁ କ୍ରମାଗତ ବଳାତ୍କାର କରିଆସୁଥିଲା। ନାବାଳିକା ଗର୍ଭବତୀ ହେବା କଥା ଦ୍ୱିତୀୟ ସ୍ତ୍ରୀ ଜାଣିଥିଲେ। ପରେ ନାବାଳିକା ଝିଅକୁ ରାସ୍ତାରୁ ହଟାଇବା ଲାଗି ଯୋଜନା କରିଥିଲେ। ନାବାଳିକା ଝିଅର ମରଶରୀର ୧୧ଦିନ ପରେ ଅର୍ଥାତ୍ ୨୦୧୭ ଜୁନ୍ ୩୦ରେ ସୁରଟ୍‌ସ୍ଥିତ ଡୁମାସ୍ ରୋଡ୍ ନିକଟ ନିଛାଟିଆ ଜାଗାରୁ ମିଳିଥିଲା।


Vencobb FRESH CHICKEN — Taste the difference!

10.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 79 | 131 | 141 |
| DKL | 80 | 132 | 142 |
| BDK | 75 | 126 | 136 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply
Issued in the Interest of Consumers





# ସାଇରସ ମିସ୍ତ୍ରିଙ୍କୁ ଝଟକା

## ଏନ୍‌ସିଏଲ୍‌ଏଟି ରାୟକୁ ସୁପ୍ରିମକୋର୍ଟଙ୍କ ରହିତାଦେଶ

■ ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି
■ ଅଧ୍ୟକ୍ଷ ପଦବୀକୁ ଫେରିବାକୁ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଆସିଥିଲା
■ ଏନସିଏଲ୍‌ଏଟି ରାୟକୁ ଟାଟାସନ୍ସ ଚ୍ୟାଲେଞ୍ଜ କରିଥିଲା

**ନୂଆଦିଲ୍ଲୀ,୧୦।୧**

ଟାଟାସନ୍ସର ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବା ନେଇ ଟାଟା ଗ୍ରୁପର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ଡିସେମ୍ବର ୧୮ରେ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ରାୟ ଦେଇଥିଲେ। ଏହି ରାୟକୁ ସୁପ୍ରିମକୋର୍ଟ ଶୁକ୍ରବାର ରହିତାଦେଶ ଦେଇଛନ୍ତି। ଫଳରେ ମିସ୍ତ୍ରିଙ୍କୁ ଏହି ମାମଲାରେ ଝଟକା ଲାଗିଛି। ମିସ୍ତ୍ରିଙ୍କ ସପକ୍ଷରେ ଟ୍ରିବ୍ୟୁନାଲ ରାୟ ଦେବା ସହ ଟାଟାସନ୍ସକୁ ଏକ ଘରୋଇ କମ୍ପାନୀରେ ପରିବର୍ତ୍ତନ ଏବଂ ଅଧ୍ୟକ୍ଷ ପଦବୀରେ ଏନ୍.ଚନ୍ଦ୍ରଶେକରନ୍‌ଙ୍କ ନିଯୁକ୍ତିକୁ ବେଆଇନ ବୋଲି କହିଥିଲେ। ଏହି ରାୟ ବିରୋଧରେ ଚ୍ୟାଲେଞ୍ଜ କରିବା ଲାଗି ଟାଟାସନ୍ସକୁ ଗୋଟିଏ ମାସ ସମୟ ଦିଆଯାଇଥିଲା। ଉକ୍ତ ମାମଲାରେ ଟାଟା ସନ୍ସ, ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟା ଏବଂ ଟିସିଏସ୍ ପ୍ରମୁଖ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ଏହାର ଶୁଣାଣି ଶୁକ୍ରବାର ହୋଇଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହି



ମାମଲାରେ ବିସ୍ତୃତ ଶୁଣାଣି କରିବାକୁ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍.ଏ.ବୋବଡେ, ଜଷ୍ଟିସ ବି.ଆର୍. ଗଭାଇ, ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଗଠିତ ଖଣ୍ଡପୀଠ ଉକ୍ତ ମାମଲାରେ ଶୁଣାଣି କରିଛନ୍ତି।

ଏକ ବିବାଦୀୟ ସ୍ଥିତିରେ ୨୦୧୬ ଅକ୍ଟୋବର ମିସ୍ତ୍ରିଙ୍କୁ ଟାଟାସନ୍ସ ଅଧ୍ୟକ୍ଷ ପଦବୀରୁ ହଟାଯାଇଥିଲା। ଏହାକୁ ବିରୋଧ କରି ସେ ପ୍ରଥମେ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମାମଲା ଟାଟା ଗ୍ରୁପ ସମକ୍ଷରେ ଯାଇଥିଲା। ଏହା ବିରୋଧରେ ମିସ୍ତ୍ରି ପରେ ଏନ୍‌ସିଏଲ୍‌ଏଟିଙ୍କ ଦ୍ୱାରସ୍ଥ ହେଲେ ଯେଉଁଠାରେ ରାୟ ତାଙ୍କ ସପକ୍ଷରେ ଯାଇଥିଲା। ହେଲେ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଟାଟା ଗ୍ରୁପକୁ କୁହାଯାଇଥିଲା। ଯେଉଁଠାରେ ଏନ୍‌ସିଏଲ୍‌ଏଟି ରାୟକୁ ରହିତାଦେଶ ଦିଆଯାଇଛି। ଟାଟା ଗ୍ରୁପ ଅଧ୍ୟକ୍ଷ ପଦବୀକୁ ଫେରିବା ନେଇ କୌଣସି ଆଗ୍ରହ ନ ଥିବା ମିସ୍ତ୍ରି ଗତ ସପ୍ତାହରେ କହିଥିଲେ। ଅଳ୍ପ ସଂଖ୍ୟକ ଅଂଶୀଦାରଙ୍କ ସ୍ୱାର୍ଥକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନେଇଥିବା ମିସ୍ତ୍ରି କହିଥିଲେ। ସାଇରସ ମିସ୍ତ୍ରି ସାପୁରଜୀ ପାଲୋନଜୀ ପରିବାରର ହୋଇଥିବା ବେଳେ ୨୦୧୨ରେ ରତନ ଟାଟାଙ୍କ ସ୍ଥାନରେ ଟାଟାସନ୍ସର କାର୍ଯ୍ୟକାରୀ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏହି ପଦବୀ କାରଣରୁ ସେ ଟାଟା ମୋଟର୍ସ, ଟାଟା ପାୱାର ଭଳି ଗ୍ରୁପର ସମସ୍ତ ସୂଚୀଭୁକ୍ତ କମ୍ପାନୀଗୁଡ଼ିକରେ ପ୍ରମୁଖ ସ୍ଥାନରେ ରହିଥିଲେ। ଟାଟାସନ୍ସରେ ସାଇରସ ମିସ୍ତ୍ରିଙ୍କ ପରିବାରର ୧୮% ଅଂଶଧନ ରହିଛି।

# ମୋ ସରକାର ଅଧୀନ ହେଲା ଗୃହନିର୍ମାଣ, ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶୁକ୍ରବାର ମୋ ସରକାର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହୋଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଏହି ପଦକ୍ଷେପ ବିଭାଗରେ ଅଧିକ ପେସାଗତ ଦକ୍ଷତା ସୃଷ୍ଟି ସହ କର୍ମଚାରୀଙ୍କ ବ୍ୟବହାରିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତବର୍ଷ ମାର୍ଚ୍ଚ ୩୧ସୁଦ୍ଧା ସମସ୍ତ ବିଭାଗ ମୋ ସରକାର କାର୍ଯ୍ୟକ୍ରମ ଅଧୀନ ହେବାକୁ ଯାଉଛି। ସେହିକ୍ରମରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନ ହୋଇଛି। ବଢୁଥିବା ନଗରୀକରଣ ଏବଂ ବଢୁଥିବା ଆଧୁନିକ ଜୀବନଚର୍ଯ୍ୟାର ଭିତ୍ତିଭୂମିକୁ ସୁଦୃଢ଼ କରିବା ହେଉଛି ସରକାରଙ୍କ ପ୍ରାଥମିକତା। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ମାନବିକ ଦୃଷ୍ଟିଭଙ୍ଗୀ ରଖି ଆଧୁନିକ ସୁଖସୁବିଧା ଯୋଗାଇଦେବା ଉପରେ ସରକାର ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଗଣତନ୍ତ୍ରରେ ସାଧାରଣ ଜନତା ହିଁ ପ୍ରକୃତ ମାଲିକ। ଏହା ପ୍ରତ୍ୟେକ ସରକାରୀ କର୍ମଚାରୀ ମନେରଖିବା ଉଚିତ। ତେଣୁ ସାଧାରଣ ଜନତାଙ୍କ ସମ୍ମାନ ପାଇଁ ପ୍ରତି କର୍ମଚାରୀ କାର୍ଯ୍ୟ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ସହରବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି। ସେହିଭଳି ଗରିବ ସହରାଞ୍ଚଳ ଅଧିବାସୀଙ୍କୁ ଜାଗା ମିଶନ ଜରିଆରେ ଜମି ମଧ୍ୟ ଯୋଗାଇ ଦିଆଯାଇଛି। କେବଳ ଜମି ନୁହେଁ, ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରାୟ ୫୦,୦୦୦ ସହରୀ ପରିବାରଙ୍କୁ ଉତ୍ତମ ଜୀବନଧାରଣ ଭେଟି ଦିଆଯାଇଛି। ଏହି ପଦକ୍ଷେପ ପାଇଁ ନିକଟରେ ରାଜ୍ୟ ସରକାର ୱାର୍ଲ୍ଡ ହାବିଟାଟ୍ ଆୱାର୍ଡ ମଧ୍ୟ ଲାଭ କରିଛନ୍ତି। ସେହିପରି ନଗର ଉନ୍ନୟନ ବିଭାଗ ମୋ ସରକାର ଅଧୀନରେ ଆହୁରି ଅଧିକ ସୁଦୃଢ଼ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏଥିପାଇଁ ଆବଶ୍ୟକ ଦକ୍ଷତା ବୃଦ୍ଧି, ବୈଷୟିକ ସହାୟତା, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏହା ନିଶ୍ଚୟ ମୋ ସରକାର କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ମହାନଦୀରେ ଡଙ୍ଗା ବୁଡ଼ି ଜଣେ ପର୍ଯ୍ୟଟକ ନିଖୋଜ

■ ଆଉ ୨ଜଣ ଉଦ୍ଧାର
■ ଭଟ୍ଟାରିକା ପୀଠକୁ ବୁଲିବାକୁ ଆସିଥିଲେ
■ ଡଙ୍ଗା ଉପରେ ସେଲ୍‌ଫି ନେବାବେଳେ ଘଟିଲା ଦୁର୍ଘଟଣା

**ବଡମ୍ବା,୧୦।୧(ଡି.ଏନ୍.ଏ.)**

ମହାନଦୀରେ ନୌବିହାର ବେଳେ ଡଙ୍ଗାବୁଡ଼ି ଜଣେ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବାବେଳେ ୨ଜଣଙ୍କୁ ସ୍ଥାନୀୟ କେତେଜଣ ଲୋକ ଉଦ୍ଧାର କରିଛନ୍ତି। ବଡମ୍ବା ଥାନା ଅନ୍ତର୍ଗତ ମା’ଭଟ୍ଟାରିକାଙ୍କ ପୀଠ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଛି ଏହି ଘଟଣା। ଦେଖଣାହାରୀଙ୍କ କହିବା ମୁତାବକ ସେମାନେ ଡଙ୍ଗା ଭିତରେ ସେଲ୍‌ଫି ଉଠାଇ ମଉଜ କରୁଥିବାବେଳେ ହଠାତ୍ ଡଙ୍ଗାଟି ବୁଡ଼ିଯାଇଥିଲା। ଖବରପାଇ ବଡ଼ମ୍ବା ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଖୋଜଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ରାତି ୮ଟାରେ ଖୋଜା ଅଭିଯାନକୁ ବନ୍ଦ କରାଯାଇଥିଲା। ପୁଣି ଶନିବାର ସକାଳେ ଖୋଜାଯିବ ବୋଲି ଜଣାପଡ଼ିଛି।



ସୁନୀଲ ସାହୁ

ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଅଞ୍ଚଳର କେତେଜଣ ପର୍ଯ୍ୟଟକ ଏକ ବସ୍‌ଯୋଗେ ଭଟ୍ଟାରିକା ପୀଠକୁ ବୁଲି ଆସିଥିଲେ। ସେମାନଙ୍କ ମଧ୍ୟରୁ ନବକୁମାର ମହାନ୍ତି, ଅଞ୍ଜନ ନାୟକ ଓ ସୁନୀଲ ସାହୁ ସେଠାରେ ଥିବା ଏକ ଡଙ୍ଗା ନେଇ ମହାନଦୀରେ ଭ୍ରମଣ କରିଥିଲେ। ସାଙ୍ଗରେ ଡଙ୍ଗାଚାଳକ ନ ଥିଲେ। କିଛି ସମୟ ପରେ ସେମାନେ ସେଲ୍‌ଫି ନେବାବେଳେ ଡଙ୍ଗା ବୁଡ଼ିଯାଇଥିଲା। ସୌଭାଗ୍ୟକୁ ସେଠାରେ ଥିବା କେତେଜଣ ଲୋକ ନବକୁମାର ଓ ଅଞ୍ଜନଙ୍କୁ ପାଣିରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବାବେଳେ ସୁନୀଲ ନିଖୋଜ ହୋଇଯାଇଥିଲେ। ସୁନୀଲଙ୍କ ଘର ବ୍ରହ୍ମପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ସମସ୍ତଙ୍କର ବୟସ ପ୍ରାୟ ୩୦ରୁ ୩୫ ବର୍ଷ ଭିତରେ ଏବଂ ସେମାନେ ଜଗତ୍‌ସିଂହପୁର ଅଞ୍ଚଳର ଏକ ବିଦ୍ୟୁତ୍ ସଂସ୍ଥା ଗ୍ଲୋବାଲ ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍‌ରେ କାର୍ଯ୍ୟକରୁଥିବା ଜଣାପଡ଼ିଛି।




**ଆଜିର ମନ୍ତବ୍ୟ**
ସିପିଆଇ, ସିପିଏମ୍, ଏଏପି ଭଳି ଦଳ ନିଜ ସ୍ୱାର୍ଥ ପାଇଁ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରୁଛନ୍ତି। –ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୩.୬୮ ବିଲିୟନ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୬୧.୧୬ ବିଲିୟନ ଡଲାର ସ୍ତର ଛୁଇଁଛି। – ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ପାରଳା ମହାରାଜା ...

ମୃତ୍ୟୁ ଘଟିଥିବାରୁ ତାଙ୍କ ଜ୍ୟେଷ୍ଠପୁତ୍ର ଗୋପୀନାଥଙ୍କୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପରଲୋକ ପରେ ୧୯୭୪ ମେ ୨୬ରେ ରାଜାଭିଷେକ କରାଯାଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦାୟାଦ ଗୋପୀନାଥ ରାଜନୀତିରେ ପ୍ରବେଶ କରି ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସର ସଦସ୍ୟ ଥିଲେ। ୧୯୮୯ରେ ସେ ବ୍ରହ୍ମପୁର ଲୋକ ସଭା ଆସନରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ୨ଲକ୍ଷ ୩୨ ହଜାର ୦୮୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେହିପରି ୧୯୯୧ ଲୋକ ସଭା ନିର୍ବାଚନରେ ପୁଣି କଂଗ୍ରେସରୁ ପ୍ରାର୍ଥୀ ହୋଇ ୨ଲକ୍ଷ ୩୫ହଜାର ୨୬୦ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ପରେ ସେ ଭାଜପାରେ ଯୋଗଦେଇଥିଲେ। ୧୯୯୮ରେ ଭାଜପାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୨୦୦୯ରେ ସେ ବିଜେଡିରେ ଯୋଗଦେଇଥିଲେ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଗୋପୀନାଥଙ୍କ କନ୍ୟା ରାଜକୁମାରୀ କଲ୍ୟାଣୀ ଦେବୀ ବିଜେଡିରେ ଯୋଗଦେଇଥିଲେ। ଏପରିକି ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।

ଅନ୍ୟପକ୍ଷରେ ଅପରାହ୍ନ ୪ଟାରେ ଗୋପୀନାଥଙ୍କ ପାର୍ଥିବ ଶରୀର ପାରଳାଖେମୁଣ୍ଡିରେ ପହଞ୍ଚିଥିଲା। ତାଙ୍କ ମରଶରୀରକୁ ପାରଳା ରାଜପ୍ରାସାଦର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରାଯାଇଥିଲା ଏବଂ ଜନସାଧାରଣଙ୍କ ଦର୍ଶନ ନିମନ୍ତେ କିଛି ସମୟ ରଖାଯାଇଥିଲା। ପୂର୍ବରୁ କଲ୍ୟାଣୀ ଦେବୀଙ୍କ ଭାଇ ଦିଗ୍‌ବିଜୟଙ୍କ ମୃତ୍ୟୁ ଘଟିସାରିଛି। ତେଣୁ ରାଜ ପରମ୍ପରା ଅନୁଯାୟୀ ଶୁକ୍ରବାର କଲ୍ୟାଣୀ ଦେବୀଙ୍କ ରାଜାଭିଷେକ କରାଯାଇଥିଲା। ତାଙ୍କୁ ରାଜପ୍ରାସାଦର ସିଂହାସନରେ ବସାଯାଇଥିଲା। ସେଠାରେ ସେ ଖଣ୍ଡା, ମୁକୁଟ ଆଦି ଧାରଣ କରିଥିଲେ। ତାଙ୍କର ଆଜ୍ଞା ମିଳିବାପରେ ଗୋପୀନାଥଙ୍କ ଶେଷକୃତ୍ୟ ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମରଶରୀରକୁ ରାଜପ୍ରାସାଦର ଦକ୍ଷିଣ ଦ୍ୱାର ଦେଇ ଜଙ୍ଗମ ସାହି ନିକଟ ରାଜସମାଧିସ୍ଥଳକୁ ନିଆଯାଇଥିଲା। ଏହି ଅନ୍ତିମ ଯାତ୍ରାରେ ଜାତି, ଧର୍ମ, ବର୍ଣ୍ଣ, ଦଳ ନିର୍ବିଶେଷରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସହ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ପ୍ରମୁଖ ସାମିଲ ହୋଇଥିଲେ। ସମାଧିସ୍ଥଳରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ସହ ଗାର୍ଡ ଅଫ୍ ଅନର ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଗୋପୀନାଥ ଗଜପତିଙ୍କ ପରଲୋକରେ କେବଳ ଗଜପତି ଜିଲା ନୁହଁ, ସମଗ୍ର ରାଜ୍ୟରେ ଶୋକପ୍ରକାଶ ପାଇଛି।

## ଓଡ଼ିଶା ହରାଇବ ...

୬୯,୩୧୬ କୋଟି ଟଙ୍କା ମିଳିଥିବାବେଳେ ଚତୁର୍ଦ୍ଦଶ କମିଶନଙ୍କ କାଳରେ ଏହା ୧.୮୪ ଲକ୍ଷ କୋଟିକୁ ବୃଦ୍ଧି ପାଇଥିଲା। ରାଜ୍ୟର କେନ୍ଦ୍ରୀୟ ଟିକସ ଅଂଶ ୩୨ ପ୍ରତିଶତରୁ ୪୨ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ତେବେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସଂଶୋଧିତ କ୍ରାଇଟେରିଆ ଯୋଗୁ ଓଡ଼ିଶାର କେନ୍ଦ୍ରୀୟ ଟିକସ ଆବଣ୍ଟନ କ୍ଷେତ୍ର(ଡିଭିଜିବଲ ପୁଲ) ତଳକୁ ଖସି ଯାଇଥିଲା। ଏହାଦ୍ୱାରା ରାଜ୍ୟକୁ ବାର୍ଷିକ ୩ରୁ ୪ ହଜାର କୋଟି ଟଙ୍କା ବାର୍ଷିକ କ୍ଷତି ସହିବାକୁ ପଡ଼ିଥିଲା। ଏହି ବ୍ୟବସ୍ଥା ନ ବଦଳିଲେ ପୁଣି ରାଜ୍ୟକୁ ଘାଟା ହେବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ–୨୮୦ ଅନୁଯାୟୀ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକ୍ରମେ ଏନ.କେ. ସିଂଙ୍କ ଅଧ୍ୟକ୍ଷତାରେ ପଞ୍ଚଦଶ ଅର୍ଥ କମିଶନ ଗଠନ କରାଯାଇଛି। ୨୦୧୯ ଜାନୁୟାରୀ ୮ ତାରିଖରେ ଗଠିତ ପଞ୍ଚଦଶ ଅର୍ଥ କମିଶନ ୪ ଦିନିଆ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ସଚିବ ଏବଂ ଅନ୍ୟ ଅଧିକାରୀଙ୍କ ସହ ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ପଞ୍ଚାୟତ ପ୍ରତିନିଧି, ପୌର ସଂସ୍ଥା ପ୍ରତିନିଧି, ବିଭିନ୍ନ ଶିଳ୍ପ ସଂଗଠନ, ରାଜନୈତିକ ଦଳର ନେତାଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ଦାରିଦ୍ର୍ୟ ହାର କମାଇବା ଓ ମୁଣ୍ଡପିଛା ଆୟ ବୃଦ୍ଧି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଥିଲେ। ୨୦୧୯ ନଭେମ୍ବର ୩୦ ତାରିଖ ସୁଦ୍ଧା କମିଶନ ତାଙ୍କର ପ୍ରାଥମିକ ରିପୋର୍ଟ ଦାଖଲ କରିସାରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପ୍ରିୟରଞ୍ଜନ ନାୟକ



ଇଶାନ ସରବଜିତ୍ ସାହୁ



ଝୁମା ବେହେରା



ସସ୍ମିତା ବାରିକ

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶ୍ୟାଧିପ ମଙ୍ଗଳ ସ୍ୱଗୃହୀ ହେଲେ ମଧ୍ୟ ବାଧକାଧିପ ଶନିଙ୍କ ନକ୍ଷତ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣତଃ ଉପଶମ ନ ହୋଇପାରେ। ନିଜ ପରିସରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତିପ୍ରକାଶ କରିପାରନ୍ତି। ପାରିବାରିକ କ୍ଷେତ୍ରର ଅସନ୍ତୋଷ ଆପୋସ ଆଲୋଚନା ଦ୍ୱାରା ସମାଧାନ ହୋଇପାରିବ। ଆର୍ଥିକ ସଙ୍କଟ ମଧ୍ୟରେ ଗତି କରି ବିଚଳିତ ରହିବେ।

**ବୃଷ** ରାଶ୍ୟାଧିପ କର୍ମାଧିପଙ୍କ ନକ୍ଷତ୍ରରେ ରହିଥିବାରୁ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପ୍ରତ୍ୟେକ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବେ। ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ଲୋକସମ୍ପର୍କ, ବ୍ୟବସାୟିକ ସ୍ଥିତି, ପୂର୍ବ ସ୍ଥିରୀକୃତ କାର୍ଯ୍ୟ,ଯାତ୍ରାରୁ ସୁଫଳ ପାଇବେ।

**ମିଥୁନ** କୌଣସି ହିତୈଷୀ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ଦୁଷ୍ଟ ମାନସିକତାରେ ପରିବର୍ତ୍ତନ ଘଟିପାରେ। ଆର୍ଥିକ ଓ ପାରିବାରିକ ସ୍ଥିତିରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିବ। ଶୁକ୍ରଙ୍କ ଶୁଭତ୍ୱରୁ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ରାଜଯୋଗକାରକ ମଙ୍ଗଳଙ୍କ ସୁପ୍ରଭାବରୁ କାର୍ଯ୍ୟସିଦ୍ଧି,ବନ୍ଧୁପ୍ରୀତି,ଅର୍ଥଲାଭ, ଶୁଭଖବରାଦି ପ୍ରାପ୍ତହେବ। ପରୋକ୍ଷ ଶତ୍ରୁତା ପ୍ରତ୍ୟେକ କାର୍ଯ୍ୟରେ ସାମୟିକ ସମସ୍ୟା ସୃଷ୍ଟି କଲେ ମଧ୍ୟ ଆପଣଙ୍କ କର୍ମପ୍ରବାହର ଗତିରୋଧ ହେବ ନାହିଁ। ବ୍ୟବସାୟ, ପରିବହନ, ପ୍ରଶାସନ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ।

**ସିଂହ** ମଙ୍ଗଳପ୍ରଦ ମଙ୍ଗଳ ଅମଙ୍ଗଳ ବିନାଶକରି ମାଙ୍ଗଳିକ କାମପାଇଁ ମାର୍ଗ ଉନ୍ମୁକ୍ତ କରିବେ। ଲୋକସମ୍ପର୍କ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ପ୍ରଶଂସିତ ହେବେ। କିନ୍ତୁ ମଘା ନକ୍ଷତ୍ର ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାମପାଇଁ କୈଫିୟତ ଦେବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବା ଆଶଙ୍କା ରହିଛି।

**କନ୍ୟା** ଚତୁର୍ଥ ଓ ଦଶମସ୍ଥାନ ପାପାକ୍ରାନ୍ତ ଯୋଗୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ। ସମ୍ପର୍କୀୟମାନେ ସମ୍ମୁଖରେ ହିତବାଣୀ ଶୁଣାଉଥିଲେ ହେଁ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ସଭାସମିତିରେ, ଆଲୋଚନା ଅବସରରେ ସମ୍ମାନଜନକ ସ୍ଥିତିରେ ରହିପାରନ୍ତି। ଯାତ୍ରା,ବାଣିଜ୍ୟ, ଶିଳ୍ପ, ପ୍ରକଳ୍ପାରମ୍ଭ ପାଇଁ କୌଣସି ଅସୁବିଧା ହେବନାହିଁ।

**ତୁଳା** ଆଜି ଶୁକ୍ରଙ୍କ ସ୍ଥାନ ସ୍ଥିତିରୁ ବିଶିଷ୍ଟବ୍ୟକ୍ତିଙ୍କ ଗହଣରେ ସମୟ ଅତିବାହିତ କରିବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ । ଘରୋଇ ବ୍ୟାପାରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ ।

**ବିଛା** ଏକାଧିକ ଗ୍ରହ ଧନସ୍ଥାନସ୍ଥ ଯୋଗୁ ବିଭିନ୍ନ କାମରୁ ଅର୍ଥଲାଭର ସମ୍ଭାବନା ରହିଛି। କିନ୍ତୁ କଥାବାର୍ତ୍ତା କିମ୍ବା ବ୍ୟବହାରରେ କୌଣସି ବ୍ୟତିକ୍ରମ ଅଶାନ୍ତ ସ୍ଥିତି ଉତ୍ପନ୍ନ କରିପାରେ। ଯାତ୍ରା,ବାଣିଜ୍ୟ,ପରିବହନ,କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରୀତିପ୍ରଦ ରହିବ। ନିକଟ ସମ୍ପର୍କୀୟ ମାନଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ଧନୁ** ରାଶିରେ ଏକାଧିକ ଗ୍ରହ ଦୈହିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିପାରେ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ନିଜର ପତିଆରା ବୃଦ୍ଧି ପାଇବ ଓ ବିଜୟୀ ହେବେ। ସନ୍ତାନଙ୍କ ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ସୂଚନା ରହିଛି । ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିବା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବ।

**ମକର** ଶୁକ୍ର ପ୍ରଭାବରେ ମନକୁ ସୁହାଇଲା ଭଳି କଥା କହି କାମ ହାସଲ କରିପାରିବେ। କିନ୍ତୁ ଶ୍ରବଣା ନକ୍ଷତ୍ର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି। ସାଧାରଣ ଯୁକ୍ତିତର୍କଜନିତ ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଦ୍ୱାଦଶସ୍ଥ ଶୁକ୍ର ବିଳାସବ୍ୟସନ ଓ ମନୋରଞ୍ଜନର ମଉକା ସୃଷ୍ଟି କରିପାରନ୍ତି। କିନ୍ତୁ ଶତଭିଷା ନକ୍ଷତ୍ରର ଅଭାବ ନ ଥିଲେ ମଧ୍ୟ ଅର୍ଥ ସମ୍ପର୍କିତ କାମରେ ଅସ୍ଥିରତା ଲାଗି ରହିବ। ଅନ୍ୟ ମାନଙ୍କ କଥାରେ ପ୍ରଭାବିତ ହେବା ସହ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହେବେ। ନିଜ ପରିବେଶରେ କିମ୍ବା ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ପାପଗ୍ରହ ପ୍ରଭାବରେ ପାରିବାରିକ କ୍ଷେତ୍ର ବୁଝାମଣା ଅଭାବରୁ ଅଶାନ୍ତ ରହିବ। ଗାଡ଼ି,ମୋଟର ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ । ବିଳମ୍ବିତ ସମୟରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବା ବ୍ୟତୀତ ଅନ୍ୟ କୌଣସି ଅସୁବିଧା ରହିବ ନାହିଁ । ଆଜି ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୧ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ମାଘ କୃଷ୍ଣ ପ୍ରତିପଦା ଶନିବାର, ମାଘମାସ ବ୍ରତାରମ୍ଭ, ରାଶି ନକ୍ଷତ୍ର–ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୭।୧୧ମି. ମଧ୍ୟେ ଘ୧୨।୧୬ମି. ଗତେ ଘ୩।୧୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ ମି. ଗତେ ଘ୯।୧୫ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୯।୧୧ମି. ଗତେ ଘ୧୦।୩୩ମି.ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

**real estate**
**SALE**

**Gharabari boundary plot Infocity-2 near 200ft. road side. Direct owner-8144391451.** D-68453

Plot, Flat, Simplex, Duplex sale in BBSR. Contact: 7873616375, 6372322064. D-68751

2BHK flats near Hanspal. Contact: 7873616375. D-68752

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

ଭୁବନେଶ୍ୱର କଟଣ ୧ଗେଟ୍‌ଠାରେ **sqft.-180/-,** ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ **sqft.-180/-,** ନଖରା ତ୍ରିନାଥ ବଜାର **SC** ପ୍ଲଟ୍ **370/-** ଘରବାରି **outright/ instalment-9348817649, 7750909843.** D-68462

**Flats for sale at DHPL Crystal Raghunathpur. Contact: 99370598 91, 8908292617.** D-16132

8250+sqft. commercial property with gharabari conversion and borewell for sale just 4KM from Pipili bypass Rs. 898/- per sqft. Contact Suraj, 9776560922, 9776475755. D-16129

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore-7809525452.** D-68749

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68536

**Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933.** D-16063

2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 99370598 91, 8908292617.** D-16131

ଜାଗମରା Malick Complex ପାଖରେ 3ଟି ଘରବାରି plot ବିକ୍ରିହେବ। Contact: 9778928492. D-68325

CV Raman College ପାଖରେ 2000sqft. yellowzone plot ବିକ୍ରିହେବ। Contact: 9778928492. D-68326

Gharabari residential eastfacing plots Tankapaniroad Saimandir, sqft. 1600/-, possession immediately, boundary free. Booking 2BHK Simplex near B.J.E.M-(2), 16,80,000/- 7735738102. D-16126

24000 sft gharabari plot with boundary just 6.5km from Phulnakhara towards Niali, ideal for plotting project- 8658182243. D-68047

**2800 sft. gharabari plot immediately sale at Bomikhal, Bhubaneswar, only buyer directly contact Deepak: 9937329999.** D-68048

**construction**

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16130

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

2000sqft. commercial space with two toilet in 1st floor near KIIT Campus 14, Central Library KIIMS Hospital. Contact: 6371665313. D-68537

**healthcare**

Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies & gents smart therapist, 9668814589. D-68750

Refresh your mind and soul with best therapy at Orchid Salon/Spa. 9937287222. D-68745

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment-9668374480. D-68958

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Completely stress management therapy, visit us our clinic. Contact: 7852986810. D-68532

Ayurvedic full body massage ladies and gents. Contact: 9861064981. D-68746

Sai herbal spa refresh your body with smart, expert therapist. 7608062524. D-68954

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies/gents smart experts therapist:- 8480939300. D-68753



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



# ଧରାପଡ଼ିଲେ ଆଉ ୯ ନକଲି ଶିକ୍ଷକ

**ବ୍ରହ୍ମପୁର ଅଫିସ,୧୦।୧ :** ଗଞ୍ଜାମ ଜିଲାରେ ପୁଣି ୯ ଜଣ ନକଲି ଶିକ୍ଷକ ଧରାପଡିଛନ୍ତି। ଏମାନେ ନିଯୁକ୍ତି ବେଳେ ନକଲି ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିବା ଜଣାପଡିଛି। ଜିଲାରେ ଏପରି ନକଲି ଶିକ୍ଷକଙ୍କ ସଂଖ୍ୟା ଏବେ ୩୦ରେ ପହଞ୍ଚିଛି। ଧରାପଡ଼ିଥିବା ୯ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ଗଞ୍ଜାମ ଜିଲାର ୧୩ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିଏଡ୍ ସାର୍ଟିଫିକେଟ ଯାଞ୍ଚ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପଠାଯାଇଥିଲା । ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା ଯାଞ୍ଚ ବେଳେ ସେମାନଙ୍କ ମଧ୍ୟରୁ ୮ଜଣଙ୍କ ସାର୍ଟିଫିକେଟର ରୋଲ ନମ୍ବର ତାଲିକା ମଧ୍ୟରେ ନ ଥିବା ଜଣାପଡ଼ିଥିଲା । ସେହିପରି ଅନ୍ୟ ଜଣେ ଶିକ୍ଷକ ବିଏଡ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ଜଣାପଡିଥିଲା । ପରୀକ୍ଷା ନିୟନ୍ତ୍ରକଙ୍କ ସୂଚନା ପରେ ଶୁକ୍ରବାର ଗଞ୍ଜାମ ଜିଲା ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ୯ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦେବାପାଇଁ ବିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



## ଜିଲା ଚିଠି
## ନୂଆପଡ଼ା

### ହୁଗୁଳା ଉନ୍ନୟନ

ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ଦିଗ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ଏହାକୁ ହିଁ ଉନ୍ନୟନ ବୋଲି କୁହାଯାଏ । ଏଥିରେ ଖିଲାପ ହେଲେ ପ୍ରଶାସନ ବାଟ ହୁଡୁଛି ବୋଲି ସମାଲୋଚନା କରାଯାଏ । ବିଶେଷ କରି ସାଧାରଣ ନିର୍ବାଚନ ପରର ଚିତ୍ରକୁ ପର୍ଯ୍ୟାଲୋଚନା କରାଗଲେ ନୂଆପଡା ଜିଲାରେ ବିକାଶ ଯେମିତିକି ଦିଗହରା ହୋଇପଡିଥିବା ପରିଲକ୍ଷିତ ହେଉଛି । ପ୍ରଥମେ ସ୍ୱାସ୍ଥ୍ୟ କଥା ଯଦି ବିଚାରକୁ ନିଆଯାଏ ତେବେ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସୁଉଚ୍ଚ ଅଟ୍ଟାଳିକା ସବୁ ଅଛି । ହେଲେ ଆବଶ୍ୟକ ଡାକ୍ତର ନାହାନ୍ତି । ଯେଉଁମାନେ ବି ଅଛନ୍ତି ସେମାନେ କେବଳ କାଗଜକଲମରେ କାମ କରୁଛନ୍ତି । ପ୍ରକୃତ ପକ୍ଷେ ସେମାନେ ଏଠି ହାଜିରା ମାରି ରାଜଧାନୀରେ ଯାଇ ବ୍ୟବସାୟ କରୁଛନ୍ତି । ଗରିବ ଖଟିଖିଆ ସରକାରୀ ମୁକ୍ତ ସେବା ପାଇବା ବଦଳରେ ଗହଣା ଓ ଜମି ବିକି ସେବା କିଣୁଛନ୍ତି। ଗମନାଗମନ କଥା ହିସାବକୁ ନିଆଗଲେ ଏଠାରେ ବହୁ ଦୁର୍ଗମ ଅଞ୍ଚଳ ଅଛି ଯେଉଁଠିକୁ ସବୁଦିନିଆ ରାସ୍ତା ନିର୍ମାଣ ହୋଇପାରୁନାହିଁ। ସୁନାବେଡା ଉପତ୍ୟକା ଭଳି ଜାଗାରେ ୧୨ଟି ପ୍ରଧାନମନ୍ତ୍ରୀ ସଡ଼କ ଅଧାପନ୍ତରିଆ ହୋଇ ୫ ବର୍ଷ ହେଲା ପଡିରହିଛି । କେବଳ ନେତା ପୋଷା ନୀତିରେ ଛୋଟକାଟିଆ ରାସ୍ତା ତିଆରିରେ ପ୍ରଶାସନ ମୁଣ୍ଡ ଖେଳାଇ ବହୁ କୋଟି ଟଙ୍କା ଶେଷ କରୁଛି। ଦୁର୍ଗମ ଅଞ୍ଚଳରେ ରାସ୍ତା ନାହିଁ ବୋଲି ଗର୍ଭବତୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି । ବିଦ୍ୟୁତ୍ ସେବା ଜିଲାରେ ଅଧାପନ୍ତରିଆ ହୋଇପଡିଛି। ସୁନାବେଡା ଉପତ୍ୟକାରେ ଥିବା ୫୨ଟି ଛୋଟବଡ ଗାଁକୁ ବିଦ୍ୟୁତ୍ ସେବା ଅପହଞ୍ଚ ହୋଇଛି । ରୋଜଗାର କଥା କହିଲେ ଏଥିରେ କୌଣସି ଗ୍ୟାରେଣ୍ଟି ନାହିଁ । ଏହା ଏକ ଦାଦନ ପ୍ରବଣ ଜିଲା ହେତୁ ଲୋକଙ୍କୁ ରୋଜଗାର ଗ୍ୟାରେଣ୍ଟି ଦେବାକୁ ସରକାର ଏଠାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ସଶକ୍ତ କରିଥିବା କୁହାଯାଉଛି। ହେଲେ ସବୁ ଯୋଜନା ଫେଲ ମାରିଛି । ଏଠାରୁ ଦିନକୁ ଦିନ ଦାଦନ ଚାଲାଣ ସଂଖ୍ୟା ବଢିଚାଲିଛି । ଗତ ନଭେମ୍ବର ସୁଦ୍ଧା ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଜିଲାବ୍ୟାପୀ ୪ କୋଟି ଟଙ୍କାର ମଜୁରି ଟଙ୍କା ବକେୟା ପଡିଛି । ଲୋକେ କାମ କରି ମଜୁରି ଟଙ୍କା ନ ମିଳିବାରୁ ବାଧ୍ୟ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିଗଲେଣି । ଜିଲାରୁ ଗତବର୍ଷ ୨୦ହଜାର ପରିବାର ଦାଦନ ଖଟିଯାଇଥିବାବେଳେ ଚଳିତବର୍ଷ ଏହା ୩୦ ହଜାରକୁ ଟପିଗଲାଣି। ସେହିଭଳି ଚାଷୀଙ୍କୁ ସହାୟତା କଥା କହିଲେ ତେଲିଆ ମୁଣ୍ଡରେ ତେଲ ସଦୃଶ ପ୍ରକୃତ ଚାଷୀଙ୍କୁ ଟଙ୍କା ମିଳୁନାହିଁ। ଧାନ କିଣାବେଳେ ପ୍ରଶାସନର ନାକତଳେ ମିଲର୍ସମାନେ ଦାଦାଗିରି କରି ଚାଷୀଙ୍କୁ ଶୋଷଣ କରୁଛନ୍ତି। କଟନି ଛଟନି ଯୋଗୁ ଚାଷୀଙ୍କୁ ଅଭାବୀ ବିକ୍ରିର ଶିକାର ହେବାକୁ ବାଧ୍ୟ କରାଯାଉଛି। ଜିଲାକୁ ନାଁକୁ ମାତ୍ର ମାସକରେ ଜଣେ ଦୁଇଜଣ ମନ୍ତ୍ରୀ ବୁଲି ଆସୁଛନ୍ତି। ଗୋଟିଏ ଦୁଇଟି ସରକାରୀ ବେସରକାରୀ ସ୍କୁଲ ଘୂରି ବୁଲୁଛନ୍ତି। ତାଙ୍କ ଦଳୀୟ ବିଧାୟକଙ୍କ ଘରେ ଜଳପାନ କରି ପର୍ଯ୍ୟଟନସ୍ଥଳୀ ବୁଲି ଦେଖି ରାଜଧାନୀକୁ ଫେରିଯାଉଛନ୍ତି। ଏଥିରେ ଉନ୍ନୟନ କଥା କିଏ କାହିଁକି ଚିନ୍ତାକରିବ ବୋଲି ଏଠାରେ ଆଲୋଚନା ହେଉଛି ।

**– ଘନଶ୍ୟାମ ଭୋଇ**

# ସରିଲା ବରଗଡ଼ ଧନୁଯାତ୍ରା

## ଶ୍ରୀକ୍ଷେତ୍ର ଗଲେ କଂସ ଅଭିନେତା

**ମଥୁରାନଗରୀ,୧୦।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ କଂସବଧ ଦୃଶ୍ୟାଭିନୟ ମୁଖ୍ୟ ଆକର୍ଷଣ ଥିଲା। ଅନୁକୂଳ ପାଗ ଓ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁ ମଥୁରାନଗରୀ ଲୋକାରଣ୍ୟ ହୋଇପଡ଼ିଥିଲା। ମଥୁରା ପରିଭ୍ରମଣ ସାରି କଂସ ମହାରାଜା ସ୍ଥାନୀୟ ଲୋକମଣ୍ଡପ ପଡ଼ିଆସ୍ଥିତ ରାଜ ଦରବାରକୁ ଆସିଥିଲେ। ଶ୍ରୀକୃଷ୍ଣ ବଳରାମଙ୍କୁ ହତ୍ୟା କରିବା ପାଇଁ ସେ ନିଜର ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟସାମନ୍ତଙ୍କ ସହିତ ରଣକୌଶଳ ପ୍ରସ୍ତୁତ କରିଥିଲେ । ଅନ୍ୟପଟେ ଶ୍ରୀକୃଷ୍ଣ ହାଟପଦା ମଞ୍ଚରେ ଶିବଧନୁ ଭଙ୍ଗ କରିଥିବାବେଳେ ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ବେନିଭାଇଙ୍କୁ ହତ୍ୟା କରିବାରେ ସେମାନେ ନିଶ୍ଚୟ ସକ୍ଷମ ହେବେ ବୋଲି କଂସ ମହାରାଜାଙ୍କ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଦରବାରରେ ନିଜ ପରାକ୍ରମ ଦେଖାଇଥିଲେ । ସେହିପରି କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ନିଜର ପରାକ୍ରମ ଦେଖାଇବାକୁ ରଣାଙ୍ଗନକୁ ଓହ୍ଲାଇଥିଲେ। ମାତ୍ର ଶେଷରେ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଏବଂ ବଳରାମଙ୍କ ହଳ ମୁଦଗରରେ କଂସଙ୍କ ନିଧନ ହୋଇଥିଲା ଏବଂ ମହାରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା। ସେହିପରି ଶ୍ରୀକୃଷ୍ଣ, ବଳରାମ ମଥୁରା କାରାଗାରକୁ ଯାଇ ବନ୍ଦୀ ଥିବା ଦେବକୀ ଓ ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇ ଏବଂ ଲଡୁ ବାଣ୍ଟି ଖୁସି ମନାଇଥିଲେ। ଅନ୍ୟପଟେ କଂସ ଅଭିନେତା ବରଗଡ଼ ବ୍ଲକ ସରଲା ଗ୍ରାମର ଭୁବନେଶ୍ୱର ପ୍ରଧାନ ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ବାହାରିଥିଲେ। ଶନିବାର ସକାଳେ ସେ ପୁରୀରେ ପହଞ୍ଚି ମହୋଦଧିରେ ସ୍ନାନ ଓ ଶ୍ରୀକ୍ଷେତ୍ର ଦର୍ଶନ ସହିତ ଶଙ୍କରାଚାର୍ଯ୍ୟଠାରୁ ଆଶିଷ ଲୋଡ଼ିବାର କାର୍ଯ୍ୟକ୍ରମ ରହିଛି ।



ବରଗଡ଼ ଧନୁଯାତ୍ରାର ଶେଷ ସନ୍ଧ୍ୟାରେ କଂସ ବଧର ଦୃଶ୍ୟ।

ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ସଭାରେ ପରମ୍ପରା ଅନୁଯାୟୀ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଏବଂ କାର୍ଯ୍ୟକାରୀ ସଭାପତି ପଦ୍ମିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା, ବିଭିନ୍ନ କମିଟିର ଆବାହକ, ସହ ଆବାହକ ଅଶୋକ କୁମାର ବେହେରା, ଅଚ୍ୟୁତାନନ୍ଦ ମହାପାତ୍ର, ଗୋପାଳକୃଷ୍ଣ ଦାଶ, କଲ୍ୟାଣୀ ଦାଶ, କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ୟାମସୁନ୍ଦର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ ।

## ■ଉଦୀୟମାନ ଆଥଲେଟ୍‌ସ ଦେବଗଡ଼ର ନିଶା ବାରିକ
# ନୂତନ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ବିଜୟୀ

**ଦେବଗଡ଼,୧୦।୧ (ଡି.ଏନ.ଏ)**



ଜଣେ ଉଦୀୟମାନ ଆଥ୍‌ଲେଟ୍ସ ଭାବେ ଦେବଗଡ଼ର ନିଶା ବାରିକ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କଟକସ୍ଥିତ ବାରବାଟୀ ଷ୍ଟାଡିୟମଠାରେ ଗତ ୨୮ରୁ ୩୦ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ କ୍ରୀଡା (ଆଥଲେଟିକ) ୱାକିଂ (ପାଦଚଲା) ବିଭାଗରେ ନିଶା ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଦେବଗଡ଼ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ସ୍ଥାନୀୟ ବଣିଆଁସାହିର ନିଶା ଉକ୍ତ ପ୍ରତିଯୋଗିତାରେ ୧୬ ବର୍ଷରୁ କମ ବର୍ଗରେ ୩ ହଜାର ମିଟର ୱାକିଂ (ପାଦଚଲା)ରେ ନୂତନ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ୩ ହଜାର ମିଟର ୱାକିଂ ରେ ଏହି ରେକର୍ଡ ସମୟ ୧୬/୩୭.୬ ମିନିଟ ରହିଥିବା ବେଳେ ନିଶା ମାତ୍ର ୧୬/୧୪.୦୪ ମିନିଟରେ ଏହା ଅତିକ୍ରମ କରି ପୁରୁଣା ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛନ୍ତି। ତାଙ୍କର ଏହି ସଫଳତା ନିମନ୍ତେ ତାଙ୍କୁ ଜିଲାର ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଉଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ନିଶାଙ୍କ ବଡ ଭଉଣୀ ଟୀଶା ବାରିକ ମଧ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ଉଭୟ କୃତୀ ପ୍ରତିଯୋଗୀ ନିଶା ଓ ଟୀଶା ଦେବଗଡ ପୌରାଞ୍ଚଳ ବଣିଆସାହିର ୩ନମ୍ବର ୱାର୍ଡ ରଞ୍ଜିତ ବାରିକ ଓ କନକ ମଞ୍ଜରୀ ବାରିକଙ୍କ ସୁକନ୍ୟା ଅଟନ୍ତି ।




ILA PANDA
26.10.1932 - 11.01.2005

In loving memory

Baijayant 'Jay', Paramita, Nivedita, Subhrakant
Jagi, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of
IMFA Group

imfa

Tel : +91 674 2611100, Fax : +91 674 2580020
memoriam@imfa.in


## ମା' ସମଲେଇଙ୍କ ପୁଷ୍ପାଭିଷେକ
### ■ ରାଜଗୁରୁଙ୍କୁ ଅଭିଷେକ



ଶୁକ୍ରବାର ସମଲେଇଙ୍କୁ ପୁଷ୍ପାଭିଷେକ କରାଯାଉଛି ।

**ସମ୍ବଲପୁର, ୧୦।୧ (ବ୍ୟୁରୋ)**

ରୀତିନୀତି ଓ ପରମ୍ପରା ସହ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଇଙ୍କ ପୁଷ୍ପାଭିଷେକ ଶୁକ୍ରବାର ସକାଳ ସାଢ଼େ ୮ଟାରେ ସମ୍ପନ୍ନ ହୋଇଛି। ସମଲେଇଙ୍କୁ ରାଷ୍ଟ୍ରଦେବୀ ଭାବେ ସିଂହାସନରେ ଉପବିଷ୍ଟ କରାଯାଇ ନବବସ୍ତ୍ର, ଅଳଙ୍କାରରେ ଦେବୀଙ୍କୁ ଶୃଙ୍ଗାର କରାଯାଇଥିଲା। ଏଥିରେ ରାଜପୁତ କ୍ଷତ୍ରିୟ ସମାଜ ତଥା ପୂଜକ ଅକ୍ଷୟ କୁମାର ରାୟ କର୍ତ୍ତା ଥିଲେ । କୁଳ ପୁରୋହିତ ହୃଷୀକେଶ ଦାଶ ପୂଜାର୍ଚ୍ଚନା କରିବା ସହ କଳସ ସ୍ଥାପନ କରିଥିଲେ । ସନ୍ଧ୍ୟାରେ ରାଜପୁର କ୍ଷତ୍ରିୟ ସମାଜ ସଭାପତି ଉତ୍ତ୍ରାତ ପୀତାମ୍ବର ରାୟଙ୍କ ପରିଚାଳନାରେ ରାଜ ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ମହନ୍ତ ହୃଷିକେଶ ଦାଶଙ୍କୁ ଶିରପା ବାନ୍ଧି ପୂଜକମାନେ ଅଭିଷେକ କରିଥିଲେ। ଏହାପରେ ପଦଧୌତ କରି ଆଶୀର୍ବାଦ କରିଥିଲେ। ସେହିପରି କୁଳଗୁରୁ ସରୋଜ ଚନ୍ଦ୍ର ପୁରୋହିତ ଓ କୁଳ ପୁରୋହିତ ହୃଷୀକେଶ ଦାଶଙ୍କୁ ମଧ ମୁଣ୍ଡରେ ଶିରପା ବାନ୍ଧି ସମ୍ବର୍ଦ୍ଧିତ କରିଥିଲେ । ଏହି ଅଭିଷେକ କାର୍ଯ୍ୟକ୍ରମରେ ସୂର୍ଯ୍ୟ, ସୋମ, ଗଙ୍ଗ, ଗାଗ୍ରବ, କାଦମ୍ବ, ନାଗ, ଭୋଜ ସମେତ ୨୧ଟି ରାଜବଂଶ ସାମିଲ ଥିଲେ । ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ, ଆଲୋକ ଦେବ, ଓକିଲ ରାୟ, ସୁରେଶ ସିଂ, ସୁରେନ୍ଦ୍ର ନାୟକ, ମୁଖ୍ୟ ରାୟ, ପ୍ରସନ୍ନ ଦେଓ, ବୀରେନ୍ଦ୍ର ରାୟ, ମହେନ୍ଦ୍ର ରାୟ, ପ୍ରକାଶ ରାୟ, ଅମିୟ ରାୟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ପବିତ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।


**L&T SAMBALPUR ROURKELA TOLLWAY LTD.**
**AT: Masnikani, PO: Bhedabahal, Dist: Sundargarh-770073**

**NOTICE FOR SALE OF SCRAP**

Sealed Tenders are invited from interested parties for sale of scrap on "**AS IS WHERE IS WHAT IS BASIS**" for the following scrap.

| Sl. No. | Type of Scrap | Approx. Qty |
|---|---|---|
| 1 | Mild Steel & Galvanized Coated Steel | 25 MT |

Interested parties may submit sealed tenders along with 30% Earnest Money Deposit by way of Demand Draft favouring **"L&T SAMBALPUR ROURKELA TOLLWAY LTD"** payable at Chennai. The Tender shall be closed on **17.01.2020 at 17:00 hrs.**
Following official may be contacted for inspection of Materials.
**The Accounts Manager, Mob: 9979117373**







## ଏଥର ବିଦେଶୀ ପକ୍ଷୀଙ୍କ ଆଗମନ କମିଲା

**ସମ୍ବଲପୁର,୧୦।୧(ବ୍ୟୁରୋ)**

ହୀରାକୁଦ ଡ୍ୟାମ୍‌କୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଗଣନା ରିପୋର୍ଟ ପ୍ରକାଶ ପାଇଛି। ଚଳିତ ବର୍ଷ ଅତିଥିପକ୍ଷୀଙ୍କ ଆଗମନ କମିଛି । ମୋଟ ୯୭ ହଜାର ୮୮୯ଟି ପକ୍ଷୀ ଆସିଥିବା ଗଣନା କରାଯାଇଛି। ତେବେ ଏହାର କାରଣ ଡ୍ୟାମରେ ଜଳବୃଦ୍ଧି ବୋଲି ଦର୍ଶା ଯାଇଛି। ଚଳିତ ବର୍ଷ ଡ୍ୟାମ୍‌ରେ ଜଳସ୍ତର ବିଗତ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ପକ୍ଷୀମାନେ ବସୁଥିବା ଟାପୁ ଗୁଡିକ ପାଣିରେ ବୁଡି ରହିଛି। କେନାଲ କାମ ଓ ସିଲ୍ଟୱେ କାମ ପାଇଁ ଡ୍ୟାମରୁ ପାଣି ଛଡା ନ ଯିବାରୁ ଜଳସ୍ତର ବୃଦ୍ଧି ପାଇଛି। ତେଣୁ ଏଥର ହୀରାକୁଦକୁ ବିଦେଶାଗତ ପକ୍ଷୀଙ୍କ ଆଗମନ କମିଯାଇଥିବା ହୀରାକୁଦ ବନ୍ୟ ପ୍ରାଣୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।







# ୩୧ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୦



## ବାର୍ତ୍ତା

ପ୍ରତିବର୍ଷ ପରି ଏବର୍ଷ ମଧ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଜାନୁଆରୀ ମାସ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ପାଳନ କରାଯାଉଅଛି ।

ପ୍ରତିଦିନ ସଡ଼କ ଦୁର୍ଘଟଣା ଘଟି ଅନେକ ଲୋକ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଓ ଅନେକ ଧନ ସମ୍ପତ୍ତି ନଷ୍ଟ ହେଉଥିବାରୁ ଏହାର ନିରାକରଣ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ।

ସଡ଼କ ଦୁର୍ଘଟଣା ଓ ଏହାର ଭୟାବହତା ରୋକିବା ପାଇଁ ଶିକ୍ଷା, ସଚେତନତା, ଉପଯୁକ୍ତ ଡିଜାଇନ୍‌ର ସଡ଼କ ନିର୍ମାଣ, ନିୟମର କଡ଼ାକଡ଼ି ଅନୁପାଳନ ଓ ଜରୁରୀକାଳୀନ ଚିକିତ୍ସାର ମୁଖ୍ୟ ଭୂମିକା ରହିଛି । ରାଜ୍ୟ ସରକାରଙ୍କ ତରଫରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି ।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଁ ସମସ୍ତ ସଡ଼କ ବ୍ୟବହାରକାରୀମାନଙ୍କ ସହଯୋଗ କାମନା କରିବା ସହ ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବା ନିମନ୍ତେ ଆହ୍ୱାନ କରୁଛି ।

ପଦ୍ମନାଭ ବେହେରା (signature)

ମନ୍ତ୍ରୀ,
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**

"ସୁରକ୍ଷିତ ରୁହନ୍ତୁ - ସୁଖୀ ରୁହନ୍ତୁ"

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

# ଆଇପିଏସ୍ ଲଢ଼େଇ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତରପ୍ରଦେଶ ପୋଲିସର ଉଚ୍ଚ ଅଧିକାରୀ ସ୍ତରରେ ଏକପ୍ରକାର କୁତ୍ସିତ ଯୁଦ୍ଧ ଆରମ୍ଭ ହୋଇଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ନୋଏଡା ପୋଲିସ ମୁଖ୍ୟ ବୈଭବ କ୍ରିଷ୍ଣା ରାଜ୍ୟରେ ପୋଲିସ ଅଧିକାରୀଙ୍କ ନିଯୁକ୍ତି ଓ ବଦଳିରେ ଅସାଧୁ କାରବାର ହୋଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟର ଗୃହସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏ ସଂକ୍ରାନ୍ତରେ ସେ ଲିଖିତ ଅଭିଯୋଗ କରି ରାଜ୍ୟ ଜିଲା ପୋଲିସ ମୁଖ୍ୟ ଓ ଏସ୍ଏଚ୍ଓ (ଥାନା ଅଧିକାରୀ)ମାନଙ୍କ ନିଯୁକ୍ତି ତଥା ବଦଳି କ୍ଷେତ୍ରରେ ବ୍ୟାପକ ନଗଦ କାରବାର ହୋଇଛି ବୋଲି ଦାବି କରିଛନ୍ତି। ଏହାକୁ ନେଇ ପୋଲିସ ଅଧିକାରୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଓ ଉତ୍ସୁକତା ପ୍ରକାଶ ପାଇଛି। କିଛିମାସ ପୂର୍ବେ ବିପୁଳ ଅର୍ଥ କାରବାର କରି ଏହି ନିଯୁକ୍ତି ଓ ବଦଳିକୁ ସଂଚାଳନ କରିଥିବା ଅଭିଯୋଗରେ ନୋଏଡା ପୋଲିସ ତିନିଜଣ ସାମ୍ବାଦିକ ଓ ଆଉ କେତେଜଣଙ୍କୁ ଗିରଫ କରିଥିଲା। ଏହି ସାମ୍ବାଦିକମାନେ ମଧ୍ୟ କେତେକ ବରିଷ୍ଠ ପୋଲିସ ଅଧିକାରୀଙ୍କ ପାଇଁ ମଧ୍ୟସ୍ଥତା କରିଥିଲେ ବୋଲି ଅଭିଯୋଗ ଆସିଥିଲା। ଆଶ୍ଚର୍ଯ୍ୟର କଥା କ୍ରିଷ୍ଣା ନିଜେ ଭାଇରାଲ ହୋଇଥିବା କିଛି ସେକ୍ସ ଚାଟ୍ ଭିଡିଓକୁ ନେଇ ବିବାଦୀୟ ହୋଇପଡିଛନ୍ତି। କେତେକ ଆଇପିଏସ ଅଫିସର ଆକ୍ରୋଶମୂଳକ ଭାବେ ତାଙ୍କୁ ବଦନାମ କରିବା ଲାଗି ଏଭଳି ଚକ୍ରାନ୍ତ କରିଥିବା ସେ କହିଛନ୍ତି। ଏବେ ଯୋଗୀ ଆଦିତ୍ୟନାଥ ସରକାର ଏହି ନିଯୁକ୍ତି ଓ ବଦଳି ର୍ୟାକେଟ ଉପରେ ସିବିଆଇ ତଦନ୍ତ କରିବା ଉଚିତ ବୋଲି ସ୍ୱର ଉଠିଲାଣି।

### ଏୟାର ଇଣ୍ଡିଆ ସଙ୍କଟ

ଋଣରେ ବୁଡି ଯାଇଥିବା ଜାତୀୟ ବିମାନ ପରିବହନ ସଂସ୍ଥା ଏୟାର ଇଣ୍ଡିଆ ଲାଗି ନିବେଶକଙ୍କ ଆଗ୍ରହକୁ ପରଖିବା ପାଇଁ ନିକଟରେ ସିଙ୍ଗାପୁର ଓ ଲଣ୍ଡନରେ ଅନୁଷ୍ଠିତ ରୋଡ୍‌ଶୋରେ ବିଶେଷ ଆଗ୍ରହ ଦେଖିବାକୁ ମିଳିନାହିଁ। କିନ୍ତୁ ଏହି ଏୟାରଲାଇନ୍‌ର ଘରୋଇକରଣ ନିମନ୍ତେ ସରକାର କରିଥିବା ଯୋଜନାରେ ପରିବର୍ତ୍ତନ ହେବାର ସମ୍ଭାବନା କ୍ଷୀଣ। ୨୦୧୮ରେ ସରକାର ଏୟାର ଇଣ୍ଡିଆର ୭୬ ପ୍ରତିଶତ ଅଂଶଧନ ବିକ୍ରି କରିବା ଲାଗି ଘୋଷଣା କରିଥିଲେ ବି ଏହାକୁ କିଣିବାକୁ କେହି ବିଶେଷ ଆଗ୍ରହ ପ୍ରକାଶ କରି ନ ଥିଲେ। ତଥାପି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ପୁରୀ ଏହାକୁ ନେଇ ଆଶାବାଦୀ ରହିଛନ୍ତି। ଇତିମଧ୍ୟରେ ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ମହାନିର୍ଦ୍ଦେଶକ ଅଶ୍ୱିନୀ ଲୋହାନୀ ଫେସ୍‌ବୁକ ମାଧ୍ୟମରେ ସୂଚାଇ ଦେଇଛନ୍ତି ଯେ, ବିକ୍ରି ହେବା ଯାଏ ଏୟାର ଇଣ୍ଡିଆ ବଞ୍ଚି ରହିବା ଦରକାର। ଲୋହାନୀ ଜଣେ ବିଶ୍ୱସ୍ତ ଅଧିକାରୀ, ଯିଏ ଏୟାର ଇଣ୍ଡିଆର ଋଣଭାର କମ୍ କରିବା ଲାଗି ଗୃହୀତ ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବତନ ରେଳୱେ ବୋର୍ଡ ଅଧ୍ୟକ୍ଷ ତଥା ଦ୍ୱିତୀୟ ଥର ପାଇଁ ଏୟାର ଇଣ୍ଡିଆର ମୁଖ୍ୟ ହୋଇଥିବା ଲୋହାନୀ ବହୁ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ଲୋକ ଓ କର୍ମଚାରୀଙ୍କ ସହ ଯୋଗାଯୋଗ ରଖୁଛନ୍ତି। ଲୋହାନୀ କହିଛନ୍ତି ଯେ, ଆମୂଳ ପରିବର୍ତ୍ତନ ଆଶାକରିବା ଅବାସ୍ତବ। ଏଥିରୁ ସ୍ପଷ୍ଟ ବାର୍ତ୍ତା ମିଳୁଛି ଯେ, ଏୟାର ଇଣ୍ଡିଆକୁ ବଞ୍ଚାଇ ରଖିବାକୁ ହେଲେ ଏହାକୁ ବିକ୍ରି କରିବା ଛଡ଼ା ଅନ୍ୟ ବାଟ ନାହିଁ।

### ଏମ୍ଇଏର ସଜବାଜ

ଭାରତର ନୂଆ ବହିର୍ବ୍ୟାପାର ସଚିବ ଭାବେ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ନିଯୁକ୍ତି ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମଇଏ)ରେ ଆଉ କେତେକ ପରିବର୍ତ୍ତନ ଘଟିବ। ଭାରତର ବୈଦେଶିକ ମିଶନଗୁଡ଼ିକରେ ଅନେକ ପଦ ଖାଲି ରହିଛି ଓ ସେଥିରୁ କିଛି ମୁଖ୍ୟପଦ ୨୦୨୦ରେ ପୂରଣ କରାଯିବ। ସରକାର ଶ୍ରୀଙ୍ଗଲାଙ୍କ ନାମ ଘୋଷଣା କରିବାକୁ ସମୟ ନେଇଥିଲେ ଓ ଏହି କାରଣରୁ ଉକ୍ତ ନିଯୁକ୍ତିଗୁଡ଼ିକୁ ସ୍ଥଗିତ ରଖାଯାଇଥିଲା। ଏବେ ସେହିସବୁ ନିଯୁକ୍ତି ଲାଗି ପଦକ୍ଷେପ ନିଆଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଆଗାମୀ ମାସଗୁଡ଼ିକରେ ଲଣ୍ଡନ, ୱାଶିଂଟନ, କାଠମାଣ୍ଡୁ, କଲମ୍ବୋ, ଆଙ୍କାରା ଏବଂ ନ୍ୟୁୟର୍କରେ ଥିବା ଭାରତର ସ୍ଥାୟୀ ମିଶନରେ ନିଯୁକ୍ତ କୂଟନୀତିଜ୍ଞମାନଙ୍କ କାର୍ଯ୍ୟକାଳ ପୂରଣ ହେବା କିମ୍ବା ସେମାନେ ଅବସର ନେବାକୁ ଯାଉଥିବାରୁ ଉକ୍ତ ପଦଗୁଡ଼ିକ ଖାଲି ହେବ। ଏବେ ପାକିସ୍ତାନ ଓ କାନାଡାରେ ଭାରତର କୌଣସି ପ୍ରତିନିଧି ନାହାନ୍ତି। ଅଜୟ ବିସାରିୟାଙ୍କୁ ଇସ୍‌ଲାମାବାଦ ଫେରାଇ ଦେଇଥିବା ବେଳେ ବିକାଶ ସ୍ୱରୂପଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଫେରାଇ ଅଣାଯାଇଛି। ଶ୍ରୀଙ୍ଗଲା ଏକ ବଢିଆ କ୍ୟାରିୟର ହାସଲ କରିଛନ୍ତି। ସେ ଇଂଲଣ୍ଡରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ରୁଚି ଘନଶ୍ୟାମ (୧୯୮୨), ମିଳିତ ଜାତିସଂଘ ଜେନେଭାରେ ଭାରତର ସ୍ଥାୟୀ ମିଶନରେ ନିଯୁକ୍ତ ଭାରତର ପ୍ରତିନିଧି ରାଜୀବ ଚନ୍ଦର (୧୯୮୩) ଓ ଚିଲିରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତା ନାୟାର (୧୯୮୩)ଙ୍କୁ ପଛରେ ପକାଇ ବିଦେଶ ସଚିବ ପଦରେ ନିଯୁକ୍ତି ପାଇବାକୁ ଯାଉଛନ୍ତି। ଆସନ୍ତା ମାସରେ ବିଜୟ ଗୋଖଲେ ଅବସର ନେବା ପରେ ଦୁଇବର୍ଷ ଲାଗି ଶ୍ରୀଙ୍ଗଲା ଏହି ପଦରେ ରହିବେ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | | 7 | | 3 | 6 | | | | 1 | 5 | | | |
| | | | 2 | 9 | E | | B | | | | | | | |
| B | 3 | | | | 6 | 5 | | | 2 | | C | | 9 | |
| | 4 | | | | 5 | 8 | D | | | | | | | B |
| | 5 | | 4 | 1 | | | | | 9 | | | | | 2 |
| | | | | 8 | | 2 | 7 | 3 | | | | | | 5 |
| E | | | D | | | | | | | | 1 | B | | |
| | | 1 | 9 | 2 | 4 | | A | D | | | | 8 | E | |
| | B | 7 | A | | | | 0 | | | C | | | D | |
| | | | | | | C | | | 4 | | | | | |
| | | | | | | | | | 1 | 5 | | A | 4 | |
| 4 | D | | | | | | 3 | 0 | C | 6 | 8 | | | E |
| | C | 5 | | | | | | | | A | | 6 | 2 | |
| A | | | 8 | E | B | | 4 | | | | 9 | | 3 | |
| | | | | | | | | E | B | | 3 | 9 | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | 2 | 6 | 3 | 1 | D | 8 | B | 9 | 7 | 4 | A | C | 0 |
| 0 | B | C | 8 | 7 | 4 | 3 | 5 | 9 | 6 | 2 | A | D | E | 1 |
| 6 | D | 1 | 2 | B | E | C | A | 0 | 5 | 3 | 8 | 7 | 9 | 4 |
| 3 | A | 4 | 5 | D | 9 | E | 7 | 1 | 0 | C | B | 6 | 8 | 2 |
| 9 | 8 | 7 | 0 | C | A | 4 | 2 | 6 | E | D | 1 | B | 5 | 3 |
| 1 | 9 | 0 | D | 2 | 5 | A | 4 | 7 | B | E | 3 | 8 | 6 | C |
| C | 7 | 5 | 3 | 6 | B | 1 | E | 2 | 8 | A | D | 0 | 4 | 9 |
| A | 2 | 3 | 4 | 1 | 7 | 9 | 6 | 8 | C | 5 | 0 | E | D | B |
| 8 | 4 | E | 9 | 0 | C | B | 3 | D | 2 | 6 | 7 | 1 | A | 5 |
| D | 6 | B | A | E | 8 | 0 | C | 5 | 1 | 4 | 9 | 2 | 3 | 7 |
| 4 | 5 | 6 | 1 | A | 2 | 7 | 0 | 3 | D | 9 | E | C | B | 8 |
| E | 3 | 9 | B | 5 | D | 2 | 1 | A | 7 | 8 | C | 4 | 0 | 6 |
| B | 1 | A | C | 8 | 6 | 5 | D | 4 | 3 | 0 | 2 | 9 | 7 | E |
| 7 | 0 | D | E | 9 | 3 | 8 | B | C | 4 | 1 | 6 | 5 | 2 | A |
| 2 | C | 8 | 7 | 4 | 0 | 6 | 9 | E | A | B | 5 | 3 | 1 | D |

ଗତକାଲିର ଉତ୍ତର

# ପ୍ରତିବାଦ

ପ୍ର. ପ୍ରଫୁଲ୍ଲ କୁମାର ମହାନ୍ତି

ପ୍ରତିବାଦ ଏକ ପ୍ରତିକୂଳ ଉକ୍ତି। ପ୍ରତିବାଦ ଗୋଟିଏ ମତବାଦ ବି। ନିୟମ, ଆଇନ, ବ୍ୟବସ୍ଥା, ଆଦର୍ଶ ବିରୋଧରେ ଏକ ଭିନ୍ନମତର ପ୍ରକାଶ। ବିଦ୍ରୋହ, ବିପ୍ଳବ, ଆନ୍ଦୋଳନ ପ୍ରଭୃତି ଏହି ପ୍ରତିବାଦର ଅଲଗା ଲାକ୍ଷଣିକ କାର୍ଯ୍ୟସୂଚୀ। ଏହା ଏକ ବିରୋଧ ମତର ଆଭାସ ଦିଏ। କିନ୍ତୁ ଏହି ପ୍ରତିବାଦ ଓ ଯାହା ବିରୋଧରେ ପ୍ରତିବାଦ କରାଯାଏ, ଉଭୟ ଏକ ସ୍ଥିତି ଅସୁରକ୍ଷା ଭାବରୁ ଉତ୍ପନ୍ନ। ଉଦାହରଣସ୍ୱରୂପ ଭୟ ବିରୋଧରେ ଯଦି କୌଣସି ପ୍ରତିରକ୍ଷା ବ୍ୟବସ୍ଥା କରାଯାଏ, ସେହି ବ୍ୟବସ୍ଥା ବିରୋଧରେ ମଧ୍ୟ ପ୍ରତିବାଦ ହୁଏ। ଯଦି ବାଘକୁ ଦୂରରେ ରଖିବା ପାଇଁ ରାତିରେ ନିଆଁ ଜଳାଯାଏ, ଅନ୍ୟମାନେ କହିବେ ନିଆଁ ଜାଳିବା ଦ୍ୱାରା ଗାଁ କିମ୍ବା ଅନ୍ୟ ଗଛପତ୍ର ପୋଡ଼ିଯିବାର ଭୟ ଅଛି। ଯଦି ଦଳେ ଯୁବକ ବାଘକୁ ମାରିବା ପାଇଁ ସଂଘବଦ୍ଧ ହୁଅନ୍ତି, ଆଉ ଦଳେ କହିପାରନ୍ତି ବାଘର ମଧ୍ୟ ବଞ୍ଚିବାର ଅଧିକାର ଅଛି। ପ୍ରାଣୀ ହତ୍ୟା କରାଯାଇପାରିବ ନାହିଁ। ଅର୍ଥାତ୍ ଭୟ ବିରୋଧୀ ଯେଉଁ ଯୁକ୍ତି ଗ୍ରହଣ କରାଯାଏ ତା' ବିରୋଧରେ ଅନ୍ୟ ଏକ ଯୁକ୍ତିରୁ ପ୍ରତିବାଦ ହୁଏ। ଅର୍ଥାତ୍ ପ୍ରତ୍ୟେକ କାର୍ଯ୍ୟର ବିରୋଧ ହୋଇପାରେ କାରଣ ମଣିଷ ଏ ବିଶ୍ୱରେ ଏକ ଅରକ୍ଷ ପ୍ରାଣୀ। ଆମର ଶାସନ, ପ୍ରଶାସନ ପ୍ରଜାରଞ୍ଜନ, ଲୋକହିତକର କାର୍ଯ୍ୟ ସେହି ଅରକ୍ଷ ଭାବରୁ ମଣିଷକୁ ମୁକ୍ତି ଦେବା ପାଇଁ ଉପାୟ କେବଳ। ଯେହେତୁ କୌଣସି ଉପାୟ ସର୍ବଜନାଦୃତ ନୁହେଁ, ତା'ର ବିରୋଧ ମତ ନିଶ୍ଚୟ ପ୍ରକାଶ ପାଇବ।

ମଣିଷ ଆଦିକାଳରୁ ବିଭିନ୍ନ ଭୟର ପ୍ରତିକାର କରିଆସିଛି। ରାତିର ଅନ୍ଧାର ବିରୋଧରେ ଆଲୋକ ସୃଷ୍ଟି, ବାତ୍ୟା, ବନ୍ୟା ବିରୋଧରେ ପ୍ରାସାଦ ନିର୍ମାଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଲୋକ ନିଯୁକ୍ତି ପ୍ରଭୃତି ସୁରକ୍ଷା ଲାଗି ଉଦ୍ଦିଷ୍ଟ। ଏହାର ମୂଳକାରଣ ହେଲା ମଣିଷ ସବୁ ଭୟକୁ ସ୍ୱୀକାର କରିନାହିଁ। ମୃତ୍ୟୁ ବିରୋଧରେ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକ ସଂଗ୍ରାମ ଚାଲିଛି ଏବଂ ଚାଲିବ ମଧ୍ୟ। ସୃଷ୍ଟିର ପ୍ରଥମ ପର୍ଯ୍ୟାୟରେ ପ୍ରତିବାଦ ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ସହିତ ସମର୍ପଣ ବେଶି ଥିଲା। ଆଦି ପର୍ବରେ ଯେଉଁ ଜ୍ଞାନସନ୍ଧାନ ମଣିଷ କରିଥିଲା, ସେଥିରେ ଏକ ଅଦୃଶ୍ୟ ଶକ୍ତି ବିଶ୍ୱକୁ ନିୟନ୍ତ୍ରଣ କରୁଛି ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସେହି ଶକ୍ତି ଯେହେତୁ ମାନବୋତ୍ତର ଏବଂ ମନୁଷ୍ୟର ନିୟନ୍ତ୍ରଣ ବାହାରେ, ତା'ର ଆଧ୍ୟାତ୍ମିକ ଆରାଧନା ଓ ସମର୍ପଣ ଭାବ ବ୍ୟତୀତ ଅନ୍ୟ କୌଣସି ସାଧନ ମଣିଷ ପାଇ ନ ଥିଲା। ଗୋଟିଏ ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ମଣିଷର ଭୟ ବିରୋଧରେ ଏକ ପ୍ରତିବାଦ।

ଆଦି ପର୍ବ ପରେ ମଣିଷ ଜ୍ଞାନର ଯେଉଁ ଯୁକ୍ତିବଳରେ ଭୟମୁକ୍ତ ହେବାକୁ ଚେଷ୍ଟା କଲା, ସେଥିରେ ପ୍ରଥମ ଉପାଦାନ ହେଲା କାରଣ ସନ୍ଧାନ ପାଇଁ ଯୁକ୍ତି, ଯାହାକୁ ଇଂଲିଶରେ Reason କୁହାଯାଏ। ଚିନ୍ତା ଓ ବିବେକ ବିଚାର ସହ ଭୟର ମୂଳ କାରଣ ସନ୍ଧାନ ପାଇଁ ଯୁକ୍ତି ନିର୍ମାଣ କରିବା ଶକ୍ତି ମଣିଷ ଜ୍ଞାନାଲୋକର ପ୍ରାରମ୍ଭିକ ପର୍ଯ୍ୟାୟରେ ଲାଭ କଲା। ବୋଧହୁଏ ବୁଦ୍ଧଦେବ ପ୍ରଥମ ଯୁକ୍ତିଦ୍ରଷ୍ଟା ଭାବେ କହିଲେ ଯେ, ଭୟ ଓ ଯନ୍ତ୍ରଣାର କାରଣ ହେଲା କାମନା। ଯଦି କାମନା ସଂଯତ ହୁଏ, ଯନ୍ତ୍ରଣା କମିଯିବ। ଏହା ଥିଲା ମଣିଷର ଯୌକ୍ତିକ ପ୍ରତିବାଦ ଜୀବନ ସର୍ତ୍ତ ବିରୋଧରେ। ଦ୍ୱିତୀୟରେ ମଣିଷ ଆଲୋକ ପାଇଲା ବିଜ୍ଞାନର। ଯୁକ୍ତି ମାଧ୍ୟମରେ ଭ୍ରାନ୍ତି, ପ୍ରହେଳିକା, ମାୟା, ଅନ୍ଧବିଶ୍ୱାସ ଓ ରହସ୍ୟ ପ୍ରଭୃତିରୁ ସାମାନ୍ୟ ମୁକ୍ତି ପାଇ ମଣିଷ ଯେତେବେଳେ ନିଶ୍ଚିତ ହେଲା ଯେ କୌଣସି ଭଗବାନ ବା ସର୍ବଶକ୍ତିମାନ ଐଶ୍ୱରିକ ଶକ୍ତି ଜୀବନ ନିୟନ୍ତ୍ରଣ କରେ ନାହିଁ, ସେତେବେଳେ ମଣିଷ ଚେଷ୍ଟା କଲା ଯାହା ଘଟେ ତାହା କିପରି ଓ କାହିଁକି ଘଟେ। ମଣିଷ ମାଟିରୁ ଆକାଶ ଯାଏ ସବୁ ପାର୍ଥିବ ଅପାର୍ଥିବ ଘଟଣାର କାରଣ ଅନୁସନ୍ଧାନ କଲା। ଏହି ଅନୁସନ୍ଧାନ ହିଁ ବିଜ୍ଞାନ। ବିଜ୍ଞାନ ମାୟା, ମିଥ୍ ଓ ଅପ୍ରମାଣିତ ପରିକଳ୍ପନାର ବିଶ୍ୱ ବିରୋଧରେ ଏକ ପ୍ରତିବାଦ। ଏହି ଜ୍ଞାନ ପ୍ରତିବାଦର ଯୁକ୍ତି ମଣିଷକୁ ବିଶ୍ୱମଣ୍ଡଳର ବ୍ୟାପ୍ତି, ପ୍ରକୃତି ଓ ରହସ୍ୟ ବୁଝାଇଦିଏ। ପ୍ରତିବାଦ ଏକ ବିକଳ୍ପ ବ୍ୟବସ୍ଥାର ଯୁକ୍ତି ଉପସ୍ଥାପନା କରେ। ରାଜନୀତିରେ ଗୋଟିଏ ଆଇନ ପ୍ରଣୟନ ହେବା ପରେ ଯେଉଁ ପ୍ରତିବାଦ ହୁଏ, ତାହା ମଧ୍ୟ ବୈଧ ଯୁକ୍ତି, ଯଦି ସେହି ଯୁକ୍ତି ଏକ ବିକଳ୍ପ ଓ ବେଶି ସୁରକ୍ଷିତ ସମାଜ ପରିକଳ୍ପନାକୁ ନେଇ ଗଢ଼ାଯାଏ। କିନ୍ତୁ ପ୍ରତିବାଦ ଯଦି ଯୁକ୍ତିହୀନ, ତେବେ ତାହା କେବଳ ବିଶୃଙ୍ଖଳା ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ଭାରତ ପରି ବିଶାଳ ବହୁଧର୍ମୀ ଓ ବହୁଭାଷୀ ଗଣତନ୍ତ୍ରରେ ଧର୍ମ ଓ ଭାଷା ମଧ୍ୟ ଆଇନ ବିରୋଧରେ ପ୍ରତିବାଦ କରନ୍ତି। ସାମରିକ ବାହିନୀର ଆବଶ୍ୟକତାକୁ ନେଇ ବାଦପ୍ରତିବାଦ ସୃଷ୍ଟି ହୁଏ, ଅମଲାତନ୍ତ୍ର ଦ୍ୱାରା କିନ୍ତୁ ଏହା ପଦ୍ଧତିଗତ। ଭାରତରେ ଏବେ ଯେଉଁ ପ୍ରତିବାଦ ଚାଲିଛି, ନାଗରିକତ୍ୱ ଆଇନ ଓ ଜାତୀୟ ଜନସଂଖ୍ୟା ପଞ୍ଜିକା ଏବଂ ଜାତୀୟ ନାଗରିକ ପଞ୍ଜିକାକୁ ନେଇ, ତାକୁ କ'ଣ କୁହାଯିବ? ରାଜନୀତିକ ଆଦର୍ଶକୁ ନେଇ ପ୍ରତିବାଦ ଯଦି ହୁଏ, ତେବେ ପାର୍ଲାମେଣ୍ଟରେ ଏହା କିପରି ପାରିତ ହେଲା। ଅନେକ ପ୍ରତିବାଦର ପରିଭାଷା ମିଥ୍ୟା ପ୍ରଚାର ଓ ଶାସକ ଗୋଷ୍ଠୀ ପ୍ରତି ଅସୂୟା ଭାବକୁ ନେଇ ମଧ୍ୟ କରାଯାଏ। ଏପରି ପ୍ରତିବାଦ ହିଂସା ସୃଷ୍ଟି କରେ ଓ ଏହା ଦେଶର ଅସ୍ମିତା ପ୍ରତି ଅନୁକୂଳ ନୁହେଁ।

ପ୍ରତିବାଦ ନୈତିକ ହୋଇପାରେ, ଲିଙ୍ଗଭେଦର ପ୍ରତିକ୍ରିୟା ହୋଇପାରେ, ବୌଦ୍ଧିକ ହୋଇପାରେ ତଥା ଆଧ୍ୟାତ୍ମିକ ମଧ୍ୟ ହୋଇପାରେ। ରାଜନୀତିରେ ପ୍ରତିବାଦ ସ୍ୱାଭାବିକ, କାରଣ ସେଠି କ୍ଷମତା ଲାଭ ପାଇଁ ଅନେକ ଉଦ୍ଭଟ ଯୁକ୍ତି ଗଢ଼ାଯାଏ। ଦେଶର ସାମୂହିକ ସ୍ୱାର୍ଥ ଅପେକ୍ଷା ଗୋଷ୍ଠୀସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଏ। କର୍ପୋରେଟ ପ୍ରତିଯୋଗିତାରେ ମଧ୍ୟ ପ୍ରତିବାଦ ସୃଷ୍ଟି ହୁଏ। ଯଥା ଭାରତ ପାଇଁ ରାଫାଲ ଯୁଦ୍ଧ ବିମାନ ଆବଶ୍ୟକ ନା ୟୁରୋଫାଇଟର! କିନ୍ତୁ ଧର୍ମକୁ ନେଇ ଯେଉଁ ପ୍ରତିବାଦ ହୁଏ, ତାହା ମାନବ ସମାଜ ପ୍ରତି ଏକ ଆହ୍ୱାନ ହୋଇପଡେ। ସ୍ଥିତି ସଙ୍କଟ ହୁଏ। ଇସ୍‌ଲାମିକ ଷ୍ଟେଟ ଓ ସଭ୍ୟ ଗଣତନ୍ତ୍ର ମଧ୍ୟରେ, ଇସ୍‌ଲାମ ଓ ଅଣ ଇସ୍‌ଲାମ ମଧ୍ୟରେ ସଂଘର୍ଷ ଏହି ଆବେଗିକ ପ୍ରତିବାଦ, ଯାହା ସ୍ଥିତି ସଙ୍କଟ ମଧ୍ୟ ସୃଷ୍ଟି କରେ। ଭାରତରେ ଅଯୋଧ୍ୟା ରାମ ମନ୍ଦିର ବିବାଦ ସୁପ୍ରିମ୍‌କୋର୍ଟର ରାୟ ପରେ ମଧ୍ୟ ଥମି ନାହିଁ। ସାବରୀମାଲାରେ ମଧ୍ୟ ଦୁଇଟି ନାରୀ ସପକ୍ଷ ଆସ୍ଥାକୁ ନେଇ ବିବାଦ ଚାଲିଛି। ବିଭୁପ୍ରେମ ଓ ସମର୍ପଣ ବିପକ୍ଷରେ ମାନବବାଦ ଓ କ୍ଷମତା ଲୋଭର ସଂଘାତ ଲାଗିରହିଛି ଓ ରହିବ, ଯେ ପର୍ଯ୍ୟନ୍ତ ମଣିଷ ଜାତି ଗୋଟିଏ ବିଶ୍ୱାସର ଛତା ତଳେ ଆଶ୍ରୟ ନ ନେଇଛି। ଛୋଟ ଛୋଟ କ୍ଷମତାଗୋଷ୍ଠୀ ପରସ୍ପରର ଆଦର୍ଶ ଓ କାର୍ଯ୍ୟାବଳୀ ବିରୋଧରେ ପ୍ରତିବାଦ କରୁଛନ୍ତି ଏବଂ କରିବେ ମଧ୍ୟ, ଯେହେତୁ ଆଦର୍ଶ, ବିଶ୍ୱାସ, ନୈତିକତା, ବୌଦ୍ଧିକତା ଏବଂ ଆଇନ ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ର। ଏହି ପରିପ୍ରେକ୍ଷୀରେ ଯେଉଁ ମାନବିକ ପ୍ରଜ୍ଞାର ଆବଶ୍ୟକତା ରହିଛି ତା'ର ଅଭାବ ପୂରଣ ହୋଇପାରିବ ନାହିଁ। ମଣିଷକୁ ସତ୍‌ମାର୍ଗରେ ପରିଚାଳିତ କରି ସୁଖସମୃଦ୍ଧି ଦେବା ପାଇଁ ଯେହେତୁ ବିଭିନ୍ନ ଯୁକ୍ତି ରହିଛି, ମଣିଷ କୌଣସି ବିବେକସିଦ୍ଧ ଯୁକ୍ତି ସବୁ ସମୟ ପାଇଁ ଗ୍ରହଣ କରିପାରିବ ନାହିଁ। ୧୯୧୭ ବଲ୍‌ଶେଭିକ ବିଦ୍ରୋହ ପରେ ଅନେକ ବୁଦ୍ଧିଜୀବୀ ଏକ ବିକଳ୍ପ ଆଦର୍ଶ ଦେଖିଥିଲେ। ସୋଭିଏଟ୍ ରୁଷରେ ତା'ର ପରୀକ୍ଷା ହେଲା ଏବଂ ସଫଳତା ମଧ୍ୟ ମିଳିଲା। କିନ୍ତୁ ୧୯୭୬ ବେଳକୁ ସେହି ଆଦର୍ଶ ବିରୋଧରେ ପ୍ରତିବାଦ ଆରମ୍ଭ ହେଲା। ବାମପନ୍ଥୀ ଚେତନା ଅନାଦୃତ ହେଲା ଏବଂ ରୁଷିଆ ଖଣ୍ଡ ଖଣ୍ଡ ହେଲା। ଚାଇନାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ତିଆନେନ୍‌ମେନ ସ୍କୋୟାର ଓ ଏବେ ହଂକଂରେ ଯେଉଁ ପ୍ରତିବାଦ ଚାଲିଛି ସେ ମଧ୍ୟ ଭିନ୍ନରୂପ ଧାରଣ କରିବ। ତେଣୁ କୌଣସି ପ୍ରତିବାଦ ସ୍ଥାୟୀ ଜୀବନଚେତନା ଆଣିପାରେ ନାହିଁ। ଯେଉଁମାନେ ପ୍ରତିବାଦକୁ ଅମାନବିକ କହନ୍ତି ସେମାନେ ଭୁଲ କରନ୍ତି। କାରଣ ମଣିଷ ଯେ ପର୍ଯ୍ୟନ୍ତ ଗୋଟିଏ ନୈତିକ ଆଦର୍ଶର ମୂଲ୍ୟବୋଧ ନିକଟରେ ଆତ୍ମସମର୍ପଣ କରିନାହିଁ ସେ ପର୍ଯ୍ୟନ୍ତ ପ୍ରତିବାଦ ହେଉଥିବ ବିକଳ୍ପ ସମୃଦ୍ଧିର ଜୀବନ ପାଇଁ।

ତେବେ ଉପାୟ କ'ଣ? ଆତଙ୍କବାଦ ବିରୋଧରେ ଯେତେବେଳେ ପ୍ରତିବାଦ ହୁଏ, ପ୍ରାୟ ସମସ୍ତେ ତା'ର ସମର୍ଥନ କରନ୍ତି। କାରଣ ଆତଙ୍କବାଦ ସଭ୍ୟତାର ପରିପନ୍ଥୀ। ମାନବବାଦର ଶତ୍ରୁ। ପରିବର୍ତ୍ତନ ହିଁ ବିଶ୍ୱ ଧର୍ମ ଓ ମାନବ ଧର୍ମ। ତେଣୁ ପ୍ରତିବାଦ ଇତିହାସର ଏକ (ଦୁଃଖଦାୟୀ) ଅବଶ୍ୟମ୍ଭାବିତା।

ଚିତ୍ରକାବ୍ୟ, ଶିଶୁବିହାର, ଭୁବନେଶ୍ୱର

# ସଭାରଙ୍କା ସାହିତ୍ୟିକ

## ମନ-ମାନଚିତ୍ର

ଡ. ନରହରି ବେହେରା

ବର୍ଷକ ତଳୁ ଆମ ଘର ପାଖରେ କବିପ୍ରାଣ ଏବଂ ବାଗ୍ମୀପ୍ରବର ମଣିଷଟିଏ ଓ ତାଙ୍କର ଧର୍ମପତ୍ନୀ ଭଡ଼ାଘରେ ରହୁଛନ୍ତି, ତାଙ୍କ ନାମ ରଙ୍କ ଓ ଗେହ୍ଲୀ। ବୟସ ଦୃଷ୍ଟିରୁ ଆମେ ତାଙ୍କୁ ଶ୍ରଦ୍ଧାରେ ଅଜା ଆଇ ବୋଲି ଡାକିଥାଉ। କିଛିଦିନ ପରେ ଆମେ ଜାଣିଗଲୁ, ରଙ୍କ ଅଜାଙ୍କର ମାଆବାପା ଯେଉଁ ନାମକରଣ କରିଥିଲେ ତାହା ବୃଥା ହୋଇନାହିଁ। ସାହିତ୍ୟ ହେଉ କି ଏକାଦଶାହ କ୍ରିୟାର ସଭା ହେଉ, ସବୁଥିରେ ତାଙ୍କର ରଙ୍କପଣିଆ ଦେଖିଲେ ବିଧାତା ତାଙ୍କ ନାମକୁ ସାର୍ଥକ କରିଛନ୍ତି ବୋଲି ଯେ କେହି କହିପାରିବ। ମାଛରଙ୍କା ହୁଏତ ମାଛଖାଇବା ଛାଡ଼ିଦେଇ ପାରେ କିନ୍ତୁ ରଙ୍କ ଅଜା ସଭାସମିତିକୁ ଛାଡ଼ିପାରିବେ ନାହିଁ। ତାଙ୍କର ଏହି ରଙ୍କପଣିଆକୁ ଦେଖି ଆମ ଭିତରୁ ତାଙ୍କୁ କେହି ସଭାରଙ୍କୁଣା ତ ଆଉ କେହି ସଭାରଙ୍କା ଅଜା ବୋଲି ଡାକିଥାନ୍ତି।

ରଙ୍କ ଅଜାଙ୍କର ମୂଳ ଠିକଣା ଆମକୁ ଜଣାନାହିଁ। ଚାକିରିରୁ ଅବସର ନେବାପରେ ଏଇଠି ରହୁଛନ୍ତି। ଗାଁରୁ ଚାଉଳ, କଦଳୀ, ମାଛ ଇତ୍ୟାଦି ଆସେ। ନିଜ ପେନ୍‌ସନ ଟଙ୍କାରେ ସେ ଚଳିଥାନ୍ତି। ରଙ୍କ ଅଜା ସଭାସମିତି ପାଇଁ ପାଣିପରି ଟଙ୍କାପଇସା ଖର୍ଚ୍ଚ କରୁଥିବାରୁ ଘରେ ସବୁବେଳେ ଅଭାବ ଦେଖାଦିଏ। ଗେହ୍ଲୀ ଆଇ ନିଜର ଯେତେ କରୁଣ ଭାବ ଦେଖାଇ ପ୍ରତିରୋଧ କଲେ ମଧ୍ୟ ଅଜାଙ୍କର କିଛି ପରିବର୍ତ୍ତନ ହୁଏନାହିଁ। ସାହିତ୍ୟିକ ହେବା, ସଭାସମିତିରେ ଭାଷଣ ଦେବା ନିଶାରେ ରଙ୍କ ଅଜା ଦିନରାତି ଚାରିଆଡ଼େ ଘୂରି ବୁଲନ୍ତି। କେଉଁ ସଭାରେ ଚେୟାର ପଡ଼ିବ, କେଉଁଠି ମାଇକ୍ ବନ୍ଧା ହେବ, କେମିତି ନିମନ୍ତ୍ରଣପତ୍ର ବଣ୍ଟାହେବ ଇତ୍ୟାଦି କାମ କରିବା ପାଇଁ ସେ ଆଗୁଆ ପହଞ୍ଚିଯାଆନ୍ତି। କେବଳ ସେତିକି ନୁହେଁ, ଆବଶ୍ୟକ ପଡ଼ିଲେ ସଭାସମିତି ପାଇଁ ମିଠା ପୁଡ଼ିଆ ଓ ଫୁଲ କିଣିବା ପାଇଁ ଅକୁଣ୍ଠରେ ପଇସା ଖର୍ଚ୍ଚ କରିଥାନ୍ତି। ଏସବୁ ମୂଳରେ ସଭାରେ ଚୌକିଟିଏ ପାଇବା କିମ୍ବା କେଉଁଠି ମାନପତ୍ର ବା ଉତ୍ତରୀୟଟେ ହାତେଇବା ତାଙ୍କର ଅସଲ ଲକ୍ଷ୍ୟ।

ଏବକୁ ନିନ୍ଦୁକମାନେ କହୁଛନ୍ତି, ସଭାସମିତିରେ ଶ୍ରୋତା ଏବଂ ଓଡ଼ିଆ ସାହିତ୍ୟରେ ପାଠକ ପାଇବା ଦୁର୍ଲଭ ହୋଇଗଲାଣି। ମିଠା ପୁଡ଼ିଆ ଦିଅ, ଘର ଘର ବୁଲି ଅନୁରୋଧ କର ତଥାପି ଶ୍ରୋତା ମିଳୁନାହାନ୍ତି। ପକେଟରୁ ଟଙ୍କା ଖର୍ଚ୍ଚକରି ବହି ଛପାଇ ମାଗଣାରେ ବାଣ୍ଟିଲେ ବି ନବେ ପ୍ରତିଶତ ପାଠକ ଗୋଟିଏ ପୃଷ୍ଠା ବି ପଢ଼ନ୍ତି ନାହିଁ। ଏହାର କାରଣ ଦର୍ଶାଇ ନିନ୍ଦୁକମାନେ କହନ୍ତି- ଦୁନିଆରେ ଏବେ ସଭା ପାଇଁ ଶସ୍ତା ବକ୍ତା ଏବଂ ରାତି ଅଧିଆ ସାହିତ୍ୟିକ ବୋଲାଉଥିବା ଲୋକଙ୍କର ଅଭାବ ନାହିଁ। ତେଣୁ ଅଧିକାଂଶ ସଭାକୁ ଶ୍ରୋତା ଏବଂ ସାହିତ୍ୟକୁ ପାଠକମାନେ ମୁହଁ ମୋଡୁଛନ୍ତି। ରଙ୍କ ଅଜା ତା'ର ଗୋଟିଏ ଉଦାହରଣ। ସେ ସଭାରେ ଥରେ ଠିଆହେଲେ ଅଜାଙ୍କର କାଳପାତ୍ରର ଜ୍ଞାନ ରହେନାହିଁ। ଆଜିକାଲି ତ ଶର୍ଟକଟ୍ ଯୁଗ। ଉପନ୍ୟାସ ଯାଇ ଅଣୁଗପରେ ଆମେ ପହଞ୍ଚିଲୁଣି। ତହିଁକି ଅଜାଙ୍କର ବାରମ୍ବାର ଲମ୍ବା ଭାଷଣ ଶୁଣିବାକୁ କିଏ ବା ଚାହିଁବ? ତେଣୁ ସେ କହିବା ଆରମ୍ଭ କରିବା ମାତ୍ରେ କିଛି ଲୋକ ଚା ପିଇବା, ପରିସ୍ରା କରିବା ପ୍ରଭୃତି ବାହାନାରେ ଚାଲିଯାଆନ୍ତି। ଆଉ କିଛି ଭଦ୍ରତା ଖାତିରରେ ନ ଯାଇ ସେଠାରେ ଆଖିବୁଜି କିମ୍ବା ଡବଡବ ଆଖିରେ ଚାହିଁରହି ଗୁଣୁଗୁଣୁ ହୋଇ କହନ୍ତି- 'ଆସିଗଲା କଳଗାଉଣା!' ଝାଳ ନ ବୋହିବାଯାଏ ମାଇକ୍ରୋଫୋନ୍ ଛାଡ଼ିବ ନାହିଁ। ଭଗବାନ ଏ ସଭାରଙ୍କୁଣାଗୁଡ଼ାକୁ କାହିଁକି ଜନମ ଦେଇଛନ୍ତି କେଜାଣି, ଏଗୁଡ଼ାକ ମାଇପ ଛାଡ଼ଦେବେ ସିନା ମାଇକ୍ ଛାଡ଼ିବେ ନାହିଁ। ଏତେ ଟୁପୁରୁ ଟାପୁରୁ ବେଳେ ବେଳେ ରଙ୍କ ଅଜାଙ୍କ କାନରେ ପଡ଼େ। ମାତ୍ର ସେସବୁ ନିନ୍ଦା-ଅପବାଦକୁ ହସରେ ଉଡ଼ାଇଦିଅନ୍ତି।

ସେଦିନ ହଠାତ୍ ଗେହ୍ଲୀ ଆଇଙ୍କର ବିକଳ କାନ୍ଦଣା ଶୁଣି ତାଙ୍କ ଘରକୁ ଦୌଡ଼ିଲୁ। ଆଇ କାନ୍ଦି କାନ୍ଦି ଗଡ଼ି ଯାଉଥିଲେ। ସେ ସଫା କରିବା ପାଇଁ ରଖିଥିବା କାନଫୁଲ ହଳକରୁ ଗୋଟିଏ କିଏ ନେଇ ଯାଇଛି। ସେ କାନ୍ଦୁଥିବାବେଳେ ହଠାତ୍ ପାଟିକରି ଉଠିଲେ- ସେଇ ସଭାରଙ୍କୁଣା ମୋ କାନଫୁଲ ନିଶ୍ଚେ ନେଇଯାଇଛି। ଆଜି ଛାଡ଼ିବିନି...। ସେ ପାଗଳୀ ପରି ଦୌଡ଼ିଲେ। ଆମେ ବି ତାଙ୍କ ପଛରେ ଦୌଡ଼ିଲୁ। ଦୈବବାଣୀ ପାଇଲା ପରି ଆଇ ଗୋଟିଏ ସାହିତ୍ୟ ସଭା ଆଡ଼କୁ ଧସେଇ ପଶିଲେ। ମାତ୍ର ସେଠାରେ ରଙ୍କ ଅଜା ନ ଥିଲେ। ଆୟୋଜକମାନେ ମାଇକ୍‌ରେ ଡାକୁଥାନ୍ତି- ଆଜିର ସମ୍ବର୍ଦ୍ଧିତ ପ୍ରତିଭା ରଙ୍କବାବୁ କୋଉଠି ଅଛନ୍ତି ଶୀଘ୍ର ସଭାମଞ୍ଚକୁ ଆସନ୍ତୁ। ସଭା ଆରମ୍ଭ ହେବ। ଗେହ୍ଲୀ ଆଇ ଠପ୍ କରି ଠିଆ ହୋଇଗଲେ। ତାଙ୍କ ସଭାରଙ୍କୁଣା ପତି ପରମେଶ୍ୱର ଏଇଠିକି ଆସିବେ ବୋଲି କହି ଆସିଥିଲେ, କୁଆଡ଼େ ଗଲେ? ସେ ସବୁ ରାଗ ଭୁଲି ସୁଁ ସୁଁ ହୋଇ କାନ୍ଦିବାକୁ ଲାଗିଲେ। ଲୋକଙ୍କ ଭିତରୁ କେହି ଜଣେ ବଡ଼ପାଟିରେ ବ୍ୟଙ୍ଗକରି କହିଲା- ସମ୍ବର୍ଦ୍ଧିତ ପ୍ରତିଭା ଏବେ ମେଡିକାଲରେ ପୁରସ୍କାର ଗ୍ରହଣ କରୁଛନ୍ତି, ଏଠିକି ଆସିବେ କେମିତି? ଏତିକି ଶୁଣି ଆଇଙ୍କ ସହିତ ମେଡିକାଲ ଦୌଡ଼ିଲୁ।

ହାତମୁହଁରେ ପଟି ବାନ୍ଧି ପଡ଼ିଥିଲେ ରଙ୍କ ଅଜା। ଗେହ୍ଲୀ ଆଇ କାନ୍ଦି କାନ୍ଦି ଗଡ଼ିଗଲେ। ସେ କାନ୍ଦ କାନ୍ଦ ହୋଇ ଯାହା କହିଲେ ସେଥିରେ ଆମେ ବି ହତବାକ୍ ହେଇଗଲୁ। ଘଟଣାଟା ଥିଲା- ଆଜି ସଭାର ଆୟୋଜକମାନେ ତାଙ୍କୁ ସାହିତ୍ୟ ଗୌରବ ଉପାଧି ଦେବା ପାଇଁ ସ୍ଥିର କରିଥିଲେ। ରଙ୍କ ଅଜାଙ୍କ ପରି ଆଉ ଜଣେ ସାହିତ୍ୟରଙ୍କା ଏ ପୁରସ୍କାର ନେବାକୁ ଚେଷ୍ଟା କରୁଥିଲେ। ସେ ଜଣେ ନେତାଙ୍କ ପୁଅ, ମାତ୍ର ରଙ୍କ ଅଜା କି ଛାଡ଼ିବା ଲୋକ! ଗେହ୍ଲୀ ଆଇଙ୍କର କାନଫୁଲ ବିକି ସେ ଏ ପୁରସ୍କାର ନେବା ପାଇଁ ଆୟୋଜକମାନଙ୍କୁ ହାତ କରିଥିଲେ। 'ପୈସା କ୍ୟା ନ କରେ କାମ୍' ନ୍ୟାୟରେ ସେ ହୋଇଗଲେ ସମ୍ବର୍ଦ୍ଧିତ ପ୍ରତିଭା। ରଙ୍କ ଅଜା ଆଜି ସଭାକୁ ଆସିବାବେଳେ ନେତାଙ୍କ ପୁଅ ଏଇ ଅବସ୍ଥା କରିଦେଇଛି। ଏମାନେ ସାହିତ୍ୟିକ, ଅନ୍ୟମାନଙ୍କୁ ପୁଣି ବାଟ ବତାନ୍ତି? ସେ ସାହିତ୍ୟିକମାନଙ୍କୁ କେହି ଜୁହାର ହୁଅନ୍ତୁ କି ନାଇଁ ଆମ୍ଭେ ତାଙ୍କର ଚାରିଖୁରାକୁ ଦଣ୍ଡବତ କରୁଛୁ।

ବାସୁଦେବବାସ୍ୟମ୍, ଜଗନ୍ନାଥ ବିହାର, ବାଇପାସ, ଭଦ୍ରକ, ମୋ- ୭୯୭୮୯୦୩୫୦୯

## ଏଇ ଭାରତରେ

ବୟସ ୧୭, କିନ୍ତୁ ବିଚାର ଅତି ଉଚ୍ଚ। ଏମିତି ଜଣେ ଝିଅ ହେଉଛନ୍ତି ହରିୟାଣାର ଦୌଲତପୁର ଗାଁ ନିବାସୀ ଅଞ୍ଜୁ ବର୍ମା। ସେ ତାଙ୍କ ପିତା ଓ ସ୍କୁଲ ଶିକ୍ଷକଙ୍କ ସହଯୋଗରେ ଖୋଲିଛନ୍ତି 'ବୁଲନ୍ଦ ଉଡ଼ାନ'। ଏହା ମାଧ୍ୟମରେ ସ୍କୁଲରେ ଛାତ୍ରସଂଖ୍ୟା ୭୦୦କୁ ବୃଦ୍ଧି କରିପାରିଛନ୍ତି। ଏବେ ସୁଦ୍ଧା ସେ ୫୦ଟି ବାଲ୍ୟ ବିବାହ ବନ୍ଦ କରିବାରେ ସକ୍ଷମ ହୋଇଛନ୍ତି। ୧୫ଟି ଯୌନ ନିର୍ଯ୍ୟାତନା ଘଟଣାରେ ପୀଡିତାଙ୍କୁ ଆଇନଗତ ସହଯୋଗ ଯୋଗାଇ ଦେଇଛନ୍ତି। ଶିଶୁ ଶ୍ରମିକ ବିରୋଧରେ ସ୍ୱର ଉଠାଉଛନ୍ତି। ୧୦ ବର୍ଷ ବେଳେ ସେ ତାଙ୍କ ପିତାଙ୍କ ସମ୍ପର୍କୀୟଙ୍କ ଘରେ ରହି ଘରକାମ କରିବା ସହ ପଢୁଥିଲେ। ସେଠାରେ ତାଙ୍କୁ ମାତାପିତାଙ୍କ ସହ କଥାହେବାର ସୁଯୋଗ ଦିଆଯାଉ ନ ଥିଲା। ପରେ ସେ ଘରକୁ ଫେରି ଆସି ଘରକାମ କରି ପଢିବାକୁ ସମୟ ପାଇ ନ ଥିଲେ। ତେବେ ସେ ପଢିବାବେଳୁ ପିଲାମାନଙ୍କ ପାଇଁ କିଛି କରିବାକୁ ସ୍ୱପ୍ନ ଦେଖିଥିଲେ ଯାହା ଆଜି ସାକାର ହୋଇଛି। ଅଞ୍ଜୁ ପ୍ରଥମେ ଗାଁର ଝିଅମାନଙ୍କୁ ତାଙ୍କ ସହ ସାମିଲ କରିବା ଲାଗି ଘର ଘର ବୁଲିଥିଲେ କିନ୍ତୁ କେହି ତାଙ୍କୁ ସହଯୋଗ କରି ନ ଥିଲେ। ପରେ ତାଙ୍କ ଶିକ୍ଷକଙ୍କ ସହଯୋଗ ପାଇବା ପରେ ପଞ୍ଚାୟତ ମଧ୍ୟ ତାଙ୍କୁ ଏଥିରେ ସାହାଯ୍ୟ କରିଥିଲା। ୨୦୧୭ରେ ସେ 'ବୁଲନ୍ଦ ଉଡ଼ାନ' ପ୍ରତିଷ୍ଠା କରିଥିଲେ।

## ଚିରନ୍ତନୀ

ହେ ପ୍ରକୃତି ହେ ରମଣୀ ପ୍ରିୟା ପ୍ରିୟତମା
ଜଗତର ଧାତ୍ରି ଶକ୍ତି ଧରିତ୍ରୀ ଜନନୀ!
ଧରିଅଛୁ ଯେଣୁ ମୋତେ ହେ ବିଶ୍ୱ-ସୁଷମା!
ତେଣୁ ମୋର ସ୍ଥିତି ମୃତ୍ତିକାରେ। ଏ ଅବନୀ
ତଳେ ଚାଲିବାକୁ ତିଳେ ନାହିଁ ଯେ ଶକତି-
ପଙ୍ଗୁ ମୁହିଁ ତୋ ବିହୁନେ। ସ୍କନ୍ଧେ ତୋର ରେଣୁ
ନେଇଛି ଆସନ ପାତି, ତୁ ମୋର ମୁକତି।
(ପୁରୁଷ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୫

- ବାଂଲାଦେଶରେ ପ୍ରବଳ ଥଣ୍ଡା ଯୋଗୁ ୨୦୦ ମୃତ।
- ଭୂମଧ୍ୟସାଗର ଅଞ୍ଚଳରେ ସ୍ଥିରତା ବଜାୟ ରଖିବା ଗ୍ୟାରେଣ୍ଟି ଦେବା ପାଇଁ ଫ୍ରାନ୍ସ ଓ ସ୍ପେନ ୟୁରୋପୀୟ ୟୁନିୟନର ଦେଶଗୁଡ଼ିକୁ ଆହ୍ୱାନ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଏଡ୍‌ସ କବଳରେ କେନ୍ଦ୍ରାପଡ଼ା

ମହାଶୟ,

୨୦୧୫ରୁ ୨୦୧୮ ମଧ୍ୟରେ ରାଜ୍ୟରେ ଏଚ୍ଆଇଭି ପୀଡ଼ିତଙ୍କ ସଂଖ୍ୟା କମିଛି। କିନ୍ତୁ କେନ୍ଦ୍ରାପଡା ଜିଲାରେ ଏହି ପୀଡ଼ିତଙ୍କ ସଂଖ୍ୟା ବଢ଼ିଛି। ଏହି ରୋଗରେ ୧୭୨ ଜଣଙ୍କ ଜୀବନ ଗଲାଣି। ଜିଲାରେ ୭୫୦ ଜଣ ରୋଗୀ ଅଦ୍ୟାବଧି ଚିହ୍ନଟ ହୋଇଥିବା ବେଳେ ପୁରୁଷଙ୍କ ସଂଖ୍ୟା ୪୫୫, ମହିଳାଙ୍କ ସଂଖ୍ୟା ୨୫୦ ଓ ଶିଶୁଙ୍କ ସଂଖ୍ୟା ୪୫। ତେବେ ଏହି ରୋଗରେ ଆକ୍ରାନ୍ତ କିଶୋର ଓ ଶିଶୁଙ୍କ ସଂଖ୍ୟା ବଢୁଥିବାରୁ ଏହା ଜିଲା ପାଇଁ ଉଦ୍‌ବେଗର କାରଣ। ପଟ୍ଟାମୁଣ୍ଡାଇ ବ୍ଲକରେ ସର୍ବାଧିକ ୧୮୩ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଅନୁଦାନ ଦେବା ସହିତ ଏଚ୍ଆଇଭିମୁକ୍ତ ସମାଜ ଗଠନ ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହି ରୋଗର ନିରାକରଣ ପାଇଁ ଜନସଚେତନତା ଅତି ଜରୁରୀ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଗାନ୍ଧିଜୀ ଓ ମଦମୁକ୍ତ ସମାଜ

ଧରିତ୍ରୀରେ ପ୍ରକାଶିତ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ 'ଗାନ୍ଧିଜୀ ଓ ମଦମୁକ୍ତ ସମାଜର ସ୍ୱପ୍ନ' ଲେଖାଟି ପଢ଼ି ମର୍ମାହତ ହେଲି। ଗାନ୍ଧିଜୀ ସ୍ୱପ୍ନ ଦେଖିଥିଲେ ମଦମୁକ୍ତ ସମାଜ ପାଇଁ। ହେଲେ ଆଜି ମଦ ନ ହେଲେ କିଛି କାମ ହେଉନି। ଡ. ସାହୁ ଯାହା ଉଲ୍ଲେଖ କରିଛନ୍ତି, ବାସ୍ତବିକ ସତକଥା। ଏହି ମଦ ପାଇଁ କେତେ ଯେ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି ତାହାର ହିସାବ କିଏ ରଖୁଛି? ପ୍ରଶାସନ ଲୋକଙ୍କୁ ବିଷ ପିଆଇ ରାଜସ୍ୱ ଆଦାୟ କରୁଛନ୍ତି। ଏହା ଠିକ୍ ନୁହେଁ। ଆମେ ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ କରୁଛେ, ତାଙ୍କ ନାମରେ ବିଭିନ୍ନ କାର୍ଯ୍ୟକ୍ରମ। ଅଧିକ ମଦ ଦୋକାନ ଖୋଲିବା କ'ଣ ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି କି? ଯଦି ଆମ ସରକାର ପ୍ରକୃତରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି, ତେବେ ମଦମୁକ୍ତ ସମାଜ ଗଠନ କରନ୍ତୁ। ମହୁଲରୁ ଅନେକ ପ୍ରକାର ମୂଲ୍ୟବାନ ଖାଦ୍ୟ କରାଯାଇପାରିବ, ତାହାକୁ ବିକ୍ରୟ କରି ରାଜସ୍ୱ ଆଦାୟ କରାଯାଇପାରନ୍ତା।

ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ଅଭିନେତ୍ରୀ ଜାହ୍ନବୀ କପୁର ମୋ ଘରକୁ ସବୁବେଳେ ଆସିଥାନ୍ତି। ତାଙ୍କ ସହ ମୋର ଭଲ ସମ୍ପର୍କ ରହିଆସିଛି।

-ପଙ୍କଜ ତ୍ରିପାଠୀ,
ବଲିଉଡ୍ ଅଭିନେତା



# ୨୦୨୧ ଇଦ୍‌ରେ ଭାଇଜାନ୍‌ଙ୍କ 'କଭି ଇଦ୍ କଭି ଦିୱାଲି'



ସଲ୍‌ମାନ ଖାନ୍

**ମୁମ୍ବାଇ:** ୨୦୨୦ ଆରମ୍ଭରେ ସିନେପ୍ରେମୀଙ୍କୁ ବଲିଉଡ୍ ଏକଦମ୍ ଖୁସି କରିଦେଇଛି। ଫ୍ରାଇଡେ ରିଲିଜ୍‌ରେ ଦୁଇଟି ଦମ୍‌ଦାର୍ ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ଏବଂ 'ଛପାକ୍' ରିଲିଜ୍ ହେବା ପରେ ଏବେ ବଲିଉଡ୍ ଭାଇଜାନ୍ ସଲ୍‌ମାନ ଖାନ୍ ତାଙ୍କ ଅପ୍‌କମିଂ ଫିଲ୍ମ ଘୋଷଣା କରି ଫ୍ୟାନ୍‌ମାନଙ୍କୁ ସର୍‌ପ୍ରାଇଜ୍ ଦେଇଛନ୍ତି। ଆପଣ ଯଦି ସଲ୍‌ମାନଙ୍କ ଫ୍ୟାନ୍, ତେବେ ଆପଣ ନିଶ୍ଚୟ ଜାଣିଥିବେ ଯେ, ପ୍ରତିବର୍ଷ ଇଦ୍ ଅବସରରେ ସେ ନିଜ ଫିଲ୍ମ ରିଲିଜ୍ କରିଥାନ୍ତି। ଇଦ୍ ତାଙ୍କ ପାଇଁ ସ୍ୱତନ୍ତ୍ର ହୋଇଥିବାବେଳେ ବର୍ଷ ଆରମ୍ଭରୁ ଏଥିପାଇଁ ସେ ନିଜ ନାମରେ ଫିଲ୍ମ ବୁକ୍ କରିଦେଇଥାନ୍ତି। ଆଉ ଏଥିପାଇଁ ସଲ୍‌ମାନଙ୍କ ଫ୍ୟାନ୍‌ମାନେ ପ୍ରତିବର୍ଷ ଇଦ୍‌କୁ ଉତ୍ସାହର ସହ ଅପେକ୍ଷା କରି ରହିଥାନ୍ତି। ତେବେ ୨୦୨୦ ଇଦ୍ ପାଇଁ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ' ଫିଲ୍ମ ଘୋଷଣା କରିଥିବାବେଳେ ଏବେ ୨୦୨୧ ଇଦ୍ ପାଇଁ ମଧ୍ୟ ନିଜ ଫିଲ୍ମ ଘୋଷଣା କରିଛନ୍ତି ସଲ୍‌ମାନ। ଶୁକ୍ରବାର ନିଜ ଅଫିସିଆଲ୍ ଟ୍ୱିଟର ହ୍ୟାଣ୍ଡେଲରେ ଆଗାମୀ ଫିଲ୍ମ ବାବଦରେ ସେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।

ସଲ୍‌ମାନ ଟ୍ୱିଟ୍ କରି ଜଣାଇଛନ୍ତି, ୨୦୨୧ ଇଦ୍ ଅବସରରେ ସେ ଫ୍ୟାନ୍‌ମାନଙ୍କୁ 'କଭି ଇଦ୍ କଭି ଦିୱାଲି' ଫିଲ୍ମ ଭେଟି ଦେବେ। ଫିଲ୍ମର ନିର୍ଦ୍ଦେଶକ ଫର୍‌ହାଦ୍ ସାମଜୀ ହୋଇଥିବାବେଳେ ସାଜିଦ୍ ନାଦିଆଦ୍‌ୱାଲା ଏହାର କାହାଣୀ ଲେଖିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି। ତେବେ ଖୋଦ୍ ସଲ୍‌ମାନଙ୍କଠାରୁ ଅପ୍‌କମିଂ ଫିଲ୍ମର ସୂଚନା ପାଇ ଫ୍ୟାନ୍‌ମାନଙ୍କ ଖୁସି କହିଲେ ନ ସରେ। ସେମାନେ ଖୁବ୍ ଉତ୍ସାହର ସହ ଫିଲ୍ମକୁ ଅପେକ୍ଷା କରିଥିବା କମେଣ୍ଟରେ ଜଣାଇଛନ୍ତି। ତେବେ ଏହାରି ଭିତରେ ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନଙ୍କୁ ମଧ୍ୟ ମନେପକାଇଛନ୍ତି। ଫ୍ୟାନ୍‌ମାନେ ସଲ୍‌ମାନଙ୍କୁ ଅନୁରୋଧ କରି କମେଣ୍ଟରେ ଲେଖିଛନ୍ତି, "ସଲ୍‌ମାନ ଆପଣଙ୍କ ବନ୍ଧୁ ଶାହରୁଖ୍‌ଙ୍କୁ କୁହନ୍ତୁ, ସେ ବି କିଛି ନୂଆ ଫିଲ୍ମ ଘୋଷଣା କରିବେ।" ସେହିପରି ଆଉ ଜଣେ ଫ୍ୟାନ୍ ମଧ୍ୟ ଅନୁରୋଧ କରି ଲେଖିଛନ୍ତି, "ଆପଣଙ୍କ ସାଙ୍ଗ ଶାହରୁଖ୍‌ଙ୍କୁ କୁହନ୍ତୁ ଏଭଳି କିଛି ଟ୍ୱିଟ୍ କରିଦେବେ।" ସଲ୍‌ମାନଙ୍କ ଟ୍ୱିଟ୍‌ରେ ଏହିଭଳି ଅନେକ କମେଣ୍ଟ ଆସିଥିବାବେଳେ ଅନେକେ ଫିଲ୍ମର ଟାଇଟଲ୍ 'କଭି ଇଦ୍ କଭି ଦିୱାଲି'କୁ ନେଇ କନ୍‌ଫ୍ୟୁଜ୍ ଅଛନ୍ତି। କେହି କେହି ଏହାକୁ ଫିଲ୍ମର ଟାଇଟଲ୍ କି ବୋଲି ସଲ୍‌ମାନଙ୍କୁ ପ୍ରଶ୍ନ କରି ଲେଖିଛନ୍ତି "ଚୁଲ୍‌ବୁଲ୍ ପାଣ୍ଡେ ନେ କନ୍‌ଫ୍ୟୁଜ୍ କର ଦିୟା.."

# ଭୋକିଲା ପିଲାଙ୍କ ଲାଗି ଲଣ୍ଡା ହେଲେ ମା'



୧୫୦ ଟଙ୍କାରେ ବିକିଲେ ଚୁଟି

**ସାଲେମ୍:** ତାମିଲନାଡୁର ସାଲେମ୍‌ରେ ବାସକରୁଥିବା ପ୍ରେମା (୩୧)ଙ୍କ ଆଗରେ ଥିଲା ତାଙ୍କ ତିନିପିଲାଙ୍କ ଭୋକ ଏବଂ ଋଣଭାରର ପାହାଡ଼। ଯାହାକୁ ଭୟ କରି ସାତମାସ ତଳେ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଥିଲେ। ପ୍ରେମାଙ୍କ ପାଖରେ ଥିବା ଶେଷ ସଞ୍ଚୟ ଟିକକ ମଧ୍ୟ ସରିଯାଇଥିଲା। ତିନିପିଲାଙ୍କ ପେଟ ଭରିବା ପାଇଁ ପାଖପଡୋଶୀ ଏବଂ ସମ୍ପର୍କୀୟଙ୍କ ଆଗରେ ନେହୁରା ହୋଇଥିଲେ । କିନ୍ତୁ ସବୁଆଡୁ ନିରାଶ ହେବା ପରେ ଶେଷରେ ସେ ନିଜ ଚୁଟି ବିକି ୧୫୦ ଟଙ୍କା ଏକାଠି କରିଥିଲେ। ପିଲାଙ୍କୁ ଖାଇବାକୁ ଦେବା ପରେ ସେ ଆତ୍ମହତ୍ୟା ପାଇଁ ମନବଳାଇ ଥିଲେ। କିନ୍ତୁ ଭାଗ୍ୟରେ କିଛି ଅଲଗା ଲେଖା ହୋଇଥିଲା।

ଗତ ୩ ତାରିଖରେ ପ୍ରେମାଙ୍କ ପାଖରେ ଟଙ୍କାଟିଏ ବି ନ ଥିଲା। ନିଜର ପାଞ୍ଚ, ତିନି ଏବଂ ଦୁଇବର୍ଷର ପିଲାଙ୍କୁ ଭୋକିଲା ଦେଖି ପ୍ରେମା ପଡୋଶୀ ଏବଂ ସମ୍ପର୍କୀୟଙ୍କୁ ଟଙ୍କା ଧାରରେ ମାଗିଥିଲେ। କିନ୍ତୁ କେହି ବି ପ୍ରେମାଙ୍କୁ ସାହାଯ୍ୟ କରି ନ ଥିଲେ। ଉକ୍ତ ଅଞ୍ଚଳରେ ଶୁକ୍ରବାର ଦିନ ଧାର ଦେବା ଅଶୁଭ ଧରାଯାଇଥାଏ। ଏହି ସମୟରେ ଜଣେ ବ୍ୟକ୍ତି ସେହି ରାସ୍ତା ଦେଇ ଯାଉଥିଲେ। ବ୍ୟକ୍ତି ଜଣଙ୍କ ୱିଗ୍ ତିଆରି କରୁଥିବା ପ୍ରେମାଙ୍କୁ କହିଲେ ଏବଂ ଯଦି ସେ ନିଜର ଚୁଟି ଦିଅନ୍ତି ତେବେ ସେ ତାଙ୍କୁ କିଛି ଟଙ୍କା ଦେବେ । ଏହା ଶୁଣି ପ୍ରେମା କିଛି ନ ଭାବି ନିଜଘର ଭିତରକୁ ଯାଇ ଲଣ୍ଡା ହୋଇ ୧୫୦ ଟଙ୍କାରେ ସେହି ବ୍ୟକ୍ତିଙ୍କୁ ନିଜର ଚୁଟି ବିକିଥିଲେ। ୧୦୦ ଟଙ୍କା ଖାଇବା, କିଣିବା ପରେ ୫୦ ଟଙ୍କା ଧରି ସେ ଏକ ଦୋକାନରୁ ବିଷାକ୍ତ କୀଟନାଶକ କିଣିବାକୁ ଯାଇଥିଲେ କିନ୍ତୁ ଦୋକାନୀଙ୍କୁ ସନ୍ଦେହ ହୋଇଥିଲା ଏବଂ ସେ କୀଟନାଶକ ବିକ୍ରି କରିବାକୁ ମନା କରିଥିଲେ। ଏହାପରେ ସେ ଏକ ଗଛର ବିଷାକ୍ତ ଫଳ ଖାଇବାକୁ ଉଦ୍ୟମ କରିଥିଲେ, କିନ୍ତୁ ତାଙ୍କ ଭଉଣୀ ତାଙ୍କୁ ଅଟକାଇଥିଲେ। ଏହି ଘଟଣା ଗ୍ରାଫିକ୍ସ ଡିଜାଇନର ଜି.ବାଲା ଜାଣିବା ପରେ ସୋସିଆଲ ମିଡିଆରେ ପ୍ରେମାଙ୍କ ପାଇଁ କ୍ରାଉଡ୍ ଫଣ୍ଡିଂ ମାଧ୍ୟମରେ ସାହାଯ୍ୟ ମାଗିଥିଲେ। ପ୍ରେମା ଏବଂ ତାଙ୍କ ସ୍ୱର୍ଗତ ସ୍ୱାମୀ ଦିନମଜୁରିଆ ଭାବେ ଗୋଟିଏ ଇଟାଭାଟିରେ କାମ କରୁଥିଲେ। ପ୍ରେମାଙ୍କ ସ୍ୱାମୀ ନିଜର ବ୍ୟବସାୟ କରିବାକୁ ଚାହିଁଥିଲେ ଏଥିପାଇଁ ୨.୫ ଲକ୍ଷ ଟଙ୍କା ଧାର କରିଥିଲେ। କିନ୍ତୁ ତାଙ୍କୁ ବ୍ୟବସାୟରେ ଧୋକା ମିଳିଲା ଏବଂ ପୂରା ପରିବାର ଗରିବୀରେ କଲବଲ ହେଲା। ଏହି ଚିନ୍ତାରେ ପ୍ରେମାଙ୍କ ସ୍ୱାମୀ ସେଲ୍‌ବମ ଆତ୍ମହତ୍ୟା କରିଥିଲେ। ଗରିବୀ କାରଣରୁ ପିଲାଙ୍କ ଦୁର୍ଦ୍ଦଶା ଦେଖି ପ୍ରେମା ମଧ୍ୟ ନିଜର ଜୀବନ ହାରିବାକୁ ବିଚାର କରିଥିଲେ। କିନ୍ତୁ ଘଟଣାର ଏକ ସପ୍ତାହ ପରେ ଏବେ ପ୍ରେମାଙ୍କ ଜୀବନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଜି.ବାଲା ଏବଂ ସମାଜର ଅନ୍ୟ ଉଦାର ବ୍ୟକ୍ତିଙ୍କ ପାଇଁ ଏବେ ପ୍ରେମାଙ୍କ ପାଖରେ ୧.୪୫ ଲକ୍ଷ ଟଙ୍କା ରହିଛି। ଗୁରୁବାର ସାଲେମ ଜିଲା ପ୍ରଶାସନ ପ୍ରେମାଙ୍କ ବିଧବା ପେନସନ ମଧ୍ୟ ଆରମ୍ଭ କରିଛି।

# 'ଛପାକ୍' ଲାଗି ଫିଲ୍ମ ହଲ୍ ବୁକ୍ କଲେ ଅଖିଳେଶ



**ଲକ୍ଷ୍ନୌ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଓ ମେଘନା ଗୁଲଜାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛପାକ୍' ଶୁକ୍ରବାର ବଡ଼ ପରଦାରେ ରିଲିଜ୍ ହୋଇଛି। ଜେଏନ୍‌ୟୁ ଛାତ୍ରଙ୍କୁ ଦୀପିକା ଭେଟିବା ପରେ ତାଙ୍କ ଫିଲ୍ମ 'ଛପାକ୍'କୁ ନେଇ ବିବାଦ ଦେଖାଦେଇଥିଲା। ଫିଲ୍ମ ରିଲିଜ୍ ହେବ ନା ନାହିଁ ସେନେଇ ମଧ୍ୟ କଳ୍ପନାଜଳ୍ପନା ଲାଗିରହିଥିଲା। ଟ୍ୱିଟରରେ 'ବୟକଟ୍ ଛପାକ୍' ଟ୍ରେଣ୍ଡ କରିଥିବା ବେଳେ ଏହାକୁ କେତେକ ରାଜନେତା ମଧ୍ୟ ବିରୋଧ କରିଥିଲେ। ତେବେ ବହୁ ବାଦବିବାଦ ପରେ ଶେଷରେ ଫିଲ୍ମଟି ରିଲିଜ୍ ହୋଇଛି। ଇତିମଧ୍ୟରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଦୀପିକାଙ୍କୁ ସମର୍ଥନ ଜଣାଇଛନ୍ତି। ନିଜ ଦଳର କର୍ମକର୍ତ୍ତାଙ୍କୁ ଏହି ଫିଲ୍ମ ଦେଖାଇବା ଲାଗି ସେ ଲକ୍ଷ୍ନୌର ଏକ ସିନେମା ହଲ୍ ବୁକ୍ କରିଛନ୍ତି। ଏନେଇ ଦଳର ଅଫିସିଆଲ ଟ୍ୱିଟର ଆକାଉଣ୍ଟରେ ସୂଚନା ଦିଆଯାଇଛି। ଅପରପକ୍ଷେ ଛତିଶଗଡ଼ ଓ ମଧ୍ୟପ୍ରଦେଶ ସମେତ କଂଗ୍ରେସ ଶାସିତ ରାଜ୍ୟରେ 'ଛପାକ୍'କୁ ଟ୍ୟାକ୍ସ ଫ୍ରି କରାଯାଇଛି।

# ହୃତିକ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ସୁଜେନ

**ମୁମ୍ବାଇ:** ଫିଲ୍ମ 'କହୋ ନା ପ୍ୟାର ହୈ'ରୁ ବଲିଉଡ୍‌ରେ ପାଦ ରଖିଥିବା ହୃତିକ୍ ରୋଶନ ଶୁକ୍ରବାର ନିଜର ୪୬ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ବଲିଉଡ୍ ଜଗତରୁ ଆରମ୍ଭ କରି ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟିବାରେ ଲଗିଛି। ଇତିମଧ୍ୟରେ ତାଙ୍କ ଏକ୍ସ ୱାଇଫ୍ ସୁଜେନ ଖାଁ ମଧ୍ୟ ଏକ ସୁନ୍ଦର ଭିଡିଓ ଶେୟାର କରି



ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଇନ୍‌ଷ୍ଟାଗ୍ରାମରେ ପୁଅ ରିହାନ ଓ ରିଦାନଙ୍କ ସହ ହୃତିକ୍‌ଙ୍କ ଏକ ଭିଡିଓ ସେ ଶେୟାର କରିଛନ୍ତି। ଦୀର୍ଘ୧୩ ବର୍ଷ ଧରି ଏକାଠି ରହିବା ପରେ ଦୁହିଁଙ୍କ ବିବାହ ବିଚ୍ଛେଦ ହୋଇଥିଲା।

# ଗର୍ଭିଣୀ ମଇଁଷିର ଜୀବନ ଭିକ୍ଷା

**ବେଜିଂ:** ଲୁହରେ ଲତପତ ଆଖି। ମୁହଁରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି ବଞ୍ଚିବାର ଅଭିଳାଷ। ସେଇଥିପାଇଁ ଗୋଡ଼ ଭାଙ୍ଗି ଜୀବନ ଫେରାଇ ଦେବାକୁ କଂସେଇଖାନାର କର୍ମଚାରୀଙ୍କୁ ନେହୁରା ହେଉଛି ଗର୍ଭିଣୀ ମଇଁଷିଟିଏ। ଦକ୍ଷିଣ ଚାଇନାରୁ ଏପରି ଏକ ହୃଦୟବିଦାରକଭିଡିଓଭାଇରାଲହୋଇଛି,ଯାହାପୁଣିଥରେମନେ ପକାଇଦେଇଛି ଭାରତୀୟ ସଂସ୍କୃତିର ମୂଳାଧାର 'ଜୀବେ ଦୟା'କୁ। ଗୁଆଙ୍ଗ୍‌ଡଙ୍ଗ୍ ଟିଭିର ରିପୋର୍ଟ ଅନୁଯାୟୀ, ଘଟଣାଟି ଘଟିଛି ରବିବାର। ଗୁଆଙ୍ଗଝୌ ପ୍ରାନ୍ତର ଏକ କଂସେଇଖାନା ଉକ୍ତ ମଇଁଷିକୁ କିଣିଥିଲା। ହେଲେ ଯେତେବେଳେ କଂସେଇଖାନାର କର୍ମଚାରୀମାନେ ମଇଁଷିକୁ ନେବାକୁ ପହଞ୍ଚିଥିଲେ, ସେତେବେଳେ ସୃଷ୍ଟି ହୋଇଥିଲା ଭାବାବେଗ ପରିବେଶ। ଗର୍ଭିଣୀ ମଇଁଷି ନିଜ ମାଲିକକୁ ଛାଡ଼ିଯିବାକୁ ପ୍ରସ୍ତୁତ ନ ଥିଲା। ଏପରିକି ତା' ଆଖିରେ ଜକେଇ ଆସିଥିଲା ଲୁହ। କଥା ଏତିକିରେ ସରି ନ ଥିଲା। ଜୋରଜବରଦସ୍ତ ମଇଁଷିକୁ ଗାଡ଼ିରେ ଭର୍ତ୍ତି କରିବାକୁ ନେବା ବେଳକୁ ସେ ଥରକୁ ଥର ଆଗ ଦୁଇଗୋଡ଼ ଭାଙ୍ଗି ଅଟକି ଯାଉଥିଲା। ଏମିତି ଲାଗୁଥିଲା ମଇଁଷିଟି କଂସେଇଖାନା କର୍ମଚାରୀଙ୍କୁ ଜୀବନ ଫେରାଇ ଦେବାକୁ ଆକୁଳ ନିବେଦନ କରୁଛି। ଏହି ଦୃଶ୍ୟର ଭିଡିଓକୁ କେହିଜଣେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଦେଇଥିଲେ। ଏହାପରେ ମଇଁଷି ପ୍ରତି ସୃଷ୍ଟି ହୋଇଥିଲା ସହାନୁଭୂତି। ତାକୁ ବଞ୍ଚାଇବାକୁ ସୋସିଆଲ ମିଡିଆରେ ଆରମ୍ଭ ହେଲା ଅଭିଯାନ। ମାତ୍ର କେଇଘଣ୍ଟାରେ ସଂଗୃହୀତ ହୋଇଗଲା ୨ ଲକ୍ଷ ୫୦ ହଜାର ଟଙ୍କା। କେତେଜଣ ପ୍ରାଣୀପ୍ରେମୀ କଂସେଇଖାନା ମାଲିକକୁ ମଇଁଷିକୁ ନ ମାରିବାକୁ ଅନୁରୋଧ କରି ଫୋନ୍ ମଧ୍ୟ କଲେ। ସଂଗୃହୀତ ଟଙ୍କା କଂସେଇଖାନାର କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। ଫଳରେ ଗର୍ଭିଣୀ ମଇଁଷି ପାଇଥିଲା ଜୀବନଦାନ। ଘଟଣା ସମ୍ପର୍କରେ ସ୍ଲଟର ହାଉସ୍ କର୍ମଚାରୀ ଲିନ୍ ବାଙ୍ଗ୍‌ବୋ କୁହନ୍ତି, ଅନିଚ୍ଛା ସତ୍ତ୍ୱେ ତାକୁ କଂସେଇଖାନାକୁ ଅଣାଯାଇଥିଲା। ସେତେବେଳେ ସେ ବାରମ୍ବାର ଗୋଡ଼ ମାଡ଼ି ଅଟକି ଯାଉଥିଲା। ସ୍ଲଟର ହାଉସ୍‌କୁ ଅଣାଯିବା ପରେ ତାକୁ ମାରିବାକୁ ସମସ୍ତ ପ୍ରକ୍ରିୟା ସରିଥିଲା। କାନରେ ମାର୍କ କରା ସରିଥିଲା। ସ୍ଲଟର ପଏଣ୍ଟକୁ ନିଆଯିବା ସମୟରେ ସେ ଜୋର୍‌ରେ ବୋବାଇବା ଆରମ୍ଭ କରିଥିଲା। ଏଥିରୁ ମଇଁଷିର ଜିଇଁବାର ଇଚ୍ଛା ସ୍ପଷ୍ଟ ପ୍ରତିଫଳିତ ହେଉଥିଲା।



ମଇଁଷିକୁ ସ୍ଥାନୀୟ ଗୋଲ୍‌ଡେନ ଟେମ୍ପଲ ବୌଦ୍ଧ ମନ୍ଦିରକୁ ପ୍ରଦାନ କରାଯାଇଛି। ଏଥିସହ ତା'ର ଦେଖାରଖା କରିବାକୁ ୪୦ ହଜାର ଟଙ୍କା ମଧ୍ୟ ଦିଆଯାଇଛି। ସ୍ଲଟର ହାଉସରୁ ଉଦ୍ଧାର ପରେ ପୁଣି ଏକ ଭିଡିଓ ରେକର୍ଡିଂ କରାଯାଇଛି, ସେଥିରେ ମଇଁଷିଟି ପୁଣିଥରେ ନିଜ ଗୋଡ଼ରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି।

# ଭୂତ ଭୟରେ ୪୨ ବର୍ଷ ବନ୍ଦଥିଲା ବେଗୁନ୍‌କୋଦର ଷ୍ଟେସନ

**କୋଲକାତା:** ଗୋଟିଏ ରେଲ୍‌ୱେ ଷ୍ଟେଶନ ସାଧାରଣ ଜଣେ ମହିଳାଙ୍କ ପାଇଁ ଦୀର୍ଘ ୪୨ ବର୍ଷ ଧରି ବନ୍ଦ ରହିବା ଆଶ୍ଚର୍ଯ୍ୟଜନକ। ବିଶ୍ୱାସ ହେଉ ନ ଥିଲେ ମଧ୍ୟ ସତ। ପଶ୍ଚିମବଙ୍ଗର ପୁରୁଲିୟା ଜିଲାରେ ରହିଛି ଏହି ଷ୍ଟେଶନ। ଯାହାର ନାମ ବେଗୁନ୍‌କୋଦର। ୧୯୬୦ ମସିହାରେ ଏହି ଷ୍ଟେଶନଟି ଆରମ୍ଭ ହୋଇଥିଲା। ସନ୍ଥାଳର ରାଣୀ ଲାଚନ କୁମାରୀ ସେତେବେଳେ ଏହାକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଶନ ଖୋଲିବାର କିଛିଦିନ ପର୍ଯ୍ୟନ୍ତ ଠିକ୍‌ଠାକ୍ ଥିଲା। ମାତ୍ର ଏହା ପରେ



ଅଦ୍ଭୁତ ଘଟଣାସବୁ ଘଟିଲା। ୧୯୬୭ ମସିହାରେ ରେଲ୍‌ୱେର ଜଣେ କର୍ମଚାରୀ ଷ୍ଟେଶନରେ ଭୂତ ଦେଖିଥିବା କହିଥିଲେ। ମହିଳାରୂପୀ ଭୂତଜଣକ ଉଡ଼ିଯିବାରୁ ଏକ ଟ୍ରେନ୍ ଦୁର୍ଘଟଣା ମଧ୍ୟ ଘଟିଥିଲା ବୋଲି କର୍ମଚାରୀ ଜଣକ କହିଥିଲେ। ମାତ୍ର ତାଙ୍କର ଏହି କଥାକୁ ସମସ୍ତେ ଅଣଦେଖା କରିଥିଲେ। ପ୍ରକୃତ କାରଣ ଜଣାପଡ଼ିଥିଲା ଯେତେବେଳେ ଷ୍ଟେଶନ ମାଷ୍ଟରଙ୍କ ପରିବାର ଲୋକଙ୍କ ମୃତଦେହ ଷ୍ଟାଫ୍ କ୍ୱାର୍ଟର୍ସରେ ଦେଖିବାକୁ ମିଳିଥିଲା। ଭୂତ ଯୋଗୁ ଏହି ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଥିଲା। ଏହି କଥା ରେଲ୍‌ୱେ ମନ୍ତ୍ରଣାଳୟ ପର୍ଯ୍ୟନ୍ତ ମଧ୍ୟ ଯାଇଥିଲା। ଫଳରେ ଷ୍ଟେଶନଟିକୁ ପୂରା ବନ୍ଦ କରି ଦିଆଯାଇଥିଲା। ୨୦୦୯ ମସିହାରେ ମମତା ବାନାର୍ଜୀ ରେଳମନ୍ତ୍ରୀ ଥିବାବେଳେ ଏହାକୁ ପୁନଃ ଚାଲୁ କରିଥିଲେ। ଏବେ ଏଠାରେ ୧୦/୧୨ଟି ଟ୍ରେନ୍ ଅଟକୁଛି। ମାତ୍ର ଲୋକଙ୍କ ମନରୁ ଆଜି ବି ଭୟ ଛାଡ଼ିନି। ଏହି ଷ୍ଟେଶନଟି ଭୂତ ଷ୍ଟେଶନ ନାମରେ ଜଣାଶୁଣା। ଏହି ଷ୍ଟେଶନ ବୁଲିବା ପାଇଁ ପର୍ଯ୍ୟଟକମାନେ ଆସିଥାନ୍ତି। କିନ୍ତୁ ସନ୍ଧ୍ୟା ପୂର୍ବରୁ ଫେରିଯାଇଥା'ନ୍ତି।

# ସ୍ୱାମୀଙ୍କଠାରୁ ଅଲଗା ହେବାକୁ ଚାହୁଁଛନ୍ତି ଅମୃତା



ମୁମ୍ବାଇ: ବଲିଉଡ୍ କପୁଲଙ୍କ ବିବାହ ଯେତିକି ଚର୍ଚ୍ଚାରେ ଥାଏ ତା'ଠାରୁ ଅଧିକ ଚର୍ଚ୍ଚାରେ ଥାଏ ଏମାନଙ୍କ ବିଚ୍ଛେଦ। ୨୦୧୭ରେ ବିବାହ କରିଥିବା ବଲିଉଡ୍ ନାୟିକା ଅମୃତା ପୁରୀ ଏବେ ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ହେବାକୁ ଚାହୁଁଥିବା ଖବର ଆସିଛି। କାଇ ପୋ ଚେ, ଆୟଶା ଓ ଜଜ୍‌ମେଣ୍ଟାଲ ଭଳି ହିଟ୍ ଫିଲ୍ମ ଭେଟି ଦେଇଥିବା ଏହି ନାୟିକା ଏବେ ଡିଭୋର୍ସ ପାଇଁ ପ୍ରସ୍ତୁତ ହେଉଛନ୍ତି। କିଛିଦିନ ହେବ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିବା ଶୁଣିବାକୁ ମିଳିଥିଲା। ସୂଚନାଯୋଗ୍ୟ, ୨୦୧୭ରେ ଅମୃତା ମୁମ୍ବାଇର ରେସ୍ତୋରାଁ ମାଲିକ ଇମରୁନ ସେଠିଙ୍କୁ ବିବାହ କରିଥିଲେ। ବ୍ୟାଙ୍କକ୍‌ରେ ଏକ ପ୍ରାଇଭେଟ୍ ସେରିମନିରେ ଏମାନେ ନିକଟ ସମ୍ପର୍କୀୟଙ୍କୁ ନେଇ ଏହି ବିବାହ ଆୟୋଜନ କରିଥିଲେ। କିଛିଦିନ ହେବ ଏମାନଙ୍କୁ ଏକାଠି ଦେଖିବାକୁ ମିଳୁ ନ ଥିବା ବେଳେ ଏବେ ଏମାନେ ଅଲଗା ହେବାକୁ ଚାହୁଁଥିବା ଜଣାପଡିଛି। ଅମୃତାଙ୍କ ସ୍ୱାମୀ ନିକଟରେ ଏକ ୟୁରୋପିଆନ ରେଷ୍ଟୁରାଣ୍ଟ ଖୋଲିଥିବା ବେଳେ ସେଠି ମଧ୍ୟ ଅମୃତା ନଜର ଆସି ନ ଥିଲେ।

# ଆଦିତ୍ୟଙ୍କୁ ବିବାହ କରିବେ ନେହା କକ୍କର

**ମୁମ୍ବାଇ:** କଣ୍ଠଶିଳ୍ପୀ ନେହା କକ୍କର 'ଇଣ୍ଡିଆନ୍ ଆଇଡଲ୍' ସିଜିନ ୧୧ର ବିଚାରପତି ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ସହିତ ହିମେଶ ରେଶମିୟା ଏବଂ ବିଶାଲ ଦଦ୍‌ଲାନି ମଧ୍ୟ ଅଛନ୍ତି। ଏହି ଶୋ'ର ହୋଷ୍ଟ କରୁଛନ୍ତି ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ। ବର୍ତ୍ତମାନ ନେହାଙ୍କ ବିବାହକୁ ନେଇ ଖବର ଶୁଣିବାକୁ ମିଳୁଛି। ତାଙ୍କ ନାଁ ଆଦିତ୍ୟ ନାରାୟଣଙ୍କ ସହ ଯୋଡ଼ା ଯାଇଛି। ଏହି କଥା 'ଇଣ୍ଡିଆନ୍ ଆଇଡଲ୍' ଶୋ'ରେ ଆରମ୍ଭ ହୋଇଥିଲା। ସେଟ୍‌ରେ ଆଦିତ୍ୟ ନାରାୟଣଙ୍କ ପୂରା ପରିବାର ନେହାଙ୍କୁ ଭେଟିଥିଲେ। ଖୋଦ୍ ଉଦିତ୍ ନାରାୟଣ ନେହାଙ୍କୁ ତାଙ୍କ ପୁଅଙ୍କ ନାଁ ନେଇ ଚିଡ଼ାଇଥିଲେ। ଉଦିତ୍ କହିଛନ୍ତି, ଏହି ଶୋ' ସେ ଦୁଇଟି କାରଣ ଯୋଗୁ ଦେଖନ୍ତି। ପ୍ରଥମ କାରଣ ହେଲା ଏଥିରେ ଭାଗ ନେଉଥିବା ପ୍ରତିଯୋଗୀ ବହୁ ଅଭିଜ୍ଞ। ଦ୍ୱିତୀୟ କାରଣ ହେଲା ନେହାଙ୍କୁ ନିଜର ବୋହୂ କରିବାକୁ ଚାହାନ୍ତି। କେବଳ ଉଦିତ୍ ନୁହନ୍ତି, ତାଙ୍କ ସ୍ତ୍ରୀ ଦୀପା ନାରାୟଣଙ୍କୁ ମଧ୍ୟ ଏହି ସେଟ୍‌ରେ ଦେଖିବାକୁ ମିଳିଥିଲା। ଦୀପା ସେଟ୍‌ରେ କହିଥିଲେ ନେହା ନାରାୟଣ ପରିବାରର ବୋହୂ ହେବାକୁ ଯାଉଛନ୍ତି। ନେହାଙ୍କ ମା' ବାପା ମଧ୍ୟ ସେଟ୍‌କୁ ଆସିଥିଲେ। ସେମାନେ ମଧ୍ୟ ରାଜି ହୋଇଯାଇଛନ୍ତି। ଆଦିତ୍ୟ ବହୁ ଖୁସି ଥିବା ଜଣା ପଡୁଥିଲେ। କିନ୍ତୁ ନେହା ଏତେ ଶୀଘ୍ର ବିବାହ କଲେ କିଛି ମଜା ରହିବନି ବୋଲି କହିଛନ୍ତି। କହିରଖୁଛୁ, ଏ ସମସ୍ତ କଥା ଥଟ୍ଟାମଜା ଥିଲା। ସମସ୍ତେ ଆଦିତ୍ୟ ଏବଂ ନେହାଙ୍କୁ ଚିଡ଼ାଇବା ପାଇଁ କହିଥିଲେ। ଏବେ ବି ଆଦିତ୍ୟ- ନେହା ସିଙ୍ଗଲ ଅଛନ୍ତି।





ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ..

### ପ୍ରାତଃ ଭ୍ରମଣ ବେଳେ ଦୁର୍ଘଟଣା, ଜଣେ ମୃତ

ସମ୍ବଲପୁର,୧୦।୧(ବ୍ୟୁରୋ) ସମ୍ବଲପୁର ସଦର ଥାନା ଅଧୀନ ମାନେଶ୍ୱର-ଜୟନ୍ତପୁର ରାସ୍ତାର ରାସନପୁର ଗ୍ରାମ ନିକଟରେ ଶୁକ୍ରବାର ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଛି। ମୃତକ ହେଲେ ରାସନପୁର ଗାଁରେ ଋଷି ସାହୁ (୫୫ )। ସେ ପ୍ରାତଃ ଭ୍ରମଣରେ ଯାଇଥିବା ସମୟରେ ଏକ ଅଜଣା ଗାଡି ଧକ୍କାଦେଇ ଚାଲି ଯାଇଥିଲା। ପରିବାର ବର୍ଗ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### କଫସିରପ କାରବାରରେ ହୋମଗାର୍ଡ ଗିରଫ

ସମ୍ବଲପୁର,୧୦।୧(ବ୍ୟୁରୋ) ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ କଫ ସିରପ ଓ ନିଶା ବଟିକା ଜବତ କରିବା ସହ ଜଣେ ହୋମଗାର୍ଡଙ୍କ ସମେତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହୋମଗାର୍ଡ ହେଲେ ଠେଲକୋ ପଡାର ସୁରେନ୍ଦ୍ର କୁମାର ଧରୁଆ ଓ ମୋଦିପଡାର ସୋନୁ ବେହେରା। ଏମାନଙ୍କ ନିକଟରୁ ୨୫ ବୋତଲ କଫସିରପ, ୨୦ଷ୍ଟ୍ରିପ ନିଶା ବଟିକା, ୨୫ ଶହ ଟଙ୍କା, ମୋବାଇଲ ଫୋନ ଓ ଏକ ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୯/୨୦୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ, ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଧନୁପାଲି ନିକଟରେ ସୋନୁ ବେହେରାଙ୍କୁ ଅଟକାଇଥିଲା। ତାଙ୍କ ପାଖରେ ଥିବା ବ୍ୟାଗ ଯାଞ୍ଚ କରିବାରୁ କଫସିରପ ଓ ନିଶାବଟିକା ବାହାରିଥିଲା। ପଚରା ଉଚୁରା କରିବାରୁ ହୋମଗାର୍ଡ ସୁରେନ୍ଦ୍ରଙ୍କ ସଂପୃକ୍ତି ଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା।

### କମେଣ୍ଟ ମାରି ୨ ଅଭିଯୁକ୍ତ ଗିରଫ

ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.) ବ୍ରଜରାଜନଗର ଥାନା ଅଧୀନ ଗୁଆଲାପଡାର ଜଣେ ଝିଅକୁ ଦୁଇ ଜଣ ବ୍ୟକ୍ତି କମେଣ୍ଟ ମାରିଥିଲେ। ଏହି ଘଟଣାକୁ ନେଇ ବ୍ରଜରାଜନଗର ଥାନାରେ ୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ସେହି ଅଞ୍ଚଳର ଅମର ସିଂ ଓ ପଙ୍କଜ ସିଂକୁ ଗିରଫ କରିଛି। ଏମାନଙ୍କ ବିରୋଧରେ ଦଫା ୩୪୧, ୩୨୩, ୩୫୪ରେ ମାମଲା ରୁଜୁ ହୋଇଛି।

### ମାରପିଟ ଅଭିଯୋଗରେ ୮ ଗିରଫ

ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.) ସ୍ଥାନୀୟ ଇବ୍‌ପିଟ୍ ଅଞ୍ଚଳର ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏହାକୁ କେନ୍ଦ୍ର କରି ପୋଲିସ ୮ ଜଣଙ୍କୁ ଗିରଫ କରିଛି। ଇବ୍‌ପିଟ୍ ଅଞ୍ଚଳର ପ୍ରମୋଦ ସିଂ ଓ ସଞ୍ଜୟ ସିଂଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଥାନାରେ ଉଭୟ ପଟୁ ମାମଲା ରୁଜୁ କରାଯାଇଥିଲା। ଥାନା ଆଇଆଇସି ନଳିତା ମୋଦି କହିଛନ୍ତି ଯେ, ଗୋଟିଏ ପଟୁ ପ୍ରମୋଦ ସିଂ, ବିପିନ ସିଂ, ରୋହିତ ସିଂ, ରାହୁଲ ସିଂ ଓ ମନୁ ସିଂଙ୍କୁ ଗିରଫ କରାଯାଇଛି। ଅନ୍ୟପଟୁ ସଞ୍ଜୟ ସିଂ, ଗଜେନ୍ଦ୍ର ସିଂ ଓ ବିପିନ ସିଂ ଗିରଫ ହୋଇଛନ୍ତି।

### ଝିଲ୍ଲାପାଲି ଗାଁରେ ୪ ଘର ଭାଙ୍ଗିଲା ହାତୀ

କୋଲାବିରା,୧୦।୧(ଡି.ଏନ.ଏ.) କୋଲାବିରା ବ୍ଲକର ଝିଲ୍ଲାପାଲି ଗ୍ରାମରେ ଗୋଟିଏ ହାତୀ ୪ଟି ଘର ଭାଙ୍ଗି ଦେଇଛି। ଗୋଠଛଡା ହୋଇଥିବା ଏକ ଦନ୍ତା ହାତୀର ଉତ୍ପାତରେ ଝିଲ୍ଲାପାଲି ପଞ୍ଚାୟତବାସୀ ତ୍ରାହି ତ୍ରାହି ଡାକିଲେଣି। ଗତ ଏକ ସପ୍ତାହ ଧରି ଏହି ହାତୀଟି ଏହି ଅଞ୍ଚଳରେ ଲୋକଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଧାନ ଖାଇବାରେ ମାତିଛି। ଗୁରୁବାର ରାତିରେ ଝିଲ୍ଲାପାଲି ଗ୍ରାମର ନିଲୁ ଭୋଇ, ନକୁଳ କିଶାନ, ସତ୍ୟା ମାଝି ଏବଂ ମହେନ୍ଦ୍ର ପଟେଲଙ୍କ ଘର ଭାଙ୍ଗିବା ସହ ଘରୁ ଧାନ ଖାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ପୁଣି ଏମାନଙ୍କ ଘରକୁ ପଶିବାକୁ ଉଦ୍ୟମ କରିଥିଲା। ହେଲେ ଗ୍ରାମବାସୀ ମିଶି ନିଆଁହୁଲା ଦେଖାଇ ଓ ଫୋଟକା ଫୁଟାଇ ହାତୀକୁ ଘଉଡାଇ ଥିଲେ। ହାତୀ ଉପଦ୍ରବ ଯୋଗୁ ଲୋକେ କ୍ଷତିର ସମ୍ମୁଖୀନ ହେବା ସହିତ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବନ ବିଭାଗ ଏହି ଦନ୍ତାହାତୀକୁ ଆୟତ କରିପାରୁନାହିଁ।





ଶୁକ୍ରବାର ହୀରାକୁଦ ମହୋତ୍ସବ ଉଦଘାଟନୀ ଉତ୍ସବରେ ପୋଲିସ ଡିଆଇଜି ହିମାଂଶୁ ଲାଲ ବକ୍ତବ୍ୟ ପ୍ରଦାନ କରୁଛନ୍ତି (ବାମ)। ହୀରାକୁଦ ମହୋତ୍ସବ ଉଦଘାଟନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ହୀରାକୁଦ ମହୋତ୍ସବ ଉଦ୍‌ଘାଟିତ

# ନାଚଗୀତରେ ଦୁଲୁକିଲା ମଞ୍ଚ, ଝୁମିଲେ ଦର୍ଶକ

**ସମ୍ବଲପୁର/ହୀରାକୁଦ, ୧୦।୧ (ବ୍ୟୁରୋ/ଡି.ଏନ.ଏ)**

ଲୋକଗୀତ ଓ ଲୋକନୃତ୍ୟ ଏବଂ ଲୋକବାଦ୍ୟରେ ହୀରାକୁଦ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ସୁବାଷ ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର, ହିଣ୍ଡାଲ୍‌କୋ ଓଡିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଯଶବୀର ସିଂ, ହୀରାକୁଦ ହିଣ୍ଡାଲକୋ କମ୍ପ୍ଲେକ୍ସ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ହିଣ୍ଡାଲ୍‌କୋ ପାୱାର ମୁଖ୍ୟ ଅରୁଣ ପୋଦ୍ଦାର, ପ୍ରଶାସନିକ ମୁଖ୍ୟ ଯଶବିନ୍ଦର ସିଂ, ଏ ସତ୍ୟନାରାୟଣ, ଅମରେନ୍ଦ୍ର ଷଣ୍ଢ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶତ୍ରୁଘନ ଲୁହା ଓ ପଦ୍ମିନୀ ଦୋରା ଲୋକଗୀତ ଗାଇଥିଲେ। ଲହରୀ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ଚୁଟକୁଚୁଟା ପରିବେଷଣ କରିଥିଲେ। ସେହିପରି ମଥୁରାର ମୟୁର ନୃତ୍ୟ, ଆସାମର ବୋଡ, ଭବାନୀପାଟଣାର ଘୁମୁରା, ହରିୟାଣାର ଶିବସ୍ତୋତ, ହୀରାକୁଦର ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଆୟୋଜକ କମିଟି ସଭାପତି ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟେଇ ମହୋତ୍ସବର ବିପରଣୀ ପାଠ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ସାନ୍ତନୁ ବଡପଣ୍ଡା, ସାଙ୍ଗଠାନିକ ସମ୍ପାଦକ ପ୍ରଦୀପ ପଣ୍ଡା, ଉପସଭାପତି ସଚ୍ଚିକାନ୍ତ ମିଶ୍ର, ସାଂସ୍କୃତିକ ଆବାହକ ସଞ୍ଜୀବ ପଣ୍ଡା ମଞ୍ଚାସୀନ ଥିଲେ। ତର୍ପଣ ପ୍ରଧାନ ଓ ପିଙ୍କି ଶର୍ମାଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଲଳିତ ପାଇକରାୟ, ରତ୍ନାକର ମହାରଣା, ବୀରେନ୍ଦ୍ର ପାଣିଗ୍ରାହୀ, ସରୋଜ ଆଚାର୍ଯ୍ୟ, ଅନୁପ ମହନ୍ତ, ପ୍ରଶାନ୍ତ ନାୟକ, ବାଳକୃଷ୍ଣ ଦାଶ, ଜ୍ଞାନେନ୍ଦ୍ରିୟ ଦାଶ, ଟୁଟୁ ହୋତା, ସୁକାନ୍ତ ମହାରଣା ଓ ସୁଶିଲ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିଠୁ କାର୍ଯ୍ୟକ୍ଷମ ହେବ ବିବାଦୀୟ ନୂଆଡିହି ଟୋଲ୍‌ଗେଟ୍

**ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.)**

ଝାରସୁଗୁଡା-ବ୍ରଜରାଜନଗର ମଧ୍ୟରେ ଥିବା ଏନ୍‌ଏଚ୍- ୪୯ର ନୂଆଡିହିଠାରେ ବନ୍ଦଥିବା ଟୋଲ୍‌ଗେଟ୍ ଶନିବାର ୧୦ଟା ସମୟରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଟୋଲ୍ ଗେଟ୍ ଠିକା ସଂସ୍ଥାର ମାଲିକ ସୁବାଷ ପଣ୍ଡାଙ୍କୁ ଗୁରୁବାର ସନ୍ଧ୍ୟାରେ ଜିଲା ପ୍ରଶାସନ ତରଫରୁ ଲିଖିତ ଅନୁମତି ପତ୍ର ମିଳିଛି। ଠିକାଦାରଙ୍କୁ ସୁରକ୍ଷା ଦେବା ଲାଗି ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ମିଳିଥିବା ଏସଡିପିଓ ଦିଲୀପ ଦାଶ ପ୍ରକାଶ କରିଛନ୍ତି। ଶୁକ୍ରବାର ଦିନତମାମ ଟୋଲଗେଟ ନିକଟରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଅପରାହ୍ନରେ ଏସଡିପିଓଙ୍କ ସହିତ ବ୍ରଜରାଜନଗର ଥାନା ଅଧିକାରୀ ନଳିତା ମୋଦି, ଓରିଏଣ୍ଟ ଥାନା ଅଧିକାରୀ ରଶ୍ମିତା ବେହେରା, ଗାନ୍ଧୀ ଛକ ଫାଣ୍ଡି ପୋଲିସ ଟୋଲଗେଟରେ ପରିସ୍ଥିତ ରହି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଟୋଲ୍‌ଗେଟ୍‌କୁ ବିରୋଧ କରି ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ କରି ଆସୁଛନ୍ତି।

## ଏସ୍‌ପିଙ୍କ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ

**ସମ୍ବଲପୁର,୧୦।୧(ବ୍ୟୁରୋ)**

ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂଙ୍କ ନାଁରେ ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲିବା ଅଭିଯୋଗରେ ଟାଉନ୍ ଥାନା ପୋଲିସ ଜଣେ ନାବାଳକଙ୍କୁ ଧରିଛି। ଗତ ଜାନୁୟାରୀ ୩ ତାରିଖ ଏସ୍‌ପିଙ୍କ ନାଁରେ ସେ ଏହି ନକଲି ଆକାଉଣ୍ଟ ଖୋଲିଥିଲେ। ଏହାପରେ ଗେଇଟି ରୋଡରେ ଥିବା ଲକ୍ଷ୍ମୀ ଏଣ୍ଟରପ୍ରାଇଜେସକୁ ଏକ ଲ୍ୟାପ୍‌ଟପ୍ ମାଗିଥିଲେ। ଏଥିରେ ଦୋକାନ ମାଲିକଙ୍କ ସନ୍ଦେହ ହେବାରୁ ସେ ପୋଲିସକୁ ଜଣାଇଥିଲେ। ଏହାପରେ ତାଙ୍କ ଧରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଲ୍ୟାପ୍‌ଟପ୍ ନେବା ସମୟରେ ପୋଲିସ୍ ତାଙ୍କୁ କାବୁ କରି ନେଇଥିଲା। ଏ ନେଇ ଟାଉନ ଥାନାରେ ଏକ ମମଲା (ନଂ.୭/୨୦) ରୁଜୁ ହୋଇଛି। ଶୁକ୍ରବାର ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଅମରେଶ ପଣ୍ଡା ସୂଚନା ଦେଇଛନ୍ତି ଯେ, ସମ୍ପୃକ୍ତ ନାବାଳଙ୍କୁ ଧରିବାକୁ ପୋଲିସକୁ ୩ ଦିନ ଧରି ଟ୍ରାକ୍ କରିବାକୁ ପଡିଥିଲା। ପୂର୍ବରୁ ସେ ଜିଲାପାଳ ଶୁଭମ୍ ସକ୍‌ସେନା, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନାଁରେ ମଧ୍ୟ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲିଥିଲେ। ଏମାନଙ୍କ ନାଁରେ ଫେସ୍‌ବୁକ ଆକାଉଣ୍ଟ ଖୋଲି ବିଭିନ୍ନ ଲୋକଙ୍କ ସହ ଫ୍ରେଣ୍ଡଶିପ୍ ସ୍ଥାପନ ପରେ ଦାମୀ ସାମଗ୍ରୀ ଓ ଟଙ୍କା ଆଦାୟ କରୁଥିଲେ। ଏଣୁ ତାଙ୍କ ନାଁରେ ଟାଉନ ଥାନାରେ ୩ଟି ମାମଲା ରହିଛି।

ତଳାବିରା କୋଇଲା ଖଣି ବିବାଦ

## ଦ୍ୱିତୀୟ ଦିନରେ ଜଙ୍ଗଲ ସୁରକ୍ଷା ସତ୍ୟାଗ୍ରହ

**ସମ୍ବଲପୁର,୧୦।୧(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଧୀନ ତଳାବିରା କୋଇଲା ଖଣି-୧ ଓ ୨କୁ ବିରୋଧ କରି ଅଞ୍ଚଳବାସୀଙ୍କ ଜଙ୍ଗଲ ସୁରକ୍ଷା ସତ୍ୟାଗ୍ରହ ଆନ୍ଦୋଳନ ଶୁକ୍ରବାର ଦ୍ୱିତୀୟ ପହଞ୍ଚିଛି। ଶହ ଶହ ମହିଳା, ପୁରୁଷ ସେମାନଙ୍କ ପିଲା ଛୁଆଙ୍କୁ ନେଇ ମାଟି ଖୋଳା କାମ ବନ୍ଦ କରିଦେଇ ଆନ୍ଦୋଳନରେ ବସିଛନ୍ତି। ଦିନରାତି ୨୪ ଘଣ୍ଟା ଶୀତ କାକରରରେ ବସି ବିରୋଧ ପ୍ରଦର୍ଶନ କରୁଛନ୍ତି। ଏନ୍‌ଏଲ୍‌ସି କମ୍ପାନୀ ଫେରିଯାଅ ବୋଲି ଚେତବାନୀ ଦେଉଛନ୍ତି। ଘଟଣାସ୍ଥଳରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସରୋଜ ମିଶ୍ର, ଡେପୁଟି କଲେକ୍ଟର ସୁକାନ୍ତ ସାହୁ, ଏସ୍‌ଡିପିଓ ତପନ କୁମାର ମହାନ୍ତି ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ହେଲେ ଅଞ୍ଚଳବାସୀ ଆନ୍ଦୋଳନରୁ ଉଠିବେନି ବୋଲି ରୋକଠୋକ ମନା କରି ଦେଇଥିଲେ। ଏନଏଲସି କମ୍ପାନୀ ଓ ପ୍ରଶାସନ ଉପରେ ଆଉ ଭରସା କରାଯାଇ ପାରିବ ନାହିଁ। ଅନ୍ୟ କମ୍ପାନୀ ଭଳି ଏହି କମ୍ପାନୀ ମଧ୍ୟ ଲୋକଙ୍କୁ ଠକି ଚାଲୁଛି। ଆଉ ସମାଧାନ ହୋଇ ପାରିବ ନାହିଁ। ତେଣୁ ଅଧିକାରୀମାନଙ୍କୁ ଚାଲି ଯିବାକୁ କହିଥିଲେ। ରାତି ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ମିଛ ଗ୍ରାମ ସଭା କରି ଜଙ୍ଗଲ କାଟିବାର ଅନୁମତି ନେଇ ପୋଲିସ ଫୋର୍ସ ଲଗାଇ ଗଛ କାଟି ଦିଆଯାଉଛି। ଜିଲା ପ୍ରଶାସନର କମ୍ପାନୀ ପ୍ରୀତି ରହୁଛି। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ। ତେଣୁ ଆଉ ଭରସା କରାଯାଇ ପାରିବ ନାହିଁ ବୋଲି ଆନ୍ଦୋଳନକାରୀ କହିଥିଲେ।

### ଜନଶୁଣାଣିକୁ ବିରୋଧ, ଫେରିଗଲେ ଅଧିକାରୀ

ଠେଲକୋଲି, ତରେଇକେଲା, କୁମ୍ଭାରୀରେ ଏନ୍‌ଏଲ୍‌ସି କମ୍ପାନୀ ୨୪୦୦ ମେଗାୱାଟର ପାୱାର ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ସ୍ଥିର କରିଛି। ସେଥିପାଇଁ ଠେଲକୋଲିରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜନ ଶୁଣାଣି କରାଯିବାକୁ ସ୍ଥିର ହୋଇଥିଲା। ଏହି ଜନ ଶୁଣାଣିରେ ଯୋଗଦେବାକୁ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀ ପହଞ୍ଚିଥିଲେ। ହେଲେ ଲୋକେ ବିରୋଧ କରିଥିଲେ। ପ୍ରଥମେ ବିସ୍ଥାପିତମାନଙ୍କ ସମସ୍ୟା ସମାଧାନ କରି ଦାବି ପୂରଣ କର। ପରେ ପାୱାର ପ୍ଲାଣ୍ଟ ଚିନ୍ତା କରିବ। ଯଦି ଭୁଲ୍ ନିଷ୍ପତ୍ତି ନିଆଯିବ ତାହା ହେଲେ ପରିଣାମ ଭୟଙ୍କର ହେବ ବୋଲି ଲୋକେ ଚେତାବନୀ ଦେଇଥିଲେ। ଏଣୁ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ବିରୋଧ ଯୋଗୁ ଅଧିକାରୀମାନେ ପଳାଇ ଯାଇଥିଲେ। ସୂଚନାଯୋଗ୍ୟ, ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ କୋଇଲା ଖନନ କରାଯିବ। ଏଥିପାଇଁ ୧ ଲକ୍ଷ ୩୨ ହଜାର ୯୭୦ ଗଛ ବଳି ପଡିବ।

## ସମାଜ ପରିବର୍ତ୍ତନରେ ସିନେମାର ଭୂମିକା ରହିଛି

**ସମ୍ବଲପୁର, ୧୦।୧ (ବ୍ୟୁରୋ)**




ଭଲ ସିନେମା ଓ ସମାଜ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ।

ଭଲ ସିନେମା ଓ ସମାଜ ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶଙ୍କରପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ହୋଇଥିଲା। ଯୁବ ସିନେମା ନିର୍ମାତ ତଥା ଅନ୍ତର୍ଜାତୀୟ ବିଚାରକ ଜିତେନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ ଯେ, ସମାଜରେ ସକରାତ୍ମକ ପରିବର୍ତ୍ତନ ଲାଗି ସିନେମା ବଳିଷ୍ଠ ମାଧ୍ୟମ। ଭଲ କାମ କରୁଥିବା ବ୍ୟକ୍ତିମାନେ ସମାଜ ଓ ଦେଶର ପ୍ରକୃତ ନାୟକ। ସେମାନଙ୍କ ଉପରେ ବାୟୋପିକ ସିନେମା ନିର୍ମାଣ ଯୁବପିଢ଼ିଙ୍କୁ ମାର୍ଗ ଦର୍ଶନ କରିବ। ଭଲ ସିନେମାରେ ମୁଖ୍ୟତଃ ସମାଜ ପାଇଁ ବାର୍ତ୍ତା, ପାରିବାରିକ ମୂଲ୍ୟବୋଧ ରହିବା ଆବଶ୍ୟକ। ତେଣୁ ଭଲ ସିନେମାକୁ ଆଗେଇ ନେବାକୁ ହେଲେ ସିନେମା ନିର୍ମାତା ଓ ଦର୍ଶକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବା ଉଚିତ ବୋଲି ସେ କହିଥିଲେ। ରଘୁନାଥ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଖବରଦାତା ପ୍ରଫୁଲ୍ଲ କୁମାର ଦାଶ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ହିମାଂଶୁ ମିଶ୍ର ଭାରତୀ ଏକ୍ସା ପୂର୍ବ ଭାରତର ପ୍ରଥମ ସିଓଟି

ରେଙ୍ଗାଲି, ୧୦।୧ (ଡି.ଏନ.ଏ.) ସମ୍ବଲପୁରର ଏକ ହୋଟେଲରେ ଭାରତୀ ଏକ୍ସା ପକ୍ଷରୁ ଜିଲାସ୍ତରୀୟ କ୍ଲଷ୍ଟର ମିଟ୍ ଅନୁଷ୍ଠିତ ହୋଇଥିଲା। ପୂର୍ବ ଭାରତର ପ୍ରଥମ ସିଓଟି (କୋର୍ଟ ଅଫ୍ ଟେବୁଲ)ଭାବରେ ରେଙ୍ଗାଲିର ହିମାଂଶୁ ଶେଖର ମିଶ୍ରଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଉତ୍ତର ପୂର୍ବ ଭାରତର ଜୋନାଲ ହେଡ୍ ରୋଷନ କେବଲାନି, ରିଜୋନାଲ ହେଡ୍ ଅମିତ ମୋତୱାନି, କ୍ଲଷ୍ଟର ହେଡ୍ ବିଦ୍ୟ ପ୍ରକାଶ ପାଣ୍ଡେ, ସିନିୟର ବିଜିନେସ ମ୍ୟାନେଜର ଋଷିକେଶ ଅଗ୍ରୱାଲ ପ୍ରମୁଖ ଏହି କ୍ଲଷ୍ଟର ମିଟ୍‌ରେ ଉପସ୍ଥିତ ଥିଲେ।




ସମ୍ବଲପୁରର ଏକ ହୋଟେଲରେ ଭାରତୀ ଏକ୍ସାର ଜିଲାସ୍ତରୀୟ କ୍ଲଷ୍ଟର ମିଟ୍‌ରେ ପୂର୍ବ ଭାରତର ପ୍ରଥମ ସିଓଟି ରେଙ୍ଗାଲିର ହିମାଂଶୁ ଶେଖର ମିଶ୍ର ଓ ଅନ୍ୟମାନେ।

# ହିନ୍ଦୀ ଭାଷା ବିଦେଶରେ ଭାରତୀୟଙ୍କ ପ୍ରତିଷ୍ଠା ବୃଦ୍ଧି କରୁଛି

**ସମ୍ବଲପୁର, ୧୦।୧ (ବ୍ୟୁରୋ)**

ବିଶ୍ୱ ହିନ୍ଦୀ ଦିବସ ଶୁକ୍ରବାର ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି। କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ ସମ୍ମାନିତ ଅତିଥି ଥିଲେ। ଡ. ସଞ୍ଜୟ କୁମାର ସିଂ, ବଲାଙ୍ଗୀରର ରାଜେନ୍ଦ୍ର ଗୋସ୍ୱାମୀ ବକ୍ତାଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ କହିଥିଲେ ଯେ, ହିନ୍ଦୀ ଭାଷା ବିଶ୍ୱଭାଷା ଭାବେ ମାନ୍ୟତା ପାଇବ। ଏହି ଭାଷା ଯୋଗୁ ବିଦେଶରେ ଭାରତୀୟଙ୍କ ପ୍ରତିଷ୍ଠା ବୃଦ୍ଧି ହେବା ସହ ସଂସ୍କୃତିର ମଧ୍ୟ ସ୍ୱତନ୍ତ୍ର ପରିଚୟ ରହିଛି। ମାନବ ସଞ୍ଚାଳନ ବିକାଶ ମହାପ୍ରବନ୍ଧକ ପି.କେ. ସିଂଙ୍କ ସମେତ ଏମସିଏଲ ମୁଖ୍ୟାଳୟ ଓ ବିଭିନ୍ନ କ୍ଷେତ୍ର ମହାପ୍ରବନ୍ଧକ, ବିଭାଗୀୟ ଅଧ୍ୟକ୍ଷ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଜଭାଷା ଉପପ୍ରବନ୍ଧକ ବିଆର ସାହୁ, ସହାୟିକା ତୁଳିକା ବିଶ୍ୱାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିଭଳି ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ମଧ୍ୟ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ଭାଷାରେ କୁଇଜ ପ୍ରତିଯୋଗିତା ହୋଇଥିଲା। କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର କହିଥିଲେ ଯେ, ହିନ୍ଦୀ ଭାଷା ବିଶ୍ୱର ଶ୍ରେଷ୍ଠ ଭାଷା। ତେଣୁ ହିନ୍ଦୀ ଭାଷାର ବହୁଳ ପ୍ରଚାରପ୍ରସାର ଆବଶ୍ୟକତା ରହିଛି। କୁଳସଚିବ ଡ. ମାନସରଞ୍ଜନ ପୂଜାରୀଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ କୁଇଜର ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା।

**କିର୍ମିରା,(ଡି.ଏନ.ଏ.)**

ଝାରସୁଗୁଡା ଜିଲା ବାଗଡିହି ଗ୍ରାମରେ ଶୁକ୍ରବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ଦାଶରଥି ବେହେରା, ଦୀପାଳି ଦାସ, ଅଜୟ ଶର୍ମା, ଜଗନ୍ନାଥ ଜେନା, ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ, ଆଇନଜୀବୀ ସ୍ୱପ୍ନା ସାହୁ, ମାତାଦିନ ଶର୍ମା, ଦୟାରାମ ଅଗ୍ରୱାଲ, ନକୁଳ ସାହୁ, ଉପନ ସାହୁ, ସୁକାନ୍ତି ସାହୁ, ପ୍ରତାପକେଶରୀ ସିଂ, ବ୍ୟାସଦେବ ପଣ୍ଡା ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷା ଉପରେ ନିଜ ମତ ରଖିଥିଲେ। ଏହି ଅବସରରେ କବିୟତ୍ରି କାଜଳ ଶର୍ମାଙ୍କ ଦ୍ୱାରା ଲିଖିତ କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଫାଣ୍ଡି ଅଧିକାରୀ ସରୋଜ ନାୟକ, ଶିକ୍ଷକ ମୋହନ ବେହେରା, ପ୍ରାଧ୍ୟାପିକା ତବସ୍ସୁମ ବାନୋ, ରଶ୍ମିରେଖା ଜେନା, କିର୍ମିରା ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ନନ୍ଦୁରାମ ପିଗୁଆ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ତ୍ତତ୍ରାଣ ସାହୁ, ଡିଲେଶ୍ୱର ବାଗ, କୁଞ୍ଜବିହାରୀ ପଟେଲ, ଜୟନ୍ତ ଅଗ୍ରୱାଲ, ବୁଲୁ ପାଢ଼ୀ, ମୁକେଶ ଶର୍ମା, ଓମ୍‌ପ୍ରକାଶ ବାଧାନ ସହଯୋଗ କରିଥିଲେ।






ଶୁକ୍ରବାର ସମ୍ବଲପୁର ମହାନଦୀ କୋଇଲା କମ୍ପାନୀ ମୁଖ୍ୟାଳୟଠାରେ ଆୟୋଜିତ ବିଶ୍ୱ ହିନ୍ଦୀ ଭାଷା ଦିବସରେ ମଞ୍ଚାସୀନ ଅତିଥିମାନେ। (ବାମ) ଶୁକ୍ରବାର ଓଏସ୍‌ଓୟୁ ପକ୍ଷରୁ ଆୟୋଜିତ ବିଶ୍ୱ ହିନ୍ଦୀ ଦିବସରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ। - ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ରେଢ଼ାଖୋଲ ଏନ୍ଏସିର ସାଧାରଣ ବୈଠକ

## ରାଜସ୍ୱ ବୃଦ୍ଧି ପାଇଁ ନିଷ୍ପତ୍ତି

**ରେଢ଼ାଖୋଲ,୧୦।୧(ଡି.ଏନ.ଏ.):** ରେଢାଖୋଲ ଏନ୍ଏସିର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଧାୟକ ରୋହିତ ପୂଜାରୀ ଯୋଗ ଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡିକୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛ ଭାରତ ମିଶନ ଜରିଆରେ ସହରକୁ ସ୍ୱଚ୍ଛ ରଖିବା ସହ ସ୍ୱଚ୍ଛ ସର୍ଭେକ୍ଷଣ-୨୦୨୦ରେ ପରିଷଦକୁ ରାଜ୍ୟସ୍ତରରେ ସ୍ଥାନିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପରିଷଦର ନିଜସ୍ୱ ଆୟ ବୃଦ୍ଧି କରିବାକୁ ଆଲୋଚନା କରାଯାଇଛି। ଟ୍ରେଡ୍ ଲାଇସନ୍ସ, ହୋଲଡିଂ ଟିକସ, ଦୋକାନ ଗୃହ ଗୁଡିକର ଦର ବୃଦ୍ଧି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଏନଏସି ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, କାଉନସିଲର ଗୋପବନ୍ଧୁ ବାହୁକ, ଜ୍ଞାନରଞ୍ଜନ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଅନୀତା ପାଣିଗ୍ରାହୀ, ଗୁଲାପି ମୁଖି, ନିରୁପମା ପୃଷ୍ଟି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅନିୟମିତତାରେ ଚାଲିଛି ଆର୍‌ଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟ

# ଇଚ୍ଛା ଅନୁସାରେ ଅଫିସ ଆସୁଛନ୍ତି କର୍ମଚାରୀ

**ଦେବଗଡ଼, ୧୦।୧(ଡି.ଏନ.ଏ.)**







କର୍ମଚାରୀ ଓ ଅଧିକାରୀ ଆସି ନ ଥିବାରୁ ଦେବଗଡ଼ ଆର୍‌ଡବ୍ଲୁଏସ୍ଏସ୍ କାର୍ଯ୍ୟାଳୟର ଚେୟାର ଖାଲିପଡ଼ିଛି। ସିସି ଟିଭି ଲାଗିଛି, ହେଲେ ଅଚଳ ହୋଇପଡ଼ିଛି।

ଦେବଗଡ଼ ସହର ପୁରୁଣାଗଡ କଲେଜ ରୋଡସ୍ଥିତ ଆର୍‌ଡବ୍ଲୁଏସ୍ଏସ୍ (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) ବିଭାଗର କାର୍ଯ୍ୟାଳୟ ଅନିୟମିତତାରେ ଚାଲିଛି। ଇଚ୍ଛା ଅନୁସାରେ ଅଫିସ ଆସୁଛନ୍ତି କର୍ମଚାରୀ। ଫଳରେ ପାନୀୟଜଳ ଯୋଗାଣ ସମସ୍ୟା ନେଇ ଲୋକେ ଆପତ୍ତି ଅଭିଯୋଗ କରିବାକୁ ଗଲେ କାହା ଦେଖା ପାଆନ୍ତି ନାହିଁ। ଜଳଯୋଗାଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିଲେ ମଧ୍ୟ ଲୋକେ କର୍ମଚାରୀଙ୍କ ଦେଖାପାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଲୋକେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଲେ ମଧ୍ୟ ଦେଖାପାଆନ୍ତି ନାହିଁ। ସେ ମଧ୍ୟ ଠିକ ଅଫିସ୍ ଆସୁନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଖବର ନେବାରେ ଜଣାଯାଇଛି ଯେ, ଉକ୍ତ କାର୍ଯ୍ୟାଳୟର ମୁଖ୍ୟ ଠିକ୍ ଭାବେ ଆସୁ ନ ଥିବାରୁ ଇଚ୍ଛାଅନୁସାରେ ଚାଲିଛି ଅଫିସ। କେହି କେହି କର୍ମଚାରୀ ୩ ରୁ ୪ ଦିନରେ ଥରେ ଆସି ଉପସ୍ଥାନ ଦସ୍ତଖତ କରୁଥିବା ଜଣାପଡିଛି। ଫିଲ୍ଡ଼ କାମରେ ବାହାରକୁ ଯିବାକୁ ପଡୁ ଥିବାରୁ ଅଫିସ ଆସି ହେଉନାହିଁ ବୋଲି କେତେଜଣ କର୍ମଚାରୀ ବାହାନା କରୁଛନ୍ତି। ଏହି ଅଫିସର ସିସି ଟିଭି କେମେରା ଦୀର୍ଘମାସ ହେବ ବନ୍ଦ ହୋଇ ପଡିଛି। ଫଳରେ ଅନିୟମିତତା, ନିୟମିତ ଅଫିସ ନ ଆସିବାକୁ ଏହା ସୁଯୋଗ ସୃଷ୍ଟି କରୁଛି। ଏହା କେମିତି ଖରାପ ହେଲା, ଯଦି ଖରାପ ହେଲା ମରାମତି କଣ ପାଇଁ ହେଉ ନାହିଁ କି ଜାଣିଶୁଣି କି ବନ୍ଦ କରାଯାଇଛି ତାହା ତଦନ୍ତ କଲେ ପ୍ରକୃତ ରହସ୍ୟ ଜଣାପଡ଼ିବ। ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ସବୁ ବିଭାଗର ଅଧିକାରୀ ଉପସ୍ଥିତ ରହିବା କଥା। କିନ୍ତୁ ଆର୍‌ଡବ୍ଲୁଏସ୍ଏସ୍ ବିଭାଗର ଅଧିକାରୀ ବହୁବାର ଅନୁପସ୍ଥିତ ରହୁଥିବା ଜଣାପଡିଛି। ଫଳରେ ବିଭାଗୀୟ ଏସ୍‌ଡିଓ ଉପସ୍ଥିତ ହୋଇ କାମ ଚଳାଇ ଦେଉଥିବା କୁହାଯାଉଛି। କେବଳ ସେତିକି ନୁହେଁ, ଉକ୍ତ ଅଫିସରେ ବିଭିନ୍ନ ପ୍ରକଳ୍ପ ପାଇଁ ଲକ୍ଷାଧିକ ଟଙ୍କା ଆସୁଥିବାରୁ ଉକ୍ତ କାର୍ଯ୍ୟ ପାଇଁ ଠିକାଦାରଙ୍କଠାରୁ ମୋଟାଅଙ୍କର ପିସି କାରବାର ହେଉଥିବା ଅଭିଯୋଗ ହେଉଛି। ଫଳରେ ଜଳଯୋଗାଣ ପ୍ରକଳ୍ପ ନିମ୍ନମାନର ହେଉଛି। ଫଳରେ ପାଣି ଯୋଗାଣର ଅଳ୍ପ ଦିନ ପରେ ପ୍ରକଳ୍ପ ଅଚଳ ହୋଇପଡୁଛି। ବର୍ତ୍ତମାନ ଜିଲାର କେତେକ ପ୍ରକଳ୍ପ କାମ ଚାଲିଥିବା ବେଳେ କେତେକ ଅଚଳ ହୋଇପଡିଛି। ଏ ସମ୍ପର୍କରେ ଦେବଗଡ଼ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ଦାଶ କୁହନ୍ତି, ସେ ସବୁଦିନ ଅଫିସ ଆସୁଛନ୍ତି। ସିସି ଟିଭି କେମେରା ଖରାପ ହେବା କଥା ଜାଣିନାହାନ୍ତି। ଖରାପ ଥିଲେ ଠିକ କରାଯିବ ବୋଲି କହିଥିଲେ। ଏପଟେ ଏସ୍‌ଡିଓ ସତ୍ୟଜିତ ସାହୁ କହିଛନ୍ତି, ମୋତେ ଯେଉଁ ଦାୟୀତ୍ୱ ମିଳିଲେ କରିଥାଏ। ଜିଲାପାଳଙ୍କ ଜନଶୁଣାଣିକୁ ନିର୍ବାହୀ ଯନ୍ତ୍ରୀ ନ ଗଲେ ମୁଁ ଯାଇଥାଏ ବୋଲି କହିବା ସହ ସିସି କେମେରା ଠିକ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟାଳୟ ସମ୍ପର୍କରେ ଓ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ରହସ୍ୟ ଲୋକଲୋଚନକୁ ଆସିବ ବୋଲି କୁହାଯାଉଛି।

**ଜାଣିଶୁଣି କାର୍ଯ୍ୟାଳୟର ସିସି ଟିଭି କେମେରା ଅଚଳ**

### ସ୍ନାତକ ମହାବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବ

**ରିଆମାଳ,୧୦।୧(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢାପାଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଉତ୍ସବ ଏବଂ ବାର୍ଷିକ ଶିକ୍ଷା ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ.ଭାରତ ଭୂଷଣ ନନ୍ଦ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ମୁଖ୍ୟଅତିଥିଭାବେ ଯୋଗଦେଇ ନିର୍ମାଣାଧୀନ ନୂତନ ପାଠାଗାରକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ରିଆମାଳ ବ୍ଲକ ଅଧ୍ୟକ୍ଷା ରୀତାଞ୍ଜଳୀ ହାତୀ, ସାମାଜିକ କର୍ମୀ ଇଂ.ଚିତରଞ୍ଜନ ପ୍ରଧାନ, ଶିକ୍ଷାବିତ୍ ଡ.ପ୍ରତିଭା ସାହୁ, ଦେବଗଡ ରାଣୀମା ଅରୁନ୍ଧତୀ ଦେବୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଗୁରୁ ଓ ଶିଷ୍ୟ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେଲେ ଶିକ୍ଷାର ବିକାଶ ହୋଇଥାଏ ବୋଲି କହିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ରୀନାବାଳା ବିଶ୍ୱାଳ, ନିର୍ମଳ ଚନ୍ଦ୍ର ଦାଶ, ଦୀପକ କୁମାର ସାହୁ, ସଲିଳ କୁମାର ରଥ, ଅଜୟ କୁମାର ସାହୁ, ଶୀତଳ ପ୍ରଧାନ, ପ୍ରଦ୍ୟୁମ୍ନ ବେହେରା, ଦେବକାନ୍ତ ବେହେରା ଓ ଡ. ସଷମା ପତି ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ରଚନା, ବକ୍ତୃତା, ଗୀତ, କବିତା ଆବୃତ୍ତି, ଝୋଟି ଓ ନୃତ୍ୟ ଆଦି ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା । ପରେ ଏମ୍‌ପି ଗଙ୍ଗଦେବଙ୍କ ସଭାପତିତ୍ୱରେ ବାର୍ଷିକ ଶିକ୍ଷା ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଷ୍ଟାଫଙ୍କ ଇପିଏଫ୍, କଳା ଓ ବିଜ୍ଞାନରେ ଛାତ୍ରୀଛାତ୍ରଙ୍କ ସିଟ ସଂଖ୍ୟା ବୃଦ୍ଧି, ପ୍ରତ୍ୟେକ ବିଷୟରେ ଦ୍ୱିତୀୟ ଅଧ୍ୟାପକ ନିଯୁକ୍ତି ସମ୍ବନ୍ଧରେ ଆଲୋଚନା ହୋଇଥିଲା।

### ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ

# ନାଲକୋ ସେମିଫାଇନାଲରେ

**ଦେବଗଡ଼,୧୦।୧(ଡି.ଏନ୍.ଏ.)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଦ୍ୱିତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ପୁଲ ବି'ର ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ରେ ନାଲକୋ ଦଳ ଟ୍ରାଇବ୍ରେକର ଜରିଆରେ ୪-୨ ଗୋଲରେ ଧାନବାଦ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଫଳରେ ନାଲକୋ ସେମଫାଇନାଲକୁ ପ୍ରବେଶ କରିଛି। ନାଲକୋର ମାନସ ହେମ୍ବ୍ରମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଫରି ଅଶ୍ୱିନୀ ବରିହା, ଅରୁଣ କୁମାର ଭୋଇ, ରାଜନ ଝାଙ୍କର, ଦେବରାଜ ନାଗ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ କମିଶନର ଭାବେ ହେମନ୍ତ ମହାପାତ୍ର ସହଯୋଗ କରିଥିଲେ। ଧାରାବିବରଣୀ ବେଣୁଧର ଗଡନାୟକ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ତିଳେଇବଣି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଭୂପେନ୍ଦ୍ର ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆର୍‌ଆଇ କାଳିଚରଣ ମାଝି, ଭାରପ୍ରାପ୍ତ ଥାନା ଅଧିକାରୀ ସୁକାନ୍ତୀ କେର୍‌କେଟା, ପୋଲିସ୍ ଇନ୍ସପେକ୍ଟର ବୁଧରାୟ ମାଝି, ପ୍ରଦୀପ ରଞ୍ଜନ ପାତ୍ର, ପୋଲିସ ସରଜେଣ୍ଟ ଗୋବିନ୍ଦ ମାରାଣ୍ଡି, ଜିଲା କ୍ରୀଡ଼ା ସମ୍ପାଦକ ଧିରେନ୍ଦ୍ର ନାଏକ, ସଭାପତି ସୁବାଷ ଚନ୍ଦ୍ର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ମଛିନ୍ଦ୍ର ନାଏକ, ରୂପକ ମାଝି, ମନୋଜ ନାଏକ, ବିକାଶ ଅଗ୍ରୱାଲା, ସଞ୍ଜୀବ ନାଏକ, ଯୋଗେନ୍ଦ୍ର ସାହୁ, ଯୋଗେଶ ନାଏକ, ଜୟକୃଷ୍ଣ ପ୍ରଧାନ, ଅଲେଖ ନାଏକ, ଅନନ୍ତ ମେହେର, କ୍ରୀଡ଼ା ଶିକ୍ଷକ ଡିଲେଶ୍ୱର ସ୍ୱାଇଁ, ସୁଧୀର ଦାସ, ପ୍ରଦୀପ ସାହୁ, ପୁରୁଷୋତ୍ତମ ସ୍ୱାଇଁ, ଚିତ୍ତ ମହାନନ୍ଦ, ଡ଼ିଲେଶ୍ୱର ସ୍ୱାଇଁ, ପ୍ରଦୀପ ବେହେରା, ରାଘବ ମହାରଣା, ଟୁଲୁ ରାଏ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ହୁଗୁଳି କୋଲିକତା ଫୁଟବଲ ଆକାଡ଼େମୀ ଓ ନାଲକୋ ଅନୁଗୁଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।





ଅତିଥିମାନେ ମାନସ ହେମ୍ବ୍ରମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।



ସର୍ବଭାରତୀୟ ବହୁଭାଷୀ ନାଟକ, ନୃତ୍ୟ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠିତ ନାଟକର ଏକ ଦୃଶ୍ୟ।

### ୧୭ତମ ସର୍ବଭାରତୀୟ ବହୁଭାଷୀ ନାଟକ, ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

## ନାଟକ 'ସ୍ନାଇଲ୍ ପ୍ଲିଜ', 'ଘରୋନ୍ଦା' ମଞ୍ଚସ୍ଥ

**ଦେବଗଡ,୧୦।୧(ଡି.ଏନ.ଏ.)**

ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ଦେବଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ୧୭ତମ ସର୍ବ ଭାରତୀୟ ବହୁଭାଷୀ କ୍ଷୁଦ୍ର ନାଟକ ଓ ନୃତ୍ୟ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଡ଼ିଆର୍‌ଡିଏ ପିଡି ଭିମ୍‌ସେଣ୍ଟ ପୁନମକାନ୍ତ ଏକ୍କା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅତୁଲ୍ୟ ପୂଜାରୀ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ କୁମାର ଗୁରୁ, ଉପସଭାପତି ପ୍ରକାଶଚନ୍ଦ୍ର ଦେବତା, ଅନୁଷ୍ଠାନର ସମ୍ପାଦକ ସୁଜିତ କୁମାର ପାତ୍ର, ଅଶୋକ ନନ୍ଦ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ନାଟ୍ୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଜନ୍ମେଜୟ ନାୟକ ଓ ଚିତ୍ତରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ପ୍ରଥମ ନାଟକ ମିତର ଥିଏଟର ବେଲପାହାଡ଼ ପକ୍ଷରୁ ନାଟ୍ୟକାର ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଏବଂ ନିର୍ଦ୍ଦେଶକ ସମ୍ବଲପରୀ ନାଟକ 'ସ୍ନାଇଲ ପ୍ଲିଜ୍ ମଞ୍ଚସ୍ଥ ହୋଇଥିଲା। କଳାକାରମାନେ ସୁନ୍ଦର ଭାବେ ନାଟକକୁ ଉପସ୍ଥାପନ କରିଥିଲେ। ସେହିପରି ଦ୍ୱିତୀୟ ନାଟକ ସାଇଁ ଆର୍ଟ ଆଣ୍ଡ କଲଚୁରାଲ ସୋସାଇଟି ଜାମସେଦପୁର ପକ୍ଷରୁ ନାଟ୍ୟକାର ଶଙ୍କରଙ୍କ ରଚିତ ଓ ପ୍ରୀତି ସାଗରଙ୍କ ନିର୍ଦ୍ଦେଶିତ ନାଟକ 'ଘରୋନ୍ଦା' ମଞ୍ଚସ୍ଥ ହୋଇଥିଲା। ଏଥିରେ କଳାକାରଙ୍କ ନିଖୁଣ ଅଭିନୟକୁ ଦର୍ଶକ ଖୁବ ମଜା ଉଠାଇଥିଲେ।

## ନାନାକାନା ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା

**ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.)**

ପାକିସ୍ତାନରେ ଥିବା ପବିତ୍ର ଗୁରୁଦ୍ୱାରା ନାନାକାନା ସାହେବ ହୋଇଥିବା ଅମାନବୀୟ ଆକ୍ରମଣ ଘଟଣାକୁ ନିନ୍ଦା କରି ବ୍ରଜରାଜନଗର ଶିଖ ସମାଜ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଗୁରୁଦ୍ୱାରଠାରୁ ବାହାରି ସହର ପରିକ୍ରମା କରିଛି। ଶିଖମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ବିରୋଧରେ ନାରାବାଜି କରିବା ସହ ରେଳ ଷ୍ଟେଶନଠାରେ ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଏଥିରେ ଅଜିତ ସିଂ ଚାୱାଲା, ଗୁରୁଦୟାଲ ସିଂ ଚାୱାଲା, ନିର୍ମଳ ସିଂ ଚାୱଲା, ହରବିନ୍ଦର ସିଂ, ଧରମ ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

**ସମ୍ବଲପୁର,୧୦।୧(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭମ ସକସେନା ଏଥିରେ ଅଧକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଏସପି ଅମରେଶ ପଣ୍ଡା, ମହାନଗର ନିଗମ ଅତିରିକ୍ତ କମିଶନର ଅଞ୍ଜଳିନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ୨୧, ୨୨ ଓ ୨୪ ତାରିଖ କଚେରି ଛକରେ ପରେଡ ଅଭ୍ୟାସ କରାଯିବ। ସେହିପରି ୧୬, ୧୭ ୧୮ ତାରିଖ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ କବିତା ଆବୃତ୍ତି, ଚିତ୍ରାଙ୍କନ, ରଚନା, ପ୍ରବନ୍ଧ, କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସକାଳ ୫ଟାରୁ ରାମଧୁନ ଗାନ କରାଯିବ। ମହିଳା ବନ୍ଦୀ ନିକେତନ, ମଣ୍ଡଳ କାରାଗାର ଓ ଡାକ୍ତରଖାନାରେ ଫଳ, ମିଷ୍ଟାନ ବଣ୍ଟନ କରାଯିବ। ଏକ ରକ୍ତଦାନ ଶିବିର ଓ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି।

**ରେଢ଼ାଖୋଲ,(ଡି.ଏନ.ଏ.)** ରେଢାଖୋଲ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ମଧ୍ୟ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଡୋଳାମଣି ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ସ୍କୁଲ କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଓ ପରେଡ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ହାରାଧନ ମେଣ୍ଡଳି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ , ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ, ବାର୍ ଆସୋସିଏସନର ସଭାପତି ଅଭୟ କୁମାର ବୀର, ସଂପାଦକ ଗଣେଶ୍ୱର ପ୍ରଧାନ, ବ୍ଲକ ଅଧକ୍ଷା କବିତା ପ୍ରଧାନ,ଏନଏସି ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧକ୍ଷ ସୁନିଲ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଗୋବର୍ଦ୍ଧନ ବଘାର, ମହାବୀର ସିଂଦେଓ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


**NOTIFIED AREA COUNCIL, KESINGA**

**BID IDENTIFICATION No.64 / 2019-20, Dated: 07.01.2020**

The Executive Officer, N.A.C., Kesinga invites sealed Percentage Rate bids for the works detailed in the table below. from appropriate Class of bidders registered with Kesinga NAC / PHED / RWSS / RD WR / PWD of the State Government. The details of project list may be seen in the office notice board of NAC, Kesinga. The sale receipt & opening of tender paper No. of works and class of contractors are given below.

| | | |
|---|---|---|
| Total No. of works | : | 23 (Twenty three) only |
| Value of works | : | Rs.89,500.00 Rs.1,78,910.00 |
| Period of Sale of bid documents | : | From 09.01.2020 to 18.01.2020 up to 17.00 hours |
| Date and time of receipt of tender paper | : | Up to 17.00 hours of 21.01.2020 |
| Date and time of opening | : | 11.30 hrs on 22.01.2020 |
| Class of Contractors | : | Regd. of NAC, Kesinga / D & C of state Govt. |

The authority reserves the right to reject any or all the tender without assigning any reason thereof.

**Sd./- Executive Officer, N.A.C., Kesinga**

GOVT. OF ODISHA No.: A-552
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
DRAINAGE CIRCLE, GANDARPUR, CUTTACK - 753003
**E-PROCUREMENT NOTICE NO.- SEDC-CTC-01/2019-20**
e-mail ID: sedrainagecirclectc@gmail.com

**1st Corrigendum to e-Procurement Notice No.-SEDC-CTC-04/2019-20**

Sl. No. - 1 of Notice may be read as "Ranging from Rs.155.52 Lakhs to Rs.364.95 Lakhs".
All other terms and conditions remain unchanged.
Further details can be seen from the Govt. website **www.tendersorissa.gov.in**.

**Superintending Engineer**
**Drainage Circle, Cuttack**
32174/11/0010/1920

**ODISHA STATE WAREHOUSING CORPORATION**
PLOT NO. 2, CUTTACK ROAD, BHUBANESWAR-751006
No. COM/TR/TEN/08/2019-20/120 Dt.08.01.2020

**NOTICE INVITING e-TENDER**

No.: CAD-792: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor for handling and transportation of foodgrain stock of FCI at the warehouse at Bhawanipatna-II (Internal & RH Kesinga) Malkangiri (RH Jeypore), A.Katapali (RH Sambalpur City), Attabira (RH Sambalpur City) & Godbhaga (RH Sambalpur City) for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and **www.oswc.in** from **dt.10.01.2020**. The last date and time of online submission of bid is **dt.27.01.2020** upto 5 PM.
Future amendments, corrigendum or other communication regarding this tender will be available only on **https://tendersodisha.gov.in** and will not be published in print media.
The Managing Director reserves the right to accept or reject any or all tenders without assigning any reason thereof.

**Sd./- Managing Director**
39003/11/0009/1920

**ZILLA SWASTHYA SAMITI, BALANGIR**
**O/o. The Chief District Medical & Public Health Officer (DPMU, NHM), Balangir**
Advt.: 95 Dt.07.01.2020

**NOTICE**

No.: E-653: The merit list and rejected list for empanelment of different post under Daily Wage Basis with reference to this Office Advt. No. 2607 Dt.16.07.2019 is available in the website **www.balangir.nic.in**. Further candidates are requested to attend the counselling-cum-Document verification on Dt.20.01.2020 at 10.30 A.M. in the NHM Conference Hall, O/o. The CDM&PHO-cum-District Mission Director, Balangir as per Annexure-A. If the candidate fails to attend the counselling-cum-Document verification his/her candidature automatically cancelled and the next candidate in the merit list should be called for counselling. No personal contact will be entertained.

**Sd./- CDM&PHO-cum-District Mission Director**
**Balangir**
10019/11/0008/1920

**NOTICE INVITING REVISED E-TENDERS**
**CENTRE FOR MODERNIZING GOVERNMENT INITIATIVE (CMGI)**

**Tender Enquiry No.: CMGI/PCU/BCP-HRMS/2018/581/31 Dt.08.01.2020**
No.: CAD-794: The tender Vide No. RFP No. CMGI/PCU/DR-HRMS/2019/581/1082, Date: 10.09.2019 has been revised.
With reference to above, e-Tenders through Odisha Tenders Portal **(https://tendersodisha.gov.in)** are invited for procurement of Business Continuity Plan (BCP) site for HRMS. Tender documents can be downloaded from CMGI website **(www.cmgi.org.in)** and Odisha e-Tenders Portal **(https://tendersodisha.gov.in)**.
The authority reserves the right to reject any or all the tenders without assigning any reason thereof.
The last date of submission of the e-Tender in Odisha e-Tender Portal **(https://tendersodisha.gov.in)** is 10.02.2020 at 11.30 A.M.

**Executive Director, Centre for Modernizing Government Initiative (CMGI), 1st Floor, A-2, Toshali Bhawan, Satya Nagar, Bhubaneswar, Odisha**

By Order of Executive Director
**Procurement Officer**
09008/11/0006/1920

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**SUNDARGARH (R&B) DIVISION, SUNDARGARH**
E-mail ID: pwd_sng@yahoo.co.in, Tel./Fax: (06622) 272230
No.: B-565

**"e" Procurement Notice**

Letter No.: 146/WE Bid Identification No.- EE-R&B-SNG-22 of 2019-20 Date: 08.1.2020

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in Single Cover System on Online mode from eligible contractors with valid licence for **Building & Electrical Work** as detailed in DTCN. | | |
| 2. | Nature of Work | : | Building & Electrical Work |
| 3. | No. of Works | : | 02 (Two) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | 'D' & 'C' and HT Electrical Contractor |
| 6. | Availability of Bid document in the website | : | From 10.00 A.M. of Date 14.01.2020 to 05.00 P.M. of Date 24.01.2020. |
| 7. | Date of Opening of Bid | : | 11.00 A.M. on Dt.27.01.2020. |
| 8. | The bidders have to participate in Online bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

34043/11/0008/1920 **Sd./- Executive Engineer, Sundargarh (R&B) Division**

**THE ODISHA MINING CORPORATION LIMITED**
OMC ODISHA NEW OPPORTUNITIES
**OMC House, Bhubaneswar-751001, Odisha**
**CIN: U13100OR1956SGC000313, www.omcltd.in**

**NIT No. 01/OMC/Civil/2020**

No.: CAD-791: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated Cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Provision of renewal course over Barsuan Khandadhar road of Koira Region in the district of Sundargarh. | 1154.93 | 8 (Eight) | Special & Super | 11,55,000/- | 10,000/- + 18% GST |
| 2 | Development of CC drain, paved shoulder and guard wall of Daitari ghat road from RD KM 0/000 to KM 6/900 in the district of Keonjhar. | 828.43 | 8 (Eight) | Special & Super | 8,29,000/- | 10,000/- + 18% GST |

1. Available of Bid document in Govt. portal from dt.17/1/2020 to 07/02/2020 upto 5.00 PM.
2. Last date of on-line submission of tender in the portal is dt. 07/02/2020 upto 5.00 PM.
3. Date of opening of Technical Bid is dt .10/02/2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in.** The Odisha Mining Corporation Ltd. reserves the right to reject any or all tenders without assigning any reason thereof.
30005/11/0115/1920 **CGM (Civil)**



“ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ମନିଷ



ଧରମା



ଯଦୁମଣୀ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ମାର୍କେଟ ବିଲ୍ଡିଂରେ ଆତଙ୍କ

- ଯାହାକୁ ଦେଖିଲେ ପିଟିଲେ ୭୦ କଳାମୁଖା ପିନ୍ଧା ଦୁର୍ବୃତ୍ତ
- ୩୦ରୁ ଊର୍ଦ୍ଧ୍ୱ ଦୋକାନ ଚୂରମାର
- ୧୦ ମିନିଟ୍‌ରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ
- ୨ ଦୋକାନୀ ଗୁରୁତର, ୨ ଅଟକ

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା। ୭୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ମୁହଁରେ କଳାମୁଖା ପିନ୍ଧି ହାତରେ ଖଣ୍ଡା, ଭୁଜାଲି, ଠେଙ୍ଗା ଧରି ପଶିଆସିଥିଲେ ଜନଗହଳିପୂର୍ଣ୍ଣ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂକୁ। ଦେଖୁ ଦେଖୁ ଖେଳିଯାଇଥିଲା ଆତଙ୍କ। ଦୁର୍ବୃତ୍ତମାନେ କେଶରୀ ମଲ ସମ୍ମୁଖ ୩୦ରୁ ଊର୍ଦ୍ଧ୍ୱ ଦୋକାନକୁ ଭଙ୍ଗାରୁଜା କରିବା ସହ ଦୋକାନୀ, ଗ୍ରାହକ ଯାହାକୁ ଦେଖିଲେ ମରଣାନ୍ତକ ଆକ୍ରମଣ କଲେ। ଲୋକେ ପ୍ରାଣ ଭୟରେ ଏଣେ ତେଣେ ଦୌଡ଼ିଥିଲେ। ବିଶେଷ କରି ଅନେକେ କେଶରୀ ମଲ୍ ଭିତରକୁ ପଶି ସୁରକ୍ଷିତ ରହିବାକୁ ଚେଷ୍ଟା କରିଥିଲେ। ପ୍ରାୟ ୧୦ ମିନିଟ ଧରି ଆତଙ୍କ ଖେଳାଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିବା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ମାତ୍ର ଆକ୍ରମଣର ଶିକାର ୨ ଦୋକାନୀ ୨ ଦୁର୍ବୃତ୍ତଙ୍କ ସହ ସାହସିକତାର ସହ ଲଢ଼ି ସେମାନଙ୍କୁ କାବୁ କରିନେଇଥିଲେ। ସେମାନଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଗୁରୁବାର ରାତିରେ ହାତଘଣ୍ଟା ଦୋକାନୀଙ୍କ ସହ ଜଣେ ଯୁବତୀଙ୍କ ମୂଲଚାଲକୁ ନେଇ ହୋଇଥିବା ବଚସା ଓ ମାରପିଟ୍‌ରୁ ଶୁକ୍ରବାର ଏଭଳି ହିଂସାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଡିସିପି ଅନୁପ କୁମାର ସାହୁ କହିଛନ୍ତି। ଘଟଣା ପଛରେ ଅନ୍ୟ କାରଣ ମଧ୍ୟ ଥାଇପାରେ। ଏନେଇ ତଦନ୍ତ ଜାରି ରହିବା ସହ ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଡିସିପି କହିଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ, ଅମୃତବିହାର ପରିସର, ପୂର୍ବାହ୍ନ ସାଢ଼େ ୧୦ଟା।
- ସିରିଡି ସାଇବାବା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ଭାଲୁପାଲି ସ୍ଥିତ ରୟାଲ ରିଟ୍ରିଟ୍, ପୂର୍ବାହ୍ନ ୧୦ଟା।
- ଭାଜପାର ଜନ ଜାଗରଣ ଯାତ୍ରା, ବୀରସୁରେନ୍ଦ୍ର ସାଏ ଟାଉନ ହଲ ପରିସର, ପୂର୍ବାହ୍ନ ୧୧ଟା।
- ମାଁ ଝାଡେଶ୍ୱରୀ କଲେଜର ରୌପ୍ୟଜୟନ୍ତୀ ଉତ୍ସବ, ଧମା ସ୍ଥିତ କଲେଜ ପରିସର, ପୂର୍ବାହ୍ନ ୧୧ଟା।
- ଶ୍ରୀରାମ କଥା ଜ୍ଞାନଯଜ୍ଞ, ରେମେଡ ସ୍ଥିତ ଜଲାନ ଇଷ୍ଟେଟ, ଅପରାହ୍ନ ୩ଟା।
- ହୀରାକୁଦ ମହୋତ୍ସବ ଦ୍ୱିତୀୟ ଦିବସ, ସୁବାଷ ମଇଦାନ, ସନ୍ଧ୍ୟା ସାଢ଼େ ୫ଟା।

**ମୁରିବାହାଲ**
- ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଶାଖା ଉଦ୍‌ଘାଟନ, ମୁରିବାହାଲ, ପୂର୍ବାହ୍ନ ୧୧ଟା।

**ବିଜେପୁର**
- ମକର ସଂକ୍ରାନ୍ତି ମହୋତ୍ସବ ଉଦ୍‌ଘାଟନ, ଗୋପଟିକ୍ରା ନିତ୍ୟାନନ୍ଦ ଆଶ୍ରମ, ପୂର୍ବାହ୍ନ ୯ଟା।

**ସୁବର୍ଣ୍ଣପୁର**
- ଜାତୀୟ ସଡକ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ସଚେତନତା ରାଲି, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ସାଢେ ୯ଟା।

**କଣ୍ଟାବାଞ୍ଜି**
- ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟନ, ବଙ୍ଗୋମୁଣ୍ଡା, ପୂର୍ବାହ୍ନ ୧୧ଟା।

**ଦେବଗଡ଼**
- ସର୍ବଭାରତୀୟ ବହୁଭାଷୀ ନାଟକ ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ଟାଉନ ହଲ, ସନ୍ଧ୍ୟା ୭ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ କପ୍, ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ଼, ଅପରାହ୍ନ ୩ଟା।
- ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ଦେବଗଡ଼ ସହର, ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
- ସଡକ ସୁରକ୍ଷା ସଚେତନତା ରାଲି, ଜିଲାପାଳ ଅଫିସ, ପୂର୍ବାହ୍ନ ୧୦ଟା।
- କୋଶଲି ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ, ରଙ୍ଗମଞ୍ଚ ପଡିଆ, ଅପରାହ୍ନ ୨ଟା।

■ ବିରୋଧୀଙ୍କ ଚେତାବନୀ

# ବିଦ୍ୟୁତ୍ କାଟିଲେ ଆନ୍ଦୋଳନ

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** ବିଦ୍ୟୁତ୍ ବିଲ୍ ବକେୟା ରଖିଥିବା ଗ୍ରାହକଙ୍କୁ ତୁରନ୍ତ ଦେୟ ପୈଠ ପାଇଁ ସେସୁ ପକ୍ଷରୁ ଚେତାବନୀ ଦିଆଯାଇଛି। ଯେଉଁମାନେ ବକେୟା ଅର୍ଥ ଆସନ୍ତା ୧୬ ତାରିଖ ସୁଦ୍ଧା ପୈଠ ନ କରନ୍ତି ସେମାନଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯିବ ବୋଲି ଘୋଷଣା ହେବାପରେ ଏହାକୁ ନେଇ ରାଜନୀତି ବଢ଼ିବାରେ ଲାଗିଛି। ବିରୋଧୀ ଦଳଗୁଡିକ ଏହାକୁ ନେଇ ସରକାରଙ୍କୁ ଟାର୍ଗେଟ୍ କରିବା ସହ ଆନ୍ଦୋଳନ ଧମକ ଦେଇଛନ୍ତି। ଶୁକ୍ରବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି ଆଗରୁ କହିଛୁ, ଏବେ ମଧ୍ୟ ଜଣେଇ ଦେଉଛୁ ଲୋକଙ୍କ ବିଦ୍ୟୁତ୍ କାଟିଲେ ଆନ୍ଦୋଳନ ହେବ। ଗରିବ, ଖଟିଖିଆ, ମୂଲିଆ ଓ ଚାଷୀଙ୍କ ଘରୁ ବିଜୁଳି ଗଲେ ରାସ୍ତାକୁ ଓହ୍ଲାଇବୁ। ଏହି ଆନ୍ଦୋଳନକୁ କେହି ରୋକିପାରିବେ ନାହିଁ। ଶିଳ୍ପପତିମାନଙ୍କ ପାଖରେ ଶହଶହ କୋଟି ଟଙ୍କାର ବକେୟା ପଡି ରହିଛି। ସେମାନଙ୍କ ଠାରୁ ପ୍ରଥମେ ଆଦାୟ କରାଯାଉ। ସେମାନଙ୍କ ଠାରୁ ଅର୍ଥ ଆଦାୟ ହେଲାନି ବୋଲି କ'ଣ ଏହି ଗରିବ ଲୋକଙ୍କ ବିଦ୍ୟୁତ୍ କାଟି ଦିଆଯିବ। ଗରିବ ଓ ମୂଲିଆଙ୍କ ପାଇଁ ଆମେ ଆନ୍ଦୋଳନ କରିବୁ। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ଜିଜିଆ କର ନୀତି ଆପଣାଉଛନ୍ତି। ଆମେ ଏହାକୁ ବିରୋଧ କରୁଛୁ। ସରକାର ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ ବୋଲି ହରିଚନ୍ଦନ କହିଛନ୍ତି।

# ୧୬ରେ ସରକାରୀ ସ୍କୁଲରେ ଅଭିଭାବକ-ଶିକ୍ଷକ ବୈଠକ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ):** ରାଜ୍ୟରେ ଥିବା ସମସ୍ତ ସରକାରୀ ସ୍କୁଲରେ ପ୍ରଥମ ଅଭିଭାବକ-ଶିକ୍ଷକ ବୈଠକ ନେଇ ସଫଳତା ମିଳିବା ପରେ ପୁଣିଥରେ ବୈଠକ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଆସନ୍ତା ୧୬ ତାରିଖ ଏହି ବୈଠକ ଅନୁଷ୍ଠିତ ହେବ। ଦୁଇଘଣ୍ଟା ଧରି ହେବାକୁ ଥିବା ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯିବା ସହ ପ୍ରତି ପିଲାଙ୍କ ଉତ୍ତରଖାତା ଓ ରିପୋର୍ଟ କାର୍ଡ ଶ୍ରେଣୀ ଶିକ୍ଷକଙ୍କ ଦ୍ୱାରା ସେମାନଙ୍କ ଅଭିଭାବକଙ୍କୁ ଦେଖାଯିବ। ବୈଠକ ଆୟୋଜନ କରିବା ଲାଗି ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓସେପା) ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି।

# ବାଲିଡିପୋ ବିବାଦରୁ ଯୁବକଙ୍କୁ ହତ୍ୟା ଘଟଣା: ୩ ଗିରଫ

ରାସଗୋବିନ୍ଦପୁର,୧୦।୧(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ମୂଷାମାରୀଠାରେ ବାଲିଡିପୋ ବିବାଦରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମୂଷାମାରୀ ଗ୍ରାମର ସଞ୍ଜୟ ବେହେରା, ବାଲି ବ୍ୟବସାୟୀ ଅଶ୍ୱିନୀ କାସ୍ତ ଓ ବାଲିଡିପୋର ମାଲିକ ମନୋଜ କୁମାର ଘୋଷ।

ଉଲ୍ଲେଖଯୋଗ୍ୟ ଯେ, ବାଲିଡିପୋ ନିକଟରୁ ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ସଞ୍ଜୟ ତରେଇଙ୍କ ସାନପୁଅ ମିଣ୍ଟୁ ତରେଇଙ୍କ ମୃତଦେହ ଗୁରୁବାର ସକାଳେ ଉଦ୍ଧାର ହୋଇଥିଲା। ମିଣ୍ଟୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ ଭାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ।

# ୪ ସରକାରୀ ଅଧିକାରୀ ବହିଷ୍କୃତ

ଭୁବନେଶ୍ୱର, ୧୦।୧ (ବ୍ୟୁରୋ)

**୨ଜଣଙ୍କୁ ବାଧ୍ୟତାମୂଳକ ଅବସର**

ରାଜ୍ୟ ସରକାର ୪ ଜଣ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ଚାକିରିରୁ ବହିଷ୍କାର କରିଛନ୍ତି। ଏହି ଅଧିକାରୀମାନେ ହେଉଛନ୍ତି-ଯାଜପୁର ଜିଲା ଦଶରଥପୁର ବ୍ଲକରେ ଜଳସମ୍ପଦ ବିଭାଗରେ କାର୍ଯ୍ୟରତ ଏଇଇ ସଞ୍ଜୟ କୁମାର ଚୌଧୁରୀ। ବାଲେଶ୍ୱର ଜିଲାର ଜିଲା ଶିଳ୍ପ କେନ୍ଦ୍ରର ଜିଏମ୍ ତଥା ଏକ୍ସ ସୁପରଭାଇଜର(ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ)ର ପ୍ରଦୀପ କୁମାର ରାୟ, କଟକ ଜିଲା ବାଙ୍କୀ ବ୍ଲକର ପୂର୍ବତନ ଯନ୍ତ୍ରୀ ବିଜ୍ଞାନ କୁମାର ବେହୁରିଆ ଏବଂ ନିମାପଡା ବିଜ୍ଞାପିତ ପରିଷଦ ଏକ୍ସ ଜେଇ(ପିଏଚ୍) ତଥା ରାୟଗଡାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ କାର୍ଯ୍ୟରତ ଅମିୟ କୁମାର ସେଠୀ। ସେହିଭଳି ୨ ଜଣ ଅଧିକାରୀଙ୍କୁ ସରକାରୀ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେମାନେ ହେଉଛନ୍ତି- ବରଗଡ ଜିଲା ଆରଡବ୍ଲ୍ୟୁ ଏସ୍ଏସ୍ ଡିଭିଜନ୍‌ର ସହାୟକ ଯନ୍ତ୍ରୀ ନାରାୟଣ ତିଆଡି ଏବଂ ଦୀର୍ଘଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ସହାୟକ ଯନ୍ତ୍ରୀ ଜ୍ଞାନେନ୍ଦ୍ର ପଟେଲକୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଓଡ଼ିଶା ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ଅଭିଯୋଗ ଆଧାରରେ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦତ୍ତ ୫-ଟି ମନ୍ତ୍ର ପ୍ରଭାବ ଏହା ଉପରେ ଦେଖିବାକୁ ମିଳିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ନିଜର ବ୍ୟବସାୟ ଆରମ୍ଭ କରନ୍ତୁ, ପାର୍ଟଟାଇମ୍ ରୋଜଗାର, ଫୁଲ୍ ଟାଇମ୍ କ୍ୟାରିୟର୍, କାମର ପୂରା ଟ୍ରେନିଂ, ତୁରନ୍ତ ଭଲ ରୋଜଗାର। ଦେଶ-ବିଦେଶ ବୁଲିବାର ସୁବର୍ଣ୍ଣ ସୁଯୋଗ।
6267660424

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

EDUCATION

Management Systems Certification Services, Pune
Training & Placement facilities for Diploma (Mech.).
Send your Career details to
mscertification services@gmail.com

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

### ଜିଲା କାର୍ଯ୍ୟାଳୟରେ ଲାଞ୍ଚ ନେବା ମାମଲା

## ପୂର୍ବତନ ବରିଷ୍ଠ କିରାଣିଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ

**ଢେଙ୍କାନାଳ ଅଫିସ, ୧୦।୧:** ଏକ ବେସରକାରୀ ଶିକ୍ଷାନୁଷ୍ଠାନର ରେଜିଷ୍ଟ୍ରେଶନ ସାର୍ଟିଫିକେଟ ପ୍ରଦାନ କରିବା ଲାଗି ଲାଞ୍ଚ ନେଉଥିବାବେଳେ ୨୦୦୭ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଜିଲାପାଳଙ୍କ କାର୍ଯ୍ୟାଳୟର ତତ୍କାଳୀନ ବରିଷ୍ଠ କିରାଣି ଅନ୍ନପୂର୍ଣ୍ଣା ମହାକୁଡ଼। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରତିମା ପଣ୍ଡା ଅଭିଯୁକ୍ତା ଅନ୍ନପୂର୍ଣ୍ଣାଙ୍କୁ ୨ ଦଫାରେ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ନିକଟ ଚଟକାପଶି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ କରାଇଦେବାକୁ ସମିତିର କର୍ମକର୍ତ୍ତା ସଞ୍ଜୀବ ନାୟକଙ୍କଠାରୁ ଅନ୍ନପୂର୍ଣ୍ଣା ୨୧୦୦ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ୨୦୦୭ ଡିସେମ୍ବର ୧୮ରେ କଟକ ଭିଜିଲାନ୍ସ ଡିଭିଜନରେ କେସ୍ ନଂ. ୪୬/୨୦୦୭ରେ ମାମଲା ରୁଜୁ କରାଯାଇଥିଲା। ମାମଲାର ଭିଜିଆର୍ କେସ୍ ନଂ. ୪୬/୨୦୦୭ ଏବଂ ଡିକେଏଲ ଟିଆର ନଂ. ୧୭/୧୭ର ଶୁଣାଣି କରି କୋର୍ଟ ଦଫା-୭ ଓ ୧୩(୨), ୧୩(୧)(ଡି) ପିସି ଆକ୍ଟ-୧୯୮୮ରେ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଅନ୍ୟ ଏକ ଦଫା-୧୩(୨),୧୩(୧), ଡି ଓ ପିସି ଆକ୍ଟ-୧୯୮୮ରେ ଏକ ବର୍ଷ ଜେଲଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ୨ମାସ ଅଧିକ କାରାଦଣ୍ଡ ଭୋଗିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ସମାନ୍ତରାଳ ଭାବେ ଏହି ଦଣ୍ଡାଦେଶ କାର୍ଯ୍ୟକ୍ଷମ ହେବ। ମାମଲାକୁ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୈଳାସ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

### ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଅନୁଦାନପ୍ରାପ୍ତ କଲେଜ ଅଧ୍ୟାପକ ୟୁଜିସି ହାରରେ ଦରମା ପାଇବେ



**କଟକ ଅଫିସ,୧୦।୧:** ଯେଉଁସବୁ କଲେଜ ୧୯୮୯ ମସିହା ଏପ୍ରିଲ ପରେ ଅନୁଦାନପ୍ରାପ୍ତ ହୋଇଛନ୍ତି ସେହି କଲେଜଗୁଡ଼ିକର ଅଧ୍ୟାପକମାନଙ୍କୁ ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ହାରରେ ଦରମା ଦିଆଯାଇପାରିବନାହିଁ ବୋଲି ସରକାର ନିୟମ କରିଥିଲେ। କିନ୍ତୁ ଏବେ ଉକ୍ତ କଲେଜଗୁଡ଼ିକର ଅଧ୍ୟାପକଙ୍କୁ ୟୁଜିସି ହାରରେ ଦରମା ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଫେବୃୟାରୀ ୧୧ ତାରିଖ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ରାୟରେ କୁହାଯାଇଛି। ଏ ସମ୍ପର୍କରେ ବିଭିନ୍ନ କଲେଜର ଅଧ୍ୟାପକମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା ସରକାରଙ୍କୁ ଏହି ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଫଳରେ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଏବେ ୟୁଜିସି ହାରରେ ଦରମା ପାଇବେ।

### ବାରବାଟୀ-କଟକ ନିର୍ବାଚନୀ ମାମଲା

## ବିଧାୟକଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

**କଟକ ଅଫିସ,୧୦।୧:** ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ମହମ୍ମଦ ମୋକିମଙ୍କ ମିଥ୍ୟା ସତ୍ୟପାଠକୁ ନେଇ ଆଗତ ମାମଲାରେ ବିଧାୟକଙ୍କ ପକ୍ଷରୁ ବରିଷ୍ଠ ଓକିଲ ବିଦ୍ୟାଧର ମିଶ୍ର ଶୁକ୍ରବାର କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ଯୁକ୍ତି ଉପସ୍ଥାପନ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୭ ତାରିଖକୁ ଦିନଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ବିଧାୟକ ମୋକିମ ନିଜ ନିର୍ବାଚନୀ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ନେଇ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ‘ବଳବତ୍ତର ରହିବ ସିଏଏ, ଉପକୃତ ହେବେ ସଂଖ୍ୟାଲଘୁ’

**ବ୍ରହ୍ମପୁର ଅଫିସ,୧୦।୧**



ଦଳୀୟ ନେତା ଓ କର୍ମୀ ଓ ସମର୍ଥକଙ୍କ ଗହଣରେ କେନ୍ଦ୍ରମନ୍ତ୍ରୀ।

### ଜନଜାଗରଣ ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବାମପନ୍ଥୀ ଦଳ, କଂଗ୍ରେସ ଓ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଦେଶର ଅନ୍ୟମାନେ ସମର୍ଥନ କରୁଛନ୍ତି। ଯେତେ ଅପପ୍ରଚାର କରାଗଲେ ମଧ୍ୟ ସିଏଏ ବଳବତ୍ତର ରହିବ। ଏହାଦ୍ୱାରା ସଂଖ୍ୟାଲଘୁମାନେ ବିଶେଷ ଉପକୃତ ହେବେ। ଶୁକ୍ରବାର ବ୍ରହ୍ମପୁରରେ ସିସିଏ ସମ୍ପର୍କରେ ଜନଜାଗରଣ ଲାଗି ଆୟୋଜିତ ପଦଯାତ୍ରା ଓ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ଏହା ସ୍ପଷ୍ଟ କରିଛନ୍ତି।

ସିସିଏକୁ ନେଇ ଗଞ୍ଜାମ ଜିଲାସ୍ତରୀୟ ଭାଜପାର ଜନଜାଗରଣ ପଦଯାତ୍ରା ଶୁକ୍ରବାର ମଧ୍ୟାହ୍ନରେ କମାପଲ୍ଲୀ ଛକରୁ ଆରମ୍ଭ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ସାମିଲ ହୋଇ ସିଏଏକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ସଚେତନ କରିଥିଲେ। ପଦଯାତ୍ରା ଟାଟାବେଞ୍ଜ ଛକ, ସୁବାରାଓ ଛକ, କଲେଜ ରୋଡ, ପୁରୁଣା ବସଷ୍ଟାଣ୍ଡ, ଅର୍ବାନ ବ୍ୟାଙ୍କ ରୋଡ, ଏସଏନଟି ରୋଡ, ଗିରି ମାର୍କେଟ, ହନୁମାନ ବଜାର ଛକ, ସିଟି ହାଇସ୍କୁଲ ରୋଡ ଦେଇ ଗାନ୍ଧୀ ପାର୍କ ରୋଡରେ ପହଞ୍ଚିଥିଲା। ଏଥିରେ ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆସିଥିବା ଦଳୀୟ ନେତା, କର୍ମୀ ଏବଂ ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ।

ପରେ ରାମଲିଙ୍ଗମ ବନ୍ଧ ରୋଡରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ସୁପ୍ରିୟୋ ଓ ପୂର୍ବତନ ଏମ୍‌ପି ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ନାଗରିକତ୍ୱ ଆଇନର ସଂଶୋଧନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଏହା ଏକ ଐତିହାସିକ ପଦକ୍ଷେପ । କେତେକ ଦେଶରେ ଧର୍ମ ନାମରେ ନିର୍ଯାତିତ ସଂଖ୍ୟାଲଘୁ ସିସିଏ ଦ୍ୱାରା ସୁଫଳ ପାଇବାର ବାଟ ଫିଟିଛି। କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ଅସହିଷ୍ଣୁ ହୋଇ ବିଭିନ୍ନ ଭାବରେ ବିରୋଧ କରିବା ସହ ଅପପ୍ରଚାର କରି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ଉଭୟେ କହିଥିଲେ। କାର୍ଯ୍ୟକ୍ରମରେ ଗତ ସାଧାରଣ ନିର୍ବାଚନରେ ଆସିକା ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀ ଅନିତା ଶୁଭଦର୍ଶନୀ ଓ ଭୃଗୁ ବକ୍ସିପାତ୍ର ଏବଂ ସମସ୍ତ ବିଧାୟକ ପ୍ରାର୍ଥୀ ଯୋଗ ଦେଇଥିଲେ। ଗଞ୍ଜାମ ଭାଜପାର ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଧନ୍ୟବାଦ ଦେଇଥିଲେ। ମହାନଗର ସାରା ଶତାଧିକ କଟଆଉଟ ଏବଂ ହୋର୍ଡିଂ ଲଗାଯାଇଥିଲା। ପଦଯାତ୍ରା ବେଳେ ନାଗରିକତ୍ୱ ଆଇନ ସଂଶୋଧନର ଲକ୍ଷ୍ୟ ଓ ମୌଳିକତା ନେଇ ନାରାବାଜି ଦିଆଯାଇଥିଲା।

### ଏସ୍‌ସିବି ମେଡିକାଲ, ଶିଶୁଭବନରେ କେନ୍ଦ୍ରୀୟ ପ୍ରତିନିଧି

## ଏସ୍‌ସିବି ମେଡିକାଲରେ ବଢ଼ିବ ଏସ୍‌ଏନ୍‌ସିୟୁ ବେଡ୍

**କଟକ ଅଫିସ, ୧୦।୧**

ଶୁକ୍ରବାର ଜାତୀୟ ସ୍ୱାସ୍ଥ୍ୟ ମିଶନର ବର୍ତ୍ତମାନର କନସଲଟାଣ୍ଟ ଡା. ପି.କେ. ପ୍ରଧାନ ଏସ୍‌ସିବି ମେଡିକାଲ ଓ ଶିଶୁଭବନ ଗସ୍ତରେ ଆସିଥିଲେ। ଏହି ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୈନିକ ଶିଶୁ ରୋଗୀମାନଙ୍କ ସୁଅ ଛୁଟୁଛି। କେଉଁ କାରଣ ପାଇଁ ଅନ୍ୟ ଜିଲାରୁ ଏଠାକୁ ଏତେ ପରିମାଣର ଶିଶୁ ରୋଗୀ ଆସୁଛନ୍ତି ତାହା ଉପରେ ତର୍ଜମା କରାଯାଇଥିଲା। ତର୍ଜମାର ନିଷ୍କର୍ଷ ଅନୁଯାୟୀ, ବାଲେଶ୍ୱର, ଯାଜପୁର ଅଞ୍ଚଳରୁ ସର୍ବାଧିକ ଶିଶୁ ରୋଗୀ ଏସ୍‌ସିବି ମେଡିକାଲ ଓ ଶିଶୁଭବନକୁ ଆସୁଥିବା ଜଣାପଡ଼ିଛି। ମୁଖ୍ୟତଃ ପ୍ରାଥମିକ ଓ ଜିଲାସ୍ତରରେ ଶିଶୁ ରୋଗ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଗଲେ ରୋଗୀମାନଙ୍କର ହାର ଏସ୍‌ସିବି ମେଡିକାଲ ଓ ଶିଶୁଭବନ ଉପରେ କମ୍ ପଡ଼ନ୍ତା ବୋଲି ଆଲୋଚନା କରାଯାଇଥିଲା। ଏ ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ଡା. ପ୍ରଧାନ ମତ ଦେଇଥିବା ଜଣାପଡ଼ିଛି। ଏସ୍‌ସିବି ମେଡିକାଲ ଉପରେ ଶିଶୁ ରୋଗୀଙ୍କ ଭାର ବଢୁଥିବାରୁ ଏଠାରେ ଥିବା ୨୪ଟି ଏସ୍‌ଏନ୍‌ସିୟୁ (ସିକ୍ ନିଓନାଟାଲ କେୟାର ୟୁନିଟ୍) ବେଡ୍‌କୁ ୩୬କୁ ବଢାଯିବା ନିମନ୍ତେ ଆଲୋଚନା ହୋଇଥିଲା। ସେହିପରି ଶିଶୁଭବନରେ ଆବଶ୍ୟକ ଭିତ୍ତିଭୂମି ଓ ଉପଲବ୍ଧ ଭିତ୍ତିଭୂମି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଟିମ୍‌ରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟ କନସଲ୍‌ଟାଣ୍ଟ ଆର୍.ଏନ୍. ପଣ୍ଡାଙ୍କ ସହିତ ଏସ୍‌ସିବିର ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ପ୍ରମୁଖ ସାମିଲ ଥିଲେ।

## କୃତ୍ରିମ ଅଙ୍ଗ ତିଆରି ଉପରେ ଗୁରୁତ୍ୱ ଦେବେ ସରକାର

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ଦିବ୍ୟାଙ୍ଗଙ୍କ ଲାଗି କୃତ୍ରିମ ଅଙ୍ଗ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେବେ ରାଜ୍ୟ ସରକାର। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏ ଦିଗରେ ବିଶେଷ ଧ୍ୟାନ ଦେବ। କୃତ୍ରିମ ଅଙ୍ଗ ନିର୍ମାଣ ହେବା ପରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଶିବିର ତଥା ‘କ୍ଷମତା ଏକ୍ସପ୍ରେସ୍’ ନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକରେ ପରୀକ୍ଷାକ୍ରମେ ନିର୍ଦ୍ଧାରିତ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଏନେଇ ବିବୃତି ଦେବା ଅସବରରେ ପଣ୍ଡା କହିଥିଲେ, ସମ୍ବଲପୁରଠାରେ କୃତ୍ରିମ ଅଙ୍ଗ ନିର୍ମାଣ ପାଇଁ କାର୍ଯ୍ୟ କରୁଥିବା ୱାର୍କଶପ୍‌କୁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ଭାବରେ କମ୍ପ୍ୟୁଟରୀକରଣ କରାଯିବ। ଫଳରେ ଅତ୍ୟାଧୁନିକ ପ୍ରଣାଳୀରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ କୃତ୍ରିମ ଅଙ୍ଗ ପ୍ରସ୍ତୁତ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

ମନ୍ତ୍ରୀ ପଣ୍ଡା ଗୁରୁବାର ସମ୍ବଲପୁର ଗସ୍ତ କରି ହାତୀବାରିସ୍ଥିତ ହେଲଥ୍ ହୋମ୍ ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀମାନଙ୍କୁ କମ୍ବଳ, ଲୁଗାପଟା ଓ ଛତା ସମେତ ୫ଟି ହ୍ୱିଲ୍ ଚେୟାର, ୫ କୃତ୍ରିମ ଗୋଡ଼, ୩ ଟ୍ରେସାପେଡ୍, ୩ ୱାକର ବିତରଣ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭତ୍ତା ମଧ୍ୟ ବଣ୍ଟନ କରାଯାଇଥିଲା। ସମ୍ବଲପୁର ଜିଲା ହାତୀବାରିଠାରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ହେଲଥ୍ ହୋମ୍ ସହ ଏକ କୁଷ୍ଠାଶ୍ରମ ରହିଥିବାବେଳେ ବିଭାଗୀୟ ମନ୍ତ୍ରୀ ପରିଦର୍ଶନ ସମୟରେ ଅନ୍ତେବାସୀମାନଙ୍କ ସହିତ ମତ ବିନିମୟ କରିଥିଲେ। ଏହି ସମୟରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ସ୍ଥାନୀୟ ବିଡିଓ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କୃତ୍ରିମ ଅଙ୍ଗ ପ୍ରସ୍ତୁତିକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରାଯିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ।

### ଗୋପୀନାଥ ଗଜପତିଙ୍କ ପରଲୋକ

# ମୁଖ୍ୟମନ୍ତ୍ରୀ, ପୁରୀ ଗଜପତି ମହାରାଜାଙ୍କ ଶୋକ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ପାରଳା ମହାରାଜା ଗୋପୀନାଥ ଗଜପତି ନାରାୟଣ ଦେବଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଟୁଇଟ୍ ଜରିଆରେ ଶୋକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ବ୍ରହ୍ମପୁର ଏମ୍‌ପି ତଥା ପାରଳା ଗଜପତି ନାରାୟଣ ଦେବଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ତାଙ୍କ ବିୟୋଗ ସମଗ୍ର ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁ ଖବର ପାଇ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଭୁବନେଶ୍ୱରର ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚି ଗୋପୀନାଥଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ଗଜପତି ଗଭୀର ଶୋକ ପ୍ରକାଶ କରିବା ସହ ଗୋପୀନାଥ ଗଜପତି ସାଧାରଣ ଜନତାଙ୍କ ପାଇଁ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କହିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ମନ୍ତ୍ରୀ ପରିଷଦର ଅନ୍ୟ ସଦସ୍ୟ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମଧ୍ୟ ଶୋକ ପ୍ରକାଶ କରିଥିଲେ। ବାଚସ୍ପତି ପାତ୍ର କହିଥିଲେ ଯେ, ଗୋପୀନାଥବାବୁ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ଜଣେ ଜନପ୍ରିୟ ରାଜନେତା ଓ ସାଂସଦ ଭାବରେ ତାଙ୍କର କାର୍ଯ୍ୟ ଗରିମାମୟ ଥିଲା । ତାଙ୍କ ଜୀବଦ୍ଦଶାରେ ସେ ଅନେକ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ ଓ ଜନସେବାରେ ବ୍ରତୀ ଥିଲେ । ତାଙ୍କ ବିୟୋଗଜନିତ ଶୂନ୍ୟସ୍ଥାନ ଅପୂରଣୀୟ ରହିବ ବୋଲି ପାତ୍ର କହିଥିଲେ। ରାଜ୍ୟର ସମସ୍ତ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ପାରଳା ମହାରାଜାଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଛି। ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ବିଧାୟକ କେ.ଭି. ସିଂହଦେଓ ଏବଂ ଏମ୍‌ପି ସଙ୍ଗୀତା ସିଂଦେଓ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

### ଫ୍ଲାଟ ଦେବା ଆଳରେ ୨୫ ଲକ୍ଷ ଠକେଇ

## ରଘୁପତି ଇଷ୍ଟେଟ ଆଣ୍ଡ୍ ହୋଲ୍‌ଡିଂ ସଂସ୍ଥାର ଏମ୍‌ଡି ଗିରଫ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

କଟକ ଉପଖଣ୍ଡ ଅଞ୍ଚଳରେ ସୁଲଭ ମୂଲ୍ୟରେ ଫ୍ଲାଟ ଯୋଗାଇଦେବା ଆଳରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ରାଜ୍ୟ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ରଘୁପତି ଇଷ୍ଟେଟ ଆଣ୍ଡ୍ ହୋଲ୍‌ଡିଂ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ପ୍ରଭାତ କୁମାର ନନ୍ଦ। ସୂଚନା ମୁତାବକ, ଅଭିଯୁକ୍ତ ପ୍ରଭାତ କଟକ ଉପଖଣ୍ଡ ଭାଣପୁର ଅଞ୍ଚଳରେ ୨୦୧୨ରୁ ପ୍ରିଷ୍ଟାଇନ ପାର୍କ ନାମରେ ଏକ ଆପାର୍ଟମେଣ୍ଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଫ୍ଲାଟ ବିକ୍ରି କରିବା ପାଇଁ ଗ୍ରାହକମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଅଗ୍ରୀମ ନେଇଥିଲେ। ସେହିପରି ଦେବଜ୍ୟୋତି ଦତ୍ତ ଏବଂ ମମତା ବାରିକଙ୍କୁ ଫ୍ଲାଟ ବିକ୍ରି କରିବା ଲାଗି ଉଭୟଙ୍କଠାରୁ ୨୦୧୨ ମସିହାରେ ୨୫ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଫ୍ଲାଟ ନ ଦେଇ ଦିନ ଗଡ଼ାଇ ଚାଲିଥିଲେ। ପରବର୍ତ୍ତୀ ସମୟରେ ପ୍ରଭାତ ନିଜ ଫୋନ ନମ୍ବର ବଦଳାଇବା ସହ ସମସ୍ତ ଯୋଗାଯୋଗ ମଧ୍ୟ ବନ୍ଦ କରିଦେଇଥିଲେ। ଏ ନେଇ ୨୦୧୯ରେ ଦେବଜ୍ୟୋତି ଦତ୍ତ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ପକ୍ଷରୁ କେସ୍ ନଂ. ୪/୧୯ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଇଓଡବ୍ଲ୍ୟୁ ଶୁକ୍ରବାର ଅଭିଯୁକ୍ତ ପ୍ରଭାତଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସୌର, ପବନ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବ ରେଲୱେ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)**

**ସୌରଶକ୍ତିରୁ ୧୦୦୦ ମେଗାୱାଟ, ପବନରୁ ୨୦୦ ମେଗାୱାଟ**

ଭାରତୀୟ ରେଳପଥ ଆସନ୍ତା ୨୦୨୧-୨୨ ସୁଦ୍ଧା ବିଭିନ୍ନ ଜୋନ୍ ଓ ଉତ୍ପାଦନ ୟୁନିଟ୍‌ଗୁଡ଼ିକର ଅକ୍ଷୟ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା କରିଛି, ଯାହା ରେଳପଥରେ ଆବଶ୍ୟକ ହେଉଥିବା ବିଦ୍ୟୁତ୍‌ର ଯଥେଷ୍ଟ ଖର୍ଚ୍ଚ କମାଇବା ସହ ପରିବେଶ ଉପଯୋଗୀ ରହିବ। ୧ହଜାର ମେଗାୱାଟ୍‌ର ସୌରଶକ୍ତି ଓ ୨୦୦ ମେଗାୱାଟ୍‌ର ପବନ ଶକ୍ତି ଉତ୍ପାଦନ କରିବ। ଜୋନ୍ ସ୍ତରରେ ଥିବା ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକରେ ଏହି ୟୁନିଟ୍ ଲାଗିବ। ୧ହଜାର ୟୁନିଟ୍‌ର ସୌରଶକ୍ତି ମଧ୍ୟରୁ ୫୦୦ ମେଗାୱାଟ୍ ଛାତରେ ଓ ୫୦୦ ମେଗାୱାଟ ଭୂମିରେ ଲାଗିବ। ବର୍ତ୍ତମାନ ଦେଶର ୧୬ଟି ଷ୍ଟେଶନ ଅକ୍ଷୟ ଶକ୍ତି ବଳରେ ସମ୍ପୂର୍ଣ୍ଣ ଭାବେ ଚାଲୁଛି, ଯେଉଁଗୁଡ଼ିକୁ ଗ୍ରୀନ୍ ଷ୍ଟେଶନ ଘୋଷଣା କରାଯାଇଛି। ସେହି ଷ୍ଟେଶନଗୁଡ଼ିକ ହେଉଛି ରୋହା, ପେନ୍, ଅପ୍ଟା, ନିମତପୁର ହଲ୍ଟ, କହ୍ନେଇପୁର ହଲ୍ଟ, ଟେକା ବିଘା ହଲ୍ଟ, ମଇ ହଲ୍ଟ, ଗରସଣ୍ଡା ହଲ୍ଟ, ନିୟାଜିପୁର ହଲ୍ଟ, ଧର୍ମଘାଟ ହଲ୍ଟ, ଶିମଲା, ଖଣ୍ଡେରୀ, ବଜୁଦ୍, ଅମ୍ବଲି ରୋଡ଼, ସଦନପୁରା, ସଚିନ୍। ଏହି ସବୁ ଷ୍ଟେଶନରେ ଶତ ପ୍ରତିଶତ ଅକ୍ଷୟ ଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରାଯାଇ କାର୍ଯ୍ୟ ଚାଲୁଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRE
Office Boy and Delivery Boy.
DTDC Courier, Maitri Vihar, Near New LIC Colony, Bhubaneswar.
Contact No.
9861289626, 9937887626

Job Opening in Warehouse
Location : Vijayawada, Hyderabad, Salary : Rs.10,000 + Room + ESI + PF
Qualification : 10th / ITI / Diploma
For Contact Call :
7008082387, 9040434671, 7381010101

No Consultancy !! No Fees
Direct Company Job
“ ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର ” କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା-୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୂର୍ଦ୍ଧ୍ୱ ।
9938826988, 7064545450, 8338055696
www.demandbazaar.com & www.demandmasala.com

REQUIRED
Peon, Driver, Accountant, Parts Manager, Electrician, Sales Consultant for a 4 wheeler dealership.
Contact: 0674 6667709 / 0674 6668822, Email id: admin@capitalford.net, siddharth9909@gmail.com

REQUIRED
A reputed business house in Bhubaneswar requires the following experienced and dynamic personnel:
SALES EXECUTIVE:
Graduation with 3-5 year experience in Lubricants /Automobile / FMCG
Interested candidate may send recent Photo with resume to
E-mail : hr.rctpl@gmail.com, Mob.: 9437329938

Officially Staff
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

The Tattoo Galaxy
REQUIRES
Fine artists for its BBSR Branch. Fresher will be trained to become tatoo Artist. Qual : Matric Pass / Fail.
Post : 20 Nos. Salary : 10k to 20k.
Add : Sahidnagar, BBSR.
Cont : 8249383211 8270229250

SAI SMART SCHOOL
21st Century School
Near Puri Engineering School Campus, At : Puri-Konark Marine Drive Road, Nagapatana, PO-Baliguali, Dist-Puri, M-9439181120
SAI SMART SCHOOL, an English medium school having classes from Preschool-I to Class-V with the aim to impart quality education based on 21st Century skills, invites online appliations through school website for various teaching and non-teaching posts. The recruitment will be made on the basis of performances in personal interview of the candidates. The schedule is as follows;

| POST | Date & Time of Interview | SALARY |
|---|---|---|
| Primary Teacher | 19.01.2020 & 20.01.2020 @ 10.00 a.m. | Rs.30,000/- p.m. |
| Nursery Teacher | 19.01.2020 & 20.01.2020 @ 10.00 a.m. | Rs.25,000/- p.m. |
| Abacus & Vedic Math Teacher Spoken English Teacher | 19.01.2020 & 20.01.2020 @ 10.00 a.m. | |
| Educational Counselor, Dance Teacher, Music Teacher, Drawing Teacher | 20.01.2020 @ 10.00 a.m. | |
| Marketing Executive, Manager, Receptionist, Nurse, Driver, Vehicle Helper, Ayah, Cook,Cooking Helper | 21.01.2020 @ 10.00 a.m. | |

No T.A./D.A. will be paid to attend the interview. The eligible candidates will have to submit a set of photocopy of Marksheets, Pass certificates along with all the original documents & a colour photograph along with application at the time of interview. The candidates have to report at 9 a.m. on the date of interview. For details of qualification and online application, please visit Career page of www.saismartschool.com
Secretary

REQUIRED
INDIAN, CHINESE, TANDOOR CHEFS WITH ASSISTANTS & ROOM SERVICE BOYS / DISH WASH BOYS FOR HOTEL AT BHUBANESWAR.
CALL :9438677331

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

COLOR CLASSIFIED DISPLAY ON EVERY TUESDAY AND FRIDAY

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

THE KOSALA SCHOOL, Estd- 1979
English Medium Residential Public School, At- Nuakhairpali, Po- Larasara, Via- Attabira, Dist- Bargarh, Pin- 768027, Mob- 7682032632
Email- thekosalaschool1979@gmail.com, Website-www.thekosalaschool.in
REQUIRES THE FOLLOWING TEACHING & NON TEACHING STAFF

| S.N. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science | M.A/B.A/B.Sc, B.Ed/ Kobid/ Ratna, OTET/CTET | Salary will be paid on par with the State Govt. Sikshya Sahayak. |
| 2 | PRT | English/ Mathematics/ Science/ Social Science/ Hindi/ Odia | B.A/ B.Sc, NTT, Kobid, CT/B.Ed, OTET/ CTET | |
| 3 | Hostel Warden (Male & Female) Age- 35 to 40 yrs | | +2 / B.A. | (Salary is not a constraint for deserving candidates) |
| 4 | PET (Male & Female) | | C.P.Ed./ B.P.Ed., OSSTET | |

* Candidates having teaching experience in English Medium Schools, good Spoken English, Computer Knowledge and not crossed 45 years of age will be preferred.
* Couples will be given preference and provided with rent free accommodation.
* Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
* Photo copies of all Certificates, Marksheets, Aadhaar Card, Filled up Biodata Form with recent passport size photo & Mobile Number should reach the undersigned in the above address latest by 25th January 2020.
* Original Certificates to be produced at the time of interview for verification.
* No TA/DA will be given for attending the interview.
* For any clarification candidates may call to the phone no. (given above) from 10.00 A.M. to 3.00 P.M.
Sd/- PRINCIPAL

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**ନୋଟିସ୍**

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

"ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି।"

–କମଲ ବାଲି, ଭଲଭୋ ଏମ୍‌ଡି



"୧୯୭୪ରେ ସର୍ବିଆ ଏବଂ ବୁଲଗେରିଆ ସୀମାବର୍ତ୍ତୀ ସହର ନିସ୍‌ରେ ଟ୍ରେନ ଯାତ୍ରାର ଅନୁଭବ ଭ୍ରମିତ ବାମପନ୍ଥୀରୁ ଦୟାଳୁ ପୁଞ୍ଜିବାଦୀ ବନାଇଦେଲା।"

– ଏନ୍. ଆର୍. ନାରାୟଣ ମୂର୍ତ୍ତି, ଇନଫୋସିସ ସହ ପ୍ରତିଷ୍ଠାତା



## ସଂକ୍ଷେପରେ

### ହ୍ୱିସିଲ ବ୍ଲୋୟର ମାମଲାରେ ସଲିଲ ପାରେଖଙ୍କୁ କ୍ଲିନଚିଟ୍

ନୂଆଦିଲ୍ଲୀ,୧୦-୧

ଇନ୍‌ଫୋସିସ ସିଇଓ ସଲିଲ ପାରେଖ ବିଭିନ୍ନ ବେଆଇନ କାର୍ଯ୍ୟକଳାପରେ ସାମିଲ ଥିବା ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଥିଲେ। ସିଇଓ ପାରେଖ ଏବଂ ସିଏଫ୍‌ଓ ନୀଳାଞ୍ଜନ ରାୟ୍‌ଙ୍କ ବିରୋଧରେ ଏହି ଅଭିଯୋଗରେ କୌଣସି ପ୍ରମାଣ ମିଳି ନ ଥିବା ଇନଫୋସିସ ପକ୍ଷରୁ ଶୁକ୍ରବାର କୁହାଯାଇଛି। ହ୍ୱିସିଲବ୍ଲୋୟର ଆଣିଥିବା ଅଭିଯୋଗ ଯାଞ୍ଚ ବେଳେ ବୋର୍ଡ ଅଫ ଡାଇରେକ୍ଟର୍ସଙ୍କୁ କୌଣସି ତଥ୍ୟ ପ୍ରମାଣର ଆଧାର ମିଳି ନ ଥିବାରୁ ସଲିଲ ପାରେଖଙ୍କୁ କ୍ଲିନଚିଟ୍ ମିଳିଛି। କମ୍ପାନୀର ଲାଭକୁ ଅଧିକ ଦେଖାଇବା ଲାଗି ସିଇଓ ପାରେଖ ବେଆଇନ କାର୍ଯ୍ୟକଳାପର ସାହାରା ନେବା ସହ ବିଭିନ୍ନ ହେରଫେର କରିଥିବା ଅଭିଯୋଗରେ କୁହାଯାଇଥିଲା। ସିଇଓ ପାରେଖ ଏବଂ ସିଏଫ୍‌ଓ ରାୟ୍ କମ୍ପାନୀକୁ ଆଗକୁ ନେବାରେ କାର୍ଯ୍ୟ କରୁଥିବା ଇନଫୋସିସ ଅଧ୍ୟକ୍ଷ ନନ୍ଦନ ନିଲେକାନୀ କହିଛନ୍ତି।

### ୨୦୧୯ ଅଟୋ ଶିଳ୍ପ ଲାଗି ୨ ଦଶନ୍ଧିରେ ସବୁଠାରୁ ଖରାପ

ନୂଆଦିଲ୍ଲୀ,୧୦-୧

୨୦୧୯ ବର୍ଷ ଦେଶର ଅଟୋ ଉଦ୍ୟୋଗ ଲାଗି ସବୁଠାରୁ ଖରାପ ବର୍ଷ। ଏହି ସମୟରେ ମାନ୍ଦାବସ୍ଥାଯୋଗୁ ଅଟୋମୋବାଇଲ କମ୍ପାନୀଗୁଡିକ ଅଧିକ ହାରରେ କ୍ଷତି ସହିଥିବା ସୋସାଇଟି ଅଫ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚରର୍ସ(ଏସ୍‌ଆଇଏଏମ୍) ପକ୍ଷରୁ ସୂଚନା ରହିଛି। ଶୁକ୍ରବାର ସଂଘ ପକ୍ଷରୁ ଜାରି କରାଯାଇଥିବା ଡାଟା ମୁତାବକ ସବୁ ସେଗମେଣ୍ଟରେ ଯାନ ବିକ୍ରି ଅଭିବୃଦ୍ଧି ନକାରାତ୍ମକ ରହିଛି। ଗ୍ରାହକଙ୍କ କ୍ରୟ ମନୋଭାବ, ଗ୍ରାମାଞ୍ଚଳରେ ମାନ୍ଦାବସ୍ଥା ସହ ଆର୍ଥିକ ମାନ୍ଦାବସ୍ଥା ଭଳି କାରଣ ଅଟୋମୋବାଇଲ ଶିଳ୍ପ ଲାଗି ନକାରାତ୍ମକ ପ୍ରଭାବ ପକାଇଥିବା କୁହାଯାଇଛି। ସାରା ବର୍ଷ ବିଭିନ୍ନ ବର୍ଗରେ ଯାନର ମୋଟ ହୋଲସେଲ ବିକ୍ରି ୧୩.୭୭% ଖସିଥିବା ଜଣାପଡିଛି। ଡିସେମ୍ବରରେ କାର ବିକ୍ରି ୮.୪% ହ୍ରାସ ଘଟିଛି। ଏହି ସମୟରେ ଘରୋଇ ବଜାରରେ ଯାତ୍ରୀବାହି ଯାନବିକ୍ରି ୧.୨୪% ହ୍ରାସ ଘଟିଛି।

### ଭ୍ରମସଂଶୋଧନ

ଶୁକ୍ରବାର ବାଣିଜ୍ୟ ପୃଷ୍ଠାରେ ପ୍ରକାଶିତ ହିରୋର ୧୦୦ ସିସି ବିଏସ୍-୬ ମଡେଲ ଯାନ ଏଚ୍‌ଏଫ୍ ଡିଲକ୍ସର ମୂଲ୍ୟ ଭୁଲ ବସତଃ ୨୫,୯୨୫ଟଙ୍କା ଉଲ୍ଲେଖ ରହିଥିଲା। ଏହାର ପ୍ରକୃତ ମୂଲ୍ୟ ୫୫,୯୨୫ଟଙ୍କା ରହିଛି।

## ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ପାଇଁ ଆସିବ ବଡ ପଦକ୍ଷେପ

# ୫ ଦିନରେ ଆରମ୍ଭ ହେବ ବିଜ୍‌ନେସ

ନୂଆଦିଲ୍ଲୀ,୧୦-୧

- ୧୦ ସେବା ଲାଗି କେବଳ ୨ ଫର୍ମ ଆସିବ
- ଅନ୍‌ଲାଇନରେ ମିଳିବ ଫର୍ମ
- ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସର ସୁଧାର ଆସିଛି
- ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ



ସରକାର ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ ବା ବାଣିଜ୍ୟ ସୁଗମତାକୁ ପ୍ରାଥମିକତା ଦେଉଛନ୍ତି। ଏହି ଧାରାରେ ବିଭିନ୍ନ ପ୍ରକ୍ରିୟାର ନିରନ୍ତର ସରଳୀକରଣ କରାଯାଉଛି। ଏହାକୁ ଧ୍ୟାନରେ ରଖି ବିଭିନ୍ନ କାଗଜପତ୍ର ସମ୍ପର୍କିତ ପ୍ରକ୍ରିୟାକୁ କମ୍ କରାଯିବା ସହ ୫ ଦିନ ମଧ୍ୟରେ ନୂଆ ବାଣିଜ୍ୟ ଆରମ୍ଭ କରିବାର ସୁବିଧା ସରକାର କରିବା ନେଇ ଯୋଜନା ରଖିଛନ୍ତି। ବର୍ତ୍ତମାନ ନୂଆ ବାଣିଜ୍ୟ ଆରମ୍ଭ କରିବା ଲାଗି ୧୦ ପ୍ରକ୍ରିୟା ଦେଇ ଯିବାକୁ ପଡୁଛି। ଏଥିଲାଗି ୧୮ ଦିନ ସମୟ ନିର୍ଦ୍ଧାରିତ କରାଯାଇଛି। ସରକାର ଏହି ପ୍ରକ୍ରିୟାକୁ କମ୍ କରି ୫କୁ ଆଣିବା ଏବଂ ୫ ଦିନକୁ ଖସାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ଏହି ପ୍ରକ୍ରିୟା ଅନ୍ତର୍ଗତ ୧୦ ସେବା ଲାଗି କେବଳ ୨ ଫର୍ମ ଭରିବାକୁ ପଡିବ। ନାମ ପଞ୍ଜୀକରଣ, ଇନ୍‌କର୍ପୋରେଶନ ବାଦ ଜିଏସ୍‌ଟି ଭଳି ବିଭିନ୍ନ ଟିକସ ପ୍ରଦାନ କ୍ଷେତ୍ରରେ ପଞ୍ଜିକରଣ ଲାଗି ୧୦ ପ୍ରମୁଖ ସେବା ଲାଗି ଶୀଘ୍ର ୨ଟି ଫର୍ମ ଉପଲବ୍ଧ ହେବ। ବର୍ତ୍ତମାନ ଏଥିଲାଗି ୬ ଅଲଗା ଅଲଗା ଫର୍ମ ପୂରଣ କରିବାକୁ ପଡୁଛି। ପ୍ରକ୍ରିୟା ସହ ଜଡିତ ସରକାରୀ ଅଧିକାରୀ କହିଛନ୍ତି ଯେ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଆଗାମୀ ଗୋଟିଏ ମାସରେ ୨ ଫର୍ମ ସ୍ପାଇସ ପ୍ଲସ ଏବଂ ଏଜିଲ ପ୍ରୋ ଜାରି କରିବ। ଏହି ୨ଟି ଫର୍ମରେ ଜିଏସ୍‌ଟିଇନ୍, ପ୍ୟାନ, ଟ୍ୟାନ, ଇଏସ୍‌ଆଇସି, ଇପିଏଫ୍‌ଓ, ଡିନ୍, ବ୍ୟାଙ୍କ ଆକାଉଣ୍ଟ ଏବଂ ପ୍ରଫେଶନାଲ ଟିକସର ଆକ୍‌ସେସ୍ କରାଯାଇପାରିବ। ଏହି ୨ଟି ଫର୍ମ ଅନ୍‌ଲାଇନରେ ଉପଲବ୍ଧ ହେବ। ଏହାର ବ୍ୟବହାର ମଧ୍ୟ ସହଜ ହେବ। ସ୍ପାଇସ ପ୍ଲସ କର୍ପୋରେଶନ ଫର୍ମ ଭାବେ କାର୍ଯ୍ୟକାରୀ କରାଯିବାକୁ ଥିବା ବେଳେ ବ୍ୟକ୍ତି ବିଶେଷ ନାମ ଏବଂ ଇନ୍‌କର୍ପୋରେଶନ ବାଦ ଅନ୍ୟ ସେବା ଲାଗି ମଧ୍ୟ ଆବେଦନ କରିପାରିବେ। ଅଧିକାରୀ ଜଣକ କହିଛନ୍ତି ଯେ, ଏବେ କମ୍ପାନୀଗୁଡିକର ଇନ୍‌କର୍ପୋରେଶନ ସମୟରେ ହିଁ ଏମ୍ପ୍ଲଇଜ୍ ଷ୍ଟେଟ ଇନସ୍ୟୁରାନ୍ସ କର୍ପୋରେଶନ(ଇଏସ୍‌ଆଇସି) ଏବଂ ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ (ଇପିଏଫ୍‌ଓ) ନିକଟରେ ଆବେଦନ କରିବାକୁ ପଡିବ। ସେହିଭଳି ଇନକର୍ପୋରେଶନ ସମୟରେ ଡାଇରେକ୍ଟର ଇନ୍‌ଫରମେଶନ ନମ୍ବର(ଡିନ)ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପ୍ୟାନ), ଟାକ୍ସ ଡିଡକସନ ଆଣ୍ଡ କଲେକ୍ସନ ଆକାଉଣ୍ଟ ନମ୍ବର(ଟ୍ୟାନ), ଗୁଡସ ଆଣ୍ଡ ସର୍ଭିସେସ ଆଇଡେଣ୍ଟିଫିକେଶନ ନମ୍ବର(ଜିଏସ୍‌ଟିଇନ୍) ସହ ପ୍ରଫେଶନାଲ ଟିକସ ଲାଗି ପଞ୍ଜୀକରଣ କରିବାକୁ ପଡିବ। ଏହା ଦ୍ୱାରା ଦେଶରେ ବାଣିଜ୍ୟ କରିବା ସୁଗମ ହେବ ବୋଲି କୁହାଯାଉଛି। ବିଶ୍ୱବ୍ୟାଙ୍କର ଇଜ ଅଫ ଡୁଇଙ୍ଗ ବିଜନେସ ର୍‍ୟାଙ୍କିଙ୍ଗରେ ଭାରତ ୧୯୦ ଦେଶ ମଧ୍ୟରେ ୬୩ତମ ସ୍ଥାନରେ ରହିଛି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ଅର୍ଥମନ୍ତ୍ରଣାଳୟ ଏବଂ ଶ୍ରମ ମନ୍ତ୍ରଣାଳୟ ଏହି ର୍‍ୟାଙ୍କରେ ସୁଧାର ଆଣିବା ଲାଗି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଧାରାରେ ୮ ବ୍ୟାଙ୍କ ମଧ୍ୟ ମିଳିତ ହୋଇଛନ୍ତି ବୋଲି ଅଧିକାରୀ କହିଛନ୍ତି।

ସରକାରଙ୍କ ଏଭଳି ପଦକ୍ଷେପ ଆରମ୍ଭ ହେଲେ ବାଣିଜ୍ୟ ଆରମ୍ଭ କରିବା ଲାଗି ସମୟ କମିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଲ ଫାର୍ମ କର୍ପୋରେଟ ପ୍ରଫେଶନାଲର ପାର୍ଟନର ଆରିକ ସିଂଘି କହିଛନ୍ତି,ଜିଏସ୍‌ଟି ଏବଂ ଅନ୍ୟ ବିଜନେସ ରେଜିଷ୍ଟ୍ରେଶନକୁ କମ୍ପାନୀ ପଞ୍ଜୀକରଣ ପ୍ରକ୍ରିୟା ସହ ଯୋଡିବା ଦ୍ୱାରା ଦେଶ ମଧ୍ୟରେ ବାଣିଜ୍ୟ ଆରମ୍ଭ କରିବା ପ୍ରକ୍ରିୟା ବେଶ ସହଜ ହେବ। ଏହା ସହ ସମୟ ମଧ୍ୟ କମିବ। ଏହା ସରକାରଙ୍କ ଏକ ସକାରାତ୍ମକ ପଦକ୍ଷେପ ବୋଲି କେପିଏମ୍‌ଜି ଇଣ୍ଡିଆର ପାର୍ଟନର ହିମାଂଶୁ ପାରେଖ କହିଛନ୍ତି।

# ମାନୁଫାକ୍‌ଚରିଂ କ୍ଷେତ୍ରରେ ସୁଧାର ଆସୁଛି

ନୂଆଦିଲ୍ଲୀ,୧୦-୧



**ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ୧.୮% ବଢିଲା**

ବଜେଟ ପୂର୍ବରୁ ଅର୍ଥବ୍ୟବସ୍ଥା ଏବଂ ସରକାରଙ୍କ ଲାଗି ଖୁସି ଖବର। ଦେଶର ମାନୁଫାକ୍‌ଚରିଂ କ୍ଷେତ୍ରରେ ସୁଧାର ଆସୁଥିବା ନଜରକୁ ଆସିଛି। ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ୧.୮% ବଢିଥିବା ଶୁକ୍ରବାର ସରକାର ଜାରି କରିଥିବା ତଥ୍ୟରୁ ସାମ୍ନାକୁ ଆସିଛି। ଲଗାତର ଭାବେ ୩ ମାସ ମାନୁଫାକ୍‌ଚରିଂ କାର୍ଯ୍ୟକଳାପ କମିବା ପରେ ଏଥିରେ ଉନ୍ନତି ଆସିଥିବା କୁହାଯାଉଛି। ମାନୁଫାକଚରିଂ କ୍ଷେତ୍ର ଉତ୍ପାଦନକୁ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରେ ମପାଯାଉଥିବା ବେଳେ ୨୦୧୮ ନଭେମ୍ବରରେ ଏହା ୦.୨% ରହିଥିଲା। ଏହା ୨୦୧୯ ଅକ୍ଟୋବରରେ ୩.୮% କମିଥିଲା। ଚଳିତ ବର୍ଷ ଅଗଷ୍ଟରୁ ଅକ୍ଟୋବର ଯାଏ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ଲଗାତର ଭାବେ ହ୍ରାସ ହେଉଥିବା ଦେଖାଯାଇଥିଲା।

ଏନ୍‌ଏସ୍‌ଏସ୍‌ଓ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ମୁତାବକ ନଭେମ୍ବରରେ ମାନୁଫାକ୍‌ଚରିଂ କ୍ଷେତ୍ର ଅଭିବୃଦ୍ଧି ୨.୭% ରହିଛି। ୨୦୧୮ ନଭେମ୍ବରରେ ଏହା ୦.୭% ହ୍ରାସ ଘଟିଥିଲା। ଏହି ସମୟରେ ବିଜୁଳି ଉତ୍ପାଦନ ୫.୧% ବଢିଥିଲା। ଏହା ଚଳିତ ବର୍ଷ ନଭେମ୍ବରରେ ୫% ହ୍ରାସ ଘଟିଛି। ଆଲୋଚ୍ୟ ଅବଧିରେ ଗତବର୍ଷ ସମାନ ସମୟରେ ୨.୭% କମିଥିବା ବେଳେ ଏହା ଚଳିତ ବର୍ଷ ୧.୭% ନିମ୍ନରେ ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ ନଭେମ୍ବରରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ ୦.୬% ଅଭିବୃଦ୍ଧି ହାସଲ କରିଛି। ୨୦୧୮-୧୯ରେ ଏହା ସମାନ ସମୟରେ ୫% ଅଭିବୃଦ୍ଧି ହାସଲ କରିଥିଲା।

# ରେଲୱେ ସେବା ମିଶ୍ରଣକୁ ଅଧିକାରୀଙ୍କ ବିରୋଧ

**ନୂଆଦିଲ୍ଲୀ,୧୦-୧ :** ରେଲୱେର ବିଭିନ୍ନ ସେବା ମିଶ୍ରଣ ନେଇ ସରକାର ନିକଟରେ ଘୋଷଣା କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରେଲୱେର ଅଧିକାରୀ ଏବଂ କର୍ମଚାରୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ଏହି ବିରୋଧ ପ୍ରଦର୍ଶନରେ ୧୩ ରେଳ ଜୋନ ଏବଂ ୬୦ ଡିଭିଜନର ଅଧିକାରୀ ଏବଂ କର୍ମଚାରୀ ସାମିଲ ହୋଇଥିଲେ। ସରକାର ଏଭଳି ନିଷ୍ପତ୍ତି ଏକତରଫା ଭାବେ ନେଇଥିବା ବେଳେ ଏହା ରେଲୱେର ପରିଚାଳନା ଦିଗରେ ଖରାପ ପ୍ରଭାବ ପକାଇବ ବୋଲି କର୍ମଚାରୀମାନେ ଦାବିରେ କହିଛନ୍ତି। ରେଳପଥର ୮ ସର୍ଭିସ କ୍ୟାଡରକୁ ଏକ ସାଙ୍ଗରେ ମିଶ୍ରଣ ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବକୁ ମଞ୍ଜୁରୀ ପାଇଁ ରେଳ ବୋର୍ଡ ଅଧ୍ୟକ୍ଷ, ରେଳମନ୍ତ୍ରୀ, କ୍ୟାବିନେଟ ସଚିବ ଏବଂ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପଠାଯାଇଛି। ଏହି ନିଷ୍ପତ୍ତି କର୍ମଚାରୀଙ୍କ ସହମତି କ୍ରମେ ନିଆଯାଇଛି ବୋଲି ରେଳପଥ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଥିଲା। ଗତ ମାସ ୭ ଏବଂ ୮ ତାରିଖରେ ଏଥି ଲାଗି ଏକ ପରିବର୍ତ୍ତନ ସଂଗୋଷ୍ଠୀ ଆୟୋଜନ କରାଯାଇଥିବା କୁହାଯାଇଥିଲା। ଜେନେରାଲ ମ୍ୟାନେଜରଙ୍କ ରାୟକୁ ସମ୍ପୂର୍ଣ୍ଣ ଗ୍ରୁପର ରାୟ ବୋଲି ବିଚାର କରାଯାଇଛି ବୋଲି ଦାବି ହୋଇଛି। ଏଭଳି ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି ଅଧିକାରୀମାନେ କହିଛନ୍ତି। ସୂଚନାଯୋଗ୍ୟ ରେଳ ମନ୍ତ୍ରଣାଳୟ ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, ଷ୍ଟୋର, ପର୍ସୋନେଲ, ଟ୍ରାଫିକ, ସିଭିଲ ଇଞ୍ଜିନିୟରିଂ ଭଳି ସର୍ଭିସ କ୍ୟାଡରକୁ ମିଶ୍ରଣ ନିଷ୍ପତ୍ତି ନେଇଛନ୍ତି। ଏହାବାଦ ମେଡିକାଲ ଏବଂ ରେଲୱେ ପ୍ରୋଟେକସନ ଫୋର୍ସକୁ ସ୍ୱତନ୍ତ୍ର ରଖାଯାଇଛି।

# ଚନ୍ଦା କୋଚ୍ଛରଙ୍କ ୭୮ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୧୦-୧



ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ଏମ୍‌ଡି ତଥା ସିଇଓ ଚନ୍ଦା କୋଚ୍ଛରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିଡିଓକନ କମ୍ପାନୀକୁ ପ୍ରଦାନ କରାଯାଇଥିବା ୩୨୫୦ କୋଟି ଟଙ୍କାର ଋଣ ମାମଲାରେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ଏହା ଅନ୍ତର୍ଗତ କୋଚ୍ଛରଙ୍କ ମୁମ୍ବାଇସ୍ଥିତ ଫ୍ଲାଟ, ତାଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କର କିଛି ସମ୍ପତ୍ତି ଜବତ କରାଯାଇଛି। ଜବତ ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୭୮ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ମାମଲା ସହ ଜଡିତ ଜଣେ ଅଧିକାରୀ ଶୁକ୍ରବାର କହିଛନ୍ତି ଯେ, ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆଇନ (ପିଏମ୍‌ଏଲ୍‌ଏ)ରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ଆଇନ ଅନ୍ତର୍ଗତ ସମ୍ପତ୍ତି ଜବତ ନେଇ ନିର୍ଦ୍ଦେଶ ଦିଆଯାଇଛି। ଜବତ ସମ୍ପତ୍ତି ମଧ୍ୟରେ କୋଚ୍ଛରଙ୍କ ମୁମ୍ବାଇସ୍ଥିତ ବାସଭବନ ଏବଂ ତାଙ୍କ ସହ ଜଡିତ ଏକ କମ୍ପାନୀର ସମ୍ପତ୍ତି ରହିଛି। ଭିଡିଓକନ କମ୍ପାନୀକୁ ପ୍ରଦାନ କରାଯାଇଥିବା ଋଣ ମାମଲାରେ ଏବେ ଇଡି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛି। ଭିଡିଓକନ୍ କମ୍ପାନୀ ଦ୍ୱାରା ଚନ୍ଦା କୋଚ୍ଛରଙ୍କ ସ୍ୱାମୀ ଦୀପକ କୋଚ୍ଛର ଅନୁକମ୍ପା ଲାଭ କରିଥିବା ଅଭିଯୋଗ ଆସିଥିଲା। ଏହା ପରେ ଚନ୍ଦା କୋଚ୍ଛର ୨୦୧୮ ଅକ୍ଟୋବରରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ।

**କଣ ରହିଥିଲା ମାମଲା...**

୨୦୧୨ରେ ଭିଡିଓକନ ଗ୍ରୁପ ଆଇସିଆଇସିଆଇ ବ୍ୟାଙ୍କଠାରୁ ୩,୨୫୦ କୋଟି ଟଙ୍କାର ଋଣ ନେଇଥିଲା। ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ ସମୂହଙ୍କଠାରୁ ଭିଡିଓକନ ନେଇଥିବା ମୋଟ ୪୦ ହଜାର କୋଟି ଟଙ୍କାର ଋଣ ମଧ୍ୟରେ ଆଇସିଆଇସିଆଇର ଏହି ଋଣ ସାମିଲ ରହିଥିଲା । ଭିଡ଼ିଓକନ ଗ୍ରୁପ ଅଧ୍ୟକ୍ଷ ବେଣୁଗୋପାଳ ଧୂତ୍ ୨୦୧୪ ରେ ୬୪ କୋଟି ଟଙ୍କା ନ୍ୟୁ ପାୱାର ରିନ୍ୟୁଏବଲ୍ ପ୍ରାଇଭେଟ ଲିମିଟେଡ (ଏନ୍‌ଆର୍‌ପିଏଲ୍)କୁ ପ୍ରଦାନ କରିଥିଲେ। ଏହି କମ୍ପାନୀକୁ ଧୂତ୍ ଚନ୍ଦା କୋଚ୍ଛରଙ୍କ ସ୍ୱାମୀ ଏବଂ ଅନ୍ୟ ୨ ଜଣ ଅଂଶୀଦାରଙ୍କ ସହ ମିଳିତ ହୋଇ ସ୍ଥାପନ କରିଥିଲେ। ଆଇସିଆଇସିଆଇ ବ୍ୟାଙ୍କରୁ ଋଣ ଯୋଗାଣ ଦ୍ୱାରା ଚନ୍ଦା କୋଚ୍ଛରଙ୍କ ପରିବାର ଲୋକଙ୍କଠାରୁ ଆର୍ଥିକ ଫାଇଦା ନେଇଥିବା ଅଭିଯୋଗ ଆସିଛି।

BHUBANESWAR MUNICIPAL CORPORATION
No:986 Dt.10.01.2020
E-PROCUREMENT NOTICE
1. Bid reference No : BMC-EED-II-18/2019-20 Dt.10.01.20
2. Tender Call Notice No : No. 986, Dt.10.01.2020
3. No. of work : 08 Nos.
4. Bid Value : Rs.74,907/- to Rs. 38,37,686/-
5. Period of completion : 30 to 60 Days
Date and time of schedule

| Start | End | Opening |
|---|---|---|
| 11.00 A.M of 13.01.20 | 5 P.M of 22.01.20 | 11.00 A.M. of 24.01.20 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.
Executive Engineer, BMC, Division No.II
Progress Through Partnership for a Better Bhubaneswar

BHUBANESWAR MUNICIPAL CORPORATION
No:904 Dt.09.01.2020
E-PROCUREMENT NOTICE
1. Bid reference No: BMC-EED-II-07(EL.)/2019-20 Dt.09.01.20
2. Tender Call Notice No : No.904, Dt.09.01.2020
3. No. of work : 01 No.
4. Bid Value : Rs. 21,81,791.00
5. Period of completion : 6 (Six)Days
Date and time of schedule

| Start | End | Opening |
|---|---|---|
| 10 A.M of 10.1.2020 | 11 A.M of 15.1.2020 | 3.00 P.M. of 15.01.20 |

6. Tender details : can be seen for the procurement portal : https://www.tendersodisha.gov.in.
Executive Engineer, BMC, Division No.II
Progress Through Partnership for a Better Bhubaneswar

INTEGRATED TRIBAL DEVELOPMENT AGENCY, NABARANGPUR
No.75 /2020 Date: 09.01.2020
e-Procurement Notice
Bid Identification No. ITDANBG-05/19-20
Bids are invited from the eligible Contractors for Construction of Market Complex (1 nos. of projects) through e-tender process. The details of the tender are available in the website: https://tendersodisha.gov.in from 15.00 Hours of 09.01.2020 to 17.00 Hours of 22.01.2020 for online bidding. The bids received online shall be opened on 11.00 Hours of 29.01.2020 in this office. The original bid security, Demand Draft towards cost of Bid, GST Certificate, Work performance certificate and affidavit in original shall be submitted in this office on or before 17.00 Hours of 28.01.2020 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.
Sd./-
P.A., ITDA, Nabarangpur

BHUBANESWAR MUNICIPAL CORPORATION
No.286 Dt.04.01.2020
1st Corrigendum to Tender Call Notice
Bid Reference No.BMC-EED-II-06(EL.)/2019-20 Dt.27.12.19
The Tender for the work "Provision of Heritage Lighting around Lingaraj Temple, Bhubaneswar" is Cancelled due to technical reason.
On behalf of Commissioner, BMC, Bhubaneswar
Executive Engineer, BMC Division No.II
Progress Through Partnership for a Better Bhubaneswar

ANNEXURE - I
GOVERNMENT OF ODISHA
PLANNING & CONVERGENCE DEPARTMENT
QUOTATION CALL NOTICE
No. X-40: Sealed quotations in Plain Paper/Letter Pad are invited from intending registered firms/suppliers having their office at Bhubaneswar, who are authorized dealers for the products and having valid GST Registration and uptodate Income Tax Clearance Certificate for **supply of a HP make All in One 22-C0028 IN Desktop and Canon Image Class MF264dw Printer** to Planning & Convergence Department, Odisha Lok Seva Bhawan for official use vide Quotation Call Notice No. 524/P, Dated 10.1.2020. The last date for receipt of quotation is 6th Feb. 2020 upto 5 P.M.
The details of the Quotation Call Notice is available in the website of the State Govt. i.e. **http://www.odisha.gov.in/portal**. All future addendums/corrigendum, if any, will be hosted in the above website only.
21001/11/0009/1920 Sd./- Deputy Secretary to Government

OFFICE OF THE
KORAPUT MUNICIPALITY, KORAPUT
No. 130/MUN-2019 Dated: 07.01.2020
"e" PROCUREMENT NOTICE
Bid Identification No.: KPTMUN-071/2020
No. C-437: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of Works | : | 3 Nos. |
| 3. | Estimated Cost | : | Rs.2,13,000/- to Rs.10,00,000/- |
| 4. | Period of Completion | : | 30 Days to 45 Days |
| 5. | Date & Time of Bidding | : | From 11.00 A.M. of 10.01.2020 to 5.00 P.M. of 20.01.2020. |
| 6. | Last date & time for receipt of Bids in portal | : | 20.01.2020 at 5.00 P.M. |
| 7. | Bids received online shall be opened on | : | 03.00 P.M. of Dt.24.01.2020 |
| 8. | Name and address of the Officer Inviting Bid | : | Executive Officer, Koraput Municipality |

Further details can be seen from the procurement portal: **www.tenderorissa.gov.in**.
13074/11/0011/1920 Sd./- Executive Officer, Koraput Municipality

ORISSA STATE AIDS CONTROL SOCIETY (OSACS)
(Department of Health & Family Welfare), Government of Odisha
Letter No.XV-43/2019: 141 /OSACS Date: 10.01.2020
NOTICE INVITING TENDER FOR STERILE DISPOSABLE SYRINGE WITH NEEDLE FOR 2019-20
Orissa State AIDS Control Society (OSACS) invites sealed tenders from manufacturers/ authorized distributors / dealers having valid GST registration for supply of 5ML Sterile Disposable Syringe with Needle for ICTC. The detailed terms and conditions are available in the website www.osacs.nic.in & www.odisha.gov.in, which can be downloaded for use. Interested parties may submit their tender superscribing as "Tender for 5ML Sterile Disposable Syringe with Needle for 2019 - 20" to the undersigned through speed post / Registered Post / Courier, which should reach on or before 11.00 A.M of 27.01.2020 positively and the same will be opened by a committee in presence of the bidders at 11.30 A.M of the same date i.e 27.01.2020. The undersigned reserves the right to reject any or all the tender without assigning any reason thereof.
Sd./- Project Director
Orissa State AIDS Control Society,
(Department of Health & Family Welfare),
Govt. of Odisha, 2nd Floor, Oil Orissa Building,
F-Nayapalli, Bhubaneswar-12.
2nd Floor, Oil Orissa Building, Nayapalli, Bhubaneswar,
Ph: 2395415/2393235, Fax : 2394560/ (0674),
Email : sacorissa@sify.com; sacs_orissa@nacoindia.org

OFFICE OF THE
SUPERINTENDENT, PRM MEDICAL COLLEGE & HOSPITAL, BARIPADA, MAYUBHANJ
Letter No.: 25/PRM MCH Date: 06.01.2020
TENDER CALL NOTICE FOR HIRING OF ONE PRIVATE VEHICLE
No. E-657: The Superintendent, PRM Medical College & Hospital, Baripada, Mayurbhanj invites sealed tenders from interested reputed travel Agencies/Tour Operators for providing 1 (One) No. of Tiago/Bolt/Celerio (Petrol) vehicle on monthly rent basis. The bid document with all information relating to the bidding process such as eligibility criteria, terms & conditions etc. are available on the website i.e. **www.mayurbhanj.nic.in**, which may be downloaded for reference. Interested parties may be submitted their tenders superscribing as tender for hiring of Vehicles on monthly rent basis in reference to Advertisement No. 15/PRM MCH Dt.06.01.2020 to the undersigned through Registered Post/Speed Post only, which should reach on or before 4 P.M. of Dt.28.01.2020 positively and tender will be opened on Dt.29.01.2020 at 11 A.M. Any tender paper received after due date & time will be rejected/referred to the sender unopened.
Sd./- Superintendent
P.R.M. Medical College & Hospital
Baripada, Mayurbhanj
10120/11/0005/1920

ZILLA SWASTHYA SAMITI, KEONJHAR
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(NPCB KEONJHAR)
TENDER CALL NOTICE
Advt. No.: 122 Date: 9.01.2020
No. E-660: Sealed tender is invited from Private Individual/ Tour Operator/Travel Agency/Society/Firm for providing vehicle to be engaged of vehicle under SUNETRA, Keonjhar for the year 2019-20. The interested supplier/firm/private may applied. The terms & condition of the tender may be downloaded from the website **www.kendujhar.nic.in**. The tender should reach to the Office of the undersigned by 27.01.2020 at 05.00 P.M. through Speed Post/Regd. Post/ Courier and which will be opened on 28.01.2020 at 11.00 A.M. at DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.
The undersigned reserves the right to reject any or whole tender without assignment any reason thereof.
10033/11/0039/1920 Sd./- Chief District Medical & Public Health Officer, Keonjhar

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଜାନୁୟାରୀ ୧୧, ୨୦୨୦



ବିରାଟ କୋହଲି ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କ ଭଳି କ୍ରିକେଟର ସମସ୍ତ ଫର୍ମାଟରେ ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ ହେବାକୁ ମୋର ଅଭିଳାଷ ରହିଛି ।

–ମାର୍ନସ ଲାବୁସାନେ, ଅଷ୍ଟ୍ରେଲୀୟ କ୍ରିକେଟର



ପାକିସ୍ତାନରେ ବିଦେଶୀ ଖେଳାଳିଙ୍କୁ ରାଷ୍ଟ୍ରପତିଙ୍କ ଭଳି ନିରାପତ୍ତା ଯୋଗାଇ ଦିଆଯାଉଥିବାରୁ ଏହା ବିଶ୍ୱର ଅନ୍ୟତମ ସୁରକ୍ଷିତ ସ୍ଥାନ ।

–କ୍ରିସ୍ ଗେଲ୍, ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ



# ଟି୨୦ ସିରିଜ ଜିତିଲା ଭାରତ

**ପୁଣେ,୧୦ା୧(ପି.ଟି.)**

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଘରୋଇ ଭାରତ ୨–୦ରେ ବିଜୟୀ ହୋଇଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ବୃହତ୍ ୭୮ ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ସିରିଜ ହାତେଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୧୫.୫ ଓଭରରେ ୧୨୩ ରନକରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ଦ୍ରୁତ ଅପରାଜିତ ୨୨ ରନ କରିବା ସହ କଞ୍ଜୁସ ବୋଲିଂ କରି ମୂଲ୍ୟବାନ ୨ଟି ଉଇକେଟ ଅକ୍ତିଆର କରିଥିବା ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ନବଦୀପ ସଇନି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପ୍ରଥମ ଟି୨୦ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୧୫ଟି ବଲ ବାକି ରଖି ୭ ଉଇକେଟରେ ବିଜୟୀ ହୋଇଥିଲା।

୨୦୨ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଶ୍ରୀଲଙ୍କା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଧନଞ୍ଜୟ ଡି ସିଲଭା ସର୍ବାଧିକ ୫୭ ରନ (୩୬ ବଲ, ୮ ଚୌକା, ୧ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅଭିଜ୍ଞ ଆଞ୍ଜେଲୋ ମାଥ୍ୟୁସ ୩୧ ରନକରି ଆଉଟ ହୋଇଥିଲେ। ବାକି ୯ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଦ୍ରୁତ ବୋଲର ନବଦୀପ ସଇନି ସର୍ବାଧିକ ୩, ଶାର୍ଦ୍ଦୁଳ ଠାକୁର ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏ, ଯଶପ୍ରୀତ ବୁମ୍‌ରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଭାରତ ଆରମ୍ଭରୁ ଦମ୍‌ଦାର ବ୍ୟାଟିଂ କରିଥିଲା। ଦୁଇ ଓପନର ଶିଖର ଧାୱନ ଓ ଲୋକେଶ ରାହୁଲ ଆଉଟ ହେବା ପୂର୍ବରୁ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୬୫ଟି ବଲ ଖେଳି ୯୭ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ୩୬ ବଲରୁ ୭ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ଧାୱନ ବାମହାତୀ ଚାଇନାମ୍ୟାନ ଲକ୍ଷଣ ସନ୍ଦାକନଙ୍କ ବଲ୍‌କୁ ଜୋରରେ ସୁଇପ୍ କରି ମିଡ୍ ଉଇକେଟରେ ଦନୁଷ୍କା ଗୁଣତିଲକାଙ୍କ ହାତରେ ଧରାପଡିଥିଲେ। ଏହାପରେ ମାତ୍ର ୨୫ ରନ ମଧ୍ୟରେ ୩ଟି ଉଇକେଟର ପତନ ହୋଇଥିଲା। ଦୀର୍ଘଦିନ ପରେ ଖେଳିବାର ସୁଯୋଗ ପାଇଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲ୍‌ରେ ଛକା ମାରି ଇନିଂସ ଆରମ୍ଭ କରିଥିଲେ ମଧ୍ୟ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। ସେ ଲାଇନ ମିସ୍ କରି ଧନଞ୍ଜୟ ଡି ସିଲଭାଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରାହୁଲ ୩୬ଟି ବଲ୍ ଖେଳି ୫ ଚୌକା ଓ ୧ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସନ୍ଦାକନଙ୍କ ବଲ୍‌ରେ କୁଶଲ ପେରେରାଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଯୁବ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ୪ ରନ କରି ସନ୍ଦକାନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଆୟାରଙ୍କ ପରେ ପାଳି ପଡିଥିଲା ଅଧିନାୟକ ବିରାଟ କୋହଲିଙ୍କର।




ଉଇକେଟ ନେବା ପରେ ନବଦୀପ ସଇନିଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

୧୭ଟି ବଲର ସମ୍ମୁଖୀନ ହୋଇ କୋହଲି ୨ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ ଦୁଇ ରନ ନେବାକୁ ପ୍ରୟାସ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଡିପ୍ ସ୍କୋୟାର ଲେଗ୍‌ରୁ ଗୁଣତିଲକାଙ୍କ ଥ୍ରୋରେ ସେ ଉଇକେଟକିପର କୁଶଲ ପେରେରାଙ୍କ ଦ୍ୱାରା ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାର ଠିକ୍ ପର ବଲ୍‌ରେ ୱାଶିଂଟନ ସୁନ୍ଦର ଖାତା ଖୋଲିବା ପୂର୍ବରୁ ଲାହିରୁ କୁମାରାଙ୍କ ବଲ୍‌ରେ ଥାର୍ଡ ମ୍ୟାନ୍‌ରେ ସନ୍ଦାକନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ମନୀଷ ପାଣ୍ଡେ ଓ ଶାର୍ଦ୍ଦୁଳ ଠାକୁର ଆଉ କୌଣସି କ୍ଷତି ହେବାକୁ ନ ଦେଇ ସପ୍ତମ ଉଇକେଟରେ ମାତ୍ର ୧୪ଟି ବଲରୁ ଦ୍ରୁତ ୩୭ ରନକରି ଦଳର ସ୍କୋରକୁ ୨୦୦ ପାର କରାଇଥିଲେ। ପାଣ୍ଡେ ୧୮ ବଲରୁ ୪ ଚୌକା ସହ ୩୧ ଓ ଠାକୁର ୮ ବଲରୁ ୧ ଚୌକା ଓ ୨ ଛକା ସହ ୨୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ସନ୍ଦକାନ ୩, କୁମାରା ଓ ଡି ସଲଭା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଭାରତୀୟ ଦଳରେ ୩ଟି ପରିବର୍ତ୍ତନ କରାଯାଇଥିଲା। ଶିବମ୍ ଦୁବେ, ରିଷଭ ପନ୍ତ ଓ କୁଳଦୀପ ଯାଦବଙ୍କୁ ବାଦ ଦିଆଯାଇ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ, ସଞ୍ଜୁ ସାମସନ ଓ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ସେହିପରି ଶ୍ରୀଲଙ୍କା ଦଳରେ ମଧ୍ୟ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଭାନୁକା ରାଜପାକସା ଓ ଇସୁରୁ ଉଡାନାଙ୍କ ବଦଳରେ ଅଭିଜ୍ଞ ଆଞ୍ଜେଲୋ ମାଥ୍ୟୁସ ଓ ଲକ୍ଷନ ସନ୍ଦକାନଙ୍କୁ ଦଳରେ ସାମିଲ କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

- ଭାରତ ୨୦ ଓଭରରେ ୨୦୧/୬ (ରାହୁଲ-୫୪, ଧାୱନ- ୫୨, ପାଣ୍ଡେ- ୩୧*, କୋହଲି- ୨୬, ଠାକୁର- ୨୨*, ସନ୍ଦାକନ- ୩/୩୫, କୁମାରା- ୧/୪୬, ଡି ସିଲ୍‌ଭା- ୧/୨୭)।
- ଶ୍ରୀଲଙ୍କା ୧୫.୫ ଓଭରରେ ୧୨୩ ରନରେ ଅଲଆଉଟ (ଡି ସିଲଭା- ୫୭, ମାଥ୍ୟୁସ- ୩୧, ସଇନି- ୩/୨୮, ଠାକୁର- ୨/୧୯, ସୁନ୍ଦର- ୨/୩୭)।

## ତୀରମାଡ଼ରେ ତୀରନ୍ଦାଜ ଗୁରୁତର

ନୂଆଦିଲ୍ଲୀ,୧୦ା୧: ଆସାମର ୧୨ ବର୍ଷୀୟା ତୀରନ୍ଦାଜ ଶିଭାଙ୍ଗିନୀ ଗୋହେନ ତୀର ମାଡ଼ରେ ଆହତ ହୋଇଛନ୍ତି। ଡିବ୍ରୁଗଡ଼ସ୍ଥିତ ସାଇ କେନ୍ଦ୍ରରେ ଟ୍ରେନିଂବେଳେ ଦୁର୍ଘଟଣା ଘଟିଛି। ଏହି ସମୟରେ କେହି ପ୍ରଶିକ୍ଷକ ନ ଥିଲେ। ଅସାବଧାନତା କାରଣରୁ ଏଭଳି ଘଟଣା ଘଟିଛି ବୋଲି ରାଜ୍ୟର ତୀରନ୍ଦାଜ ଆସୋସିଏଶନ ପକ୍ଷରୁ କୁହାଯାଇଛି। ବୁଧବାର ଦୁର୍ଘଟଣା ପରେ ତାଙ୍କୁ ବିମାନ ଯୋଗେ ଦିଲ୍ଲୀ ନିଆଯାଇ ଏମ୍ସ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇ ଥିବା ଆସାମ ତୀରନ୍ଦାଜ ଆସୋସିଏଶନର ଯୁଗ୍ମ ସମ୍ପାଦକ ଓ ରାଜ୍ୟ ଅଲିମ୍ପିକ୍ ଆସୋସିଏଶନର କାର୍ଯ୍ୟକାରୀ ସଦସ୍ୟ ପୁଲିନ ଦାସ କହିଛନ୍ତି। ସାଇର ଏକ୍ସଟେନଶନ ସେଣ୍ଟରରେ ୫ ବାଳିକାଙ୍କ ସମେତ ୧୧ ଟ୍ରେନି ଥିଲେ। ସେମାନେ ସାଇର ଚୁକ୍ତିଭିତ୍ତିକ କୋଚ୍ ମାର୍ସିଙ୍କ ନେତୃତ୍ୱରେ ଟ୍ରେନିଂ ନେଉଥିଲେ। କିନ୍ତୁ କୋଚ ମାର୍ସି ଏବେ ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଗୁଆହାଟୀ ଯାଇଛନ୍ତି। ଟ୍ରେନିଂ ଗ୍ରାଉଣ୍ଡର ସ୍ଥିତ ଭଲ ନାହିଁ। କାରଣ ସେଠାରେ ଫୁଟବଲ, କ୍ରିକେଟ ଓ ଅନ୍ୟ ଖେଳ ମଧ୍ୟ ଖେଳାଯାଏ। କିନ୍ତୁ ସବୁଠୁ ବଡ଼ କଥା ହେଲା କୋଚ୍‌ଙ୍କ ଅନୁପସ୍ଥିତିରେ ସେମାନଙ୍କୁ ଟ୍ରେନିଂ ନ କରିବାକୁ କୁହାଯାଇ ନ ଥିଲା। ଜଣେ ବାଳକ ଅଭ୍ୟାସ କରୁଥିବାବେଳେ ଗୋହେନଙ୍କୁ ତୀର ଲାଗିଥିଲା। ତାଙ୍କୁ ପ୍ରଥମେ ଆସାମ ମେଡିକାଲ କଲେଜ ନିଆଯାଇଥିଲା। ସେଠାକାର ଡାକ୍ତର ଭଲ ମେଡିକାଲକୁ ନେବା ପାଇଁ ସୁପାରିସ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସ ନିଆଯାଇଥିଲା। ଏମ୍ସର ଟ୍ରମା ସେଣ୍ଟରର ଜଣେ ଡାକ୍ତର କହିଛନ୍ତି, ତୀର ଗୋହେନଙ୍କ ହାତର ହାଡ ଭିତରେ ପଶିଯାଇଛି। ଶୀଘ୍ର ତାଙ୍କର ଅସ୍ତ୍ରୋପଚାର କରାଯିବ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଅଛି। ଆସାମ ତୀରନ୍ଦାଜ ଆସୋସିଏଶନ ତାଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ସହାୟତା ରାଶି ଦେଇଛି।

## ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ଉଦ୍‌ଘାଟିତ

ଗୁଆହାଟୀ, ୧୦ା୧ : ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଖେଲୋ ଇଣ୍ଡିଆ ଯୁଥ ଗେମ୍ସ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଆକର୍ଷଣୀୟ ଉଦ୍‌ଘଟନୀ ଉତ୍ସବକୁ ଷ୍ଟାଡିୟମରେ ଉପସ୍ଥିତ ୨୫ ହଜାର ଦର୍ଶକଙ୍କ ସହିତ ଟେଲିଭିଜନ ଜରିଆରେ ଲକ୍ଷ ଲକ୍ଷ ଖେଳପ୍ରେମୀ ଉପଭୋଗ କରିଛନ୍ତି। ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଲେଜର ଲାଇଟ୍ ଶୋ ଦର୍ଶକଙ୍କ ମନ ମୋହିଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଉପସ୍ଥିତ ଥିଲେ। ଷ୍ଟାର ଧାବିକା ହୀମା ଦାସଙ୍କ ଦ୍ୱାରା ଗେମ୍ସର ମଶାଲ ପ୍ରଜ୍ୱଳନ ପୂର୍ବରୁ ହୋଇଥିବା ୭ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଟପ୍ ଆଥଲେଟମାନେ ଅନ୍ତିମ ମଶାଲ ରାଲିରେ ଅଂଶଗ୍ରହଣ କରିଥିଲେ। ୧୩ଦିନ ଧରି ହେବାକୁଥିବା ଏହି ଗେମ୍ସରେ ୩୭ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୬,୮୦୦ ଆଥଲେଟ୍ ଭାଗ ନେଉଛନ୍ତି। ଗେମ୍ସରେ ହେବାକୁଥିବା ୨୦ ପ୍ରକାର ପ୍ରତିଯୋଗିତାର ଏକ ଝଲକ ଏକ ଡ୍ୟାନ୍ସିଂ ଗ୍ରୁପ୍ ଜରିଆରେ ଅଭିନବ ଉପାୟରେ ପ୍ରଦର୍ଶନ କରାଯାଇଥିଲା। ବଲିଉଡ୍‌ର ଲୋକପ୍ରିୟ ଗାୟକ ତଥା ସଙ୍ଗୀତନିର୍ଦ୍ଦେଶକ ଶଙ୍କର ମହାଦେବନ ତାଙ୍କର କେତେକ ହିଟ୍ ଗୀତ ପରିବେଷଣ କରି ଦର୍ଶକଙ୍କୁ ଆମୋଦିତ କରିଥିଲେ। ଆସାମ ରାଇଫଲ୍ସ ଦ୍ୱାରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗେମ୍ସର ଥିମ୍ ସଙ୍ଗୀତ ପରିବେଷଣ ବେଳେ ମାସ୍କଟର ପରିଚୟ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ବର୍ତ୍ତାଥିଲା 'ଭାରତ ଏକ'।



ଉଦ୍‌ଘାଟନୀ ଉତ୍ସବର ଝଲକ।

## ସୋଲାର-ୟୁନିୟନ ଫାଇନାଲ



ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଜ୍ୟୋତିରଞ୍ଜନ ଦଳେଇ।

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

**ଭଣ୍ଡାରିପୋଖରୀ, ୧୦ା୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ତ୍ରୟୋଦଶତମ ବାର୍ଷିକ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଶୁକ୍ରବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ଏଥିରେ ଭୁବନେଶ୍ୱର ପାରାମାଉଣ୍ଟକୁ ହରାଇ କଟକ ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ୟୁନିୟନ ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୮୪ ରନ୍ କରିଥିଲା। ଦଳର ଜ୍ୟୋତିରଞ୍ଜନ ଦଳେଇ ୬୬ ବଲରେ ୮ ଛକା, ୬ଟି ଚଉକାରେ ୮୨ ରନ୍, ଏମ୍‌ଡି ଆକ୍ରମ ୧୯ ବଲରେ ଗୋଟିଏ ଛକା, ୪ଟି ଚଉକାରେ ୩୩ ଏବଂ ଭେଙ୍କଟେଶ ଭଣ୍ଡି ୩୪ ବଲରେ ଗୋଟିଏ ଛକା, ୬ଟି ଚଉକାରେ ୩୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ହିତେଶ ନାୟକ ୫ ଓଭରରେ ୪୪ ରନ୍ ଦେଇ ୩ ଉଇକେଟ ଓ ମିନାଲ ପରିଡ଼ା ୫ ଓଭରରେ ୪୧ ରନ୍ ଦେଇ ୨ ଉଇକେଟ ନେଇଥିଲେ। ପାରାମାଉଣ୍ଟ କ୍ଲବ ୧୯.୪ ଓଭରରେ ୯୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ମିନାଲ ପରିଡ଼ା ୩୭ ବଲରେ ୨ଟି ଛକା ଓ ୬ଟି ଚଉକାରେ ୪୧ ରନ୍, ସୌମ୍ୟରଞ୍ଜନ ବିଶ୍ୱାଳ ୩୩ ବଲରେ ଗୋଟିଏ ଛକା, ୩ଟି ଚଉକାରେ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ନିଶାନ୍ତ ସାହୁ ୫ ଓଭରରେ ୨୪ ରନ୍ ଦେଇ ୩ ଉଇକେଟ୍, ସର୍ବେଶ୍ୱର ମହାନ୍ତି ୪ ଓଭରରେ ୧୨ ରନ୍ ଦେଇ ୩ ଉଇକେଟ ଏବଂ ରାଜିକ୍ ଅଲ୍ଲୀ ୨.୪ ଓଭରରେ ୧୨ ରନ୍ ଦେଇ ୪ ଉଇକେଟ୍ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ୟୁନିୟନ ସ୍ପୋର୍ଟିଂର ଜ୍ୟୋତିରଞ୍ଜନ ଦଳେଇଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଆଶୁତୋଷ ପାଣି, ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ରଘୁନାଥ ମାଝି ଓ ଜୟନ୍ତ ନାୟକ ସ୍କୋରର ଥିଲେ। ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ, ଗୋପୀନାଥ ମାଝି ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍‌ଙ୍କୁ ବିଶ୍ୱନାଥ ମାଝି, ଶ୍ରୀଜୟ ମହାପାତ୍ର ଓ ଅନ୍ତର୍ଯ୍ୟାମୀ ନାୟକ ପୁରସ୍କୃତ କରିଥିଲେ। ଆସନ୍ତା ୧୨ ତାରିଖରେ କଟକ ୟୁନିୟନ ସ୍ପୋର୍ଟିଂ ଓ ସୋଲାର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରଘୁନାଥପୁର କ୍ରିକେଟ କ୍ଲବ ସଭାପତି ବିଶ୍ୱନାଥ ମାଝି ସୂଚନା ଦେଇଛନ୍ତି।

## ହ୍ୟାଟ୍ରିକ୍ ବିଜୟ୍ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

### ଇଣ୍ଡିଆନ ସୁପର ଲିଗ୍

**ଭୁବନେଶ୍ୱର,୧୦ା୧(ସ୍ପୋର୍ଟ୍ସ ବ୍ୟୁରୋ)**

ଘରୋଇ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଦମ୍‌ଦାର ଆରମ୍ଭ କରିଛି। ଏଠାରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ଓଡ଼ିଶା ଶନିବାର ଶକ୍ତିଶାଳୀ ମୁମ୍ବାଇ ଏଫ୍‌ସିକୁ ଭେଟିବ। ମୁମ୍ବାଇକୁ ହରାଇ ଓଡ଼ିଶା କ୍ରମାଗତ ୩ଟି ବିଜୟ ହାସଲ କରିବା ସହ ହ୍ୟାଟ୍ରିକ୍ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ବିଜୟୀ ହେବା ସହ ଓଡ଼ିଶା ମୁମ୍ବାଇକୁ ହଟାଇ ଶ୍ରେଷ୍ଠ ୪ ବା ପ୍ଲେ ଅଫ୍‌ରେ ସ୍ଥାନ ହାସଲ କରିବା ଲକ୍ଷ୍ୟରେ ରହିଛି।

କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଜାମସେଦପୁରକୁ ୨–୧ ଗୋଲରେ ହରାଇବା ପରେ ଚେନ୍ନାଇନ୍‌କୁ ୨–୦ ଗୋଲରେ ପରାସ୍ତ କରିଥିଲା। ଏହାପୂର୍ବରୁ ଓଡ଼ିଶା ପୁଣେକୁ ତା'ର ହୋମ୍ ଗ୍ରାଉଣ୍ଡ ରୂପେ ବ୍ୟବହାର କରିଥିଲା ଓ ଏଠାରେ କେତୋଟି ମ୍ୟାଚ୍ ଖେଳିଥିଲା। ହେଡ୍ କୋଚ୍ ଜୋଶେଫ୍ ଗାମ୍ବାଉଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏପର୍ଯ୍ୟନ୍ତ ୧୧ଟି ମ୍ୟାଚ୍ ଖେଳି ୪ ବିଜୟ ଓ ସମାନ ସଂଖ୍ୟକ ପରାଜୟ ସହ ୩ଟି ମ୍ୟାଚ୍ ଡ୍ର ରଖି ମୋଟ୍ ୧୫ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନରେ ରହିଛି।

ଅପରପକ୍ଷରେ ମୁମ୍ବାଇ ସିଟି ସମାନ ୧୧ଟି ମ୍ୟାଚ୍ ଖେଳି ୪ ବିଜୟ, ୪ ଡ୍ର ଓ ୩ ପରାଜୟ ସହ ମୋଟ୍ ୧୬ ପଏଣ୍ଟ ପାଇ ଓଡ଼ିଶା ଉପରକୁ ଗୋଟିଏ ସ୍ଥାନ ଉପରେ ରହି ଚତୁର୍ଥ ସ୍ଥାନରେ ରହିଛି। ମୁମ୍ବାଇ କ୍ରମାଗତ ୩ଟି ମ୍ୟାଚ୍ ଜିତି ବିଜୟ ଅବ୍ୟାହତ ରଖିଥିବା ବେଳେ ଗତ ମ୍ୟାଚ୍‌ରେ ଏଟିକେଠାରୁ ପରାସ୍ତ ହୋଇଥିଲା। ଗତ ୭ଟି ମ୍ୟାଚ୍‌ରେ ମୁମ୍ବାଇ ଗୋଟିଏ ମାତ୍ର ମ୍ୟାଚ୍‌ରେ ପରାସ୍ତ ହୋଇ ଟପ୍ ଫର୍ମରେ ରହିଛି।

ଗତ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଓଡ଼ିଶାର ପ୍ରଦର୍ଶନରେ ସ୍ଥିରତା ଆସିନାହିଁ ଓ ଦଳ ଏପର୍ଯ୍ୟନ୍ତ ଲୟ ହାସଲ କରିପାରିନାହିଁ। ତେବେ ଦଳର ପ୍ରଦର୍ଶନ ମଧ୍ୟ ସେତେ ଖରାପ ହୋଇନାହିଁ। ବେଳେବେଳେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରିଛି। ଓଡ଼ିଶା କେତେ ସମୟରେ ଆକର୍ଷଣୀୟ ଫୁଟବଲ ଖେଳିବାରେ ସକ୍ଷମ ହୋଇଛି। ସ୍ପାନିସ୍ ଷ୍ଟ୍ରାଇକର ଆଡ୍ରିଆନ ସାଣ୍ଟାନ ଡବଲ୍ ଗୋଲ ବଳରେ ଓଡ଼ିଶା ପୂର୍ବରୁ ମୁମ୍ବାଇକୁ ଆୱେ ମ୍ୟାଚ୍ ୪–୨ ଗୋଲରେ ପରାସ୍ତ ହୋଇଥିଲା।

### ଘରୋଇ ଦର୍ଶକଙ୍କ ସମର୍ଥନ ଉତ୍ସାହିତ କରିବ: ଗୋମ୍ବାଓ

ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି ଓ ଏମାନଙ୍କ ସମର୍ଥନ ଓଡ଼ିଶା ଖେଳାଳିଙ୍କୁ ଆହୁରି ଭଲ ଖେଳିବାକୁ ପ୍ରେରଣା ଦେବ ବୋଲି କୋଚ୍ ଗୋମ୍ବାଓ କହିଛନ୍ତି। ଏହି ମ୍ୟାଚ୍ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ବିଜୟୀ ହେଲେ ଆମେ ଶ୍ରେଷ୍ଠ ୪ରେ ସ୍ଥାନ ପାଇବୁ। ଏହି ମ୍ୟାଚ୍ ଖେଳାଯିବା ପରେ ଲିଗ୍ ଦୁଇ ତୃତୀୟାଂଶ ମ୍ୟାଚ୍ ଶେଷ ହେବ। ଆମେ କଠିନ ପରିଶ୍ରମ କରୁଛୁ ଓ ବିଜୟୀ ହେବା ପାଇଁ ଆମ ପାଖରେ ଆତ୍ମ ବିଶ୍ୱାସ ରହିଛି। ଖେଳାଳିମାନେ ସଫଳତା ପାଇଁ ବ୍ୟଗ୍ର ଅଛନ୍ତି। ଆମେ ଭଲ ପ୍ରଦର୍ଶନ କରି ପାରିବୁ ବୋଲି ସେ କହିଛନ୍ତି। ଦୀର୍ଘଦିନ ଧରି ଆମେ ଘରୋଇ ପରିବେଶରେ ଖେଳି ନ ଥିଲୁ। ବାହାରେ ଆମେ ୧୦ଟି ମ୍ୟାଚ୍ ଖେଳିବା ପରେ ଭୁବନେଶ୍ୱର ଆସିଥିଲୁ। ଏଠାରେ ଆମକୁ ବହୁତ ସମର୍ଥନ ମିଳିଛି ଓ ଏହା ଚମତ୍କାର।

### ଓଡ଼ିଶା ଦଳରେ କ୍ୱାଲିଟି ଖେଳାଳି ରହିଛନ୍ତି: ମାର୍କୋ

ମୁମ୍ବାଇ ଆସିଷ୍ଟାଣ୍ଟ କୋଚ୍ ମାର୍କୋ ଲେଇଟ୍ ମଧ୍ୟ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି। ପ୍ରତିପକ୍ଷ ଦଳ କଥା ଅଧିକ ଚିନ୍ତା ନ କରି ନିଜ ଖେଳ କିପରି ଭଲ ହେବ ସେ ନେଇ ଫୋକସ କରୁଛୁ। ଶ୍ରେଷ୍ଠ-୪ ରେ ସ୍ଥାନ ବଜାୟ ରଖିବା ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ଓ ଆମେ ବିଜୟ ନେଇ ବେଶ୍ ଆଶାବାଦୀ ଅଛୁ ବୋଲି ସେ କହିଛନ୍ତି। ଓଡ଼ିଶା ଏକ ଭଲ ଦଳ। ବହୁତ ସରଳ ଭାବେ ଓଡ଼ିଶା ଖେଳାଳିମାନେ ସାଧାରଣ ଜିନିଷକୁ କାର୍ଯ୍ୟକାରୀ କରୁଛନ୍ତି। ଏହି ଦଳ ପାଖରେ ମ୍ୟାଚ ୱିନର ରହିଛନ୍ତି। ଏହି ଦଳରେ ଉଭୟ ଭଲ ବିଦେଶୀ ଓ ଭାରତୀୟ ଖେଳାଳି ରହିଛନ୍ତି। ସେହିପରି ଆମ ପାଖରେ ମଧ୍ୟ କ୍ୱାଲିଟି ଖେଳାଳି ରହିଛନ୍ତି। ପ୍ରତିପକ୍ଷର କୌଣସି ଖେଳାଳିକୁ ନେଇ ଆମେ ଚିନ୍ତିତ ନୋହୁଁ କିନ୍ତୁ ପୂରା ଦଳକୁ ନେଇ ଆମେ ରଣନୀତି ପ୍ରସ୍ତୁତ କରିଛୁ ବୋଲି ମାର୍କୋ କହିଛନ୍ତି।




କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସି ଦଳ।

## ଓଡ଼ିଶା–ଆନ୍ଧ୍ର କ୍ୱାର୍ଟର ମୁକାବିଲା

### ଜାତୀୟ ଦୃଷ୍ଟିହୀନ କ୍ରିକେଟ

**ଭୁବନେଶ୍ୱର, ୧୦ା୧(କ୍ରୀଡ଼ା ପ୍ରତିନିଧି)**

ଗତଥର ଚାମ୍ପିୟନ ଓଡ଼ିଶା ଆନ୍ଧ୍ର ପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ନଗେଶ ଟ୍ରଫିର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର କ୍ୱାର୍ଟର ଫାଇନାଲରେ ଓଡ଼ିଶା ଆୟୋଜକ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଏହା ଗତ ସଂସ୍କରଣ ଫାଇନାଲର ରିମ୍ୟାଚ ସଦୃଶ ହେବ। ଗତବର୍ଷ କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲରେ ଆନ୍ଧ୍ର ପ୍ରଦେଶକୁ ୧୨ ରନରେ ହରାଇ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଚଳିତ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଉତ୍ତର ପ୍ରଦେଶ, ହରିୟାଣା, ଦିଲ୍ଲୀ ଓ ଗୋଆକୁ ହରାଇଥିବାବେଳେ କର୍ନାଟକ ନିକଟରୁ ହାରି ପୁଲ୍-ଏରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ବୋଲି କୋଚ୍ ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରକାଶ କରିଛନ୍ତି।



ଭାରତ ବିପକ୍ଷ ଆସନ୍ତା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ସ୍ପିନରମାନଙ୍କର ବିଶେଷ ଭୂମିକା ରହିବ ।

–ପ୍ୟାଟ୍ କୁମିନ୍ସ, ଅଷ୍ଟ୍ରେଲୀୟ ପେସ୍ ବୋଲର

କୋଚ୍ ଅଲବର୍ଟୋ ସାଲାଜାର ଡୋପିଂ ସମ୍ପୃକ୍ତ ଥିବା ବିଷୟ ଯଦି ମୁଁ ଜାଣିଥାନ୍ତି ତେବେ ତୁରନ୍ତ ତାଙ୍କ କ୍ୟାମ୍ପ ପରିତ୍ୟାଗ କରିଥାନ୍ତି ।

–ମୋ ଫାରା, ବ୍ରିଟିଶ ଆଥ୍ଲେଟ



## ସଂକ୍ଷେପରେ

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ହକି ରାଜୀନ ଅମ୍ପାୟର



ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି): ଆସାମର ଗୁଆହାଟୀଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୧୭ ଓ ୨୧ ବର୍ଷରୁ କମ୍ ବାଳକ ହକି ପାଇଁ ଓଡ଼ିଶାର ରାଜୀନ ଏକ୍କା ଅମ୍ପାୟର ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ହକି ମ୍ୟାଚଗୁଡ଼ିକ ଚଳିତମାସ ୧୩ରୁ ୨୧ ପର୍ଯ୍ୟନ୍ତ ଗୁଆହାଟୀର ମୌଲାନା ମହମ୍ମଦ ତଯ୍ୟାବୁଲ୍ଲା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମ୍ୟାଚର ୨ ଦିନ ପୂର୍ବରୁ ଅର୍ଥାତ୍ ୧୧ ତାରିଖରେ ରିପୋର୍ଟ କରିବାକୁ ହକି ଇଣ୍ଡିଆ ପକ୍ଷରୁ ରାଜୀନଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

### ବୋପାନ୍ନା-କୁଲହଫ୍ ଫାଇନାଲରେ

ଦୋହା, ୧୦।୧ (ପି.ଟି.)- ଭାରତର ରୋହନ ବୋପାନ୍ନା ଏବଂ ନେଦରଲାଣ୍ଡର ୱେସ୍ଲି କୁଲ୍ହଫ୍ ଏଠାରେ ଚାଲିଥବା ୧,୪୬୫,୨୬୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ କାତାର ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଏହି ଯୋଡ଼ି ୭-୫, ୬-୨ ସେଟ୍‌ରେ ଫିନ୍‌ଲାଣ୍ଡ-କ୍ରୋଏସିଆ ଯୋଡ଼ି ହେନ୍‌ରୀ କୋଣ୍ଟେନେନ୍ ଏବଂ ଫ୍ରାଙ୍କୋ ସ୍କୁଗୋର୍‌ଙ୍କୁ ହରାଇ ଦେଇଛନ୍ତି। ଇଣ୍ଡୋ-ଡଚ୍ ଯୋଡ଼ି ଶନିବାର ଫାଇନାଲ ମୁକାବିଲାରେ ବ୍ରିଟିଶ-ମେକ୍ସିକାନ ଯୋଡ଼ି ଲ୍ୟୁକ୍ ବାମ୍ବ୍ରିଜ୍ ଓ ସାଣ୍ଟିଆଗୋ ଗୋଞ୍ଜାଲେଜ୍‌ଙ୍କୁ ଭେଟିବେ। ବାମ୍ବ୍ରିଜ ଓ ଗୋଞ୍ଜାଲେଜ୍ ଅନ୍ୟ ସେମିଫାଇନାଲରେ ଡେନମାର୍କର ଫ୍ରେଡ୍ରିକ୍ ନିଲ୍‌ସେନ ଓ ଜର୍ମାନୀର ଟିମ୍ ପ୍ୟୁଜ୍‌ଙ୍କୁ ୨-୬, ୬-୨, ୧୦-୪ ସେଟ୍‌ରେ ପରାସ୍ତ କରିଛନ୍ତି।

# ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ: ପୂର୍ବାଞ୍ଚଳ ଚାମ୍ପିୟନ

ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି)



ଚାମ୍ପିୟନ ପୂର୍ବାଞ୍ଚଳ ଦଳର ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଇଣ୍ଡିଆନ ମାଉଣ୍ଟେନରିଂ ଫେଡେରେଶନ(ଆଇଏମଏଫ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିୟନଶିପ୍‌ର ୨୫ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଏହି ରୌପ୍ୟ ଜୟନ୍ତି ସଂସ୍କରଣରେ ପୂର୍ବାଞ୍ଚଳ ମୋଟ ପଏଣ୍ଟ ସହିତ ଚାମ୍ପିୟନ ହୋଇଛି। ଦକ୍ଷିଣାଞ୍ଚଳ ୨୫ ପଏଣ୍ଟ ସହିତ ଦ୍ୱିତୀୟ ଓ ପଶ୍ଚିମାଞ୍ଚଳ ୨୪ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ପୂର୍ବାଞ୍ଚଳ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ ବ୍ରୋଞ୍ଜ ସହିତ ମୋଟ ୧୫ଟି ପଦକ ପାଇ ଶୀର୍ଷରେ ରହିଛି। ଦକ୍ଷିଣାଞ୍ଚଳ ୪ ସ୍ୱର୍ଣ୍ଣ, ୪ ରୌପ୍ୟ, ୫ ବ୍ରୋଞ୍ଜ ସହ ୧୩ଟି ଏବଂ ପଶ୍ଚିମାଞ୍ଚଳ ୪ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହିତ ୨୪ଟି ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଛି। ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ଉତ୍ତରାଞ୍ଚଳ ୩ ସ୍ୱର୍ଣ୍ଣ, ୪ ରୌପ୍ୟ, ୩ ବ୍ରୋଞ୍ଜ, ଉତ୍ତର ପୂର୍ବାଞ୍ଚଳ ୧ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ଏବଂ ସର୍ଭିସେସ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିବାବେଳେ ପୋଲିସ ଫୋର୍ସ ଦଳ ପଦକଶୂନ୍ୟ ରହିଛି। ଉତ୍ତରାଞ୍ଚଳ ୨୦, ଉତ୍ତର ପୂର୍ବାଞ୍ଚଳ ୪ ଓ ସର୍ଭିସେସ ୩ ପଏଣ୍ଟ ପାଇଛି। ଏସିଆନ ଗୋଲ୍ଡ ମେଡାଲିଷ୍ଟ ଶିବାନୀ ପନ୍ତଙ୍କ ସମେତ ଦେଶର ବିଭିନ୍ନ ଭାଗରୁ ପ୍ରତିଯୋଗିମାନେ ଏହି ୫ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ୩ଟି ବିଭାଗ ଲିଡ୍, ସ୍ପିଡ୍ ଓ ବୋଲ୍‌ଡରିଂରେ ଭାଗ୍ୟ ପରୀକ୍ଷା କରିଥିଲେ। ଅନିଶା ବର୍ମା ୧୦.୪୧ ସେକେଣ୍ଡ ସମୟ ନେଇ ନୂଆ ସ୍ପିଡ୍ ରେକର୍ଡର ଅଧିକାରିଣୀ ହୋଇଥିଲେ।

### ବିବାଦ ଘେରରେ ଆରମ୍ଭରୁ ଶେଷ

ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲାଇମ୍ବିଂ ସଫଳତାର ସହ ଶେଷ ହୋଇଛି ଏବଂ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଭାରତର ଅଲିମ୍ପିକ୍ ପୋଡିୟମ ଫିନିଶ୍ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛି ବୋଲି ଆଇଏମ୍ଏଫ ପକ୍ଷରୁ ପ୍ରକାଶ କରାଯାଇଛି। ମାତ୍ର ପ୍ରତିଯୋଗିତା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ବିବାଦ ଘେରରେ ରହିଛି। ପୂର୍ବାଞ୍ଚଳ ଦଳ ଚୟନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ଆଣିଥିଲେ ଓଡ଼ିଶାର ଜାତୀୟସ୍ତରର ସ୍ପୋର୍ଟ୍ସ କ୍ଲାଇମ୍ବର ମନୋଜ କୁମାର ଡାକୁଆ। ଚୟନ ପ୍ରକ୍ରିୟା କରା ନ ଯାଇ ବ୍ରିଗେଡିୟର ଏମ୍.ପି. ଯାଦବ ପୂର୍ବାଞ୍ଚଳ ଦଳ ମନୋନୟନ କରିବା ଏବଂ ରାଜ୍ୟର ପ୍ରତିଷ୍ଠିତ ଖେଳାଳିଙ୍କୁ ଅଣଦେଖା କରାଯିବା ଆମକୁ ବିସ୍ମିତ କରିଛି ବୋଲି ମନୋଜ ଦର୍ଶାଇଥିଲେ। ପରିଚାଳନାଗତ ତ୍ରୁଟି ଯୋଗୁ ଦ୍ୱିତୀୟ ଦିବସରେ ୱାଲ୍‌ରୁ ଖସିପଡ଼ି କୋଲକାତାର ଅନୁସ ଖାନ୍ନା ନାମକ ଜଣେ ବାଳିକାଙ୍କ ହାତ ଭାଙ୍ଗିଥିଲା। ଅନ୍ତିମ ଦିବସରେ ଯାଦବଙ୍କ ନାମରେ ସାନି ଅଭିଯୋଗ ଆଣିଛନ୍ତି ଚିନ୍ମୟ ମହାରଣା। ଚିନ୍ମୟଙ୍କ କହିବା ଅନୁସାରେ ମୁଁ କୋର୍ସ କରିବାପରେ କଳିଙ୍ଗ ଷ୍ଟାଡିୟମସ୍ଥିତ ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ବିଲେୟର କାର୍ଯ୍ୟ କରି ଆସୁଥିଲି। ତେଣୁ ଜାତୀୟ ପ୍ରତିଯୋଗିତାରେ ମଧ୍ୟ ମୋତେ ସହକାରୀ ବିଲେୟରଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଉ ବୋଲି ଯାଦବଙ୍କୁ ଅନୁରୋଧ କରିଥିଲି। ସେ ସମ୍ମତି ଜଣାଇଥିଲେ ହେଁ ପ୍ରକୃତରେ ତାହା କରା ନ ଯାଇ ମୋ ପ୍ରତି ଦୁର୍ବ୍ୟବହାର କରାଯାଇଛି ବୋଲି କ୍ଷୋଭର ସହ ଚିନ୍ମୟ ପ୍ରକାଶ କରିଛନ୍ତି।

### ପିବିଏଲ୍‌ର ଅନ୍ତିମ ଲେଗ୍ ହାଇଦ୍ରାବାଦକୁ ସ୍ଥାନାନ୍ତର

ବେଙ୍ଗାଲୁରୁ, ୧୦।୧(ପି.ଟି.)

ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ (ପିବିଏଲ୍)ର ଅନ୍ତିମ ଲେଗର ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁରୁ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଛି। ମ୍ୟାଚ୍ ଖେଳାଯିବା ପାଇଁ ଭେନ୍ୟୁ ଉପଲବ୍ଧ ନ ହେବାରୁ ବେଙ୍ଗାଲୁରୁ ରାପ୍ଟର୍ସ ଦ୍ୱିତୀୟ ଲେଗ୍‌ର ମ୍ୟାଚ୍‌ଗୁଡ଼ିକୁ ଆୟୋଜନ କରିବା ନେଇ ଅକ୍ଷମତା ପ୍ରକାଶ କରିଛି। ଫଳରେ ଏହାକୁ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଛି ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

ପିବିଏଲ୍‌ର ୨୦୨୦ ସଂସ୍କରଣରେ ୨୪ଟି ଟାଇ ବା ମ୍ୟାଚ୍ ଖେଳାଯିବ। ଆସନ୍ତା ୨୦ ତାରିଖରୁ ଏହି ମ୍ୟାଚ୍‌ଗୁଡ଼ିକ ବିଭିନ୍ନ ସହରରେ ଆୟୋଜନ ହେବ। ଫେବୃୟାରୀ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଲିଗ୍‌ର ଅନ୍ତିମ ଲେଗ ପୂର୍ବରୁ ବେଙ୍ଗାଲୁରୁରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ବେଙ୍ଗାଲୁରୁସ୍ଥିତ ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ ହୋଇପାରିବ ନାହିଁ ବୋଲି ଟୁଇଟ୍ ବେଙ୍ଗାଲୁରୁ ରାପ୍ଟର୍ସ ସ୍ପଷ୍ଟ କରିଥିଲା। ଏବେ ଏହି ମ୍ୟାଚ୍‌ଗୁଡ଼ିକ ହାଇଦ୍ରାବାଦ୍‌ରେ ଖେଳାଯିବ।

## ଦିବ୍ୟାଂଶଙ୍କ ସ୍ଥାନରେ ସିଦ୍ଧେଶ

ନୂଆଦିଲ୍ଲୀ, ୧୦।୧(ପି.ଟି.)

ଆଘାତପ୍ରାପ୍ତ ହୋଇଥିବାରୁ ଭାରତର ୧୯ ବର୍ଷରୁ କମ୍ ଅଲରାଉଣ୍ଡର ଦିବ୍ୟାଂଶ ଯୋଶୀ ଆସନ୍ତା ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ। ଦକ୍ଷିଣ ଆଫ୍ରିକାରେ ଦ୍ୱିପାକ୍ଷିକ ଦିନିକିଆ କ୍ରିକେଟ ସିରିଜ ଅନ୍ତର୍ଗତ ପ୍ରଥମ ମ୍ୟାଚରେ ସେ ଆହତ ହୋଇଛନ୍ତି। ଫିଲ୍‌ଡିଂ କରୁଥିବାବେଳେ ତାଙ୍କ ଡାହାଣ ହାତ ଖଞ୍ଜା ଖସିଯାଇଛି। ଅଲ୍‌ଇଣ୍ଡିଆ ଜୁନିୟର ସିଲେକ୍ସନ କମିଟି ଦିବ୍ୟାଂଶଙ୍କ ସ୍ଥାନରେ ମହାରାଷ୍ଟ୍ରର ସିଦ୍ଧେଶ ବୀର୍‌ଙ୍କୁ ଦଳରେ ସାମିଲ କରିଛି।

**୧୯ବର୍ଷରୁ କମ୍ କ୍ରିକେଟ**

**୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ:** ପ୍ରିୟମ ଗର୍ଗ (ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ତିଳକ ବର୍ମା, ଦିବ୍ୟାଂଶ ସାକ୍‌ସେନା, ଧ୍ରୁବ ଚାନ୍ଦ ଜୁରେଲ୍ (ଉପଅଧିନାୟକ ଏବଂ ଉଇକେଟକିପର), ଶାଶ୍ୱତ ରାଓ୍ୱତ, ସିଦ୍ଧେଶ ବୀର୍, ସୁଭାଙ୍ଗ୍ ହେଗ୍‌ଡେ, ରବି ବିସ୍ନୋଇ, ଆକାଶ ସିଂ, କାର୍ତ୍ତିକ ତ୍ୟାଗୀ, ଅଥର୍ବ ଆଙ୍କୋଲେକର, କୁମାର କୁଶାଗ୍ରା (ଉଇକେଟକିପର), ସୁଶାନ୍ତ ମିଶ୍ର, ବିଦ୍ୟାଧର ପାଟିଲ।

## ଚାମ୍ପିୟନ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଯୋଗୀମାନେ।

**ଜାତୀୟ ହୋସ୍‌ଲା-୨୦୧୯**

ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି)

ଦେଶର ବିଭିନ୍ନ ଶିଶୁଯତ୍ନ ଗୃହ ମାନଙ୍କରେ ରହୁଥିବା ପିଲାମାନଙ୍କୁ ନେଇ ଗତ ଡିସେମ୍ବରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା ହୋସ୍‌ଲା-୨୦୧୯ରେ ଓଡ଼ିଶା ଚାମ୍ପିୟନ ହୋଇଛି। ଓଡ଼ିଶା ପ୍ରତିଯୋଗୀମାନେ ମୋଟ ୩୦(୧୪ ସ୍ୱର୍ଣ୍ଣ, ୧୨ ରୌପ୍ୟ, ୪ ବ୍ରୋଞ୍ଜ) ପଦକ ହାସଲ କରିଛନ୍ତି। ଜାତୀୟସ୍ତରରେ ଓଡ଼ିଶା ପିଲାମାନଙ୍କର ଏହି ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ହୋସ୍‌ଲା-୨୦୧୯ରେ ସର୍ବାଧିକ ପଦକ ଜିତିଥିବା ରଞ୍ଜିତା ପାତ୍ରଙ୍କୁ ୧,୫୦,୦୦୦, ନନ୍ଦିତା ନାୟକଙ୍କୁ ୧,୨୦,୦୦୦, ଅର୍ଚ୍ଚିତା ଗୁପ୍ତାଙ୍କୁ ୯୫,୦୦୦, ପ୍ରସାଦ ଗମାଙ୍ଗଙ୍କୁ ୮୫,୦୦୦ ଏବଂ ବିରାମ ହେମ୍ବ୍ରମଙ୍କୁ ୭୫,୦୦୦ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ, ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ଶ୍ରେଷ୍ଠ ଆଥଲେଟ୍ ପାଇଁ ରାଣୀଙ୍କ ନାମ ସୁପାରିସ

ନୂଆଦିଲ୍ଲୀ, ୧୦।୧(ପି.ଟି.)

ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମ୍‌ପାଲଙ୍କ ନାମ ଚଳିତବର୍ଷ ବିଶ୍ୱ କ୍ରୀଡ଼ାର ଶ୍ରେଷ୍ଠ ଆଥ୍ଲେଟ ପୁରସ୍କାର ପାଇଁ ହକିର ପରିଚାଳକ ସଂସ୍ଥା ଏଫ୍‌ଆଇଏଚ୍ ସୁପାରିସ କରିଛି। ବିଭିନ୍ନ କ୍ରୀଡ଼ାରୁ ମୋଟ ୨୫ ଆଥ୍ଲେଟଙ୍କ ନାମ ସୁପାରିସ କରାଯାଇଛି। ଚଳିତବର୍ଷ ଜବରଦସ୍ତ ପ୍ରଦର୍ଶନ ଓ ନେତୃତ୍ୱ ଦକ୍ଷତା ଯୋଗୁ ରାଣୀଙ୍କ ନାମ ଏଫ୍‌ଆଇଏଚ୍ ସୁପାରିସ କରିଥିବା ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୱାର୍ଲ୍ଡ ଗେମ୍ସ ଆଥ୍ଲେଟ୍ ଅଫ୍ ଦ ଇୟର ପାଇଁ ରାଣୀଙ୍କ ନାମ ସୁପାରିସ ହୋଇଥିବାରୁ ଆମେ ବହୁତ ଖୁସି। ଦେଶରେ ମହିଳା ହକି ଖେଳାଳିଙ୍କ ପାଇଁ ସେ ପ୍ରେରଣାର ଉତ୍ସ। କ୍ରୀଡ଼ାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆମେ ହକି ଫ୍ୟାନଙ୍କୁ ରାଣୀଙ୍କୁ ଭୋଟ ଓ ସମର୍ଥନ କରିବା ପାଇଁ ନିବେଦନ କରୁଛୁ ବୋଲି ଏଚ୍‌ଆଇ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ କହିଛନ୍ତି। ପୁରସ୍କାର ବିଜେତାଙ୍କ ନାମ ଜାନୁୟାରୀ ୩୦ ତାରିଖରେ ଅନଲାଇନ୍ ଭୋଟିଂ ଦ୍ୱାରା ନିର୍ଣ୍ଣୟ କରାଯିବ। କ୍ରମାଗତ ଦ୍ୱିତୀୟ ଥର ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାରେ ରାଣୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଆର୍କେବାଟିକ ଜିମ୍ନାଷ୍ଟିକ୍ସ ଦମ୍ପତି ମାରିଆ ଚେର୍ନୋଭା ଓ ଗ୍ରେଓର୍ଗି ପାଟାରିଆ (ରୁଷିଆ) ପୁରସ୍କାର ଜିତିଥିଲେ। ସେମାନଙ୍କୁ ୧,୫୯୩୪୮ ଭୋଟ ମିଳିଥିଲା। ଦ୍ୱିତୀୟ ସ୍ଥାନରେ ରହିଥିଲେ ଆମେରିକାର ପାୱରଲିଫ୍ଟର ଜେନିଫର ଥମସନ (୧,୫୨୮୬୫)।

## ସେରେନା, ଓଜନିଆକି ସେମିରେ

ଅକ୍‌ଲାଣ୍ଡ, ୧୦।୧ (ଏଏଫ୍‌ପି)- ସେରେନା ୱିଲିୟମ୍ସ ଓ କାରୋଲିନ୍ ଓଜନିଆକି ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଲାଉରା ସିଜମଣ୍ଡଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୨୩ ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୩ ବର୍ଷରେ ତାଙ୍କ ପ୍ରଥମ ଟାଇଟଲ ସନ୍ଧାନରେ ଅଛନ୍ତି। ଅନ୍ୟ ସେମିଫାଇନାଲଟି କାରୋଲିନ୍ ଓଜନିଆକି ଏବଂ ଜେସିକା ପେଗୁଲାଙ୍କ ମଧ୍ୟରେ ହେବ। ପୂର୍ବତନ ବିଶ୍ୱର ନମ୍ବର ୱାନ ଓଜନିଆକି ୬-୧, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଜୁଲିଆ ଜର୍ଜେସଙ୍କୁ ପରାସ୍ତ କରିଛନ୍ତି।

# ମହିଳା ଟି୨୦ ଚ୍ୟାଲେଞ୍ଜର:ଇଣ୍ଡିଆ 'ସି' ଚାମ୍ପିୟନ

କଟକ ଅଫିସ, ୧୦।୧

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ-ସି ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଥିବା ଇଣ୍ଡିଆ-ବି ଦଳକୁ ଫାଇନାଲରେ ୮ ଉଇକେଟରେ ହରାଇ ଇଣ୍ଡିଆ-ସି ଏହି ଟାଇଟଲ ଜିତିଛି। ସି ଦଳର ଓପନର ତଥା ହରିୟାଣାର ୧୬ବର୍ଷୀୟ ପ୍ରତିଭାବାନ ଖେଳାଳି ଶେଫାଳି ବର୍ମା ୮୯ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।

ଫାଇନାଲ ମୁକାବିଲାରେ ଉଭୟ ଦଳରେ ଓଡ଼ିଆ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା। ଇଣ୍ଡିଆ-ବି ଦଳ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ସି ଦଳ ପକ୍ଷରୁ ମାଧୁରୀ ମେହେଟାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ବି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଅଧିନାୟିକା ସ୍ମୃତି ୩ ରନରେ ଆଉଟ ହେବାସହ ଦଳ ୬୪ ରନରେ ୫ଟି ଉଇକେଟ ହରାଇଥିଲା। ଅଲରାଉଣ୍ଡର ପୂଜା ବସ୍ତ୍ରକାରଙ୍କ ଧୂଆଁଧାର ବ୍ୟାଟିଂ କରି ୨୨ ବଲରୁ ୩ଟି ଲେଖାଏ ଚୌକା ଓ ଛକା ବଳରେ ୪୩ରନ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଭେଲାସ୍ୱାମୀ ଭନିଥା ୨୫ରନ କରିଥିଲେ। ଇଣ୍ଡିଆ-ବି ୬ ଉଇକେଟ ହରାଇ ୧୩୧ରନ କରିଥିଲା। ସୁଶ୍ରୀଙ୍କୁ ବ୍ୟାଟିଂ ସୁଯୋଗ ମିଳି ନ ଥିଲା। ଇଣ୍ଡିଆ-ସି ପକ୍ଷରୁ ମନାଲି ଦକ୍ଷିଣୀ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରାଜେଶ୍ୱରୀ ଗାଏକ୍ୱାଡ ଓ ଦୟଲାନ ହେମଲତା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୩୨ ରନର ବିଜୟ ଲକ୍ଷ୍ୟକୁ ଇଣ୍ଡିଆ-ସି ୧୫.୨ ଓଭରରେ ୨ ଉଇକେଟ ହରାଇ ହାସଲ କରିଥିଲା। ଓପନର ତଥା ଓଡ଼ିଆ ଖେଳାଳି ମାଧୁରୀ ଓ ଶେଫାଳି ପ୍ରଥମ ଉଇକେଟ ଭାଗୀଦାରିରେ ୭୭ରନ ସଂଗ୍ରହ କରିଥିଲେ। ୩ଟି ଚୌକା ବଳରେ ୨୦ରନ କରିଥିବାବେଳେ ମାଧୁରୀ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ଅଧିନାୟିକା ବେଦ କ୍ରୀଷ୍ଣାମୂର୍ତ୍ତି ୧୫ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ଆରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିବା ଶେଫାଳି(୮୯ରନ) ଓ ଦୟଲାନ ହେମଲତା(୬ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ। ଶେଫାଳିଙ୍କ ଇନିଂସରେ ୧୫ ଚୌକା ଓ ୨ଟି ଛକା ସାମିଲ ଥିଲା। ଇଣ୍ଡିଆ-ବି ପକ୍ଷରୁ ଶିଖା ପାଣ୍ଡେ ଏକମାତ୍ର ଉଇକେଟ ହାସଲ କରିଥିଲେ। ଇଣ୍ଡିଆ-ବି ଅଧିନାୟିକା ସ୍ମୃତି ସେଫାଳିଙ୍କ ବ୍ୟାଟିଂକୁ ପ୍ରଶଂସା କରିବା ସହ ତାଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ 'ସି' ଦଳ ଚାମ୍ପିୟନ ହୋଇଥିଲା ବୋଲି କହିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



ଚାମ୍ପିୟନ ଇଣ୍ଡିଆ 'ସି' ଦଳର ଖେଳାଳିମାନେ ଟ୍ରଫି ସହ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ରମ୍ଭାମଣି ଜେନା
ମହୁଲ ଗଡିଆ, ବନ୍ତ, ଭଦ୍ରକ
ଆବିର୍ଭାବ: ୦୧।୦୧।୧୯୬୨
ତିରୋଧାନ: ୦୧।୦୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:
ସ୍ୱାମୀ: ଘଣ୍ଟେଶ୍ୱର, ସମୁଦି: ଦେବେନ୍ଦ୍ର କୁମାର ଜେନା (ବନ୍ତ ବ୍ଲକ ଅଧ୍ୟକ୍ଷ), ପୁତ୍ର-ପୁତ୍ରବଧୂ- ଡା. ନିରାକାର, ଇଂ. ଅଣାକାର, ରଶ୍ମିତା, ଜୟନ୍ତୀ ଓ ଇଂ. ଜନ୍ମେଜୟ, ପ୍ରାକ୍ତନ ବିଧାୟକ ପ୍ରଫୁଲ୍ଲ କୁମାର ଜେନା, ନାତି-ନାତୁଣୀ- କାହ୍ନା, ଆଶୁ, ଖୁସି ଓ ସାଇନା ।
ଧ-୧୬୧୨୭

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସ୍ୱର୍ଣ୍ଣଲତା ସୁନ୍ଦରାୟ
ସ୍ୱାମୀ: ସ୍ୱର୍ଗତ ଜଗନ୍ନାଥ ସୁନ୍ଦରାୟ
ଗୁରୁଜଙ୍ଗ, ନନ୍ଦସାହି, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୪୨
ତିରୋଧାନ: ୦୧।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ ପରିବାରବର୍ଗ ।
ଧ-୪୬୨୭୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସୁପ୍ରଭା ସ୍ୱାଇଁ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ: ୨୮।୦୮।୧୯୪୦
ତିରୋଧାନ: ୦୨।୦୧।୨୦୧୮ (ପ୍ରତିପଦା)
ଆଜିରୁ ଠିକ୍ ଦୁଇବର୍ଷ ପୂର୍ବେ ତମେ ଆମକୁ ଶୋକସାଗରରେ ଭସାଇ ଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହବୋଳା କଥା, ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତି ହୋଇରହିବ। ତୁମର କର୍ତ୍ତବ୍ୟପରାୟଣତା, ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣ ଯେଉଁଠିବି ଥାଆନ୍ତୁ ସୁଖ ଓ ଶାନ୍ତିରେ ଥାଆନ୍ତୁ। ତୁମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ: ନରେନ୍ଦ୍ର, ପୁତ୍ର: ଆଦିତ୍ୟ, ଆଲୋକ, ପୁତ୍ରବଧୂ: ପ୍ରଜ୍ଞା, ସୁସ୍ମିତା, କନ୍ୟା: ଜ୍ୟୋତି, ଯୁଗଜ୍ୟୋତି, ଜାମାତା: ବେଦ୍, ଅସୀମ, ନାତୁଣୀ: ଆଦ୍ୟାଶା, ସାଇଅଂଶିକା, ଆୟୁଷୀ, ଆରୁଷୀ, ଅନନ୍ୟା ଓ ଆତ୍ମୀୟସ୍ୱଜନ ।
ଧ-୧୬୧୩୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜାନୁଆରୀ ୧୧/୨୦୨୦ Sambalpur, Saturday, January 11 / 2020

# କଫ୍ ସିରପ କାରବାର ଗୁମର ଫିଟୁଛି

**ବଲାଙ୍ଗୀର ଅଫିସ, ୧୦ା୧**

ବଲାଙ୍ଗୀର କଫ୍ ସିରଫ କାରବାରର ପଶ୍ଚିମ ଓଡିଶାସ୍ତରୀୟ ଲିଙ୍କ୍ ମିଳିଛି । ଏହି କାରବାରର ରାଜ୍ୟସ୍ତରୀୟ ଲିଙ୍କ୍ କ'ଣ ରହିଛି ସେନେଇ ପୋଲିସ ତନାଘନା ଚଳାଇଛି। କିଛି ଚିହ୍ନା ଅଭିଯୁକ୍ତ ଗିରଫ ହୋଇଛନ୍ତି। ମାତ୍ର ଏହି ବେଆଇନ କାରବାର ପଛରେ ଆହୁରି ବହୁ ଅଚିହ୍ନା ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ରହିଛି। କେତେକ ଲୋକ ସିଧାସଳଖ ବେଆଇନ କାରବାରରେ ସମ୍ପୃକ୍ତ ଅଛନ୍ତି, କଫ୍ ସିରପ ଯୋଗାଣ କରୁଛନ୍ତି। ଆଉ କେତେକ ଏଥିପାଇଁ ଅର୍ଥ ବିନିଯୋଗ ଓ ଲୋକ ଯୋଗାଡ କରୁଛନ୍ତି । ସେ ସମସ୍ତଙ୍କ ପର୍ଦ୍ଦାଫାଶ କରାଯିବ। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଜଣକୁ ବି ଛଡା ଯିବନାହିଁ। ଏଥିପାଇଁ ବଲାଙ୍ଗୀର ପୋଲିସ ଏବେ ମିଶନ୍ କ୍ଲିନ୍ ବଲାଙ୍ଗୀର ଅଭିଯାନ ଆରମ୍ଭ କରିଛି। ଏସ୍‌ପି ସନ୍ଦୀପ ମାଡକର ଶୁକ୍ରବାର ପୁଇଁତଲା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡିଶା କଫ୍ ସିରପ କାରବାରର ମାଷ୍ଟରମାଇଣ୍ଡ ସାନ ନେଗୀ, ସହଯୋଗୀ ବରପାଲିପଡାର ଅଜିତ୍ ନନ୍ଦ ଓ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳର ଫାରୁକ୍ ଖାନ୍‌ଙ୍କୁ ହାଜର କରାଯାଇଥିଲା। ସେମାନଙ୍କୁ ଗିରଫ କରାଯାଇଥିବା ସୂଚନା ଦେଇ ତାଙ୍କଠାରୁ ୫୫ ହଜାର ୨ ଶହ ଟଙ୍କା, ୪ଟି ମୋବାଇଲ ଫୋନ୍ ଓ ଏକ ଇନୋଭା ଗାଡି (ନଂ.ଓଡି୦୨ଏୱାଇ ୦୦୫୯) ଜବତ୍ କରାଯାଇଥିବା ସୂଚନା ଦିଆଯାଇଥିଲା। ଶୁକ୍ରବାର ଗିରଫ ଏହି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ସେମାନଙ୍କୁ ରିମାଣ୍ଡରେ ଅଣାଯିବା ପରେ ଏହି କଫ୍ ସିରପ କାରବାର ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ଖୋଳତାଡ କରାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଆଞ୍ଚଳିକସ୍ତରରେ ସାନ ନେଗୀ ଏହି କାରବାର କରୁଥିବାବେଳେ ଉପରସ୍ତରରେ କେଉଁମାନେ ରହିଛନ୍ତି ସେମାନେ କେଉଁଠୁ ଏତେ ପରିମାଣରୁ କଫ୍ ସିରପ ଆଣୁଛନ୍ତି ଓ ଏଥିରେ କେଉଁମାନେ ଫାଇନାନ୍ସର ରହିଛନ୍ତି ସେସବୁ ଉପରେ ତଦନ୍ତ କରାଯିବ।

ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହା ସହିତ ବଲାଙ୍ଗୀରରେ କଫ୍ ସିରପ କାରବାରକୁ ମୂଳପୋଛ କରିବା ପାଇଁ ମିଶନ୍ କ୍ଲିନ୍ ବଲାଙ୍ଗୀର ଅଭିଯାନ ଆରମ୍ଭ କରାଯାଇଥିବା ଏସ୍‌ପି ଏହି ଅବସରରେ ସୂଚନା ଦେଇଥିଲେ। ଏହି ଅଭିଯାନରେ ଯେ କେହି ବ୍ୟକ୍ତି କଫ୍ ସିରପ୍ କାରବାରରେ ସମ୍ପୃକ୍ତ ଥିବା ସୂଚନା ମିଳିବ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏହି ଅବସରରେ ଏସ୍‌ପି ମାଡକର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କୁ ଏକ ପୁରସ୍କାର ଘୋଷଣା ମଧ୍ୟ କରିଥିଲେ। ଗତ ନଭେମ୍ବର ୨୮ ତାରିଖରେ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ପୋଲିସ ସ୍କ୍ୱାଡ ଘେରାବନ୍ଦୀ କରି ୧୦ ହଜାର ୬ ଶହ ବୋତଲ ବେଆଇନ୍ କଫ୍ ସିରପ ଥିବା ଗାଡି ଜବତ୍ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତେବେ ମାଷ୍ଟରମାଇଣ୍ଡ ସାନ ନେଗୀ ଫେରାର ହୋଇଯାଇଥିଲେ। ସେହିଦିନରୁ ପୋଲିସ ତାଙ୍କୁ ଖୋଜୁଥିଲା। ଗତ ଦୁଇଦିନ ତଳେ ବଲାଙ୍ଗୀର ପୋଲିସ ଭୁବନେଶ୍ୱରରୁ ସାନ ନେଗୀ ଓ ତାଙ୍କର ଦୁଇ ସହଯୋଗୀ ଅଜିତ ନନ୍ଦ ଓ ଫାରୁକ ଖାନ୍‌ଙ୍କୁ କାବୁ କରି ଅଜଣା ସ୍ଥାନରେ ରଖି ପଚରାଉଚରା କରୁଥିଲା।



ଖବରଦାତା ସମ୍ମିଳନୀରେ ଗିରଫ ତିନି ଅଭିଯୁକ୍ତଙ୍କୁ ହାଜର କରି ଏସପି ସନ୍ଦୀପ ମାଡ଼କର ବିବୃତି ଦେଉଛନ୍ତି(ବାମ)। ଜବତ୍ ଟଙ୍କା ଓ ମୋବାଇଲ(ମଝି)। ଜବତ୍ ଦାମୀ ଇନୋଭା ଗାଡ଼ି।

- ଜେଲଗଲେ ୩ ଅଭିଯୁକ୍ତ
- କାର, ଟଙ୍କା, ମୋବାଇଲ ଜବତ
- ଆରମ୍ଭ ହେଲା ମିଶନ୍ କ୍ଲିନ୍ ବଲାଙ୍ଗୀର
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

## ଯୌତୁକ ଜନିତ ହତ୍ୟା ମାମଲା
# ସ୍ୱାମୀ, ଶ୍ୱଶୁରଙ୍କୁ ଆଜୀବନ କାରାଦଣ୍ଡ

**ଆସିକା,୧୦ା୧(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ ଥାନା ସାମନ୍ତ ସାହିରେ ଗତ ୨୦୧୩ରେ ଘଟିଥିବା ଏକ ଯୌତୁକଜନିତ ହତ୍ୟା ମାମଲାର ବିଚାର କରି ଶୁକ୍ରବାର ଆସିକାର ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଅଭିଯୁକ୍ତ ସ୍ୱାମୀ ନୀଳାଞ୍ଚଳ ସ୍ୱାଇଁ (ମିଟୁ) ଏବଂ ଶଶୁର ନଟବର ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଦାଲତ ମୃତ ମହିଳାଙ୍କ ନଣନ୍ଦ ବବିତା ସ୍ୱାଇଁଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଖଲାସ କରାଯାଇଛି। ପ୍ରକାଶ ଯେ, ଗତ ୩ ଏପ୍ରିଲ୍ ୨୦୧୩ରେ ଶେରଗଡ ସାମନ୍ତସାହିରେ ବିବାହ କରିଥିବା ବନିତା ସ୍ୱାଇଁଙ୍କ ମୃତ୍ୟୁ ଘଟିଥିଲା। ବନିତାଙ୍କ ଭାଇ ଶୁକୁଟା ସ୍ୱାଇଁ ଶାଶୁ ଘର ଲୋକେ ତାଙ୍କ ଭଉଣୀ ବନିତାଙ୍କୁ ବିଷ ପିଆଇ ମାରିଦେବା ସହ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ପୋଡିଦେଇଥିବା ଶେରଗଡ ଥାନାରେ ଅଭିଯୋଗ କରିଥିଲେ। ନଂ.୨୦/୧୩ରେ ଏକ ମାମଲା ରୁଜୁ କରି ତତ୍କାଳୀନ ଶେରଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ମାମଲାର ତଦନ୍ତ କରି ମୃତ ମହିଳାଙ୍କ ସ୍ୱାମୀ, ଶାଶୁ, ଶଶୁର ଓ ନଣନ୍ଦଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ।



ଶୁକ୍ରବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ପିଠାପଣା ପ୍ରତିଯୋଗିତାରେ ମହିଳାମାନେ ଭାଗ ନେଇଛନ୍ତି।

# ପୁଷପୁନି ଭେଟ୍‌ଘାଟ୍‌ରେ ମହକାଇଲା ପୀଠା

**ସମ୍ବଲପୁର, ୧୦ା୧ (ବ୍ୟୁରୋ)**

ଶୁକ୍ରବାର ପଶ୍ଚିମ ଓଡିଶାର ଗଣପର୍ବ ପୁଷପୁନିରେ ପୁରପଲ୍ଲୀ ପାରମ୍ପାରିକ ପିଠାପଣାରେ ମହକି ଉଠିଛି। ଗ୍ରାମାଞ୍ଚଳରେ ପୁଷପୁନି ଲୋକଗୀତ ଶୁଣା ଯାଉଥିବା ବେଳେ ସହରାଞ୍ଚଳରେ ଭେଟଘାଟ କାର୍ଯ୍ୟକ୍ରମ ଓ ପୀଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ସହରର ବିଭିନ୍ନ ଅଞ୍ଚଳରୁ ମହିଳାମାନେ ପୀଠାପଣା ନେଇ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ରସ କଦମ୍ବା, ଆରିଷା ପୀଠା, କଣି ଏଣ୍ଡୁରି, କଣି ଚାଉଳ ପିଠା, ରସ ମଲେଇ, ମୁଗବରା, ପପିତା ବରା, ଫେଣି କଳାହାଣ୍ଡି, ପୁରଦିଆ କନ୍ଦମୂଳ ରସାବଳୀ, ମଲାଇ ପନିର ମଣ୍ଡା, ଗୁରବରା, କ୍ଷୀରମଣ୍ଡା, ପାଉଁରୁଟି ମଲାଇ, ଛତ ଲଡୁ, କୁରମୁହାଁ ପିଠା, ମୁହାଁ ପିଠା, ଚାଉଳ କାକରା, ଡବଳ ପୁରଦିଆ ରାଶିଲଡୁ, କୁଲୁଥମଣ୍ଡା, ପୋଡପିଠା, ଦୁଧପୁଲି ପ୍ରଭୃତି ପିଠାପଣାରେ ସ୍ୱାଧୀନତା ସଂଗ୍ରାମୀ ଭବନ ମହକି ଉଠିଥିଲା। ବିଚାରକ ଭାବେ ରବି ପାଢ଼ୀ, ବିନାପାଣୀ ପତି ଓ ସକୁନ୍ତଳା ପଣ୍ଡା ଯୋଗ ଦେଇଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଏହି ଭେଟଘାଟ କାର୍ଯ୍ୟକ୍ରମରେ ପ୍ରଫେସର ସୁଦର୍ଶନ ପୂଜାରୀ ଅଧକ୍ଷତା କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ସାମାଜିକ, ସାଂସ୍କୃତିକ, ଐତିହାସିକ ଦୃଷ୍ଟି କୋଣରୁ ଐକ୍ୟ ବଜାୟ ରଖି ଆସୁଥିବା ପଶ୍ଚିମ ଓଡିଶା ରାଜନୈତିକ କ୍ଷେତ୍ରରେ ଏକତାର ଆବଶ୍ୟକତା ରହିଛି। ଅଧାପକ ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରୀ ଭାଷା ଓ ସଂସ୍କୃତି ମହାନ ବୋଲି କହିଥିଲେ। ପିଠାପଣା ପ୍ରତିଯୋଗିତାରେ ପ୍ରଭାତି ଡନସନା ପ୍ରଥମ, ସୁପ୍ରଭା ପଟେଲ ଦ୍ୱିତୀୟ, ଜ୍ୟୋତ୍ସ୍ନାମୟୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡ. ହରିଶଙ୍କର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବୋଧରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଗୌରିଶଙ୍କର ପଧାନ ମାନପତ୍ର ପାଠ କରିଥିଲେ। ସରୋଜ ଦାଶ, ପ୍ରଶାନ୍ତ କୁମାର ପାଟଯୋଶୀ ଓ ପ୍ରଫୁଲ୍ଲ କୁମାର ହୋତା କାଯର୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


# ପୁରୁଣା ଗଣ୍ଠି ଵ୍ୟଥାର ପ୍ରଭାବୀ ଉପଚାର

ଆୟୁର୍ବେଦିକ ତେଲ/କ୍ୟାପ୍‌ସୁଲ

# ଡା. ଅର୍ଥୋ®




ଡା. ଅର୍ଥୋ ହିଁ କାହିଁକି କିଣିବେ?

## ଗ୍ରାମ-ଗ୍ରାମ, ସହର-ସହର, ଯିଏ ବି ଆପଣାଇଲେ - ପରିଣାମ ପାଇଲେ

Rajasthan — ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Delhi — ମାୟା ଚାଓ୍ଲା, ବୟସ ୭୧ ବର୍ଷ, ହାଉସ୍ ୱାଇଫ୍। ଅନେକ ବର୍ଷ ଧରି ମୁଁ ଆଣ୍ଠୁ ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲି। ଡାକ୍ତରମାନେ ସର୍ଜରି କରାଇବା ପାଇଁ ପରାମର୍ଶ ଦେଇଥିଲେ। ଦିନେ ଜଣେ ବାନ୍ଧବୀଙ୍କ କଥାମାନି ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାରେ ସେବନ କରିବା ଆରମ୍ଭ କରିଦେଲି। ଏବେ ୪୫ ଦିନ ମଧ୍ୟରେ ହିଁ ମୋ ଆଣ୍ଠୁ ଯନ୍ତ୍ରଣା କ'ଣ ଭୁଲିଯାଇଛି।

Gujarat — ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥ୍‌ଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

Maharashtra — ଦେବୀଦାସ ଟିଂଘା ସୋନବଡ଼େ, ୫୫ ବର୍ଷ, ବ୍ୟାଙ୍କ କର୍ମଚାରୀ। ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରହୁଥିଲେ। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲେ। ସେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାରେ ମାଲିସ୍ କଲେ ଏବଂ ଡା. ଅର୍ଥୋର ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ସେବନ କଲେ। ମାତ୍ର ୨ ମାସର ବ୍ୟବହାର ପରେ ସେ କୁହନ୍ତି ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।

Gujarat — ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କସ କହିବାକୁ ଚାହୁଁଛି ।

Haryana — ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।

Maharashtra — ଆନନ୍ଦା ଲକ୍ଷ୍ମଣ ଗୁଜଲାଓ୍ୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ଜଣେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋ ତେଲର ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି।

Uttar Pradesh — ମୁମ୍‌ତାଜ ବେଗମ ୬୭ ବର୍ଷୀୟ ହାଉସ୍ ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।

Madhya Pradesh — ପଣ୍ଡିତ ଲକ୍ଷ୍ମୀ ନାରାୟଣ ସତ୍ୟାର୍ଥୀ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି ଓ ଡା.ଅର୍ଥୋର ୨-୨ କ୍ୟାପ୍‌ସୁଲ ସେବନ କଲି। ୫ ମାସ ମଧ୍ୟରେ ହିଁ ମୋତେ ଗଣ୍ଠିର ଭୟଙ୍କର ଯନ୍ତ୍ରଣାରୁ ମୁକ୍ତି ମିଳିଗଲା।

Rajasthan — କଲ୍ୟାଣ ପ୍ରସାଦ ଜୋଷୀଙ୍କୁ ୫୨ ବର୍ଷ ଓ ସେ ପୂଜାପାଠ କରନ୍ତି। ବିଗତ ୩ ବର୍ଷ ଧରି ପିଠି ଓ ଆଣ୍ଠୁର ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲେ। ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। ସେ ଏହାକୁ ତିନି ମାସ ବ୍ୟବହାର କଲେ। ସେ ଲେଖନ୍ତି କି ତିନି ମାସରେ ହିଁ ତାଙ୍କର ତିନିବର୍ଷର ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଗଲା।

Odisha — ଚନ୍ଦ୍ରମଣି ବେଉରିଆ ୭୧ ବର୍ଷୀୟ ଅବସରପ୍ରାପ୍ତ ବ୍ୟକ୍ତି। ସେ ଲେଖିଛନ୍ତି ଯେ, ସେ ବିଗତ ଅନେକ ବର୍ଷ ଧରି ଗଣ୍ଠି ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। କିନ୍ତୁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ସନ୍ଧ୍ୟାରେ ହାଲୁକା ହାତରେ ମାଲିସ୍ କଲେ ଓ ଦୈନିକ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ସେବନ କରି ତାଙ୍କ ଜୀବନ ପୂର୍ବାପେକ୍ଷା ଉନ୍ନତ ହୋଇଯାଇଛି। ଏଥିପାଇଁ ସେ ଡା.ଅର୍ଥୋକୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି।

Maharashtra — ଦତ୍ତାତ୍ରେୟ ବିନାୟକ ଦୀକ୍ଷିତ୍ ୬୮ ବର୍ଷୀୟ ସମାଜସେବୀ। ମୁଁ ଅନେକ ସମୟ ଧରି ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା କାରଣରୁ ଦୁଃଖିତ ଥିଲି ଓ ମହଙ୍ଗା ଔଷଧ ମଧ୍ୟ ପ୍ରଭାବହୀନ ଥିଲା। ବୟସ ବଢ଼ିଚାଲିଥିଲା, କିନ୍ତୁ ଯନ୍ତ୍ରଣା କମୁ ନ ଥିଲା। ଦିନେ ମୋ ବନ୍ଧୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ କହିଲେ । ୪୦ ଦିନ ବ୍ୟବହାର କରିବା ପରେ ମୋ ଯନ୍ତ୍ରଣା ଭଲ ହୋଇଯାଇଛି।

Uttar Pradesh — ତାରିକ ମେହମୁଦ ୬୬ ବର୍ଷୀୟ ବ୍ୟବସାୟୀ ଅଟନ୍ତି। ସେ ପତ୍ର ଲେଖି ଜଣାଇଛନ୍ତି ଯେ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ମୋତେ ଅସ୍ତବ୍ୟସ୍ତ କରି ରଖିଥିଲା। ମହଙ୍ଗା ଔଷଧର ରେଜଲ୍ଟ ମଧ୍ୟ ଶୂନ୍ୟ। କିନ୍ତୁ ଯେବେ ମୁଁ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ପ୍ରୟୋଗ କରିବା ଆରମ୍ଭ କଲି, ମୁଁ ବହୁତ ଭଲ ହୋଇଯାଇଛି। ମୁଁ ନିଜ ସମସ୍ତ ପରିଚିତଙ୍କୁ ଡା. ଅର୍ଥୋ ବିଷୟରେ ନିଶ୍ଚୟ କହିଥାଏ।

Gujarat — ଭାସ୍କର ବ୍ରଜଲାଲ ସୋଲଙ୍କି ୭୧ ବର୍ଷୀୟ ଅବସରପ୍ରାପ୍ତ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି ଯେ ଅନେକ ବର୍ଷ ଧରି ଉଠ-ବସ ହେବା ସମୟରେ ଆଣ୍ଠୁରୁ ଶବ୍ଦ ବାହାରୁଥିଲା ଓ ବିଛଣାରୁ ଉଠିବାର ବଳ ମଧ୍ୟ ରହୁ ନ ଥିଲା। ମୁଁ ଧନ୍ୟବାଦ କହିବାକୁ ଚାହୁଁଛି ଓ ଆପଣଙ୍କ ମାଧ୍ୟମରେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଓ କ୍ୟାପ୍‌ସୁଲ ନିଶ୍ଚୟ ବ୍ୟବହାର କରିବା ଉଚିତ।

Rajasthan — ଲୋକେଶ କୁମାର ମାଲାଓ୍ୱତ ୨୦ ବର୍ଷ, ସେ ପତ୍ର ଲେଖି ଜଣାଇଛନ୍ତି ଯେ ଏତେ କମ୍ ବୟସରୁ ହିଁ ସେ ବେକ ଯନ୍ତ୍ରଣାରେ ପୀଡ଼ିତ ହୋଇଯାଇଥିଲେ। ଚିକିତ୍ସାରୁ କିଛି ଫରକ ପଡ଼ିଲା ନାହିଁ । କିନ୍ତୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଲଗାତର ଦୁଇରୁ ତିନି ମାସ ବ୍ୟବହାର କରିବା ଦ୍ୱାରା ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ଏବଂ ପୂର୍ବାପେକ୍ଷା ଉତ୍ତମ ଜୀବନ ଯାପନ କରୁଛନ୍ତି ।

Maharashtra — ଶାନ୍ତାରାମ ଛବେସିଙ୍ଗେ ରାଜପୁତ ୭୧ ବର୍ଷୀୟ ରିଟାୟର୍ଡ ପ୍ରାଧନ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି କି ମୁଁ ତିନି ବର୍ଷ ହେଲା ଗଣ୍ଠି ବ୍ୟଥାକୁ ନେଇ ଦୁଃଖିତ ଥିଲି। ଯେବେ ମୁଁ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲି ତେବେ ସେହିଦିନ ତାକୁ କିଣିଆଣିଲି। ଆଜି ମାତ୍ର ପାଞ୍ଚ ମାସର କମ୍ପ୍ଲିଟ୍ କୋର୍ସ ଦ୍ୱାରା ଅଣ୍ଟା ଓ ଗଣ୍ଠି ବ୍ୟଥାରୁ ବହୁତ ଆରାମ ମିଳିଛି ।

Punjab — ସୋହନ ଲାଲ ଗୁପ୍ତା ୬୮ ବର୍ଷୀୟ ରିଟାୟର୍ଡ ଅଧ୍ୟାପକ ଅଟନ୍ତି। ସେ ଲେଖନ୍ତି ଯେ ବିଗତ ୨ ବର୍ଷ ଧରି କାନ୍ଧ ଓ ଗଣ୍ଠିରେ ଅସହନୀୟ ଯନ୍ତ୍ରଣା ରହୁଥିଲା। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ଅତ୍ୟନ୍ତ ପ୍ରଭାବିତ ହେଲି। ମୁଁ ନିର୍ଦ୍ଦେଶ ଅନୁସାରେ ଏହାକୁ ବ୍ୟବହାର କରିବା ଆରମ୍ଭ କଲି। ୨ ମାସରେ ହିଁ ଗଣ୍ଠି ବ୍ୟଥା ଅପେକ୍ଷାକୃତ ଭଲ ହୋଇଯାଇଛି ।

Maharashtra — ବିଜୟ ବସନ୍ତରାଓ ଭୌଁସଲେ, ୭୧ ବର୍ଷୀୟ ରିଟାୟର୍ଡ ଜୀବନ ଜିଉଁଛନ୍ତି। ବିଗତ ୬ ବର୍ଷ ଧରି ତାଙ୍କ ଆଣ୍ଠୁରେ ବ୍ୟଥା ରହୁଥିଲା। ଫୁଲିଯିବା କାରଣରୁ ସେ ଚଲାବୁଲା ମଧ୍ୟ କରିପାରୁ ନ ଥିଲେ। ଦିନେ ଖବରକାଗଜରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖି ସେହିଦିନ ସମ୍ପୂର୍ଣ୍ଣ ସୂଚନା ହାସଲ କରି ଡା. ଅର୍ଥୋ ବ୍ୟବହାର କଲେ । ଆଜି ସେ ବହୁତ ଖୁସି ଅଛନ୍ତି ।

Rajasthan — ରାମକରନ ଝଂଚି ୭୪ ବର୍ଷୀୟ ଆଣ୍ଠୁ ବ୍ୟଥା କାରଣରୁ ଚିନ୍ତିତ ଥିଲେ। ସବୁ ପ୍ରକାର ଚିକିତ୍ସା କରାଇଲେ କିନ୍ତୁ ବ୍ୟଥା କିଛି ସମୟ ପାଇଁ ବନ୍ଦ ହୋଇ ପୁନର୍ବାର ଆରମ୍ଭ ହୋଇଯାଉଥିଲା। କିନ୍ତୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପ୍‌ସୁଲର ୩-୪ ମାସ ବ୍ୟବହାର ଦ୍ୱାରା ସେ ଆଜି ବହୁତ ସୁସ୍ଥ ହୋଇଯାଇଛନ୍ତି। ଆଜି ତାଙ୍କୁ କୌଣସି ପ୍ରକାର ଇଂରାଜୀ ଔଷଧର ଆବଶ୍ୟକତା ପଡୁନାହିଁ ।

Maharashtra — ଶାନ୍ତାବାଇ ଉତ୍ତମ ରାଓ ବଂସୋଡ଼ ୬୭ ବର୍ଷୀୟ ଗୃହିଣୀ। ସେ ଲେଖନ୍ତି ଯେ ବିଗତ ୧ ବର୍ଷ ଧରି ମୋ ଗୋଡ଼ ଓ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଡାକ୍ତରଙ୍କୁ ଦେଖାଇଲି କିନ୍ତୁ ଆରାମ ମିଳିଲା ନାହିଁ । ଦିନେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ, କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ମେଡିକାଲ ଷ୍ଟୋର୍‌ରୁ ମଗାଇଲି। ମାତ୍ର ୨ ମାସରେ ହିଁ ମୋତେ ପୀଡ଼ାରୁ ଉପଶମ ମିଳିଗଲା ।

Himachal — କେବଳ କୁମାର ସାରା ଦିନର ଧାଁ ଦଉଡ଼ କାରଣରୁ ଆଣ୍ଠୁର ସମସ୍ୟା ବଢ଼ିଚାଲିଥିଲା। ଅନେକ ଡାକ୍ତରଙ୍କୁ ଦେଖାଇଲେ ଓ ଔଷଧ ବି ଖାଇଲେ, କିନ୍ତୁ କିଛି ଫାଇଦା ମିଳିଲା ନାହିଁ । ଦିନେ ଖବରକାଗଜରେ ସେ ଡା.ଅର୍ଥୋର ବିଜ୍ଞାପନ ପଢ଼ିଲେ ଓ ସେ ଆୟୁର୍ବେଦିକ ଡା.ଅର୍ଥୋ ଟ୍ରିଟ୍‌ମେଣ୍ଟ ଆରମ୍ଭ କରିଦେଲେ । ମାତ୍ର ଦେଢ଼-ଦୁଇ ମାସରେ ତାଙ୍କର ସମସ୍ତ ସମସ୍ୟା ଅନ୍ତର୍ଦ୍ଧାନ ହୋଇଗଲା ।

ନକଲକାରୀଙ୍କ ପ୍ରତି ସାବଧାନ

'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି ଓ ବିକ୍ରି କରାଯାଏ । ବଜାରରେ ଏକା ସଦୃଶ ନାମ, ପ୍ୟାକିଂ, ବୋତଲ. ବିଜ୍ଞାପନ ପ୍ରତି ସାବଧାନ । ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ ।






କୋଷ୍ଠକାଠିନ୍ୟ, ଗ୍ୟାସ୍
ଏସିଡିଟି

पेट सफा
NATURAL LAXATIVE TABLETS

पेट सफा तो हर रोग दफा



# ବୈଦ୍ୟନାଥ

ଘର ମେଁ ଡକ୍ଟର




| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବ୍‌ଲେଟ୍‌ସ, ଆକ୍ୱା ଜେଷ୍ଟ |
| ଆମୋବିଆସିସ୍ | ଆମୋଏବିକା ଟାବ୍‌ଲେଟ୍‌ସ, ଇସାବେଲ୍ - ଏଚ୍ |
| ଥଣ୍ଡା ଓ କାଶ | କାଶାମ୍ରିତ ହର୍ବାଲ୍, ଡ.ହନି |
| ଗ୍ୟାସ୍ | ଗ୍ୟାସ ଗାର୍ଡ୍, ଗୈସାନ୍ତକ୍ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ ଓ ଟାବ୍‌ଲେଟ୍‌ସ, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲୋସ୍ କ୍ୟାପ୍‌ସୁଲ୍, ପାଇରୋଏଡ୍‌ସ ଟାବ୍‌ଲେଟ୍‌ସ |
| କ୍ଲାନ୍ତିଭାବ ଓ ଦୁର୍ବଳତା | ଗୁଡ୍‌କେୟାର ଜେଷ୍ଟ ମେନ୍ ଏଣ୍ଡ ଓମେନ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରାଜନିତ (ୟୁରିନାରି) ସମସ୍ୟା | ପ୍ରୋସ ଗାର୍ଡ୍ କ୍ୟାପ୍‌ସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ପରିସ୍ରାଜନିତ (ୟୁରିନାରି) ଷ୍ଟୋନ୍‌ସ | ପଥ୍‌ରିନା ଟାବ୍‌ଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରି ଶାଖି, ବୈଦ୍ୟନାଥ ଅଶୋକାରିଷ୍ଟ |
| ପିମ୍ପଲ୍ ଓ ବ୍ରଣ | ଗୁଡ୍‌କେୟାର ପ୍ୟୁରିଫାଇଂ ଆଣ୍ଟି ଆକ୍‌ନେ ଫେସ୍ ୱସିରମ୍, ନିମ ଗାର୍ଡ୍, ସୁରକ୍ତା |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ୍, ଗୁଡ୍ ହାର୍ଟ |
| ନିଦ୍ରାରେ ସମସ୍ୟା/ଇନ୍‌ସୋମ୍‌ନିଅ | ନାଇଟ୍‌ଜ କ୍ୟାପ୍‌ସୁଲ୍‌ସ |
| ଚାପ ଓ ଉଦ୍‌ବିଗ୍ନତା | ଷ୍ଟ୍ରେସ୍ ଗାର୍ଡ୍ କ୍ୟାପ୍‌ସୁଲ୍‌ସ |

ସମସ୍ତ ବୈଦ୍ୟନାଥ ଆୟୁର୍ବେଦିକ ରିଟେଲ୍ ସୋରୁମ୍ ଓ କ୍ଲିନିକ୍‌ରେ ଔଷଧ ଉପଲବ୍ଧ ଅଟେ

ଭୁବନେଶ୍ୱର-2596035, 2596036, 9437165004, 9668721777, କଟକ-2427570, 9439486929, 9438276544, 9437511462, ଆଠଗଡ଼-9132476972, ବାଲେଶ୍ୱର-9438725025, 9777093442, ଜଲେଶ୍ୱର-9040161611, ଭଦ୍ରକ-9437215761, ବାରିପଦା-253418, ରାଉରକେଲା-2522005, ବରଗଡ଼-9861246674, 9938645223, କୁଚିଣ୍ଡା-9437255846, କେନ୍ଦ୍ରାପଡ଼ା-9853631559, ଯାଜପୁର-9937316754, ପାଇକମାଳ-9437057611, ସମ୍ବଲପୁର-8763343900, ବ୍ରହ୍ମପୁର-9777122789, 9439328443, 9437438256, ପୁରୀ-9337291464, ପାରଳାଖେମୁଣ୍ଡି-9078830679, କେଉଁଝର-6370698870,9437136317, ମାଲ୍‌କାନଗିରି-9437435213, ଅନୁଗୁଳ-9938175640, ସୁନ୍ଦରଗଡ଼-7749070946, ବଲାଙ୍ଗିର-9437241839, ଖୋର୍ଦ୍ଧା-9937846846, ଭବାନିପାଟଣା-9437624887

Shop Online: www.baidyanath.com | www.goodcare.co.in




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
- ଫ୍ରାଙ୍କଲିନ୍



■ ଶିଶୁ, କିଶୋର ଶ୍ରମ ଆଇନ ସଚେତନତା କାର୍ଯ୍ୟକ୍ରମ

# ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱାରୋପ

ବୌଦ୍ଧ,୧୦।୧(ସ୍ୱ.ପ୍ର)

ଓଡିଶା ରାଜ୍ୟ ଶିଶୁସୁରକ୍ଷା ଆୟୋଗ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଏବଂ ବୌଦ୍ଧ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବୌଦ୍ଧ ସମ୍ମିଳନୀ କକ୍ଷରେ ଶୁକ୍ରବାର ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରଭୁରାମ ଦାଶ ଅଧିକାରୀ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ହରିହର ନାୟକ, ସଦସ୍ୟା ମନ୍ଦାକିନୀ କର, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ମିଶ୍ର ଜିଲାକୁ ବାଳଶ୍ରମିକ ମୁକ୍ତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ତଥା ଜନ ସାଧାରଣ ସଜାଗ ରହିବା ଦରକାର ଏବଂ ସେ ଦିଗରେ ଅଧିକ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଦାଶ ଜିଲାରେ ଶିକ୍ଷା ଅଧିକାର ଆଇନକୁ ସଠିକ ଭାବରେ କାର୍ଯ୍ୟକାରୀ କିବା ସହ ପଞ୍ଚାୟତସ୍ତରରେ ଥିବା ଶିଶୁସୁରକ୍ଷା କମିଟିକୁ ଉପଯୁକ୍ତ କ୍ରିୟାଶୀଳ କରିପାରିଲେ ଶିଶୁଶ୍ରମିକ ପ୍ରଥା ଲୋପ ହୋଇ ପାରିବ ଓ ଶିଶୁମାନେ ସୁରକ୍ଷିତ ରହିପାରିବେ ବୋଲି ମତପ୍ରକାଶ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଧିକାରୀ ଶିକ୍ଷାର ସୁନିଶ୍ଚିତତା, ପିତା ମାତାଙ୍କ ସଚେତନତା, ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଠିକ କାର୍ଯ୍ୟକାରିତା ଏବଂ ଶିଶୁମାନଙ୍କୁ ନିଯୁକ୍ତି କରୁଥିବା ଲୋକଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା କଲେ ଶିଶୁଶ୍ରମିକ ପ୍ରଥାକୁ ବନ୍ଦ କରିହେବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ସେଠୀ ଜିଲାକୁ ଶିଶୁଶ୍ରମିକ ମୁକ୍ତ କରିବାରେ ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରତିନିଧି ମାନଙ୍କର ବିଶେଷ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ରାଜ୍ୟ ଶିଶୁସୁରକ୍ଷା ଆୟୋଗର ସଦସ୍ୟ ହରିହର ନାୟକ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ଶିଶୁ ଓ କିଶୋର ଶ୍ରମ ( ନିଷେଧ ଓ ନିୟନ୍ତ୍ରଣ) ଆଇନର ବିଭିନ୍ନ ଆଇନଗତ ଦିଗଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିଶୁଶ୍ରମିକ ପ୍ରଥାକୁ ଲୋପ କରିବାକୁ ତଥା ଅନ୍ୟ ଆଇନ୍‌ଗୁଡିକ ଯଥା କିଶୋର ନ୍ୟାୟ-୨୦୧୫ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ପ୍ରଶିକ୍ଷକ ଭାବେ ଆକ୍ସନ ଏଡ୍‌ର ଘାସିରାମ ପଣ୍ଡା ଯୋଗ ଦେଇ ଶିକ୍ଷା ଅଧିକାର ଆଇନରେ ଥିବା ବିଭିନ୍ନ ଦିଗ ତଥା ଶିଶୁମାନଙ୍କୁ ବିଦ୍ୟାଳୟକୁ ଆସିବା ତଥା ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନା କରିଥିଲେ। ଆୟୋଗର ଅନ୍ୟତମ ସଦସ୍ୟା ମନ୍ଦାକିନୀ କର ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ଶ୍ରମ ନିରୀକ୍ଷକ କନ୍ୟାକୁମାରୀ ସାହୁ, ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା, ସମସ୍ତ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟର ସଦସ୍ୟାସଦସ୍ୟ, ସିଡିପିଓ, ସିଆରସିସି, ଅଙ୍ଗନୱାଡି କର୍ମୀ, ସୁପରଭାଇଜର,ଏନଜିଓ କର୍ମୀ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ବସନ୍ତ ଦିସାରି, ଚିତ୍ରସେନ ସାହୁ, ସୁଶାନ୍ତ ଭୋଇ, ଧନଞ୍ଜୟ ଖମାରୀ ସହଯୋଗ କିଥିଲେ । ସମରସେନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## କମିରା ଉଚ୍ଚ ପ୍ରାଥମିକ ସ୍କୁଲରେ ବାର୍ଷିକ କ୍ରୀଡା

ଜହ୍ନାପଙ୍କ, ୧୦।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଶୁକ୍ରବାର ଆରମ୍ଭ ହୋଇଛି। ସକାଳୁ ଛାତ୍ରମାନେ ଶ୍ରୀଜଗନ୍ନାଥ ମନ୍ଦିରରୁ କ୍ରୀଡା ମଶାଲ ଆଣି ବିଦ୍ୟାଳୟ ପରିସରରେ ସ୍ଥାପନ କରିଥିଲେ। ପରେ ମୁଖ୍ୟଅତିଥି ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ଖେଳକୁ ଉଦଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସିଆରସିସି ମୁଣ୍ଡାପଡା ଶେଷଦେବ ପ୍ରଧାନ, ଭାଇସ ଚେୟାରପର୍ସନ ନମିତା ବାଘ ସମ୍ମାନିତ ଅତିଥି, ପ୍ରାକ୍ତନ ଏବିଇଓ ଅଚ୍ୟୁତାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ନନ୍ଦିକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହାପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଖେଳ ଶନିବାର ଉଦ୍‌ଯାପିତ ହେବ । ବିକାଶ ଚନ୍ଦ୍ର ଦାନୀ, ଶବର ସେଠୀ, ବୀରବିକ୍ରମ ପ୍ରଧାନ, ପ୍ରଶାନ୍ତ ଝାଙ୍କର, ଚନ୍ଦ୍ରଶେଖର ହାତୀ, ରୀତାଞ୍ଜଳି ପ୍ରଧାନ, ଶର୍ମା କୁମ୍ଭାର, ସୁବୋଧ ସାହୁ ସହଯୋଗ କରୁଛନ୍ତି ।

## ସଂକ୍ଷେପରେ...

### ଗୋଷ୍ଠୀ ବିବାଦ, ଦୁଇ ଆହତ

ମନମୁଣ୍ଡା, ୧୦।୧ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ମାଡପିଟ୍ ହୋଇ ୨ଜଣ ଆହତ ହୋଇଛନ୍ତି । ଏ ନେଇ ମନମୁଣ୍ଡା ଥାନାରେ ଅଭିଯୋଗ ହେବ ପରେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ସୂଚନାମତେ, ବୁଧବାର ମନମୁଣ୍ଡା ଥାନା ଝିଙ୍କରପାଲିର ଲାଲୁ ସୁନା ଓରଫ ସନ୍ତୋଷ ଅନ୍ୟ ଜଣେ ଯୁବକଙ୍କ ସହ ଆସି ଏହି ଥାନା ବଘିଆବାହାଲ ସ୍ଥିତ ପ୍ରଭାତି ମୋବାଇଲ ଦୋକାନ ମାଲିକ କନ୍ଧମାଳ ଥାନା ଗୁଣ୍ଡିମହୁଲର ପିଙ୍କୁ ବାରିକଙ୍କୁ ଚାନ୍ଦା ମାଗିଥିଲେ । ସେ ଚାନ୍ଦା ନ ଦେବାରୁ ଯୁବକ ଦ୍ୱୟ ସେହି ଦୋକାନରୁ ଦୁଇଟି ମୋବାଇଲ ସେଟ ନେଇ ପଳାଇ ଯାଉଥିଲେ । ଏହି ସମୟରେ ପିଙ୍କୁଙ୍କ କାକା ନିବାସ ବାରିକ ପ୍ରତିବାଦ କରିବାରୁ ସେମାନେ ଠେଙ୍ଗାରେ ତାଙ୍କୁ ପିଟିଥିଲେ। ଏ ନେଇ ନିବାସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୪/୨୦) ରୁଜୁ କରିଛି । ଅପରପକ୍ଷେ ଲାଲୁ ସୁନା ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ସେ ବାଇକ ଧରି ପଲସାଗୋରାକୁ ବଜାର କରିବାକୁ ଯାଇଥିବା ବେଳେ ପିଙ୍କୁ ବାରିକ, ରିଙ୍କୁ ବାରିକ ଏବଂ ସେମାନଙ୍କ କାକା ନିବାସ ବାରିକ ତାଙ୍କୁ ଠେଙ୍ଗାରେ ପିଟିବା ସହ ତାଙ୍କ ବାଇକ୍ ଭଙ୍ଗାରୁଜା କରିଥିଲେ। ଫଳରେ ଲାଲଙ୍କ ହାତ ଭାଙ୍ଗି ଯାଇଥିଲା। ଲାଲୁଙ୍କ ଏତଲାକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା (ନଂ. ୫/୨୦) ରୁଜୁ କରିଥିବା ତଦନ୍ତ ଚଳାଇଛି ।

### ଗାଡ଼ି ଧକ୍କାରେ ଜଣେ ମୃତ

ବରପାଲି, ୧୦।୧ (ଡି.ଏନ.ଏ)
ବରପାଲି ଥାନା ଅନ୍ତର୍ଗତ ରାମପୁର ରାସ୍ତାର ବାଲଟିକ୍ରା ଛକ ବୁଲାଣିରେ ଗୁରୁବାର ରାତି ପ୍ରାୟ ୯ଟାରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ରାଜମିସ୍ତ୍ରୀ ପ୍ରଦୀପ ସୁନା (୪୨)। ସେ କାମ ସାରି ଘରକୁ ଫେରୁଥିବା ବେଳେ ରାମପୁର ପଟରୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିଲା। ସେଠାରେ ଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ବରପାଲି ପୋଲିସକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ପହଞ୍ଚି ତାଙ୍କୁ ବରପାଲି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୭/୨୦) ରୁଜୁ କରି ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଇଛି ।

### ଭେଡ଼େନରେ ପୁଷପୁନି ପାଳିତ

ଭେଡ଼େନ, ୧୦।୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଶୁକ୍ରବାର ଗଣପର୍ବ ପୁଷପୁନି ପାଳିତ ହୋଇଛି। ଏଥିସକାଶେ ଘରେ ଘରେ ବିଭିନ୍ନ ପ୍ରକାରର ପିଠାପଣା ହୋଇଥିଲା। ଅପରାହ୍ନରେ ଭେଡ଼େନର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସକାଳୁ ସକାଳୁ ଛୋଟ ଛୋଟ ପିଲାମାନେ ଘର ଘର ବୁଲି ଛେରଛେରା ମାଗିବା ଦେଖାଯାଇଥିଲା। ତେବେ ଚିଚିଣ୍ଡା ଗ୍ରାମର ଦେବୀ ମାଁ ବାଞ୍ଜିତଲିଏନଙ୍କ ବାର୍ଷିକ ପୂଜା ପୁଷପୁନି ଅପରାହ୍ନରେ ପାଳିତ ହୋଇଛି। ଏଥିପାଇଁ ଦେବୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବା ସହ ବୋଦା ଓ କୁକୁଡ଼ା ବଳି ଦିଆଯାଇଥିଲା।

### ମାହେଶ୍ୱରୀ ମନ୍ଦିର ନିର୍ମାଣ ଆରମ୍ଭ

ଭେଡ଼େନ, ୧୦।୧(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମ ପଞ୍ଚାୟତର ତାଲଗାଁ ଠାରେ ଡୁମାଳ ସମାଜ ପକ୍ଷରୁ ମାଁ ମାହେଶ୍ୱରୀଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାଁ ମାହେଶ୍ୱରୀ ସଂସ୍କୃତି ପରିଷଦ ଓଡ଼ିଶା ତଥା ଆମେ ଡୁମାଲ ମାସିକ ପତ୍ରିକା ରସ ସମ୍ପାଦକ ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ହୀରା ମହାକୁର ଚୈତନ୍ୟ କର୍ଣ୍ଣ, ବରଗାଁ କେନ୍ଦ୍ର ସଭାପତି ଅର୍ଜୁନ ମହାକୁର, ସମ୍ପାଦକ ଆନନ୍ଦ କରନ, ବରିଷ୍ଠ ସଦସ୍ୟ କାଳିଆ ଦେହେରୀ, ଜପ ପଧାନ, ଦେବରାଜ ମହାକୁର, ମନ୍ଦିର ନିର୍ମାଣ କାରିଗର ବୁଲୁ ଦନ୍ତା ପ୍ରମୁଖ ନିର୍ମାଣ ସ୍ଥଳ ବୁଲି ଦେଖିଥିଲେ। ଏଥିରେ ଗ୍ରାମର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

## ବୌଦ୍ଧରେ ଜିଲାସ୍ତରୀୟ ନିଯୁକ୍ତି ମେଳା




ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥି ।

ବୌଦ୍ଧ,୧୦।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ପ୍ରଶାସନ ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ସହରର ଟାଉନ ହଲଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମେଳାରେ ୩ହଜାରରୁ ଅଧିକ ଯୁବତୀ ଯୁବକ ଯୋଗ ଦେଇଥିବାବେଳେ ୧୬୮୧ ଜଣ ପଞ୍ଜୀକୃତ ହୋଇଥିଲେ । ତନ୍ମଧ୍ୟରୁ ୫୮୭ ଯୁବତୀ ଯୁବକଙ୍କୁ ୨୭ଟି କମ୍ପାନୀ ସିଧାସଳଖ ନିଯୁକ୍ତି ଦେଇଥିଲେ । ଏହି କମ୍ପାନୀ ମଧ୍ୟରୁ କିଛି ରାଜ୍ୟର ଏବଂ ଅନ୍ୟ କିଛି ରାଜ୍ୟ ବାହାରର ଥିଲେ । ଏହା ସହ ୪୩୩ ପିଲାଙ୍କୁ ଟ୍ରେନିଂ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯିବାକୁ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ନିୟୋଜନ ଅଧିକାରୀ ଭୃଙ୍ଗରାଜ ମହାନ୍ତି ପରିଚାଳନା କରିଥିଲେ ।

## କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ମଥୁରାନଗରୀ,୧୦।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସଭାରେ ଗତ ମାଟ୍ରିକ ପରୀକ୍ଷାରେ ଜିଲାର ଶ୍ରେଷ୍ଠ ତାଲିକାରେ ରହିଥିବା କୃତୀ ଛାତ୍ରୀ ବରଗଡ଼ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ନବ୍ୟା ନବେଲୀ ଆଚାର୍ଯ୍ୟ, ସୋହେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରିତିକା ସାହୁ, ପୂର୍ଣ୍ୟତୋୟା ସାହୁ, ବିଜେପୁର ସରକାରୀ ବାଳିକା ହାଇସ୍କୁଲର ସୁପ୍ରିୟା ତାଣ୍ଡି ଭଟଲି ଏସ.ଜି ହାଇସ୍କୁଲର ଲିଲି ଭୁଏଙ୍କ ମାନପତ୍ର, ଟ୍ରଫି ଏବଂ ୯ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଅଗ୍ରଣୀ ରକ୍ତଦାନ ସଂସ୍ଥା ନିଷ୍ଠା ପରିବାରକୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ପିଲାମାନେ ମାଗିଲେ ଛେର୍‌ଛେରା

ପାଇକମାଳ, ୧୦।୧ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ଅଞ୍ଚଳରେ ଶୁକ୍ରବାର ପୁଷପୁନି ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି । ଏହା ଏକ ଚାଷ ଭିତ୍ତିକ ପର୍ବ ହୋଇଥିବାରୁ ଚାଷୀମାନଙ୍କ ପାଖରେ କାମ କରୁଥିବା ଶ୍ରମିକମାନେ ଚାଷଜନିତ କାମରୁ ମୁକ୍ତି ପାଇଥାନ୍ତି ଓ ଏହି ଦିନ ଆନନ୍ଦରେ ପୁଷପୁନି ପାଳନ କରନ୍ତି। ପ୍ରତ୍ୟେକଙ୍କ ଘରେ ପିଠାପଣା ତିଆରି ହୋଇଥିଲା। ସମସ୍ତେ ଆନନ୍ଦରେ ପିଠାପଣା ସହ, ମାଛ ମାଂସ ଭୋଜନ କରିଥାନ୍ତି। ଗାଁରେ ଛୋଟ ଛୋଟ ପିଲାମାନେ ଘର ଘର ବୁଲି ଛେରଛେରା ମାଗିବାର ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେମାନେ ହାତରେ ବ୍ୟାଗ ଧରି ଘର ଘର ବୁଲି ଧାନ ଚାଉଳ, ଟଙ୍କା ପଇସା, ପିଠାପଣା ମାଗୁଥିବା ଦେଖାଯାଇଥିଲା। ଦଳ ଦଳ ହୋଇ ବାଜାବଜାଇ ଲୋକମାନେ ନାଚି ନାଚି ମଧ ଛେରଛେରା ମାଗିଥିଲେ। ଅପରାହ୍ନରେ ପାଇକମାଳ, ଜର୍ଜଗଡ ନୃସିଂହନାଥରେ କ୍ରିକେଟ ଖେଳ ହୋଇଥିଲା। ନୃସିଂହନାଥରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ନେଇ ନୃସିଂହନାଥ ମନ୍ଦିରର ପୁରୁଣା କର୍ମଚାରୀ ତଥା ପୂର୍ବତନ ମନ୍ଦିର ପୂଜକ ନରସିଂହ ଜ୍ୟୋସୀଙ୍କୁ ପଚାରିବାରୁ ସେ କହିଲେ ପୁଷପୁନି ହେଉଛି ଏକ ଖାଇବା ପିଇବା ପର୍ବ। ଚାଷୀମାନଙ୍କର ଖରିଫ ଫସଲ ଅମଳ ହୋଇ ମଜୁରିଆମାନେ ଛୁଟି ନେଇ ଏହି ପର୍ବ ଖୁବ ମଜାର ସହିତ ପାଳନ କରନ୍ତି ।



ପିଲାମାନେ ଘର ଘର ବୁଲି ଛେରଛେରା ମାଗୁଛନ୍ତି ।

ପୁଷପୁନି ପର୍ବ ପାଳନ

## କଂସଙ୍କୁ ଭେଟିଲେ ଟ୍ରାଫିକ ସଂଯୋଜକ

ମଥୁରାନଗରୀ,୧୦।୧

ସଡ଼କ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏଥିପାଇଁ ସଡ଼କ ସୁରକ୍ଷାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ନିଜ ଟିମ୍ ସହିତ ରାଜ୍ୟର ବିଭିନ୍ନ ଜିଲାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି। ତେବେ ମଥୁରାନଗରୀରେ ମଧ୍ୟ ଏଭଳି ସଚେତନତାର ଆବଶ୍ୟକତା ରହିଥିବା ହୃଦୟଙ୍ଗମ କରି ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ଭୋସାଗର ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ମହାରାଜଙ୍କୁ ଭେଟିଥିଲେ। ଏଥିପାଇଁ ସେ ମଥୁରାଧିପତିଙ୍କୁ ଟ୍ରାଫିକ ସଚେତନତା ଉପରେ ଆଧାରିତ ଏକ ପ୍ରଚାରପତ୍ର ପ୍ରଦାନ ସହିତ ତାର ଶୁଭାରମ୍ଭ କରିଥିଲେ। ସେହିପରି ମଥୁରାନଗରୀରେ ବାଇକ୍ ଚାଳକମାନେ ହେଲମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ଲଗାଇ ଗାଡ଼ି ଚଳାଇବା, ଗାଡ଼ି ଚାଳକମାନେ ଡ୍ରାଇଭିଂ ଲାଇସେନ୍ସ କରିବା ତଥା ଟ୍ରାଫିକ ନିୟମ କାନୁନକୁ କଡ଼ାକଡ଼ି କରିବା ଦିଗରେ ପଦକ୍ଷେପ ନେବାକୁ ଭୋସାଗର ମହାରାଜ କଂସଙ୍କୁ ନିବେଦନ କରିଥିଲେ। ପଶ୍ଚିମଓଡ଼ିଶା ଟ୍ରାଫିକ ସଂଯୋଜକ ଭୋସାଗରଙ୍କ ଏଭଳି ପଦକ୍ଷେପକୁ କଂସ ମହାରାଜ ପ୍ରଶଂସା କରିଥିଲେ ।



କଂସ ମହାରାଜା ଟ୍ରାଫିକ ସଚେତନତା ପ୍ରଚାରପତ୍ରର ଶୁଭାରମ୍ଭ କରୁଛନ୍ତି ।

## ସଂକ୍ରୀଡ଼ାରେ ମୋ ସରକାର କାର୍ଯ୍ୟକ୍ରମ

ଭେଡ଼େନ, ୧୦।୧(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ଗ୍ରାମ ପଞ୍ଚାୟତର ଝରାପାଲିଠାରେ ଭେଡ଼େନ ତହସିଲ ପକ୍ଷରୁ ମୋ ସରକାର ଯୋଜନାରେ ପାଉତି ଏବଂ ଅନ୍ୟାନ୍ୟ ପ୍ରମାଣ ପତ୍ର ପାଇବା ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ୟାକ୍ସ ସଭାପତି ସତ୍ୟଜିତ ପୁରୋହିତଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ ମୁଖ୍ୟଅତିଥି, ସରପଞ୍ଚ ସୁଶାନ୍ତ ସାହୁ, ରାଜସ୍ୱ ପରିଦର୍ଶକ ଅଶୋକ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ସେଲ୍‌ଫି ଜୋନ ଉଦ୍‌ଘାଟିତ

ମଥୁରାନଗରୀ,୧୦।୧

ବରଗଡ଼ ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ସେଲ୍ଫି ଜୋନ ଆଇ ଲଭ୍ ବରଗଡ଼ ଉଦ୍‌ଘାଟିତ ହୋଇଛି । ମଥୁରା ଭ୍ରମଣରେ ଆସି ଧନୁଯାତ୍ରାର କଂସ ମହାରାଜ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେଲ୍ଫି ଜୋନ ଉଦଘାଟନୀ ଅବସରରେ କଂସ ମହାରାଜଙ୍କ ସମେତ ବିଧାୟକ ଆଚାର୍ଯ୍ୟ, ଏସ୍‌ପି ସାହୁ ପ୍ରମୁଖ ସେଲ୍‌ଫି ଉଠାଇଥିଲେ ।



ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସେଲ୍‌ଫି ନେଉଛନ୍ତି ।

## ବନପାଲି ଗାଁରେ ସ୍ୱଚ୍ଛ ଭାରତ କାଯ୍‌କରମ

ବାଉଁଶୁଣୀ, ୧୦।୧ (ଡି.ଏନ.ଏ)

ବୌଦ୍ଧ ଜିଲା ସଦର ବ୍ଲକ ଅଧୀନ ଗୋଛାପଡ଼ା ପଁଚେତ୍ ବନପାଲି ଗାଁର ମା'ଭାରତ ମାତା କ୍ଲବ ତରଫୁ ସ୍ୱଚ୍ଛ ଭାରତ କାଯ୍‌କରମ ଅନୁଷ୍ଠିତ ହେଇଥିଲା। ସଭାପତି ବେଣୁଧର ମେହେର ଆର ସଂପାଦକ ଘନଶ୍ୟାମ ମେହେରକଁର ଦେଖିରେଖରେ କ୍ଲବର ସଦସିଅମାନେ ଗାଁର ଭାରତ ମାତା ଦେଉଳ, ଗାଁରେ ଥିବାର ନଲ୍‌ତୁଆଁ, ରାସ୍‌ତାଘାଟ ସଫା କରିଥିଲେ। ଇ ସଫେଇ କାଯ୍‌କରମରେ କଳାକାହ୍ନୁ ମେହେର, ସୁଶାନ୍ତ ମେହେର, ସନତ ମେହେର, ରଞ୍ଜନ ମେହେର, ମଙ୍ଗୁଲୁ ମେହେରକଁର ସମେତ କ୍ଲବର ୩୦ ଝନ୍ ସଦସିଅ ଭାଗ ନେଇଥିଲେ।

ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀରେ ବକ୍ତାଙ୍କ ମତ

## ସଂସ୍କୃତ ଭାଷା ହିଁ ଭାରତର ପରିଚୟ

ମଥୁରାନଗରୀ,୧୦।୧

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଶୁକ୍ରବାର ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀ ଓ ସଂସ୍କୃତ ଶିକ୍ଷକଙ୍କ କର୍ମଶାଳା ଉଦଘାଟିତ ହୋଇଯାଇଛି। ଜିଲା ସଂଯୋଜକ ଅଗସ୍ତି ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଅଧ୍ୟକ୍ଷତା କରିଥିଲେ । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିପଥଗାମୀ ସମାଜକୁ ଶୃଙ୍ଖଳିତ କରିବାରେ ସଂସ୍କୃତ ଭାଷାର ଭୂମିକା ଅବର୍ଣ୍ଣନୀୟ ଏବଂ ଏହି ଭାଷା ହିଁ ଭାରତର ପରିଚୟ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ପଶ୍ଚିମ ଓଡ଼ିଶା ସଂସ୍କୃତ ମହାସଂଘର ରାଜ୍ୟ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଜିଲା ସଭାପତି ପଣ୍ଡିତ ଧୀରେନ୍ଦ୍ର ଶାସ୍ତ୍ରୀ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘ ସମ୍ପାଦକ ଡଃ କୁମାର ଚନ୍ଦ୍ର ମିଶ୍ର, ନବପ୍ରଭା ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ରାଜ୍ୟ ସାଧନ କର୍ମୀ ଗୋପବନ୍ଧୁ ଦାଶ, ଅନିରୁଦ୍ଧ ରାଉତ, ବିନୋଦ ପଣ୍ଡା, ଡଃ ମନୋଜ କୁମାର ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, ରାଣାପ୍ରତାପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଯୋଗଦାନ କରିଥିବାବେଳେ ୩୦୦ରୁ ଊର୍ଦ୍ଧ୍ୱ ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ସଂଘର ଉପସଭାପତି ଦୟାସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ। - ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମା' ସପ୍ତଭଗ୍ନୀଙ୍କ ପୂଜନୋତ୍ସବ

ବିନିକା,୧୦।୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହର ତଟବର୍ତ୍ତୀ ମହାନଦୀ ଗର୍ଭସ୍ଥ ପାହାଡରେ ବିଦ୍ୟମାନ ମା' ସପ୍ତଭଗ୍ନୀ (ବାଏକାନୀ)ଙ୍କ ପୂଜନୋତ୍ସବ ଶୁକ୍ରବାର କୈବର୍ତ୍ତ ସମାଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ବିନିକା କୈବର୍ତ୍ତ ସମାଜ ସଭାପତି ରମେଶ ପ୍ରସାଦ ବେହିରା ଦାୟିତ୍ୱ ନିର୍ବାହ କରିଥିଲେ। କୈବର୍ତ୍ତ ସମାଜର କୂଳବୃତ୍ତିର ଉତ୍ଥାନ ଏବଂ ମହାନଦୀରେ ସୁରକ୍ଷିତ ନୌଚାଳନା ପାଇଁ ଏହି ପୂଜା ପାଳିତ ହୋଇଥାଏ। ଏହି ପୂଜାରେ ମା'ଙ୍କ ପାଖରେ ନଡିଆ ଓ କ୍ଷୀରୀପିଠା ନୈବେଦ୍ୟ ଭାବରେ ଅର୍ପଣ ହୁଏ। ପୂଜାପରେ ମାଁଙ୍କ ପାଦତଳେ ଅର୍ପିତ ସିନ୍ଦୁର, ଲାଲବସ୍ତ୍ର ସହିତ ଆଞ୍ଚାମାଳ ଆକାରରେ ଫୁଲମାଳ ଆଣି ମନ୍ଦିର ଧ୍ୱଜାରେ ବାନ୍ଧିଥାନ୍ତି ପରେ କୈବର୍ତ୍ତଙ୍କ ଦୈନନ୍ଦିନ ବ୍ୟବହୃତ ହେଉଥିବା ଡଙ୍ଗା, କାତ, ମାଛଜାଲ ପ୍ରଭୃତିର ପୂଜାର୍ଚ୍ଚନା ହୁଏ। ଚଳିତ ବର୍ଷ ଏହି ପୂଜା ଆୟୋଜନରେ ଠାକୁର ଦଣ୍ଡସେନା, ଟଙ୍କଧର ମହାଲିଙ୍ଗ, ଜଗନ୍ନାଥ ମହାଲିଙ୍ଗ, କୈଳାସ ବେହିରା, ନରେନ୍ଦ୍ର ବେହିରା, ବିଷ୍ଣୁପ୍ରସାଦ ସା ସହଯୋଗ କରିଥିଲେ। ଏହି ପୂଜା ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ ମହାନଦୀ ବ୍ରିଜ ଉପରେ ଜମିଥିଲା। ଏଥିସହ ଦର୍ଶକମାନେ ସିଧାସଳଖ ପୂଜାସ୍ଥଳକୁ ଯାଇ ମା'ଙ୍କର ଦର୍ଶନ ପାଇଁ ୧୦ଟି ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା।

### ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମନମୋହିଲା ସମ୍ବଲପୁରୀ, ସିଂହାରୀ, ଦଣ୍ଡନୃତ୍ୟ

ସୋନପୁର,୧୦।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୨୭ ତମ ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଜିଲା ଲୋକକଳା ମହୋତ୍ସବ । ସ୍ଥାନୀୟ ଗାନ୍ଧୀ ପଡିଆର ଫକୀର ମୋହନ ପଟ୍ଟନାୟକ ମୁକ୍ତ ମଞ୍ଚରେ ଚାଲିଥିବା ମହୋତ୍ସବର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ବୀରମହାରାଜପୁର ବ୍ଲକ କଳା ସଂସ୍କୃତି ସଂଘର ପାରମ୍ପରିକ ଦଣ୍ଡ ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏହା ପରେ ଡୁଙ୍ଗୁରିପାଲି ବ୍ଲକ ମାୟାବାର୍ହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିଭିବି)ର ଛାତ୍ରୀ ମାନେ ସିଂହାରୀ ନୃତ୍ୟ, ଡୁଙ୍ଗୁରିପାଲି ବ୍ଲକ କଳା ସଂସ୍କୃତି ସଂଘର କଳାକାରଙ୍କ ତାଲ ସମ୍ପର୍ଦା ନୃତ୍ୟ, ବିନିକା ବ୍ଲକ କଳା ସଂସ୍କୃତି ସଂଘର କରମା ନୃତ୍ୟ, ସୋନପୁର ବ୍ଲକ କଳା ସଂସ୍କୃତି ସଂଘର ପାଲା, ସୋନପୁର କୃଷ୍ଣଚନ୍ଦ୍ର ସିନ୍ଦେରିଆ ଓ ଗ୍ରୁପର ସମ୍ବଲପୁରୀ ଚୁଟ୍‌କୁଚୁଟା, ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘ ଓ ରୂପଶ୍ରୀ କଳା ପରିଷଦ ତରଭାର କଳାକାର ମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନମୋହିଥିଲା।

ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଡାକ୍ତର ପଣ୍ଡା ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର ଲୋକକଳା, ସାଂସ୍କୃତିକ ପରମ୍ପରା, ଲୋକଗୀତ ଓ ଭାଇଚାରା ମହାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ ଯୋଗଦେଇ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିଲେ। ମଲ୍ଲିକ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି କହିବା ସହ ଏହାର ପ୍ରଚାର ପ୍ରସାର ପାଇଁ ସାମୂହିକ ଉଦ୍ୟମ ଦରକାର ବୋଲି କହିଥିଲେ। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚୌଧୁରୀ ବିଭାର ପରିଚାଳନା କରିଥିଲେ। ଜିଲା ଲୋକକଳା ମହୋତ୍ସବ ଏବଂ ଗାନ୍ଧୀ ପଡିଆରେ ଚାଲିଥିବା ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଶନିବାର ସରିବ ।



ମାୟାବାର୍ହା କେଜିଭିବିର ଛାତ୍ରୀମାନେ ସିଂହାରୀ ନୃତ୍ୟ ପରିବେଷଣ କରୁଛନ୍ତି ।

### ଅଭିନବ ଉପାୟରେ ଗଞ୍ଜେଇ ଚୋରାଚାଲାଣ

# ୨ ନାବାଳିକାଙ୍କ ସହ ୩ ଜଣ ଧରାପଡ଼ିଲେ

**ବାଇକ୍ ଓ ଗଞ୍ଜେଇ ଜବତ**

ସୋନପୁର,୧୦।୧(ନି.ପ୍ର.)

ଅଭିନବ ଉପାୟରେ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ ହେଉଛି। ପୋଲିସ ଓ ଅବକାରୀ ବିଭାଗର ସନ୍ଦେହରୁ ବର୍ତ୍ତିବା ପାଇଁ ମହିଳା ଓ ନାବାଳିକାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଉଛି। ଛତିଶଗଡର ୨ଜଣ ନାବାଳିକା ଗଞ୍ଜେଇ ନେଉଥିବା ବେଳେ ଶୁକ୍ରବାର ସୋନପୁର ପୋଲିସ ହାତରେ ଧରାପଡିଛନ୍ତି । କୁଞ୍ଜ ଛକ ଠାରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଏକ ବାଇକ୍ ନଂ ଓଡି୩୧ବି-୨୬୬୪କୁ ଅଟକାଇ ଥିଲେ। ତେବେ ବାଇକ୍ ଆରୋହୀ ସରକାରୀ ଦେଶୀ ମଦଭାଟି ରାସ୍ତାରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ବାଇକ୍‌ରେ ଦୁଇ ନାବାଳିକା ଏକ ଏୟାର ବ୍ୟାଗ୍ ଧରି ବସିଥିଲେ। ପୋଲିସ ତନଖି କରିବା ପରେ ବ୍ୟାଗ୍‌ରୁ ୯ କିଲୋ ୧୧୦ ଗ୍ରାମ ଗଞ୍ଜେଇ ମିଳିଥିଲା । ଏହି ଗଞ୍ଜେଇ ବୌଦ୍ଧ ଜିଲାରୁ ଛତିଶଗଡ ଚାଲାଣ ହେଉଥିଲା । ପୋଲିସ ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଘଣ୍ଟାପାଲିର ସର୍କସ କର୍ଣ୍ଣ(୩୯)ଙ୍କ ସମେତ ଛତିଶଗଡ ଅଠମୁଲିଗାଁ ଅଞ୍ଚଳର ଦୁଇ ନାବାଳିକାଙ୍କୁ ଗିରଫ କରିଛି । ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୩ଟି ମୋବାଇଲ ଓ ନଗଦ ୧୭ ହଜାର ୫୦୦ଟଙ୍କା ଜବତ ହୋଇଛି। ସୋନପୁରର ଅତିରିକ୍ତ ତହସିଲଦାର ରାକେଶ କୁମାର ଅଗ୍ରୱାଲା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ। ସୋନପୁର ଥାନା ଏସଆଇ ପୁଷ୍ପଲତା ଲେଙ୍କା ମାମଲାର ତଦନ୍ତ କରୁଛନ୍ତି। ଏସଆଇ ସୁବ୍ରତ ପାଣିଗ୍ରାହୀ, ବିମଳ ପଧାନ, କନଷ୍ଟେବଳ ରଶ୍ମିରଞ୍ଜନ ହୋତା ଓ ବିଶ୍ୱନାଥ ପଟ୍ଟନାୟକ ମାମଲାର ତଦନ୍ତ କରୁଛନ୍ତି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଗିରଫ ଅଭିଯୁକ୍ତ ସର୍କସ କର୍ଣ୍ଣ ।

# ଜିଲାର ସାମଗ୍ରିକ ବିକାଶ ପାଇଁ ମିଳିତ ଉଦ୍ୟମ ଲୋଡ଼ା

ତରଭା, ୧୦।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଗଠିତ ହେବା ଇତିମଧ୍ୟରେ ୨୫ ବର୍ଷ ବିତିଯାଇଛି। ହେଲେ ଏହି ଜିଲାର ସମୂହ ଉନ୍ନତି ସକାଶେ ଏ ପର୍ଯ୍ୟନ୍ତ ଏକ ସମୟବଦ୍ଧ ଯୋଜନା ପ୍ରସ୍ତୁତ କରାଯାଇ ପାରିନାହିଁ। ତେଣୁ ସୋନପୁରକୁ ସୁବର୍ଣ୍ଣପୁରରେ ପରିଣତ କରିବା ସକାଶେ ଲୋକ ପ୍ରତିନିଧି, ପ୍ରଶାସନ ଓ ଜିଲାବାସୀ ଆଗେଇ ଆସିବା ଦରକାର। ତରଭା କମସରା ରାଣୀଝୁଲା ପାହାଡ ପାଦଦେଶରେ ଶୁକ୍ରବାର ଅନୁଷ୍ଠିତ ଜିଲା ସାମ୍ବାଦିକ ସଂଘର ଏକ ବୈଠକରେ ଏହି ମତ ପ୍ରକାଶ ପାଇଛି। ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ସ୍ୱୟମ୍ଭୁନାଥ ଖଣ୍ଡଗିରି, ବ୍ରଜମୋହନ ଦାନୀ ଓ ଇନ୍ଦ୍ରମଣୀ ଦଶ ପ୍ରମୁଖ ଉପସ୍ଥିତ ଥିଲେ । ସଂଘ ସମ୍ପାଦକ ବୌମକେଶ ଦାସ ସମ୍ପାଦକୀୟ ବିବରଣୀ ଉପସ୍ଥାପିତ କରିଥିଲେ। ଏହି ଅବସରରେ ତରଭା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଶଶୀଭୂଷଣ ସାହୁ, ଶ୍ରୀବତ୍ସ ମିଶ୍ର ଓ ବିଶେଶ୍ୱର ପୂଜାରୀଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଲୋକ ମହୋତ୍ସବରେ ଜିଲାର ସବୁ ଅଞ୍ଚଳର ଲୋକଙ୍କୁ ସାମିଲ କରାଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଆବାହକ ଅଶୋକ କୁମାର ସାହୁଙ୍କ ବଲାଙ୍ଗୀର-ଖୋର୍ଦ୍ଧା ରେଳପଥ କାମ ତ୍ୱରାନ୍ୱିତ କରିବା, ରାଣୀଝୁଲା ଐତିହାସିକ ପାହାଡକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା, ଚଳିତ ବର୍ଷର ବନ୍ୟା କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର ରିଲିଫ ପ୍ରଦାନ, ତରଭା-କଣ୍ଟାମାଳ ରାସ୍ତା ଶୀଘ୍ର ଚାଲୁ କରିବା ଆଦି ପ୍ରସ୍ତାବ ଗୃହୀତ ହୋଇଥିଲା । ଯୁଗଳ କିଶୋର ମିଶ୍ର, ରତ୍ନାକର ସେଠ୍ ଓ କୁଶ ବଘାର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ କପିଳାଶ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ ।



ବନ୍ଧୁମିଳନରେ ଯୋଗଦେଇଥିବା ଜିଲାର ବିଭିନ୍ନ ଭାଗରୁ ଆସିଥିବା ସାମ୍ବାଦିକମାନେ।



ବଲାଙ୍ଗୀରର ଡାଏନା ଦାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

### ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

# ବଲାଙ୍ଗୀର ସେମିରେ

ଅମରପାଲି, ୧୦।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁରଠାରେ ଚାଲିଥିବା ୧୪ତମ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଗୋଲଡେନ ଇଗଲ ସମ୍ବଲପୁରକୁ ହରାଇ ଏଏଫସିସି ବଲାଙ୍ଗୀର ସେମିଫାଇନାଲରେ ପ୍ରବେଶ କରିଛି। ସମ୍ବଲପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ କରିଥିଲା। ଦଳର ନିହାରେନ୍ଦୁ ୨୪ ଓ ଆୟୂଷ ସାହୁ ୨୨ ରନ କରିଥିଲେ । ବିପକ୍ଷ ଡାଏନ ଦାଶ ଓ ରାଜା ୨ଟି ଉଇକେଟ ନେଇଥିଲେ। ଜବାବରେ ବଲାଙ୍ଗୀର ଦଳ ୧୩ଓଭରରେ ୪ଉଇକେଟ ହରାଇ ୧୦୦ ରନ କରି ବିଜୟୀ ହୋଇଥିଲା। ସମ୍ବଲପୁରର ଆକାଶ ୨ଟି ଉଇକେଟ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିକଳପୁର କ୍ରିକେଟ କ୍ଲବର ପ୍ରତିଷ୍ଠାତା ଶଙ୍କର ମହାକୁର ଅତିଥି ଭାବେ ଯୋଗଦେଇ ବଲାଙ୍ଗୀରର ଡାଏନା ଦାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳକୁ ସୁରେଶ ବିଶି ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ। ରମଣ କର୍ଣ୍ଣ ସ୍କୋରିଂ ସଂକୀର୍ତ୍ତନ୍ୟ ସାହୁ ଓ ସଞ୍ଜୀବ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

# ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଲୁତୁରପଙ୍କ, ବହଲପଦର

ଅମରପାଲି, ୧୦।୧ (ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀଠାରେ ଚାଲିଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଉଭୟ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ଲୁତୁରପଙ୍କ ଓ କଦଳୀପାଲି ମଧ୍ୟରେ ହୋଇଥିଲା। କଦଳୀପାଲି ପ୍ରଥମେ ବ୍ୟାଟିଂ କରି ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ଆବଶ୍ୟକ ୬୩ ରନକୁ ୬ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ମାନସ ୨୩ ରନ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବହଲପଦର ଓ ଅମରପାଲି ମଧ୍ୟରେ ହୋଇଥିଲା। ବହଲପଦର ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୫୬ ରନ କରିଥିବା ବେଳେ ଅମରପାଲି ସମସ୍ତ ଉଇକେଟ ହରାଇ ୫୨ ରନ କରିଥିଲା। ଖେଳଗୁଡିକୁ ଅରୁଣ ସାହୁ ଓ ଟିକୁନ ସାହୁ ପରିଚାଳନା କରିଥିଲେ। ହେମନ୍ତ ମାଝୀ, ଦାମୋଦର ମଲିକ ସ୍କୋରିଂ ଏବଂ ବିଦ୍ୟାଧର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ତରଭାରେ ବିଶ୍ୱ ହିନ୍ଦୀ ଦିବସ ପାଳିତ

ତରଭା, ୧୦।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲ ପରିସରରେ ରାଷ୍ଟ୍ରଭାଷା ସେବୀ ସଂସ୍ଥା ତରଫରୁ ବିଶ୍ୱହିନ୍ଦୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ସଂସ୍ଥା ସଭାପତି ଡ.ରମେଶ ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡ.ପ୍ରେମଲାଲ ସାହୁ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ରାଜେଶ ଶ୍ରୀବାସ ଯୋଗଦେଇଥିଲେ। ସଂସ୍ଥା ସମ୍ପାଦକ ବିଦ୍ୟାବାଚସ୍ପତି ଅକ୍ଷୟ କୁମାର ବାଘ ବିଶ୍ୱ ହିନ୍ଦୀ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ବିଗତ ଦିନରେ ରାଷ୍ଟ୍ରଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ହିରଣ୍ମୟ ପଟ୍ଟନାୟକ ପରିଚାଳନା କରିଥିବା ବେଳେ କବି ବନବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁଷପୁନି ଛୁଟି ନ କରିବାର ପ୍ରତିବାଦ

### ସରକାରୀ ଅନୁଷ୍ଠାନ ବନ୍ଦ କଲା କୋଶଳ ଯୁବ ସମନ୍ୱୟ ସମିତି

ଉଲୁଣ୍ଡା, ୧୦।୧(ଡି.ଏନ.ଏ.)

ପୁଷପୁନି ହେଉଛି ପଶ୍ଚିମ ଓଡିଶାର କୃଷିଭିତ୍ତିକ ଏକ ମହାନ ପର୍ବ। ଘରେ ଘରେ ଏହି ପର୍ବକୁ ଧୁମଧାମରେ ପାଳନ କରୁଥିବା ବେଳେ ସରକାରୀ ଛୁଟି ଘୋଷଣା କରାଯାଇ ନ ଥିଲା। ଏହାର ପ୍ରତିବାଦ କରି ଶୁକ୍ରବାର ଉଲୁଣ୍ଡା କୋଶଳ ଯୁବ ସମନ୍ୱୟ ସମିତି ତରଫରୁ ସମସ୍ତ ସ୍କୁଲ, କଲେଜ, ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ, ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରାଯାଇଥିଲା। ଯୁବ ସମନ୍ୱୟ ସମିତିର ସଙ୍ଗଠକ ନିତିନ ପଧାନଙ୍କ ନେତୃତ୍ୱରେ ହୋଇଥିବା ବନ୍ଦରେ ମୃକୁ ବାଗ, ପ୍ରକାଶ ପଣ୍ଡା, ଘନଶ୍ୟାମ ସେଠୀ, ଝାଙ୍କର ପଧାନ ପ୍ରମୁଖ ସାମିଲ ହୋଇଥିଲେ।

**NOTIFIED AREA COUNCIL, KESINGA**

**BID IDENTIFICATION No.64 / 2019-20, Dated: 07.01.2020**

The Executive Officer, N.A.C., Kesinga invites sealed Percentage Rate bids for the works detailed in the table below. from appropriate Class of bidders registered with Kesinga NAC / PHED / RWSS / RD WR / PWD of the State Government. The details of project list may be seen in the office notice board of NAC, Kesinga. The sale receipt & opening of tender paper No. of works and class of contractors are given below.

| | | |
|---|---|---|
| Total No. of works | : | 23 (Twenty three) only |
| Value of works | : | Rs.89,500.00 Rs.1,78,910.00 |
| Period of Sale of bid documents | : | From 09.01.2020 to 18.01.2020 up to 17.00 hours |
| Date and time of receipt of tender paper | : | Up to 17.00 hours of 21.01.2020 |
| Date and time of opening | : | 11.30 hrs on 22.01.2020 |
| Class of Contractors | : | Regd. of NAC, Kesinga / D & C of state Govt. |

The authority reserves the right to reject any or all the tender without assigning any reason thereof.

**Sd./- Executive Officer, N.A.C., Kesinga**

GOVT. OF ODISHA No.: A-552

**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
DRAINAGE CIRCLE, GANDARPUR, CUTTACK - 753003
**E-PROCUREMENT NOTICE NO.- SEDC-CTC-01/2019-20**
e-mail ID: sedrainagecirclectc@gmail.com

**1st Corrigendum to e-Procurement Notice No.-SEDC-CTC-04/2019-20**

Sl. No. - 1 of Notice may be read as "Ranging from Rs.155.52 Lakhs to Rs.364.95 Lakhs".
All other terms and conditions remain unchanged.
Further details can be seen from the Govt. website **www.tendersorissa.gov.in**.

Superintending Engineer
Drainage Circle, Cuttack
32174/11/0010/1920

**ODISHA STATE WAREHOUSING CORPORATION**
PLOT NO. 2, CUTTACK ROAD, BHUBANESWAR-751006
No. COM/TR/TEN/08/2019-20/120 Dt.08.01.2020

**NOTICE INVITING e-TENDER**

No.: CAD-792: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor for handling and transportation of foodgrain stock of FCI at the warehouse at Bhawanipatna-II (Internal & RH Kesinga) Malkangiri (RH Jeypore), A.Katapali (RH Sambalpur City), Attabira (RH Sambalpur City) & Godbhaga (RH Sambalpur City) for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and **www.oswc.in** from **dt.10.01.2020**. The last date and time of online submission of bid is **dt.27.01.2020** upto 5 PM.
Future amendments, corrigendum or other communication regarding this tender will be available only on **https://tendersodisha.gov.in** and will not be published in print media.
The Managing Director reserves the right to accept or reject any or all tenders without assigning any reason thereof.

39003/11/0009/1920 **Sd./- Managing Director**

**ZILLA SWASTHYA SAMITI, BALANGIR**
**O/o. The Chief District Medical & Public Health Officer (DPMU, NHM), Balangir**
**Advt.: 95** **Dt.07.01.2020**

**NOTICE**

No.: E-653: The merit list and rejected list for empanelment of different post under Daily Wage Basis with reference to this Office Advt. No. 2607 Dt.16.07.2019 is available in the website **www.balangir.nic.in**. Further candidates are requested to attend the counselling-cum-Document verification on Dt.20.01.2020 at 10.30 A.M. in the NHM Conference Hall, O/o. The CDM&PHO-cum-District Mission Director, Balangir as per Annexure-A. If the candidate fails to attend the counselling-cum-Document verification his/her candidature automatically cancelled and the next candidate in the merit list should be called for counselling. No personal contact will be entertained.

**Sd./- CDM&PHO-cum-District Mission Director**
**Balangir**
10019/11/0008/1920

**NOTICE INVITING REVISED E-TENDERS**
**CENTRE FOR MODERNIZING GOVERNMENT INITIATIVE (CMGI)**

**Tender Enquiry No.: CMGI/PCU/BCP-HRMS/2018/581/31** **Dt.08.01.2020**
No.: CAD-794: The tender Vide No. RFP No. CMGI/PCU/DR-HRMS/2019/581/1082, Date: 10.09.2019 has been revised.
With reference to above, e-Tenders through Odisha Tenders Portal **(https://tendersodisha.gov.in)** are invited for procurement of Business Continuity Plan (BCP) site for HRMS. Tender documents can be downloaded from CMGI website **(www.cmgi.org.in)** and Odisha e-Tenders Portal **(https://tendersodisha.gov.in)**.
The authority reserves the right to reject any or all the tenders without assigning any reason thereof.
The last date of submission of the e-Tender in Odisha e-Tender Portal **(https://tendersodisha.gov.in)** is 10.02.2020 at 11.30 A.M.

**Executive Director, Centre for Modernizing Government Initiative (CMGI), 1st Floor, A-2, Toshali Bhawan, Satya Nagar, Bhubaneswar, Odisha**

By Order of Executive Director
**Procurement Officer**
09008/11/0006/1920

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**SUNDARGARH (R&B) DIVISION, SUNDARGARH**
E-mail ID: pwd_sng@yahoo.co.in, Tel./Fax: (06622) 272230

No.: B-565
**"e" Procurement Notice**
Letter No.: 146/WE Bid Identification No.- EE-R&B-SNG-22 of 2019-20 Date: 08.1.2020

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in Single Cover System on Online mode from eligible contractors with valid licence for **Building & Electrical Work** as detailed in DTCN. | | |
| 2. | Nature of Work | : | Building & Electrical Work |
| 3. | No. of Works | : | 02 (Two) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | 'D' & 'C' and HT Electrical Contractor |
| 6. | Availability of Bid document in the website | : | From 10.00 A.M. of Date 14.01.2020 to 05.00 P.M. of Date 24.01.2020. |
| 7. | Date of Opening of Bid | : | 11.00 A.M. on Dt.27.01.2020. |
| 8. | The bidders have to participate in Online bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

34043/11/0008/1920 **Sd./- Executive Engineer, Sundargarh (R&B) Division**

**THE ODISHA MINING CORPORATION LIMITED**
**OMC House, Bhubaneswar-751001, Odisha**
**CIN: U13100OR1956SGC000313, www.omcltd.in**

**NIT No. 01/OMC/Civil/2020**

No.: CAD-791: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated Cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Provision of renewal course over Barsuan Khandadhar road of Koira Region in the district of Sundargarh. | 1154.93 | 8 (Eight) | Special & Super | 11,55,000/- | 10,000/- + 18% GST |
| 2 | Development of CC drain, paved shoulder and guard wall of Daitari ghat road from RD KM 0/000 to KM 6/900 in the district of Keonjhar. | 828.43 | 8 (Eight) | Special & Super | 8,29,000/- | 10,000/- + 18% GST |

1. Available of Bid document in Govt. portal from dt.17/1/2020 to 07/02/2020 upto 5.00 PM.
2. Last date of on-line submission of tender in the portal is dt. 07/02/2020 upto 5.00 PM.
3. Date of opening of Technical Bid is dt .10/02/2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in.** The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0115/1920 **CGM (Civil)**



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ
ଆଉ ସହଜରେ ତ୍ରାହି ମିଳେନା।
- ସେନେକା



## ସଂକ୍ଷେପରେ

### ଓଏଏସ୍ ପାଇଥିବା ବିଭୂତିଙ୍କୁ କଣ୍ଟାବାଞ୍ଜିରେ ସମ୍ବର୍ଦ୍ଧନା

**କଣ୍ଟାବାଞ୍ଜି, ୧୦।୧(ଡି.ଏନ.ଏ.):** ୨୦୧୮-୧୯ ବର୍ଷରେ ଓଡିଶା ପ୍ରଶାସନିକ ସେବାରେ ୨୦ତମ ସ୍ଥାନ ହାସଲ କରିଛନ୍ତି କଣ୍ଟାବାଞ୍ଜିର ବିଭୂତି ମହାପାତ୍ର। ସଫଳତା ପାଇବା ପରେ ଶୁକ୍ରବାର ସନ୍ଧ୍ୟାରେ ସେ ଭୁବନେଶ୍ୱରରୁ ଆସି କଣ୍ଟାବାଞ୍ଜିରେ ପହଞ୍ଚି ଥିଲେ। ସହରର ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଜ୍ଞାନରଞ୍ଜନ ଜାତୀୟ ସ୍କୁଲ ବଲ ବ୍ୟାଡମିଣ୍ଟନ ପାଇଁ ମନୋନୀତ

**ଲୋଇସିଂହା,୧୦।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁରୋମୁଣ୍ଡା ହାଇସ୍କୁଲର ଛାତ୍ର ଜ୍ଞାନରଞ୍ଜନ ନାଏକ ସ୍କୁଲବଲ ବ୍ୟାଡମିଣ୍ଟନ ଖେଳରେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରର ୱେଷ୍ଟ ଗୋଦାବରୀଠାରେ ହେବାକୁ ଥିବା ଏହି ପ୍ରତିଯୋଗୀତାରେ ସେ ଭାଗ ନେବେ। ସୂଚନାଯୋଗ୍ୟ ଯେ, ଜ୍ଞାନରଞ୍ଜନ ବ୍ଲକ ଓ ଜିଲାସ୍ତରରୁ ମନୋନୀତ ହୋଇ ମ୍ୟୁନସିପାଲିଟି ହାଇସ୍କୁଲ ବିଡାନାସୀ କଟକରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗନେଇ ଏହି କୃତିତ୍ୱ ହାସଲ କରିଛନ୍ତି। ବ୍ଲକ କ୍ରୀଡା ସଂଘ ସମ୍ପାଦକ ଶ୍ୟାମସୁନ୍ଦର ମେହେର ଓ ସ୍କୁଲ ଶାରୀରିକ କ୍ରୀଡା ଶିକ୍ଷକ ସତ୍ୟନାରାୟଣ ପଟେଲଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଏହି ସଫଳତା ହାସଲ କରିଥିବା ଜ୍ଞାନ ରଞ୍ଜନଙ୍କ ବାପା ଆନନ୍ଦ ନାଏକ କହିଛନ୍ତି।

### ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

**ପାଟଣାଗଡ, ୧୦।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ କେନ୍ଦୁମୁଣ୍ଡି ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଫୁଡୁକୁପଡାର ଜଗଦୀଶ ନାଏକ (୪୮)। ପାଟଣାଗଡରୁ ସେ ବାଇକ ନଂ ଓଆର ୧୭ ସି ୫୨୭୮ରେ ଗାଁକୁ ଯାଉଥିବା ବେଳେ ଜଲିଆ ଗ୍ରାମରୁ ପାଟଣାଗଡ ପଟକୁ ଆସୁଥିବା ବୋଲେରୋ କେନ୍ଦୁମୁଣ୍ଡି ବିଏସଏନଏଲ ଟାୱାର ନିକଟରେ ତାଙ୍କୁ ସାମନାରୁ ଧକ୍କା ଦେଇଥିଲା। ବାଇକ ଚୁରମାର ହୋଇଯାଇଥିବା ବେଳେ ଜଗଦୀଶଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପାଟଣାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ନଂଓ.ଆର.୦୩.ଜି. ୫୧୧୬ କୁ ଜବତ କରିବା ସହ ଡ୍ରାଇଭର ଲିଙ୍ଗ ବୁଡେକଙ୍କୁ ଅଟକ ରଖିଛି। ଏନେଇ ପାଟଣାଗଡ ଥାନାରେ ଏକ ମାମଲା (ନଂ. ୬/୨୦)ରୁଜୁ ହୋଇଛି।

### ଦିନ ଦ୍ୱିପ୍ରହରରେ ଲୁଟିନେଲେ ୩୫ ହଜାର ଟଙ୍କା

**ମୁରିବାହାଲ, ୧୦।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଅଣ୍ଡାଳଦୋରୋ ଏବଂ ବଡସାଇମରା ରାସ୍ତାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଏକ ଲୁଟ୍ ହୋଇଥିବା ଘଟଣା ଥାନାରେ ଅଭିଯୋଗ ହୋଇଛି। ଲୁଟେରାମାନେ ଦିନ ଦ୍ୱିପ୍ରହରରେ ଭାରତ ଫାଇନାନ୍ସ କମ୍ପାନୀ ମ୍ୟାନେଜର ରାଜୀବ ସୁନାଙ୍କଠାରୁ ନଗଦ ୩୫, ୧୨୭ ଟଙ୍କା ସହିତ ଏକ ମୋବାଇଲ ଫୋନ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଘାଟକାଇଁତରା ଗ୍ରାମର ରାଜୀବ କଣ୍ଟାବାଞ୍ଜି ସ୍ଥିତ ଭାରତ ଫାଇନାନ୍ସରେ କାମ କରୁଛନ୍ତି। ଅଭିଯୋଗକୁ ଭିତ୍ତିକରି ମୁରିବାହାଲ ଥାନାରେ ଏକ ମାମଲା (ନଂ.୯/୨୦)ରୁଜୁ କରାଯାଇ ତଦନ୍ତ କରାଯାଉଥିବା ମୁରିବାହାଲ ଥାନା ଆଧିକାରୀ ତରା ଜସ୍ମିନ ଗୁରିଆ କହିଛନ୍ତି।

---

ବଲାଙ୍ଗୀର ବହିହାଟ ଦ୍ୱିତୀୟ ସନ୍ଧ୍ୟା

# 'କବିତା ପ୍ରାର୍ଥନାର ଯାତ୍ରାଟିଏ'

**ବଲାଙ୍ଗୀର ଅଫିସ, ୧୦।୧**



ବଲାଙ୍ଗୀର ବହିହାଟ ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା କବି ଓ କବୟିତ୍ରୀମାନେ।

କବିତା ପ୍ରାର୍ଥନାଟିଏ ସମଗ୍ର ବିଶ୍ୱ ପାଇଁ। କବିତା ମାନବିକତାର ସ୍ୱର। ବିଷାଦ ଭିତରେ କବିତା ଏକ ନିରବ ବିଶ୍ୱାସ। କବିତା ଏକ ପ୍ରେମଗୀତି। କବି ଗାଏ ମଣିଷ ପାଇଁ, ବିଶ୍ୱ ପାଇଁ। କବିତା ଭିତରେ ମଣିଷ ଖୋଜେ କେତେ କ'ଣ। କବିତା ଭିତରେ ପୁଣି ହଜେଇ ଦିଏ ନିଜକୁ। କବିତା ପ୍ରାର୍ଥନାର ଯାତ୍ରାଟିଏ ଯାହା କେବେ ସରିବ ନାହିଁ। କବି କେବଳ ପ୍ରେମ କରିଜାଣେ। ତା ଭିତରେ କେବଳ ପ୍ରେମମୟ ପ୍ରାର୍ଥନାର ସ୍ୱରଟିଏ ଶୁଭୁଥାଏ ବୋଲି ଅତିଥି କବି ଓ କବିୟିତ୍ରୀମାନେ ଶୁକ୍ରବାର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ପୁରୁଣା ମଞ୍ଚରେ ଆୟୋଜିତ ବଲାଙ୍ଗୀର ବହିହାଟ ଦ୍ୱିତୀୟ ସନ୍ଧ୍ୟାରେ କହିଛନ୍ତି। କବି ଡ ପ୍ରହ୍ଲାଦ ଶତପଥିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କବିତାର କଳ୍ପଲୋକ ବିଷୟରେ ଅତିଥି କବି ଓ କବିୟିତ୍ରୀମାନେ ଆଲୋଚନା କରିଥିଲେ। ମଣିଷର ସାମ୍ପ୍ରତିକ ସ୍ଥିତି ଭିତରେ କବିତାର ସ୍ଥାନ ନିରୂପଣ କରିଥିଲେ। ସମସ୍ତ କବି ଓ କବୟିତ୍ରୀ ଏକା ସ୍ୱରରେ କହିଥିଲେ ଯେ କବିତା ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଏକ ପ୍ରାର୍ଥନାର ଯାତ୍ରା ଯାହା କେବେ ନିଃଶେଷ ହେବନାହିଁ। ଏହି ସଭାରେ ପ୍ରଥମେ ଜିଲା ଲେଖକ ପରିଷଦ ସଭାପତି ମଳୟ ମିଶ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସମ୍ପାଦକ କପିଳେଶ୍ୱର ଖମାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚକଭାବେ କବି ବିଜୟ କୁମାର ତ୍ରିପାଠୀ, ଡା ଶୁଭେନ୍ଦୁସୁଧା ଷଡଙ୍ଗୀ, କବିୟିତ୍ରୀ ମୁକୁଳ ମିଶ୍ର, ବିନତୀ ଶତପଥି, ରଞ୍ଜିତା ପଣ୍ଡା, ଉମାକାନ୍ତ ମହାପାତ୍ର, ବିଚିତ୍ର ମହାପାତ୍ର ଓ ସଙ୍ଗୀତା ପଣ୍ଡା ଷଡଙ୍ଗୀ ଯୋଗଦାନ କରିଥିଲେ। କବି, କବୟିତ୍ରୀମାନେ ନିଜସ୍ୱ କବିତା ପାଠ କରିଥିଲେ। ଏସବୁ କବିତା ସମୀକ୍ଷା କରିଥିଲେ ସମୀକ୍ଷକ ବିଜୟ ପ୍ରଧାନ। ସଭାଟି ସାହିତ୍ୟ ଓ କବିତାମୟ ହୋଇଉଠିଥିଲା। ଏହି ଅବସରରେ ଅପରାହ୍ଣରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିଅର ଗ୍ରୁପରେ ମାନସିକ ସୁନା ପ୍ରଥମ, ମାନବ ବର୍ମା ଦ୍ୱିତୀୟ, ରେସ୍‌ମା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିନିଅର ଗ୍ରୁପରେ ଅଙ୍କିତ ରାଜପୁତ୍ ପ୍ରଥମ, ଜି ଯୁଦଦନଧରା ରାଓ ଦ୍ୱିତୀୟ ସ୍ୱୟଂ ସାହାଣୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ଏହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାକୁ ରୁଦ୍ରଦେବ ପ୍ରଧାନ ଓ ସରୋଜ ମହାପାତ୍ର ବିଚାରକ ଭାବେ ପରିଚାଳାନା କରିଥିଲେ। ଶେଷରେ ପରିଷଦ ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଭାଲୁ ଆକ୍ରମଣରେ ଆହତ ବୃଦ୍ଧାଙ୍କୁ ସହାୟତା

**କୋମନା,୧୦।୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଲର୍କି ଗ୍ରାମର ଜଣେ ବୃଦ୍ଧା ମହିଳାଙ୍କୁ ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଗତବର୍ଷ ଉକ୍ତ ଗ୍ରାମର ଯାଦ ବିଶ୍ୱାଳ(୭୦) ନିକଟସ୍ଥ ଜଙ୍ଗଲକୁ ଶଉଚ ପାଇଁ ଯାଇଥିବା ବେଳେ ଅତର୍କିତ ଭାବେ ଏକ ଭାଲୁ ପଛପଟୁ ଆକ୍ରମଣ କରିଥିଲା। ଆକ୍ରମଣରେ ବୃଦ୍ଧା ଗୁରୁତର ଆହତ ଅବସ୍ଥାରେ ନୂଆପଡା ଜିଲା ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସା ହୋଇଥିଲେ। ଚିକିତ୍ସା ପରେ ବନ ବିଭାଗ ଅଧିକାରୀ କ୍ଷତିପୂରଣ ଦେବା ପାଇଁ ଲିଖିତ ଭାବେ ଜଣାଇଥିଲେ। ତାଙ୍କ ଦରଖାସ୍ତକୁ କୋମନା ବନ ବିଭାଗ ଖଡିଆଳ ଡିଏଫଓ ଙ୍କ ନିକଟକୁ ପଠାଇଥିଲେ। ଦରଖାସ୍ତକୁ ଡିଏଫଓ ଗ୍ରହଣ କରି ମହିଳାଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଅନୁମୋଦନ କରିଥିଲେ। ଉକ୍ତ ସହାୟତା ରାଶି ମହିଳାଙ୍କୁ କୋମନା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ରେଞ୍ଜର ଜଗଦିଶ ଦୁରିଆ ଓ ଫରେଷ୍ଟର ଦୁର୍ଯ୍ୟୋଧନ ଦିକ୍ଷିତଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି।

## କରମତଲାରେ ପୁଷ୍ୟାଭିଷେକ


ପୁଷ୍ୟାଭିଷେକ ଅବସରରେ ଉପସ୍ଥିତ ସନ୍ଥ ଓ ଶ୍ରଦ୍ଧାଳୁ।

**ଟିକ୍ରାପଡା,୧୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ଗିରିଗୋବର୍ଦ୍ଧନ ମଠରେ ପୁଷ୍ୟାଭିଷେକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭୁଗିରିରାଜଙ୍କ ନୀତିକାନ୍ତି, ଦେବସ୍ନାନ, ସିଂହାର ବେଶ ପରେ ପୁଷ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମନ ବାଗ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳୁ ଶତପଥୀ, ଉମ୍ବରୁଧର ଶତପଥୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀମତ ଭାଗବତ ପାରାୟଣ ହୋଇଥିଲା। ପ୍ରମୋଦ ପଣ୍ଡା ପୁରାଣ ପାଠ କରିଥିଲେ। ଶ୍ରୀରାମ କଥାକାର ଲିଙ୍ଗରାଜ ବେହେରା, ସନ୍ଥ ବାଳକ ଦାସ, ସଥ୍ୟ ସାହୁ, ରଜନୀକାନ୍ତ ବର୍ଗର୍ତ୍ତି ପ୍ରବଚନ ପ୍ରଦାନ କରିଥିଲେ। ଠିକାଦାର ମନହୀରା ଓ ସାଥି, ଟିକେଟନ ବାଗ ଓ ସାଥି, ରଶ୍ମିରଞ୍ଜନ ଓ ସାଥି ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ସନ୍ଥ ସୁରଜମଲ ଦାଶ, ମୈନା ବାବା, ଜଟିଆ ବାବା, ସନ୍ଥ ବଳରାମ ଦାଶ, ବିଶ୍ୱମ୍ଭର ବାବା, ମାନଚନ ବାବା, ଲକ୍ଷ୍ମଣ ବାବାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଯାଦବ ସମାଜ ସଭାପତି ମନୋହର ବାଗ, ଇଂ. ମାନବେନ୍ଦ୍ର ବାଗ, ସଂକୀର୍ତ୍ତନ୍ୟ ବର୍ଗର୍ତ୍ତି, ଉଦ୍ଧବ ବର୍ଗେ, ଯଦୁ ମହାକୁର ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୁଷ୍‌ପୂନି ଜୁହାର ଭେଟ୍‌ଘାଟ କାର୍ଯ୍ୟକ୍ରମ

**ମୁରିବାହାଲ, ୧୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ବ୍ଲକ ସଭାପତି ପ୍ରଫୁଲ୍ଲ ବଘାରଙ୍କ ସଭାପତିତ୍ୱରେ ପୌଷପୂର୍ଣ୍ଣିମା ଉପଲକ୍ଷେ ଏକ ପୁଷପୂନି ଜୁହାର ଏବଂ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୁବନେତା ସେଜି ସିଂ ସାଲୁଜା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକର ବହୁ ବରିଷ୍ଠ କଂଗ୍ରେସ ନେତା ସାମିଲ ହୋଇଥିଲେ। ଆଗାମୀ ସମୟରେ ଅଞ୍ଚଳରେ କିପରି ଚାଷୀମାନଙ୍କର ଉନ୍ନତି ହେବ, ବୀମାରାଶି ଠିକ୍ ସମୟରେ ମିଳିବ ଓ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ବାଟ ଖୋଲିବ ତାହା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଭୀମ ପ୍ରଧାନ, ଯଦୁପତି ଅଗସ୍ତି, ତପନ ବଘାର, ପ୍ରଦୀପ ଠାକୁର, ଅନ୍ତରାମ ପଧାନ, ଖୁସି ପ୍ରଧାନୀ, ନରେନ୍ଦ୍ର ବନଛୋର, ସାଗର ଛତରିଆ, ବିଭୀଷଣ ମହାନନ୍ଦ, ବେଲାରସେନ ବେହେରା, ରାଜେଶ ହେର୍ଣ୍ଣା ମୁନା ବହିଦାର ପ୍ରମୁଖ କଂଗ୍ରେସ କର୍ମୀ ଯୋଗଦେଇଥିଲେ।


ପିଲାମାନେ ବୁଡିବାହାଲ ଗାଁରେ ଛେରଛେରା ମାଗୁଛନ୍ତି।

## ପୁଷ୍‌ପୂନି : ଖପ୍ରାଖୋଲ ଉତ୍ସବମୁଖର

### କେଉଁଠି ଛେ ଛେରଛେରା ତ, କେଉଁଠି ନାଚଗୀତ

**ଖପ୍ରାଖୋଲ, ୧୦।୧(ଡି.ଏନ.ଏ.)**

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ପୁଷ୍‌ପୂନି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଶୁକ୍ରବାର ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ପାଗ ଅନୁକୂଳ ସହ ଭଲ ଫସଲ ହୋଇଥିବାରୁ ଲୋକଙ୍କ ମଧ୍ୟରେ ବେସ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଗାଁଗାଁରେ ସକାଳୁ ପିଲାମାନେ ପରମ୍ପରା ଅନୁଯାୟୀ ଛେଛେରଛେରା ଡାକ ପକାଇ ଘର ଘର ବୁଲିଥିଲେ। ଲୋକେ ବି ଖୁସିରେ ଧାନ, ଟଙ୍କା, ପିଠା ଆଦି ବାଣ୍ଟିଥିଲେ। ପରମ୍ପରା ଅନୁଯାୟୀ ପୁଷ୍‌ପୂନି ହେଉଛି କୃଷିଭିତ୍ତିକ ପର୍ବ। ଚାଷୀ ଚାଷ କାମ ଶେଷ ପରେ ଫସଲ ଅମଳ ପରେ ଖୁସିରେ ନାନପ୍ରକାରର ପିଠା, ମାଛ,ମାଂସ ଆଦି ପ୍ରସ୍ତୁତ କରି ଖାଉଥିବାବେଳେ କୃଷି ଶ୍ରମିକ, ବିଭିନ୍ନ ସେବାକାରୀମାନଙ୍କ ପାଇଁ ପୁଷ୍‌ପୂନି ହେଉଛି ବର୍ଷର ଶେଷ। ଏବେ ସେ କୃଷି ଶ୍ରମିକ ପ୍ରଥା ନ ଥିଲେ ବି ପରମ୍ପରା ଅନୁଯାୟୀ ବର୍ଷ ବର୍ଷ ଧରି ପାଳିତ ହୋଇଆସୁଛି। ଚଳିତ ବର୍ଷ ଚାଉଳବାଞ୍ଜି ଗାଁରେ ସାଂସ୍କୃତିକ ଦଳ ଘରଘର ବୁଲି ନାଚ, ଗୀତ, ବାଦ୍ୟର ତାନେ ତାନେ ଛେ ଛେରଛେରା ଡାକ ଛାଡୁଥିବା ଦେଖାଯାଇଥିଲା। ସେହିପରି ବେନକେରା ଗାଁରେ ବୟସ୍କ ବ୍ୟକ୍ତିମାନେ ପାରମ୍ପରିକ ଦଣ୍ଡାନାଚ ପରିବେଷଣ କରି ପୁଷ୍‌ପୂନିକୁ ମନାଇଥିଲେ।



ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ପବ୍ଲିକ ୱେଲଫେୟାର ଏବଂ ଚାରିଟେବଲ ଟ୍ରଷ୍ଟ 'ଡିବିରି' ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିଧାୟକ ମୁକେଶ ମହାଲିଙ୍ଗ ଓ ନିମନ୍ତ୍ରିତ ଅତିଥିମାନେ ଅନୁଷ୍ଠାନ ଲୋଗୋକୁ ଉଦ୍‌ଘାଟନ କରୁଛନ୍ତି।

## ଷ୍ଟେଶନ, ରେଲୱେ କଲୋନୀରେ ମିଳୁନି ପିଇବା ପାଣି

**ଲୋଇସିଂହା,୧୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟେଶନରେ ଜଳ ପରିଚାଳନାରେ ଅବ୍ୟବସ୍ଥା ଲାଗି ରହିଛି। ଏହା ଫଳରେ ଷ୍ଟେଶନ ଓ ସ୍ଥାନୀୟ ରେଳୱେ କଲୋନୀରେ ପିଇବା ପାଣି ମିଳୁନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କଲୋନୀ ଅଧିବାସୀ ସମ୍ବଲପୁର ଡିଆରଏମଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ମତେ, ଲୋଇସିଂହା ଷ୍ଟେଶନ ରେଲୱେ କଲୋନୀରେ ୧୭ ପରିବାର ଓ ଯାତ୍ରୀଙ୍କୁ ଜଳଯୋଗାଣ ପାଇଁ ଷ୍ଟେଶନରେ ଫ୍ରିଜର ଓ ଷ୍ଟାଣ୍ଡପୋଷ୍ଟ ବ୍ୟବସ୍ଥା ରହିଛି। ହେଲେ ଅନେକ ସମୟରେ ଷ୍ଟେଶନ ପାଣି ପମ୍ପ ଚଳାଇବାରେ ଅଚଳବାସ୍ଥା ଦେଖାଦେଇଛି। ଷ୍ଟେଶନରେ ଅନେକ ସମୟରେ ଯାତ୍ରୀ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାବାଦ ରେଳୱେ କଲୋନୀର ୧୭ ପରିବାର ପାଣି ପାଇ ପାରୁ ନ ଥିବା ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଷ୍ଟେଶନ ମାଷ୍ଟର ରାଜେଶ କୁମାର କହନ୍ତି, ରାତ୍ରିକାଳୀନ କର୍ମଚାରୀଙ୍କ ଅବହେଳାରୁ ଏହି ସମସ୍ୟା ଦେଖାଇଦେଇଛି। କଲୋନୀ ଅଧିବାସୀ ଡିଆରଏମଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେ କହିଥିଲେ। ସମାଧାନ ପାଇଁ ଆଲୋଚନା ହୋଇଥିବା ପ୍ରକାଶ କରିଥିଲେ।

## କୁଲିଆବାହାଲରେ ଶ୍ରୀରାମାଭିଷେକ ମହୋତ୍ସବ

**ଦେଓଗାଁ, ୧୦।୧(ଡି.ଏନ.ଏ.)**


କୁଲିଆବାହାଲରେ ପୌଷପୂର୍ଣ୍ଣିମା ଉପଲକ୍ଷେ ଶ୍ରୀରାମ ରଥ ଟଣାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ କୁଲିଆବାହାଲରେ ଅନୁଷ୍ଠିତ ଶ୍ରୀରାମାଭିଷେକ ମହୋତ୍ସବ ଶୁକ୍ରବାର ଶ୍ରୀରାମ ରଥଯାତ୍ରା ସହ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମାନସ ବିହାରଠାରେ ଗତ ୯ ଦିନ ଧରି ଚାଲିଥିବା ତୁଳସୀ ରାମାୟଣ ପାରାୟଣ ଓ ଶ୍ରୀରାମାଭିଷେକ ମହୋତ୍ସବ ଉଦଯାପନୀ ଦିବସ ପୌଷପୂର୍ଣ୍ଣିମାରେ ଭଗବାନ ଶ୍ରୀରାମଙ୍କୁ ଏକ ସୁସଜ୍ଜିତ ରଥରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ବ୍ୟାସଭାବେ ପ୍ରଶାନ୍ତ କୁମାର ମିଶ୍ର, କର୍ତ୍ତା ହଳଧର ସିଂ ଚିନ୍ଦା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ସୀତାଚୋରୀ ଗୀତିନାଟ୍ୟ ତଥା ଆଞ୍ଚଳିକ କାଳାକାରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଗତ ୧୯୮୮ ମସିହାରୁ ଏଠାରେ ଆରମ୍ଭ ହୋଇଥିବା ବେଳେ ଆଜକୁ ୨୨ବର୍ଷହେଲା ପାରାୟଣ ଅନୁଷ୍ଠିତ ହୋଇଆସୁଛି। ସେହିପରି ସିଲେଟକାନୀରେ ଶ୍ରୀରାମଚନ୍ଦ୍ରଙ୍କ ରାମାଭିଷେକ ଅନୁଷ୍ଠିତ ହୋଇଥିଲା।

ସର୍ବ ଭାରତୀୟ ପାଟଣା କପ୍

## କଟକ ସୋଲାର ସେମିରେ

**ପାଟଣାଗଡ, ୧୦।୧ (ଡି.ଏନ.ଏ.)**



କଟକର ଦିବ୍ୟଜ୍ୟୋତି ରଥଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।

ବଲାଙ୍ଗୀର ଜିଲା ପାଟଣାଗଡ ରମାଇ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୧୯ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ନାମେଣ୍ଟର ବି ପୁଲର ଦ୍ୱିତୀୟ ଲିଗ ମ୍ୟାଚ ଶୁକ୍ରବାର ରାଞ୍ଚି ସେରସା ଏବଂ କଟକ ସୋଲାର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୭.୩ ଓଭରରରେ ସମସ୍ତ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ କଟକ ସୋଲାର ୨୨.୩ ଓଭରରେ ୪ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ବିଜୟ ହାସଲ କରି ବି ପୁଲର ସେମି ଫାଇନାଲରେ ପ୍ରବେଶ କରିଛି। କଟକର ଦିବ୍ୟଜ୍ୟୋତି ରଥ ୪୬ ରନ ସର୍ବାଧିକ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଲାୟନ୍ସ କ୍ଲବ ପାଟଣାଗଡ ତରଫରୁ ଲାୟନ୍ସ ମନୋଜ ନନ୍ଦ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ପୃଥ୍ୱୀରାଜ ମିଶ୍ର ଏବଂ ସତ୍ୟ ରଥ ପରିଚାଳନା କରିଥିଲେ। ସ୍କୋରର ଥିଲେ ରାଜେନ୍ଦ୍ର ସେଠ ଓ ଗଜାନନ ଭୋଇ। ପୂର୍ଣ୍ଣଚନ୍ଦ୍ର ମେହେର ଓ ନାରାୟଣ ମାଝିଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପୁଲ 'ବି' ର ସେମି ଫାଇନାଲ ମ୍ୟାଚ ନାଗପୁର କରିମ ସ୍ପୋର୍ଟିଂ ଏବଂ କଟକ ସୋଲାର ମଧ୍ୟରେ ଅନୁଷ୍ଠିତ ହେବ।





## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର: ଯୁବକ ଅଟକ

**ଭବାନୀପାଟଣା,୧୦।୧(ଡି.ଏନ୍.ଏ.):** କଳାହାଣ୍ଡି ଜଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ବିଲରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଯୁବକ ଜଣକ ଥୁ.ରାମପୁର ଥାନା ଗୁଣପୁର ପଞ୍ଚାୟତ ସିଆଲିପଦର ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଗତ ମଙ୍ଗଳବାର ରାତିରେ ଯୁବତୀ ଜଣକ ଘରେ ଖାଇ ଦାଦାଙ୍କ ଘରକୁ ଶୋଇବାକୁ ଯାଉଥିଲେ। ସେତିକିବେଳେ ଯୁବକ ଜଣକ ଯୁବତୀଙ୍କୁ ଟେକି ନେଇ ବଳାତ୍କାର କରିଥିଲା। ପରେ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ନିକଟସ୍ଥ ଏକ ସୋରିଷ ବାଡିରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ଝିଅଙ୍କୁ ଖୋଜାଖୋଜି କରି ପରିବାର ଲୋକ ବିଲରୁ ଉଦ୍ଧାର କରିଥିଲେ। ବୁଧବାର ଯୁବତୀଙ୍କ ବାପା ଥୁଆମୂଳ ରାମପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛଛି।

# ଆଧୁନିକତା ଭିତରେ ହଜିଯାଉଛେ ପୁଷ୍‌ପୁନି

**ଭବାନୀପାଟଣା, ୧୦।୧ (ଡି.ଏନ.ଏ)**

ନୂଆଁଖାଇ ଲେଖେଁ ପୁଷ୍‌ପୁନି ବି ପଶ୍ଚିମ ଓଡ଼ିଶାର ଗୁଟେ ସିଘା ଆର କୃଷି ଭିତିକ୍ ପରବ୍। ଫିବଛର ପୁଷ୍ ମାସର ପୁନି ଦିନ ଇ ପରବ୍ ପଶ୍ଚିମ ଓଡ଼ିଶାର ଗାଁଗଁଲିନୁ ସହର ତକ୍ ସବୁନେ ପାଳନ ହେସି। ପରଥା ହିସାବେ ପୁଷ୍‌ପୁନି ବେଲେ ଚାଷ୍‌ବାସ, ଧାନ୍ ଅମଲ ସରସି। ଗଁତିଆ, ବିରତିଆ, ସାହୁକାରମାନେ ଚାଷ୍‌ବାସ ଲାଗି ରଖିଥିବାର ହଲିଆଗୁତିକୁ ଇ ଦିନ ଭୂଜିଭାତ, ପିଠାମଡ଼ା, ନୂଆଁ କପଡ଼ାଲତା, ବାକିଆ ଭୁତିବରତନ ଦେଇ ବିଦାକି ଦେସନ୍। ଇ ଦିନ ଗାଁଗଁଡ଼ାମାନକେ ପିଲାମାନେ, ଶ୍ରମିକ ଶ୍ରେଣୀର ଲୋକ୍‌ମାନେ ଦଲ୍ ଦଲ୍ ହେଇ ଗୀତ୍ ଗାଇ ଗାଇ ଘରକେ ଘର ଛେର୍‌ଛେରା ମାଗ୍‌ସନ। ଘରର ମାଏକିନାମାନେ ବି ଉସ୍‌ନାକ୍‌ରେ ଯେ ଯେନ୍ତା ଛେର୍‌ଛେରା ମାଗୁଥିବାର ପିଲାମାନକୁ ଧାନ ଚାଉଲ, ପିଠାମଡ଼ା, ଟଁକା ପଏସା ଦେସନ୍। ଇ ପରବ୍‌କେ ଧନୀନୁ ଗରିବ୍ ସଭେ ଉସ୍‌ନାକ୍‌ରେ ପାଳନ କରସନ୍। ଘରେ ହେଇଥିବାର ପିଠାମଡ଼ା, ଭାତଡୁନ ବି ନିଜର ମିତାମଏତର, ଲାଗେଲେସରମାନକର ଘରକେ ପଠାସନ୍। ଇ ଉଧେ ଶୁକୁରବାର ଦିନ କଳାହାଣ୍ଡି ଜିଲାର ଭିନେ ଭିନେ ଗାଁଗଁଡ଼ାଥି ଲୋକ୍ ବଡ଼ା ଉସ୍‌ନାକଥି ପୁଷ୍‌ପୁନି ପାଲନ କରୁଥିବାର ଦେଖିବାକେ ମିଲିଥିଲା। ଇଥିରଲାଗି ଅନେକ ଜାଗାରେ ସାଂସ୍କୃତିକ କାଯ୍‌କରମ, ଖେଲ୍‌କୁଦ୍ ପରତିଯୋଗିତା ବି ହେଇଥିଲା। ପରବ୍ ଦିନ ଗାଁଗଁଡ଼ାମାନକେ ପିଠାମଡ଼ାର ମହକ୍‌ନୁ ଲୁକ୍‌କର ଭିତ୍‌ରେ ଥିବାର ଭାବ୍‌ପେମ୍‌ର ମହକ୍‌ଟା ଅଧିକା ଦେଖିବାକେ ମିଲିଥିଲା। ହେଲେ ଇ ଆଧୁନିକ୍ ଯୁଗେ ଚାଷ୍‌ବାସ ଲାଗି ଆର ଆଘର ଲେଖେଁ ହଲିଆଗୁତି, ହଲ୍‌ନଂଗଲର ଦରକାର ନାଇଁପଡ଼ବାର। ସବୁ କାମ୍ ଯନ୍ତ୍ରପାତିଥି ହେଇଯାଉଛେ। ସେନ୍‌ତା ବିଦେଶୀ ସଂସ୍କୃତି ପରଭାବରେ ଆମର ସଂସ୍କୃତି, ପରଂପରା, ଇତିହାସକେ ଲୋକ୍ ଦିନୁ ଦିନ୍‌କେ ପାସ୍‌ରି ଦେଉଛନ୍। ଯଦି ଏନ୍‌ଥେଇ ଆର ବଛରକେତେ ଗଡ଼ିଯିବା ତ ଆଗ୍‌ଲା ପିଢ଼ି ପୁଷ୍‌ପୁନି ବଏଲେ କାଣା ନାଇଁ ଜାନିପାରନ୍। ଇ ତିହାର ଉପରେ ଲୋକ୍ କହୁଥିବାର କଥାକେ ଶୁନ୍‌ବେ ଆର ପରବ୍‌ର ଅସଲ ମଂଜ୍‌ଟା ନାଇଁ ପାଇପାରନ୍। ଆମର ସଂସ୍କୃତି, ପରଂପରା, ଇତିହାସକେ ବଁଚେଇ ରଖିବାକେ ହେଲେ ଆମ୍‌କୁ ସମ୍‌କୁ ଏଭୁ ସଚେତନ ହେବାକେ ପଡ଼ବା ବଲି ବୁଧିଜୀବୀ ମହଲରେ ମତ୍‌ପରକାଶ ପାଉଛେ।



ପୁଷ୍‌ପୁନି ଉଧେ ଛୁଆମାନେ ଛେର୍‌ଛେରା ମାଗୁଛନ୍।



ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଆହାର କେନ୍ଦ୍ରରେ ଦୁଇ ପିଲାଙ୍କ ସହ ଭାତ ଖାଉଛନ୍ତି।

# ଆହାର କେନ୍ଦ୍ରରେ ଖାଇ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଭବାନୀପାଟଣା, ୧୦।୧ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆହାର କେନ୍ଦ୍ରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ୨ ମନ୍ତ୍ରୀ ଭାତ ଡାଲମା ଖାଇ କାର୍ଯ୍ୟର ସମୀକ୍ଷା କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଶୁକ୍ରବାର ରାଜ୍ୟ ସରକାରଙ୍କ ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଓ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ହଠାତ୍ ଭବାନୀପାଟଣାସ୍ଥିତ ଆହାର କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ଖାଦ୍ୟର ମାନ ଅନୁଧ୍ୟାନ କରି ଛୋଟ ଦୁଇ ପିଲାଙ୍କ ସହ ମନ୍ତ୍ରୀ ମିଶ୍ର ଭାତ ଖାଇଥିଲେ। ପରେ ଲାଲବାହାଦୁର ଷ୍ଟାଡିୟମଠାରେ ଥିବା ଟେନିସ କୋର୍ଟର ଉନ୍ନୟନ କାମ ଓ ନିର୍ମାଣାଧୀନ ଚାଲିଥିବା ଟାଉନହଲ ଓ ଆଶା ସାଗରର ସମୀକ୍ଷା କରିଥିଲେ।

# ଓଡ଼ିଶା-ଛତିଶଗଡ଼ ସୀମାନ୍ତରୁ ମୃତଦେହ ଉଦ୍ଧାର

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ପର୍ଲା, ୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ପଞ୍ଚାୟତ ଅନ୍ତର୍ଗତ ସେମେଲା ଗ୍ରାମ ନିକଟ ଛତିଶଗଡ଼ ସୀମାନ୍ତରୁ ଶୁକ୍ରବାର ଛତିଶଗଡ଼ ଦେଭୋଗ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାରେ କରିଛି। ସେ ହେଲେ ପର୍ଲା ପଞ୍ଚାୟତ ଲଛିପୁର ଗ୍ରାମର ତର୍ପ ସୁନାନୀ(୫୦)। ଅନ୍ୟପକ୍ଷେ ତର୍ପଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ରହିଛି। ଏନେଇ ପରିବାର ଲୋକେ ତର୍ପଙ୍କୁ ଯୋଜନା ମୁତାବକ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଦେଭୋଗ ଥାନା ଅଧିକାରୀ ସତେନ୍ଦ୍ର ସିଂ ସିଆମଙ୍କୁ ପଚାରିବାରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଏପରିକି ପୋଲିସ ଘଟଣାର ତଦନ୍ତ କରୁଥିବା କହିଛନ୍ତି। ପରିବାର ଲୋକଙ୍କ କହିବା ମୁତାବକ, ତର୍ପ ସକାଳ ୯ଟାରେ ଘରୁ ବାହାରି ଥିଲେ। ହେଲେ ଅପରାହ୍ନ ପ୍ରାୟ ୨ଟାରେ ସେମେଲା ଗ୍ରାମ ନିକଟ ଛତିଶଗଡ଼ ସୀମାନ୍ତରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଖବର ପ୍ରଚାରିତ ହୋଇଥିଲା। ତର୍ପଙ୍କ ବଡ ପୁଅ ଜୟରାମ ସୁନାନୀ(୩୦) ମଧ୍ୟ ଦେଖିବାକୁ ଯାଇଥିଲେ। ଦେଭୋଗ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ପୁଅ ତର୍ପଙ୍କ ବାପା ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ଧର୍ମଗଡ଼ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଦେଭୋଗ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତର୍ପଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଗ୍ରାମବାସୀ ଉଚ୍ଚସ୍ତରୀୟ ତଦନ୍ତ କରି ଘଟଣାର ପର୍ଦ୍ଦାଫାଶ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।



କୃତୀ ଖେଳାଳିଙ୍କୁ କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# କଳାହାଣ୍ଡିର ଉତ୍କର୍ଷ ପ୍ରଦର୍ଶନ

**ଜୁନାଗଡ଼,୧୦।୧ (ସ୍ୱ.ପ୍ର.)**

ଗତ ୪ ଓ ୫ ତାରିଖ ଦୁଇ ଦିନ ଧରି ବ୍ରହ୍ମପୁର ସହରର ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନ ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସନ୍ଦିପ ସାହୁ, ସମ୍ପାଦକ ବବ୍ରୁବାହାନ ବୁଦ୍ଧିଆ ଏବଂ କୋଚ ରବିନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ୨୮ ଜଣ ଖେଳାଳି ଭାଗ ନେଇଥିଲେ। ତନ୍ମଧ୍ୟରୁ ୧୭ ଜଣ ଖେଳାଳି କୃତିତ୍ୱ ହାସଲ କରିଥିଲେ। ବ୍ରହ୍ମପୁରର ଟ୍ୟାବ ଫିଷ୍ଟ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ଟୁର୍ନାମେଣ୍ଟର ବିଭିନ୍ନ ବିଭାଗ ପାଇଁ କଳାହାଣ୍ଡିରୁ ୮ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୮ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ଜିଲା ମୁଖ୍ୟାଳୟ ଭବାନୀପାଟଣାରେ ଟାଏକୋଣ୍ଡୋ ଆସୋସିଏଶନକୁ ସରକାର ପକ୍ଷରୁ ତାଲିମ ପାଇଁ ବ୍ୟବସ୍ଥା କଲେ ଅନେକ ଖେଳାଳି ଅଧିକ ଦକ୍ଷତାର ସହିତ ରାଜ୍ୟ, ଦେଶ ଓ ଅନ୍ତର୍ଜାତୀୟସ୍ତରରେ ନିଜର ଶ୍ରେଷ୍ଠ ପଦର୍ଶନୀ କରି ଅଞ୍ଚଳ ପାଇଁ ଗୌରବ ଆଣି ପାରନ୍ତେ ବୋଲି ଆସୋସିଏଶନ ସଭାପତି ସନ୍ଦିପ ସାହୁ କହିଛନ୍ତି। ବ୍ରହ୍ମପୁରରୁ ଫେରିବା ପରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟୋକନ ଦାବିରେ ଅନଶନ

**କଲମପୁର,୧୦।୧ (ଡି.ଏନ.ଏ)**

କଳାହାଣ୍ଡି ଜିଲା କଲମପୁର ବ୍ଲକରେ ଧାନ କିଣାରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଆନ୍ଦୋଳନ ଦିନକୁ ଦିନ ତେଜିବାରେ ଲାଗିଛି। ଗତ ୧୫ ଦିନ ତଳେ ଡାଟାବେଶରେ ନାମ ନ ଥିବାରୁ କଲମପୁର ପ୍ୟାକ୍ସ ଅଧୀନରେ ଥିବା ଚାଷୀମାନେ ଟୋକନ ପ୍ରଦାନ ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଥିଲେ। ଗୁରୁବାର ଚାଷୀମାନେ ପୁଣି ଟୋକନ ପ୍ରଦାନ ଦାବିରେ ତହସିଲ କାର୍ଯ୍ୟାଳୟ ଭିତରେ ଧାନ ରଖି ଉପଜିଲାପାଳଙ୍କ ଗାଡିକୁ ଅଟକ ରଖି ଗାଡି ଆଗରେ ଶୋଇପଡିଥିଲେ। ଉପଜିଲାପାଳ ଚାଷୀଙ୍କୁ ବୁଝାଶୁଝା ପରେ ଗାଡି ଛାଡି ଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଚାଷୀ ପୁଣି ଟୋକନ ପ୍ରଦାନ ଦାବିରେ କଲମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଅନ୍ଦୋଳନ ସ୍ଥଳରେ କଲମପୁର ତହସିଲଦାର ଦିବାକର ବାଗ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଟୋକନ ନ ମିଳିବା ପର୍ଯ୍ୟନ୍ତ ଚାଷୀମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ଆନ୍ଦୋଳନକାରୀଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଖବର ପାଇ କଲମପୁର ଗୋଷ୍ଠୀ ଚିକିତ୍ସା ଅଧିକାରୀ ଶିବାଶିସ ସ୍ୱାଇଁ, ଡାକ୍ତର ଯୋଗେଶ ବେହେରା, ମାନସ ରଞ୍ଜନ ପଣ୍ଡା ପ୍ରମୁଖ ପହଞ୍ଚି ଅନଶନକାରୀ ରାଧେଶ୍ୟାମ ଶର୍ମା, ସଞ୍ଜୟ କୁମାର ପୁରୋହିତ, ବୈଦନାଥ ପୂଝାରୀ, ରମେଶ ସାହୁ, ଦୟାନିଧି ଗୁଆଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟପକ୍ଷେ ଚାଷୀମାନଙ୍କ ଅନଶନକୁ ସମର୍ଥନ ଜଣାଇ ପିସିସି ସଭ୍ୟ ଯୁବନେତା ଦିଗାମ୍ବର ଦୁରୀଆ ଯୋଗଦେଇ ରାଜ୍ୟ ସରକାରଙ୍କ ଚାଷୀମାରଣ ନିତିକୁ ବିରୋଧ କରି ସମାସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି କହିଥିଲେ। ଧର୍ମଗଡ଼ ବିଧାୟକ ମୌଷଧି ବାଗ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ ନେଇ କଳାହାଣ୍ଡି ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀଙ୍କୁ ମୋବାଇଲ ଫୋନରେ ଅବଗତ କରିଥିଲେ। ପରେ ବିଧାୟକ ବାଗ ଘଟଣାସ୍ଥଳରୁ ବାହାରୁଥିବା ବେଳେ ଆନ୍ଦୋନକାରୀମାନେ ତାଙ୍କ ଗାଡି ସମ୍ମୁଖରେ ଶୋଇପଡିଥିଲେ। ପରେ ବିଧାୟକ ଗାଡିରୁ ଓହ୍ଲାଇ ଚାଷୀଙ୍କୁ ପୁଣି ବୁଝାଶୁଝା କରିଥିଲେ। ପରେ କିଛି ସମୟ ରହିବା ପରେ ବିଧାୟକ ଘଟଣାସ୍ଥଳରୁ ଚାଲିଯାଇଥିଲେ। ହେଲେ ଚାଷୀଙ୍କ ଆନ୍ଦୋଳନ ଜାରି ରହିଥିଲେ। ଆନ୍ଦୋଳନରେ କଲମପୁର ୧ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ରାଉତ, ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ବିଜୟ ବିଶି, ଦେପୁର ସରପଞ୍ଚ ଭୋକଲୁ ବାଗ, ସମିତି ସଭ୍ୟ ଗଜେନ୍ଦ୍ର ବିହାର ପ୍ରମୁଖ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଜିଲା ଯୋଗାଣ ଅଧିକାରୀ ଏବଂ ଧର୍ମଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାସ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ୭ ଦିନ ମଧ୍ୟରେ ଚାଷୀଙ୍କୁ ଟୋକନ ପ୍ରଦାନ କରି ମଣ୍ଡିରୁ ଧାନ ଉଠାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ଅମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ବୁଢ଼ାଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ

**କେସିଙ୍ଗା,୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ଜଗନ୍ନାଥ ମନ୍ଦିର ପଡ଼ିଆରେ ଚାଲିଥିବା ବୁଢ଼ାଡଙ୍ଗର ମହୋତ୍ସବ-୨୦୨୦ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନାମ ନାଏକ ଯୋଗ ଦେଇଥିବାବେଳେ ଅତିଥି ଭାବେ ଡ. ହେମସାଗର ସାହା, କେସିଙ୍ଗା ମହାବିଦ୍ୟାଳୟର ଅଧକ୍ଷ କୈଳାଶ ଚନ୍ଦ୍ର ସାହା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ନାଏକ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ମହୋତ୍ସବରେ ଓଡ଼ିଶୀ, ଘୁମୁରା, ଲୋକନୃତ୍ୟ ସହ ମିସ୍ କେସିଙ୍ଗା ପ୍ରତିଯୋଗୀତା, ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ଦଳଗତ ନୃତ୍ୟ ଆଦି କାର୍ଯ୍ୟକ୍ରମ ହୋଇଥିଲା।

ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଦେଷ୍ଟା ସଭ୍ୟ ତଥା କେସିଙ୍ଗା ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# ଅସହାୟ ବୃଦ୍ଧାଙ୍କୁ ମିଳିଲା ଘର

**କୋକସରା,୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମର ଅସହାୟ ବିଧବା ବୃଦ୍ଧା ରାଧିକା ଖର୍ସେଲ(୮୬ଙ୍କ ଘର ନ ଥିବାରୁ ପାଇଖାନା କୋଠରିରେ ବହୁ କଷ୍ଟରେ ରହୁଥିଲେ। ଏନେଇ ୨୦୧୯ ନଭେମ୍ବର ୩୧ତାରିଖରେ ଧରିତ୍ରୀରେ ପାଇଖାନାରେ ବିତୁଛି ବୃଦ୍ଧାଙ୍କ ଜୀବନ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଥିଲା। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ ନିଜସ୍ୱ ଉଦ୍ୟମରେ ବୃଦ୍ଧାଙ୍କ ପାଇଖାନାକୁ ଲାଗି ଏକ ଗୃହ ନିର୍ମାଣ କରାଇଥିଲେ। ଘର ନିର୍ମାଣ କାମ ସମ୍ପୂର୍ଣ୍ଣ ହେବା ପରେ ରାଧିକାଙ୍କୁ ଘର ପ୍ରଦାନ କରାଯାଇଛି।

# ଶ୍ରୀରାମଙ୍କ ପୁଷ୍ୟାଭିଷେକ ଉତ୍ସବ

**ରିଷିଡା,୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅଧୀନ ବଡଡୁଙ୍ଗୁରୀଗୁଡାରେ ଶୁକ୍ରବାର ପୌଷ ପୂର୍ଣ୍ଣିମା ଅବସରରେ ଶ୍ରୀରାମଙ୍କ ପୁଷ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମଙ୍କୁ ବସାଇ ସଂକୀର୍ତ୍ତନ ସହ ରଥଟଣା ଯାଇଥିଲା। ବାଟରେ ବାବା ସିଦ୍ଧେଶ୍ୱରଙ୍କ ସହିତ ଗ୍ରାମର ସମସ୍ତ ଇଷ୍ଟଦେବୀ ସାମିଲ ହୋଇଥିଲେ। ପୂଜକ ଭାବେ ପ୍ରଦୀପ କୁମାର ମିଶ୍ର ଦାୟିତ୍ୱ ସମ୍ପାଦନ କରିଥିଲେ। ଗୋନ୍ତିଆ ପୂର୍ଣ୍ଣଚନ୍ଦ୍ର ଗହୀର ରଥରେ ଛେରାପହଁରା କାର୍ଯ୍ୟ କରିଥିବା ବେଳେ ସରୋଜ ମିଶ୍ର, ଲକ୍ଷ୍ମଣ ଭୋଇ, ସୂର୍ଯ୍ୟମଣି ମିଶ୍ର, ସୁରେନ୍ଦ୍ର ମିଶ୍ର, ଭବାନୀଶଙ୍କର ଷଡଙ୍ଗୀ, ଶଚିକାନ୍ତ ମିଶ୍ର, ଦ୍ୟୁତିପ୍ରକାଶ ମିଶ୍ର, ଶୋଭାକର ଗହୀର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜୁନାଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉଦ୍‌ଘାଟିତ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



ଉଦ୍‌ଘାଟନୀ ସମାରୋହରେ ମଶାଲ ଶୋଭାଯାତ୍ରା।





କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ।

**ଜୁନାଗଡ଼,୧୦।୧ (ଡି.ଏନ୍.ଏ:)**

କଳାହାଣ୍ଡି ଜିଲା ଜୁନାଗଡ଼ ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଜୁନାଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ସେଠାରୁ ବ୍ଲକ ନିକଟସ୍ଥ ତ୍ରୀନାଥ ମନ୍ଦିରକୁ ମଶାଲ ଅଣାଯାଇଥିଲା। ସେଠାରେ ପୁଣି ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ମଶାଲକୁ ଜୁନାଗଡ଼ ସହର ପରିକ୍ରମା କରି ଉତ୍ସବ ପଡ଼ିଆକୁ ନିଆଯାଇ ସ୍ଥାପନ କରାଯାଇଥିଲା। ଜୁନାଗଡ଼ ତହସିଲଦାର ତଥା ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ନୂର୍ଯ୍ୟ ମାଝି, ଉପାଧ୍ୟକ୍ଷ ଟଙ୍କଧର ନାଏକ, ବ୍ଲକ ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଆଇନଜୀବୀ ହିମାଂଶୁ ଶେଖର ବରାଡ ସଭା ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ପ୍ରସାଦ ଏଣ୍ଡ୍ ଗ୍ରୁପ ପକ୍ଷରୁ ସଙ୍ଗୀତ ପରିବେଷଣ କରଯାଇଥିଲା।

ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଧର୍ମଗଡ଼ ଉପଜିଲାପାଳ ପଦ୍ମନାଭ ମେହେର, ଜୁନାଗଡ଼ ବ୍ଲକ ଅଧକ୍ଷା ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଜିଲାପରିଷଦ ସଭ୍ୟ ଅମୋଜ କୁମାର ପଣ୍ଡା, ସରପଞ୍ଚ ସଂଘ ସଭାପତି ଶିବ ପ୍ରସାଦ ଭୋଇ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର ଐତିହ ସଂସ୍କୃତି ବହୁ ପୁରାତନ। ଏଠାକାର କଳାକାର ନିଜ ପ୍ରତିଭା ପ୍ରଦର୍ଶନ କରି ଜିଲା ପାଇଁ ଅନେକ ଗୌରବ ଆଣିଛନ୍ତି। ତେବେ ଜିଲାରେ ଆହୁରି ଅନେକ ପ୍ରତିଭା ଅଛନ୍ତି, ଯେଉଁମାନେ କି ଏବେ ବି ଲୁକାୟିତ ଅବସ୍ଥାରେ ରହିଛନ୍ତି। ଉକ୍ତ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା କଳାହାଣ୍ଡି ଉତ୍ସବ ଘୁମୁରାର ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜୁନାଗଡ଼ ତହସିଲଦାର ତଥା ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର କୁମାର ଲୁହା ସ୍ୱାଗତ ଭାଷଣ ଦେଇଥିଲେ। ସଭାକୁ ଆଇନଜୀବୀ ବରାଡ ପରିଚାଳନା କରିଥିଲେ। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ ସହ ପାଷ୍ଟିକୁଡିର ବଜାଶାଳ, ଭବାନୀପାଟଣା ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସିଙ୍ଗାରୀ, ମୃଣମୟୀ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ, ନୃତାଙ୍ଗନା ଅନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ, ନବରଙ୍ଗପୁର ପୂର୍ଣ୍ଣିମା ନୃତ୍ୟ ଏକାଡେମୀ ପକ୍ଷରୁ ଢେମସା, ଜୁନାଗଡ କଳାବିକାଶ କେନ୍ଦ୍ର ପକ୍ଷରୁ ଓଡିଶୀ, ବକ୍ସିତୁଲସୀପାଲିର ଘୁମୁରା, ଭଇଁରୀଗୁଡାର ସଂକୀର୍ତ୍ତନ, ମସିଗାଁର ଘୁମୁରା, ହାବସପୁରର ବନାବାଡି, ପାଣିଗାଁର ରାହାସ, ଛୋରିଆଗଡ଼ର ବନାବାଡି, ସନ୍ୟାସୀ କୁଣ୍ଡାମାଲର ମାଦଲି, ମାଲିଗୁଡାର ବଜାଶାଳ ଓ ଆସାମର ବିହୁ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମା' ଲଙ୍କେଶ୍ୱରୀଙ୍କ ମଞ୍ଚ ଦୁଲୁକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଘନଶ୍ୟାମ ମେହେର, ଶୁଭାଶିଷ ପାଣିଗ୍ରାହୀ, ଚିତ୍ତ ରଞ୍ଜନ ଦଳପତି ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳଗୁଡିକୁ କ୍ରୀଡ଼ା କମିଟି ଅଧକ୍ଷ ସମୀର କୁମାର ସାହୁ ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣ ସଭାକୁ କମିଟି ଅଧକ୍ଷ ସରୋଜ କୁମାର ପଣ୍ଡା ପରିଚାଳନା କରିଥିଲେ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ମା' ସପ୍ତଭଗ୍ନୀଙ୍କ ପୂଜନୋତ୍ସବ

**ବିନିକା,୧୦।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସହର ତଟବର୍ତ୍ତୀ ମହାନଦୀ ଗର୍ଭସ୍ଥ ପାହାଡରେ ବିଦ୍ୟମାନ ମା' ସପ୍ତଭଗ୍ନୀ (ବାଏକାନୀ)ଙ୍କ ପୂଜନୋତ୍ସବ ଶୁକ୍ରବାର କୈବର୍ତ୍ତ ସମାଜ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ବିନିକା କୈବର୍ତ୍ତ ସମାଜ ସଭାପତି ରମେଶ ପ୍ରସାଦ ବେହିରା ଦାୟିତ୍ୱ ନିର୍ବାହ କରିଥିଲେ। କୈବର୍ତ୍ତ ସମାଜର କୂଳବୃତ୍ତିର ଉତ୍ଥାନ ଏବଂ ମହାନଦୀରେ ସୁରକ୍ଷିତ ନୌଚାଳନା ପାଇଁ ଏହି ପୂଜା ପାଳିତ ହୋଇଥାଏ। ଏହି ପୂଜାରେ ମା'ଙ୍କ ପାଖରେ ନଡିଆ ଓ କ୍ଷୀରୀପିଠା ନୈବେଦ୍ୟ ଭାବରେ ଅର୍ପଣ ହୁଏ। ପୂଜାପରେ ମାଁଙ୍କ ପାଦତଳେ ଅର୍ପିତ ସିନ୍ଦୁର, ଲାଲବସ୍ତ୍ର ସହିତ ଆଙ୍କାମାଳ ଆକାରରେ ଫୁଲମାଳ ଆଣି ମନ୍ଦିର ଧ୍ୱଜାରେ ବାନ୍ଧିଥାନ୍ତି ପରେ କୈବର୍ତ୍ତଙ୍କ ଦୈନନ୍ଦିନ ବ୍ୟବହୃତ ହେଉଥିବା ଡଙ୍ଗା, କାତ, ମାଛଜାଲ ପ୍ରଭୃତିର ପୂଜାର୍ଚ୍ଚନା ହୁଏ। ଚଳିତ ବର୍ଷ ଏହି ପୂଜା ଆୟୋଜନରେ ଠାକୁର ଦଣ୍ଡସେନା, ଟଙ୍କଧର ମହାଲିଙ୍ଗ, ଜଗନ୍ନାଥ ମହାଲିଙ୍ଗ, କୈଳାସ ବେହିରା, ନରେନ୍ଦ୍ର ବେହିରା, ବିଷ୍ଣୁପ୍ରସାଦ ସା ସହଯୋଗ କରିଥିଲେ। ଏହି ପୂଜା ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକଙ୍କ ଭିଡ ମହାନଦୀ ବ୍ରିଜ ଉପରେ ଜମିଥିଲା। ଏଥିସହ ଦର୍ଶକମାନେ ସିଧାସଳଖ ପୂଜାସ୍ଥଳକୁ ଯାଇ ମା'ଙ୍କର ଦର୍ଶନ ପାଇଁ ୧୦ଟି ଡଙ୍ଗାର ବ୍ୟବସ୍ଥା କରାଯାଇଥିଲା।

### ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମନମୋହିଲା ସମ୍ବଲପୁରୀ, ସିଂହାରୀ, ଦଣ୍ଡନୃତ୍ୟ

**ସୋନପୁର,୧୦।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଂସ୍କୃତି ପରିଷଦ ଏବଂ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଛି ୨୭ ତମ ସୁବର୍ଣ୍ଣ ଲୋକ ମହୋତ୍ସବ ତଥା ଜିଲା ଲୋକକଳା ମହୋତ୍ସବ । ସ୍ଥାନୀୟ ଗାନ୍ଧୀ ପଡିଆର ଫକୀର ମୋହନ ପଟ୍ଟନାୟକ ମୁକ୍ତ ମଞ୍ଚରେ ଚାଲିଥିବା ମହୋତ୍ସବର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ ବୀରମହାରାଜପୁର ବ୍ଲକ କଳା ସଂସ୍କୃତି ସଂଘର ପାରମ୍ପରିକ ଦଣ୍ଡ ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ଏହା ପରେ ଡୁଙ୍ଗୁରିପାଲି ବ୍ଲକ ମାୟାବାର୍ହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିଭିବି)ର ଛାତ୍ରୀ ମାନେ ସିଂହାରୀ ନୃତ୍ୟ, ଡୁଙ୍ଗୁରିପାଲି ବ୍ଲକ କଳା ସଂସ୍କୃତି ସଂଘର କଳାକାରଙ୍କ ତାଳ ସମ୍ପର୍ଦା ନୃତ୍ୟ, ବିନିକା ବ୍ଲକ କଳା ସଂସ୍କୃତି ସଂଘର କରମା ନୃତ୍ୟ, ସୋନପୁର ବ୍ଲକ କଳା ସଂସ୍କୃତି ସଂଘର ପାଲା, ସୋନପୁର କୃଷ୍ଣଚନ୍ଦ୍ର ସିନ୍ଦେରିଆ ଓ ଗ୍ରୁପର ସମ୍ବଲପୁରୀ ଚୁଟ୍‌କୁଚୁଟା, ଉଲୁଣ୍ଡା ବ୍ଲକ କଳା ସଂସ୍କୃତି ସଂଘ ଓ ରୂପଶ୍ରୀ କଳା ପରିଷଦ ତରଭାର କଳାକାର ମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନମୋହିଥିଲା।

ସନ୍ଧ୍ୟାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲିପ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଡାକ୍ତର ପଣ୍ଡା ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର ଲୋକକଳା, ସାଂସ୍କୃତିକ ପରମ୍ପରା, ଲୋକଗୀତ ଓ ଭାଇଚାରା ମହାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବିପିନ ବିହାରୀ ଦାଶ ଯୋଗଦେଇ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିଲେ। ମଲ୍ଲିକ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର କଳା, ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର ବୋଲି କହିବା ସହ ଏହାର ପ୍ରଚାର ପ୍ରସାର ପାଇଁ ସାମୂହିକ ଉଦ୍ୟମ ଦରକାର ବୋଲି କହିଥିଲେ। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚୌଧୁରୀ ବିଭାର ପରିଚାଳନା କରିଥିଲେ। ଜିଲା ଲୋକକଳା ମହୋତ୍ସବ ଏବଂ ଗାନ୍ଧୀ ପଡିଆରେ ଚାଲିଥିବା ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଶନିବାର ସରିବ ।



ମାୟାବାର୍ହା କେଜିଭିବିର ଛାତ୍ରୀମାନେ ସିଂହାରୀ ନୃତ୍ୟ ପରିବେଷଣ କରୁଛନ୍ତି ।

### ଅଭିନବ ଉପାୟରେ ଗଞ୍ଜେଇ ଚୋରାଚାଲାଣ

# ୨ ନାବାଳିକାଙ୍କ ସହ ୩ ଜଣ ଧରାପଡ଼ିଲେ

**ବାଇକ୍ ଓ ଗଞ୍ଜେଇ ଜବତ**

**ସୋନପୁର,୧୦।୧(ନି.ପ୍ର.)**

ଅଭିନବ ଉପାୟରେ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ ହେଉଛି। ପୋଲିସ ଓ ଅବକାରୀ ବିଭାଗର ସନ୍ଦେହରୁ ବର୍ତ୍ତିବା ପାଇଁ ମହିଳା ଓ ନାବାଳିକାଙ୍କୁ ଏହି କାର୍ଯ୍ୟରେ ନିୟୋଜତି କରାଯାଉଛି। ଛତିଶଗଡର ୨ଜଣ ନାବାଳିକା ଗଞ୍ଜେଇ ନେଉଥିବା ବେଳେ ଶୁକ୍ରବାର ସୋନପୁର ପୋଲିସ ହାତରେ ଧରାପଡିଛନ୍ତି । କୁଞ୍ଜ ଛକ ଠାରେ ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ଏକ ବାଇକ୍ ନଂ ଓଡି୩୧ବି–୨୬୬୪କୁ ଅଟକାଇ ଥିଲେ। ତେବେ ବାଇକ୍ ଆରୋହୀ ସରକାରୀ ଦେଶୀ ମଦଭାଟି ରାସ୍ତାରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ବାଇକ୍‌ରେ ଦୁଇ ନାବାଳିକା ଏକ ଏୟାର ବ୍ୟାଗ୍ ଧରି ବସିଥିଲେ। ପୋଲିସ ତନଖି କରିବା ପରେ ବ୍ୟାଗ୍‌ରୁ ୯ କିଲୋ ୧୧୦ ଗ୍ରାମ ଗଞ୍ଜେଇ ମିଳିଥିଲା । ଏହି ଗଞ୍ଜେଇ ବୌଦ୍ଧ ଜିଲାରୁ ଛତିଶଗଡ ଚାଲାଣ ହେଉଥିଲା । ପୋଲିସ ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଘଣ୍ଟାପାଲିର ସର୍କସ କର୍ଣ୍ଣ(୩୯)ଙ୍କ ସମେତ ଛତିଶଗଡ ଅଠମୁଲିଗାଁ ଅଞ୍ଚଳର ଦୁଇ ନାବାଳିକାଙ୍କୁ ଗିରଫ କରିଛି । ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୩ଟି ମୋବାଇଲ ଓ ନଗଦ ୧୭ ହଜାର ୫୦୦ଟଙ୍କା ଜବତ ହୋଇଛି। ସୋନପୁରର ଅତିରିକ୍ତ ତହସିଲଦାର ରାକେଶ କୁମାର ଅଗ୍ରୱାଲା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ। ସୋନପୁର ଥାନା ଏସଆଇ ପୁଷ୍ପଲତା ଲେଙ୍କା ମାମଲାର ତଦନ୍ତ କରୁଛନ୍ତି। ଏସଆଇ ସୁବ୍ରତ ପାଣିଗ୍ରାହୀ, ବିମଳ ପଧାନ, କନଷ୍ଟେବଳ ରଶ୍ମିରଞ୍ଜନ ହୋତା ଓ ବିଶ୍ୱନାଥ ପଟ୍ଟନାୟକ ମାମଲାର ତଦନ୍ତ କରୁଛନ୍ତି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଗିରଫ ଅଭିଯୁକ୍ତ ସର୍କସ କର୍ଣ୍ଣ ।

# ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନବବର୍ଷ ମହୋତ୍ସବ

**ବଲାଙ୍ଗୀର ଅଫିସ, ୧୦।୧**

ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ କଦଳୀମୁଣ୍ଡା ନର୍ସରୀଠାରେ ନବବର୍ଷ ମହୋତ୍ସବ ଅନୁଷ୍ଠିତ ହୋଇଛି । ମଞ୍ଚ ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ସାଧାରଣ ସମ୍ପାଦକ ପ୍ରଭାକର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ବିରଞ୍ଚି ହୋତା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅମ୍ବରୀଶ ପ୍ରଧାନ ଓ ଡା ଚନ୍ଦ୍ରଶେଖର ପାଣିଗ୍ରାହୀ ଯୋଗଦେଇଥିଲେ । ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ବଲାଙ୍ଗୀରରେ ଆୟୋଜନ କରିବା ପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ରାଜ୍ୟ ସରକାରଙ୍କର ମନ୍ତ୍ରୀ ତଥା ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ସଭାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଅନୀଲ କୁମାର ଠାକୁର, ଭକ୍ତବନ୍ଧୁ ତ୍ରିପାଠୀ, ନୀଳାଞ୍ଚଳ ଚିରଗୁନ, ନରେନ୍ଦ୍ର ନାରାୟଣ ସିଂଦେଓ, ଆଦିକନ୍ଦ ସ୍ୱାଇଁ, ଦୀନବନ୍ଧୁ ନାଏକ, ପୂର୍ଣ୍ଣଚନ୍ଦ୍ର ପଟେଲ, ଷଡାନନ ରାଉତ, ବିଷ୍ଣୁଚନ୍ଦ୍ର ସାଏ, ରମେଶ ଚନ୍ଦ୍ର ନାୟକ ନୂତନ ସଦସ୍ୟତା ଗ୍ରହଣ କରିଥିଲେ । ଆଲୋଚନାରେ ଚିତ୍ତରଞ୍ଜନ ପଟେଲ, ବିନୟ କୁମାର ମିଶ୍ର, ମନୋରଞ୍ଜନ ମିଶ୍ର, ଇଂ. ପ୍ରଫୁଲ୍ଲ କୁମାର ସାହୁ, ସୁଧାଂଶୁ ଶେଖର ଦର୍ଜୀ, ବାସୁଦେବ ମେହେର, ଧନଞ୍ଜୟ ମିଶ୍ର, ଦାମୋଦର ଓତା, କପିଳେଶ୍ୱର ଖମାରୀ, ଅର୍ନ୍ତର୍ଯ୍ୟାମୀ ପୁରୋହିତ, ହରିଶଙ୍କର ସାଏ, ବିଶ୍ୱନାଥ ମିଶ୍ର, ତ୍ରିଲୋଚନ ଦାସ, ପୀତବାସ ପଣ୍ଡା, ଚୁଡେନ୍ଦ୍ର ବେହେରା, ବୃଷକେତୁ ସାହୁ, ମଲିଆ ଗଡୁଆ, ଅଶୋକ ଚାନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ । ମଞ୍ଚର କାର୍ଯ୍ୟାଳୟ ସକାଶେ ଏକ ସରକାରୀ ଘର ଯୋଗାଇ ଦେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆଗାମୀ ଫେବୃୟାରୀ ମାସରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ କରି ବରିଷ୍ଠ ନାଗରିକମାନଙ୍କର ଚକ୍ଷୁ ପରୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଶେଷରେ କୋଷାଧ୍ୟକ୍ଷ ବିରଞ୍ଚି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ନବବର୍ଷ ମହୋତ୍ସବରେ ଉପସ୍ଥିତ ସଦସ୍ୟ ।



ବଲାଙ୍ଗୀରର ଡାଏନା ଦାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଲୁତୁରପଙ୍କ, ବହଲପଦର

**ଅମରପାଲି, ୧୦।୧ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀଠାରେ ଚାଲିଥିବା ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଉଭୟ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ଲୁତୁରପଙ୍କ ଓ କଦଳୀପାଲି ମଧ୍ୟରେ ହୋଇଥିଲା। କଦଳୀପାଲି ପ୍ରଥମେ ବ୍ୟାଟିଂ କରି ୧୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ଆବଶ୍ୟକ ୬୩ ରନକୁ ୬ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ମାନସ ୨୩ ରନ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବହଲପଦର ଓ ଅମରପାଲି ମଧ୍ୟରେ ହୋଇଥିଲା। ବହଲପଦର ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୫୬ ରନ କରିଥିବା ବେଳେ ଅମରପାଲି ସମସ୍ତ ଉଇକେଟ ହରାଇ ୫୨ ରନ କରିଥିଲା। ଖେଳଗୁଡିକୁ ଅରୁଣ ସାହୁ ଓ ଟିଙ୍କୁନ ସାହୁ ପରିଚାଳନା କରିଥିଲେ। ହେମନ୍ତ ମାଝୀ, ଦାମୋଦର ମଲିକ ସ୍କୋରିଂ ଏବଂ ବିଦ୍ୟାଧର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

# ବଲାଙ୍ଗୀର ସେମିରେ

**ଅମରପାଲି, ୧୦।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଲପୁରଠାରେ ଚାଲିଥିବା ୧୪ତମ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଗୋଲଡେନ ଇଗଲ ସମ୍ବଲପୁରକୁ ହରାଇ ଏଏଫସିସି ବଲାଙ୍ଗୀର ସେମିଫାଇନାଲରେ ପ୍ରବେଶ କରିଛି। ସମ୍ବଲପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ କରିଥିଲା। ଦଳର ନିହାରେନ୍ଦୁ ୨୪ ଓ ଆୟୁଷ ସାହୁ ୨୨ ରନ କରିଥିଲେ । ବିପକ୍ଷ ଡାଏନ ଦାଶ ଓ ରାଜା ୨ଟି ଉଇକେଟ ନେଇଥିଲେ। ଜବାବରେ ବଲାଙ୍ଗୀର ଦଳ ୧୩ଓଭରରେ ୪ଉଇକେଟ ହରାଇ ୧୦୦ ରନ କରି ବିଜୟୀ ହୋଇଥିଲା। ସମ୍ବଲପୁରର ଆକାଶ ୨ଟି ଉଇକେଟ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିକଲପୁର କ୍ରିକେଟ କ୍ଲବର ପ୍ରତିଷ୍ଠାତା ଶଙ୍କର ମହାକୁର ଅତିଥି ଭାବେ ଯୋଗଦେଇ ବଲାଙ୍ଗୀରର ଡାଏନା ଦାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳକୁ ସୁରେଶ ବିଶି ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ। ରମଣ କର୍ଣ୍ଣ ସ୍କୋରିଂ ସଂକୀର୍ତ୍ତନ୍ୟ ସାହୁ ଓ ସଞ୍ଜୀବ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ।

# ତରଭାରେ ବିଶ୍ୱ ହିନ୍ଦୀ ଦିବସ ପାଳିତ

**ତରଭା, ୧୦।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳକ ହାଇସ୍କୁଲ ପରିସରରେ ରାଷ୍ଟ୍ରଭାଷା ସେବୀ ସଂସ୍ଥା ତରଫରୁ ବିଶ୍ୱହିନ୍ଦୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ସଂସ୍ଥା ସଭାପତି ଡ.ରମେଶ ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଡ.ପ୍ରେମଲାଲ ସାହୁ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ରାଜେଶ ଶ୍ରୀବାସ ଯୋଗଦେଇଥିଲେ। ସଂସ୍ଥା ସମ୍ପାଦକ ବିଦ୍ୟାବାଚସ୍ପତି ଅକ୍ଷୟ କୁମାର ବାଘ ବିଶ୍ୱ ହିନ୍ଦୀ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ବିଗତ ଦିନରେ ରାଷ୍ଟ୍ରଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ହିରଣ୍ମୟ ପଟ୍ଟନାୟକ ପରିଚାଳନା କରିଥିବା ବେଳେ କବି ବନବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ପୁଷପୁନି ଛୁଟି ନ କରିବାର ପ୍ରତିବାଦ

### ସରକାରୀ ଅନୁଷ୍ଠାନ ବନ୍ଦ କଲା କୋଶଳ ଯୁବ ସମନ୍ୱୟ ସମିତି

**ଉଲୁଣ୍ଡା, ୧୦।୧(ଡି.ଏନ.ଏ.)**

ପୁଷପୂନି ହେଉଛି ପଶ୍ଚିମ ଓଡିଶାର କୃଷିଭିତ୍ତିକ ଏକ ମହାନ ପର୍ବ। ଘରେ ଘରେ ଏହି ପର୍ବକୁ ଧୁମଧାମରେ ପାଳନ କରୁଥିବା ବେଳେ ସରକାରୀ ଛୁଟି ଘୋଷଣା କରାଯାଇ ନ ଥିଲା। ଏହାର ପ୍ରତିବାଦ କରି ଶୁକ୍ରବାର ଉଲୁଣ୍ଡା କୋଶଳ ଯୁବ ସମନ୍ୱୟ ସମିତି ତରଫରୁ ସମସ୍ତ ସ୍କୁଲ, କଲେଜ, ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ, ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରାଯାଇଥିଲା। ଯୁବ ସମନ୍ୱୟ ସମିତିର ସଙ୍ଗଠକ ନିତିନ ପଧାନଙ୍କ ନେତୃତ୍ୱରେ ହୋଇଥିବା ବନ୍ଦରେ ମୃକ୍ତ ବାଗ, ପ୍ରକାଶ ପଣ୍ଡା, ଘନଶ୍ୟାମ ସେଠୀ, ଝାଙ୍କର ପଧାନ ପ୍ରମୁଖ ସାମିଲ ହୋଇଥିଲେ।


## ZILLA SWASTHYA SAMITI, BALANGIR

**O/o. The Chief District Medical & Public Health Officer (DPMU, NHM), Balangir**

**Advt.: 95** **Dt.07.01.2020**

**NOTICE**

No.: E-653: The merit list and rejected list for empanelment of different post under Daily Wage Basis with reference to this Office Advt. No. 2607 Dt.16.07.2019 is available in the website **www.balangir.nic.in**. Further candidates are requested to attend the counselling-cum-Document verification on Dt.20.01.2020 at 10.30 A.M. in the NHM Conference Hall, O/o. The CDM&PHO-cum-District Mission Director, Balangir as per Annexure-A. If the candidate fails to attend the counselling-cum-Document verification his/her candidature automatically cancelled and the next candidate in the merit list should be called for counselling. No personal contact will be entertained.

**Sd./- CDM&PHO-cum-District Mission Director Balangir**

10019/11/0008/1920



## NOTICE INVITING REVISED E-TENDERS

**CENTRE FOR MODERNIZING GOVERNMENT INITIATIVE (CMGI)**

**Tender Enquiry No.: CMGI/PCU/BCP-HRMS/2018/581/31** **Dt.08.01.2020**

No.: CAD-794: The tender Vide No. RFP No. CMGI/PCU/DR-HRMS/2019/581/1082, Date: 10.09.2019 has been revised.

With reference to above, e-Tenders through Odisha Tenders Portal **(https://tendersodisha.gov.in)** are invited for procurement of Business Continuity Plan (BCP) site for HRMS. Tender documents can be downloaded from CMGI website **(www.cmgi.org.in)** and Odisha e-Tenders Portal **(https://tendersodisha.gov.in)**.

The authority reserves the right to reject any or all the tenders without assigning any reason thereof.

The last date of submission of the e-Tender in Odisha e-Tender Portal **(https://tendersodisha.gov.in)** is 10.02.2020 at 11.30 A.M.

**Executive Director, Centre for Modernizing Government Initiative (CMGI), 1st Floor, A-2, Toshali Bhawan, Satya Nagar, Bhubaneswar, Odisha**

By Order of Executive Director
**Procurement Officer**

09008/11/0006/1920



**GOVT. OF ODISHA** No.: A-552

## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER

**DRAINAGE CIRCLE, GANDARPUR, CUTTACK - 753003**

**E-PROCUREMENT NOTICE NO.- SEDC-CTC-01/2019-20**

**e-mail ID: sedrainagecirclectc@gmail.com**

**1st Corrigendum to e-Procurement Notice No.-SEDC-CTC-04/2019-20**

Sl. No. - 1 of Notice may be read as "Ranging from Rs.155.52 Lakhs to Rs.364.95 Lakhs".

All other terms and conditions remain unchanged.

Further details can be seen from the Govt. website **www.tendersorissa.gov.in**.

**Superintending Engineer Drainage Circle, Cuttack**

32174/11/0010/1920



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## SUNDARGARH (R&B) DIVISION, SUNDARGARH

**E-mail ID: pwd_sng@yahoo.co.in, Tel./Fax: (06622) 272230**

No.: B-565

**"e" Procurement Notice**

**Letter No.: 146/WE** **Bid Identification No.- EE-R&B-SNG-22 of 2019-20** **Date: 08.1.2020**

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in Single Cover System on Online mode from eligible contractors with valid licence for **Building & Electrical Work** as detailed in DTCN. | | |
| 2. | Nature of Work | : | Building & Electrical Work |
| 3. | No. of Works | : | 02 (Two) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | 'D' & 'C' and HT Electrical Contractor |
| 6. | Availability of Bid document in the website | : | From 10.00 A.M. of Date 14.01.2020 to 05.00 P.M. of Date 24.01.2020. |
| 7. | Date of Opening of Bid | : | 11.00 A.M. on Dt.27.01.2020. |
| 8. | The bidders have to participate in Online bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

34043/11/0008/1920 **Sd./- Executive Engineer, Sundargarh (R&B) Division**



## NOTIFIED AREA COUNCIL, KESINGA

**BID IDENTIFICATION No.64 / 2019-20, Dated: 07.01.2020**

The Executive Officer, N.A.C., Kesinga invites sealed Percentage Rate bids for the works detailed in the table below. from appropriate Class of bidders registered with Kesinga NAC / PHED / RWSS / RD WR / PWD of the State Government. The details of project list may be seen in the office notice board of NAC, Kesinga. The sale receipt & opening of tender paper No. of works and class of contractors are given below.

| | | |
|---|---|---|
| Total No. of works | : | 23 (Twenty three) only |
| Value of works | : | Rs.89,500.00 Rs.1,78,910.00 |
| Period of Sale of bid documents | : | From 09.01.2020 to 18.01.2020 up to 17.00 hours |
| Date and time of receipt of tender paper | : | Up to 17.00 hours of 21.01.2020 |
| Date and time of opening | : | 11.30 hrs on 22.01.2020 |
| Class of Contractors | : | Regd. of NAC, Kesinga / D & C of state Govt. |

The authority reserves the right to reject any or all the tender without assigning any reason thereof.

**Sd./- Executive Officer, N.A.C., Kesinga**



## ODISHA STATE WAREHOUSING CORPORATION

**PLOT NO. 2, CUTTACK ROAD, BHUBANESWAR-751006**

**No. COM/TR/TEN/08/2019-20/120** **Dt.08.01.2020**

**NOTICE INVITING e-TENDER**

No.: CAD-792: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor for handling and transportation of foodgrain stock of FCI at the warehouse at Bhawanipatna-II (Internal & RH Kesinga) Malkangiri (RH Jeypore), A.Katapali (RH Sambalpur City), Attabira (RH Sambalpur City) & Godbhaga (RH Sambalpur City) for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and **www.oswc.in** from **dt.10.01.2020**. The last date and time of online submission of bid is **dt.27.01.2020** upto 5 PM.

Future amendments, corrigendum or other communication regarding this tender will be available only on **https://tendersodisha.gov.in** and will not be published in print media.

The Managing Director reserves the right to accept or reject any or all tenders without assigning any reason thereof.

39003/11/0009/1920 **Sd./- Managing Director**



## THE ODISHA MINING CORPORATION LIMITED

**OMC House, Bhubaneswar-751001, Odisha**

**CIN: U13100OR1956SGC000313, www.omcltd.in**

**NIT No. 01/OMC/Civil/2020**

No.: CAD-791: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated Cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Provision of renewal course over Barsuan Khandadhar road of Koira Region in the district of Sundargarh. | 1154.93 | 8 (Eight) | Special & Super | 11,55,000/- | 10,000/- + 18% GST |
| 2 | Development of CC drain, paved shoulder and guard wall of Daitari ghat road from RD KM 0/000 to KM 6/900 in the district of Keonjhar. | 828.43 | 8 (Eight) | Special & Super | 8,29,000/- | 10,000/- + 18% GST |

1. Available of Bid document in Govt. portal from dt.17/1/2020 to 07/02/2020 upto 5.00 PM.
2. Last date of on-line submission of tender in the portal is dt. 07/02/2020 upto 5.00 PM.
3. Date of opening of Technical Bid is dt .10/02/2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in.** The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0115/1920 **CGM (Civil)**



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ

# ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି

**ନୂଆପଡ଼ା ଅଫିସ, ୧୦।୧**

କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ । ଜିଲାରେ କିପରି ଚାଲିଛି ପରିମଳ ଯୋଜନା ତାହା ଜିଲା ସଦର ମହକୁମାରୁ ଜଣାପଡିଥାଏ । ନୂଆପଡା ଜିଲା ସଦର ମହକୁମା ଏହାର ଏକ ନମୁନା ହୋଇପାରେ। ଜିଲା ସଦର ମହକୁମା ଏକ ବିଜ୍ଞାପିତ ଅଞ୍ଚଳ ପରିଷଦ । ଏଠିକାର ସ୍ୱତନ୍ତ୍ର ଭାବେ ପରିମଳ ଟିମ ରହିଥିବାବେଳେ ଜିଲା ପରିମଳ ମିଶନର କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି। ସବୁ ଜିଲାସ୍ତରୀୟ ଅଧିକାରୀ ମଧ୍ୟସ୍ୱଚ୍ଛତା ନାଁରେ କିଛି ଦିନ ଫଟୋ ଉଠାଇବାକୁ ଅଭିଯାନ ଆରମ୍ଭ କରିଦେଇ ଶୋଇ ପଡିଛନ୍ତି। ସହରର ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇରହିଛି । ସହର ଯାକ ବୁଲି ଦେଖିଲେ ଯେକେହିବି ଅବସ୍ଥା ଦେଖିପାରିବ।

ରାଜ୍ୟର ଏକ ମାତ୍ର ଜିଲା ସଦର ମହକୁମା ଗ୍ରାମପଞ୍ଚାୟତ ଭାବରେ ରହିଥିଲା। ଗତ ୨୦୧୪ରେ ଏହା ଏନ୍‌ଏସିର ମାନ୍ୟତା ପାଇଥିଲା। ସେହି ଦିନଠାରୁ ଏଠିକାର ରୂପରେଖ ବଦଳିବବୋଲି ଆଶା କରାଯାଉଥିଲା । ଏଠାରେ ମୋଟ ୧୪ଗୋଟି ୱାର୍ଡରେ ପରିବର୍ତ୍ତନ କରି ଏକ ମୋଡେଲ ସହର ନିର୍ମାଣ କରିବାକୁ ବିଗତ ଦିନମାନଙ୍କରୁ ଅଧିକାରୀମାନେ ଯୋଜନା ତିଆରି କରୁଛନ୍ତି। ହେଲେ ପରବର୍ତ୍ତୀ ସମୟରେ ନିଜର କାର୍ଯ୍ୟକାଳ ସାରି ଚାଲିଯାଉଛନ୍ତି। ବିଶେଷ କରି ସ୍ୱଚ୍ଛ ଏବଂ ପରିମଳ ସମ୍ପନ୍ନ ସହର ନିର୍ମାଣ ସମସ୍ତଙ୍କ ସ୍ୱପ୍ନ ରହିଥିଲା। ଏଥିପାଇଁ ସ୍ୱତନ୍ତ୍ର ଭାବେ କର୍ମଚାରୀ ମଧ୍ୟ ନିୟୋଜିତ କରାଯାଇଛି । ଟେଣ୍ଡରରେ ଏହାର ଦାୟୀତ୍ୱ ଦିଆଯାଇଛି । ହେଲେ ଏହାର ପରିଚାଳନାଗତ ଅବ୍ୟବସ୍ଥା ଯୋଗୁ ସହରଯାକ ମଇଳା କୁଢ କୁଢ ପଡିରହିଛି। କର୍ମଚାରୀମାନେ ଗଳିକୁ ଯାଇ ପରିବାର ଗୁଡିକରୁ ହାତ ଗୁଞ୍ଜା ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ଯେଉଁଠି ସଫେଇ କର୍ମଚାରୀଙ୍କୁ ପୁଲାଏ ମିଳିଯାଉଛି ସେଠାରେ ବାରମ୍ବାର ସଫେଇ ହେଉଛି ନଚେତ ମଇଳା ପଡିରହିଲା । କେବଳ ନାଁକୁ ମାତ୍ର ସଚେତନତା ଏବଂ ଗାଡି ବୁଲୁଛି । ଲୋକେ ନ ମାନିଲେ ଜରିମାନା ଦେବାକୁ ପଡିବ ବୋଲି କୁହାଗଲା । ହେଲେ ତାକୁ କାହାରି ଖାତିର ନାହିଁ । ସ୍ଥାନୀୟ ଗଳିମୁଣ୍ଡରେ ମଇଳା ଫିଙ୍ଗି ଦେଉଛନ୍ତି ସିନା ଗାଡିରେ ମଇଳା ଫିଙ୍ଗିବାକୁ କୁଣ୍ଠିତ ଲାଗୁଛି । ବାକି ରହିଲା ସରକାରୀ ଅଫିସ ପରିପାଟୀ କଥା ବିଚାରକୁ ନେଲେ ଖୋଦ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ମଇଳା କୁଢ କୁଢ ରହିଛି । ଚାରିଆଡେ ବୁଦାଳିଆ ହୋଇ ମଇଳା ପଡିଛି । ଅଧିକାରୀମାନେ ସିଧା କାର୍ଯ୍ୟାଳୟକୁ ଆସି ଏସି ରୁମ ଭିତରେ ପଶି ଯାଉଛନ୍ତି। ପିଅନ କି ଅନ୍ୟାନ୍ୟ କର୍ମଚାରୀଙ୍କ କଥା କହିଲେ ନ ସରେ। ଝାଡୁ ଧରିବା କେହି କେବେ ଦେଖିନାହାଁନ୍ତି। ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବାକୁ କେବଳ କାଗଜ କଲମରେ ରୁଦ୍ଧ ଦ୍ୱାର ବୈଠକ କରାଯାଉଛି ସିନା ତାକୁ କାର୍ଯ୍ୟକାରୀ କରିବାରେ ମାନସିକତାରେ ପରିବର୍ତ୍ତନ ଦେଖାଦେଇନଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏଥିପ୍ରତି ଜିଲା କର୍ତ୍ତୃପକ୍ଷ ବେଳ ହୁଁ ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।



ସଫେଇ କର୍ମଚାରୀମାନେ ରାସ୍ତାକଡରୁ ମଇଳା ସଫେଇ କରୁଛନ୍ତି।

**ଜିଲା ସଦର ମହକୁମା**
- ଲଗାମଛଡା ପରିମଳ କର୍ମଚାରୀ
- ଅଫିସ ଚାରିପଟେ କୁଢ କୁଢ ମଇଳା

## ସଂକ୍ଷେପରେ



### ଭାଲୁ ଆକ୍ରମଣରେ ଆହତ ବୃଦ୍ଧାଙ୍କୁ ସହାୟତା

**କୋମନା,୧୦।୧(ଡି.ଏନ.ଏ.)**-ନୂଆପଡା ଜିଲା କୋମନା ବ୍ଲକ ଲର୍କି ଗ୍ରାମର ଜଣେ ବୃଦ୍ଧା ମହିଳାଙ୍କୁ ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଗତବର୍ଷ ଉକ୍ତ ଗ୍ରାମର ଯାଦ ବିଶ୍ୱାଳ(୭୦) ନିକଟସ୍ଥ ଜଙ୍ଗଲକୁ ଶଉଚ ପାଇଁ ଯାଇଥିବା ବେଳେ ଅତର୍କିତ ଭାବେ ଏକ ଭାଲୁ ପଛପଟୁ ଆକ୍ରମଣ କରିଥିଲା। ଆକ୍ରମଣରେ ବୃଦ୍ଧା ଗୁରୁତର ଆହତ ଅବସ୍ଥାରେ ନୂଆପଡା ଜିଲା ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସା ହୋଇଥିଲେ । ଚିକିତ୍ସା ପରେ ବନ ବିଭାଗ ଅଧିକାରୀ କ୍ଷତିପୂରଣ ଦେବା ପାଇଁ ଲିଖିତ ଭାବେ ଜଣାଇଥିଲେ। ତାଙ୍କ ଦରଖାସ୍ତକୁ କୋମନା ବନ ବିଭାଗ ଖଡିଆଳ ଡିଏଫଓଙ୍କ ନିକଟକୁ ପଠାଇଥିଲେ । ଦରଖାସ୍ତକୁ ଡିଏଫଓ ଗ୍ରହଣ କରି ମହିଳାଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ଦେବା ପାଇଁ ଅନୁମୋଦନ କରିଥିଲେ । ଉକ୍ତ ସହାୟତା ରାଶି ମହିଳାଙ୍କୁ କୋମନା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ରେଞ୍ଜର ଜଗଦିଶ ଦୁରିଆ ଓ ଫରେଷ୍ଟର ଦୁର୍ଯ୍ୟୋଧନ ଦିକ୍ଷିତଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି।

### ସର୍ବଭାରତୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଆରମ୍ଭ

**ନୂଆପଡ଼ା ଅଫିସ,୧୦।୧:** ସ୍ଥାନୀୟ ଖରିଆରରୋଡସ୍ଥିତ ସାହୁ ସମାଜର କରମା ସଦନରେ ଆୟୋଜିତ ସର୍ବଭାରତୀୟ କବାଡି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଛି । ଶୁକ୍ରବାର ରାତି ୮ଟାବେଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାହୁ ସମାଜର କ୍ରୀଡା ଏବଂ ସଂସ୍କୃତି ବିଭାଗ ମୁଖ୍ୟ ଚିନିଲାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତିଶଗଡ ରାଜ୍ୟ ସାହୁ ସମାଜର କାର୍ଯ୍ୟକାରୀ ସଭାପତି ସାନ୍ତନୁ ସାହୁ ମୁଖ୍ୟ ଅତିଥି, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ବିଶେଷ ଅତିଥି, ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସାହୁ ସମାଜର ଜିଲା ସଭାପତି ନାନୁକରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ପୁରୁଷ ବର୍ଗରେ ଶ୍ରୀକାକୁଲମ ଏବଂ ଓଡିଶାର ଦାଣ୍ଡି ମୁକୁନ୍ଦପୁର ମଧ୍ୟରେ ହୋଇଥିବାବେଳେ ମହିଳା ବର୍ଗରେ ପ୍ରଗତୀ ରାୟପୁର ଏବଂ ସମ୍ବଲପୁର ମଧ୍ୟରେ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହେନ୍ଦ୍ର ସିଂ ତଲୁଜା, ବଦେବ ଚନ୍ଦ୍ରକାର, ଇକବାଲ ସିଂ, ଗୁରୁଦତା, ପି.କେ.ଦାସ, ମନୁଲାଲ ସାହୁ, ଚନ୍ଦ୍ରକାନ୍ତ ଠାକୁର, ଦିଲୀପ କୁମାର ନିର୍ମଲକର, ମୂରଲୀମନୋହର ମଲାନୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାହୁ ସମାଜର ମହାସଚିବ ଧନୀରାମ ସାହୁ ପରିଚାଳନା କରିଥିଲେ। ଏହି ଖେଳ ତିନିଦିନ ଧରି ଚାଲିବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

### ଟ୍ରକ ପଛରେ ପିଟିହୋଇ ବାଇକ ଆରୋହୀଙ୍କ ମୃତ୍ୟୁ

**ଜୁନାଗଡ,୧୦।୧ (ଡି.ଏନ୍.ଏ/ ସ୍ୱ.ପ୍ର.)**- କଳାହାଣ୍ଡି ଜିଲା ଜୁନାଗଡ ହାତୀନଦୀ ପୋଲ ୨୬ନଂ. ଜାତୀୟ ରାଜପଥରେ ଶୁକ୍ରବାର ରାତି ପ୍ରାୟ ୮ଟା୪୫ରେ ଟ୍ରକ ପଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଲେଇ ଗ୍ରାମର ତପନ ପଟେଲ। ତପନ ବାଇକ(ନଂ. ଓଡି ୦୮ଏଲ ୦୦୫୭) ବଳଦିଆମାଲରୁ ଜୁନାଗଡ ଆସୁଥିବାବେଳେ ହାତୀନଦୀ ନିକଟରେ ଅଟକି ରହିଥିବା ଏକ ଟକ୍‌କୁ ପଛପଟୁ ଧକ୍କାଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜୁନାଗଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

# କଟକକୁ ହରାଇଲା ସେର୍ସା ବିଲାସପୁର

**ନୂଆପଡା ଅଫିସ,୧୦।୧**

**ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**
- ଗ୍ରୁପ ବି ଦ୍ୱିତୀୟ ଲିଗ୍

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ଗ୍ରୁପ 'ବି'ର ଦ୍ୱିତୀୟ ଲିଗ ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟ କଟକ ଏବଂ ସେର୍ସା ବିଳାସପୁର ଦଳ ମଧ୍ୟରେ ହୋଇଥିଲା। ବିଳାସପୁର ୯୩ରନରେ ବିଜୟୀ ହୋଇଛି। ବିଳାସପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ଉଇକେଟ ହରାଇ ୨୩୨ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅଭିଷେକ ସିଂ ଧୂଆଁଧାର ୭୩ବଲରୁ ୧୧୫ରନ ସଂଗ୍ରହ କରିଥିଲେ। ଶୁକ୍ଲା ୯୦ବଲରୁ ୯୬ରନ କରିଥିଲେ। ଜବାବରେ କଟକ ଦଳର ବ୍ୟାଟସ ମ୍ୟାନମାନେ ବେଶୀ ସମୟରେ ଫିଲଡରେ ରହିପାରି ନ ଥିଲେ। ମାତ୍ର ୨୭.୫ ଓଭରରେ ସବୁ ଉଇକେଟ ହରାଇ ବସିଥିଲେ। ମାତ୍ର ୧୩୯ରନ କରିଥିଲେ। ୯୩ରନରେ ପରାଜିତ ହୋଇଥିଲା କଟକ ଦଳ। ଶେଷରେ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଖେଳାଳି ସଞ୍ଜୟ କୁମାର ପୁରୋହିତ ଏବଂ ପ୍ରଦୀପ କୁମାର ରାଉତ ଅତିଥିଭାବେ ଯୋଗଦେଇ ବିଜୟୀ ଟିମର ଅଭିଷେକ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।



ଖେଳାଳିମାନଙ୍କ ଗହଣରେ ଅତିଥିମାନେ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।

## ଜିଏମଡିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ସିଲଭାକୁ ହରାଇ ମାନିଗୁଡ଼ା ଚାମ୍ପିୟନ

**କୋମନା,୧୦।୧ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଶିଆଲଟି ହାଇସ୍କୁଲ ପଡିଆରେ ଜିଏମଡିସି ଏସଏଲଟି ଷ୍ଟାର କ୍ଲବ ଆନୁକୁଲ୍ୟରେ ଆୟୋଜିତ ପ୍ରଥମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମାନିଗୁଡା ଦଳ ସିଲଭାକୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ସିଲଭା ଓ ମାନିଗୁଡା ଦଳ ମୁହାମୁହିଁ ହୋଇଥିଲେ। ସିଲଭା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରିଥିଲେ। ଜବାବରେ ୧୦୭ ରନର ବିଜୟ ଲକ୍ଷ୍ୟ ନେଇ ମାନିଗୁଡା ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇଥିଲା। ୧୧.୨ ଓଭରରେ ୬ ଉଇକେଟ ହରାଇ ୧୦୮ରନ ଲକ୍ଷ୍ୟ ହାସଲ କରି ସିଲଭା ଦଳଠାରୁ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହେବାରେ ଗୌରବ ଅର୍ଜନ କରିଛି । ଫାଇନାଲ ମ୍ୟାଚକୁ ପିଇଟି ଘନଶ୍ୟାମ ଭୋଇ ଓ ଦଶରଥ ସାହୁ ପରିଚାଳନା କରିଥିଲେ। ସ୍କୋରର ଭାବେ ବିଜୟ କୁମାର ସାହୁ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବଇଶମପାନ ସାହୁ, ବିଶିଷ୍ଟ ସାମାଜିକ କର୍ମୀ ମାଧବ ସାହୁ, ବଜାଜ ଶୋରୁମ ପରିଚାଳକ କେ. ପାଢୀ, ରବି ମଙ୍ଗରାଜ, ଯୋଗିନ୍ଦ୍ର ସାହୁ ଓ ଭୁବନେଶ୍ୱର ସାହୁ ଓ ପଞ୍ଚାନନ ମଟାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଦଳକୁ ଅତିଥିମାନେ ଟ୍ରଫି ସହ ୧୦ ହଜାର ଟଙ୍କା ରାଶି ପୁରଷ୍କାର ଦେଇଥିବା ବେଳେ ରନର୍ସ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ରାଶି ପ୍ରଦାନ କରିଥିଲେ। ସୁଶାନ୍ତ ମାଝୀ ଓ ଚୁଡାମଣି ଭଇଁସାଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ସମାରୋହକୁ ଜୟନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ସଭାପତି ଦୁର୍ଯ୍ୟୋଧନ ପ୍ରଧାନ, ଉଦୟ ସାହୁ, ରକିଶ କୁମାର ସାହୁ, ପବିତ୍ର ପରାଭୁଏ, ଜିତୁ ସାହୁ, ଭୋଲାକାନ୍ତ ସାହୁ, ଶଙ୍କର ପରାଭୁଏ, ବବଲୁ ଭଏଁସାଲ, ଟିକେନ୍ଦ୍ର ପ୍ରଧାନ, ସାମନ୍ତ ପ୍ରଧାନ, ବୁବୁ ତ୍ରିପାଠୀ, ପ୍ରୀତମ ତ୍ରିପାଠୀ, ପ୍ରମୋଦ ବାରିକ, ଲୋକେଶ କୁମାର ସେଠୀ, ରଞ୍ଜନ ପ୍ରଧାନ, ରାଜୀବ ସାହୁ, ମୋହିତ ଶବର, ଅଜୁ ବରିହା, ନବିନ ଶବର ,ହେମସାଗର ପାଣ୍ଡେ, ଭଗବାନ ଓ ରାହୁଲ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟ ଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ବିଜୟୀ ଦଳ।

## ଗାଡ଼ି ଧକ୍କାରେ ଜଣେ ମୃତ

**ବରପାଲି, ୧୦।୧ (ଡି.ଏନ.ଏ):** ବରପାଲି ଥାନା ରାମପୁର ରାସ୍ତାର ବାଲଟିକ୍ରା ଛକ ବୁଲାଣିରେ ଗୁରୁବାର ରାତି ପ୍ରାୟ ୯ଟାରେ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ରାଜମିସ୍ତ୍ରୀ ପ୍ରଦୀପ ସୁନା । ସେ କାମ ସାରି ଘରକୁ ଫେରୁଥିବା ବେଳେ ରାମପୁର ପଟରୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇ ଫରାର ହୋଇଯାଇଥିଲା । ସେଠାରେ ଥିବା ଲୋକେ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ବରପାଲି ପୋଲିସକୁ ଖବର ଦେଇଥିଲେ ।

## ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ତ୍ରିରଙ୍ଗା ଧରି ସତ୍ୟବ୍ରତ ବୋଡ଼େନରେ

**ବୋଡେନ, ୧୦।୧ (ଡି.ଏନ.ଏ.)**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ କରିବା ଦାବି ନେଇ ଓଡ଼ିଶା ଭ୍ରମଣ କରୁଥିବା ଜଗତସିଂପୁର ଜିଲାର ଯୁବକ ସତ୍ୟବ୍ରତ ଦାସ ନୂଆପଡା ଜିଲା ବୋଡେନ ବ୍ଲକରେ ପହଞ୍ଚିଛନ୍ତି। ବୋଡେନ ବ୍ଲକରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବୋଡେନ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ରାତ୍ରିଯାପନ ପାଇଁ ବୋଡେନ ମୁଖ୍ୟ କିରାଣିକୁ କହିବାରୁ ବ୍ଲକର ବିଶ୍ରାମାଗାରରେ ରହିବାକୁ ଦେଇଥିଲେ। ରାତିରେ କେତେକ ଯୁବକ ମଦ ପିଇ ଆସି ତାଙ୍କୁ ବାହାରି ଯିବାକୁ ବାଧ୍ୟ କରିଥିଲେ। ଖରାପ ଭାଷାରେ ଗାଳି କରିଥିଲେ। ବୋଡେନ ବ୍ଲକରେ ଅପଦସ୍ତ ହୋଇଥିବାରୁ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ବୋଡେନ ଏ ବିଡିଓ ଘଟଣାକୁ ସ୍ୱୀକାର କରି ଆଗାମୀ ଦିନରେ କୌଣସି ଆଶ୍ରୟୀ ବ୍ଲକକୁ ଆସିଲେ ତାଙ୍କୁ ଠିକ ଭାବରେ ଆଶ୍ରୟ ଦିଆଯିବ ବୋଲି କହିଥିଲେ।


**ZILLA SWASTHYA SAMITI, BALANGIR**
**O/o. The Chief District Medical & Public Health Officer (DPMU, NHM), Balangir**
Advt.: 95 Dt.07.01.2020

**NOTICE**

No.: E-653: The merit list and rejected list for empanelment of different post under Daily Wage Basis with reference to this Office Advt. No. 2607 Dt.16.07.2019 is available in the website **www.balangir.nic.in**. Further candidates are requested to attend the counselling-cum-Document verification on Dt.20.01.2020 at 10.30 A.M. in the NHM Conference Hall, O/o. The CDM&PHO-cum-District Mission Director, Balangir as per Annexure-A. If the candidate fails to attend the counselling-cum-Document verification his/her candidature automatically cancelled and the next candidate in the merit list should be called for counselling. No personal contact will be entertained.

Sd./- CDM&PHO-cum-District Mission Director
Balangir

10019/11/0008/1920



**NOTICE INVITING REVISED E-TENDERS**
**CENTRE FOR MODERNIZING GOVERNMENT INITIATIVE (CMGI)**

Tender Enquiry No.: CMGI/PCU/BCP-HRMS/2018/581/31 Dt.08.01.2020
No.: CAD-794: The tender Vide No. RFP No. CMGI/PCU/DR-HRMS/2019/581/1082, Date: 10.09.2019 has been revised.
With reference to above, e-Tenders through Odisha Tenders Portal (**https://tendersodisha.gov.in**) are invited for procurement of Business Continuity Plan (BCP) site for HRMS. Tender documents can be downloaded from CMGI website (**www.cmgi.org.in**) and Odisha e-Tenders Portal (**https://tendersodisha.gov.in**).
The authority reserves the right to reject any or all the tenders without assigning any reason thereof.
The last date of submission of the e-Tender in Odisha e-Tender Portal (**https://tendersodisha.gov.in**) is 10.02.2020 at 11.30 A.M.

**Executive Director, Centre for Modernizing Government Initiative (CMGI),**
**1st Floor, A-2, Toshali Bhawan, Satya Nagar, Bhubaneswar, Odisha**

By Order of Executive Director
**Procurement Officer**

09008/11/0006/1920



**GOVT. OF ODISHA** No.: A-552
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**DRAINAGE CIRCLE, GANDARPUR, CUTTACK - 753003**
**E-PROCUREMENT NOTICE NO.- SEDC-CTC-01/2019-20**
e-mail ID: sedrainagecirclectc@gmail.com

**1st Corrigendum to e-Procurement Notice**
**No.-SEDC-CTC-04/2019-20**

Sl. No. - 1 of Notice may be read as "Ranging from Rs.155.52 Lakhs to Rs.364.95 Lakhs".
All other terms and conditions remain unchanged.
Further details can be seen from the Govt. website **www.tendersorissa.gov.in.**

Superintending Engineer
Drainage Circle, Cuttack

32174/11/0010/1920



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**SUNDARGARH (R&B) DIVISION, SUNDARGARH**
E-mail ID: pwd_sng@yahoo.co.in, Tel./Fax: (06622) 272230

No.: B-565
**"e" Procurement Notice**
Letter No.: 146/WE Bid Identification No.- EE-R&B-SNG-22 of 2019-20 Date: 08.1.2020

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in Single Cover System on Online mode from eligible contractors with valid licence for **Building & Electrical Work** as detailed in DTCN. | | |
| 2. | Nature of Work | : | Building & Electrical Work |
| 3. | No. of Works | : | 02 (Two) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | 'D' & 'C' and HT Electrical Contractor |
| 6. | Availability of Bid document in the website | : | From 10.00 A.M. of Date 14.01.2020 to 05.00 P.M. of Date 24.01.2020. |
| 7. | Date of Opening of Bid | : | 11.00 A.M. on Dt.27.01.2020. |
| 8. | The bidders have to participate in Online bidding only. Further details can be seen from the website (**https://tendersodisha.gov.in**). Any addendum/corrigendum/cancellation of tender can also be seen in the website said only. | | |

34043/11/0008/1920 **Sd./- Executive Engineer, Sundargarh (R&B) Division**



**NOTIFIED AREA COUNCIL, KESINGA**

**BID IDENTIFICATION No.64 / 2019-20, Dated: 07.01.2020**

The Executive Officer, N.A.C., Kesinga invites sealed Percentage Rate bids for the works detailed in the table below. from appropriate Class of bidders registered with Kesinga NAC / PHED / RWSS / RD WR / PWD of the State Government. The details of project list may be seen in the office notice board of NAC, Kesinga. The sale receipt & opening of tender paper No. of works and class of contractors are given below.

| | | |
|---|---|---|
| Total No. of works | : | 23 (Twenty three) only |
| Value of works | : | Rs.89,500.00 Rs.1,78,910.00 |
| Period of Sale of bid documents | : | From 09.01.2020 to 18.01.2020 up to 17.00 hours |
| Date and time of receipt of tender paper | : | Up to 17.00 hours of 21.01.2020 |
| Date and time of opening | : | 11.30 hrs on 22.01.2020 |
| Class of Contractors | : | Regd. of NAC, Kesinga / D & C of state Govt. |

The authority reserves the right to reject any or all the tender without assigning any reason thereof.

**Sd./- Executive Officer,**
**N.A.C., Kesinga**



**ODISHA STATE WAREHOUSING CORPORATION**
**PLOT NO. 2, CUTTACK ROAD, BHUBANESWAR-751006**
**No. COM/TR/TEN/08/2019-20/120 Dt.08.01.2020**

**NOTICE INVITING e-TENDER**

No.: CAD-792: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor for handling and transportation of foodgrain stock of FCI at the warehouse at Bhawanipatna-II (Internal & RH Kesinga) Malkangiri (RH Jeypore), A.Katapali (RH Sambalpur City), Attabira (RH Sambalpur City) & Godbhaga (RH Sambalpur City) for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and **www.oswc.in** from **dt.10.01.2020**. The last date and time of online submission of bid is **dt.27.01.2020** upto 5 PM.
Future amendments, corrigendum or other communication regarding this tender will be available only on **https://tendersodisha.gov.in** and will not be published in print media.
The Managing Director reserves the right to accept or reject any or all tenders without assigning any reason thereof.

39003/11/0009/1920 **Sd./- Managing Director**



**THE ODISHA MINING CORPORATION LIMITED**
**OMC House, Bhubaneswar-751001, Odisha**
**CIN: U13100OR1956SGC000313, www.omcltd.in**

**NIT No. 01/OMC/Civil/2020**

No.: CAD-791: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated Cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Provision of renewal course over Barsuan Khandadhar road of Koira Region in the district of Sundargarh. | 1154.93 | 8 (Eight) | Special & Super | 11,55,000/- | 10,000/- + 18% GST |
| 2 | Development of CC drain, paved shoulder and guard wall of Daitari ghat road from RD KM 0/000 to KM 6/900 in the district of Keonjhar. | 828.43 | 8 (Eight) | Special & Super | 8,29,000/- | 10,000/- + 18% GST |

1. Available of Bid document in Govt. portal from dt.17/1/2020 to 07/02/2020 upto 5.00 PM.
2. Last date of on-line submission of tender in the portal is dt. 07/02/2020 upto 5.00 PM.
3. Date of opening of Technical Bid is dt .10/02/2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in.** The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0115/1920 **CGM (Civil)**



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

- ଫ୍ରାଙ୍କଲିନ୍

**ସଂକ୍ଷେପରେ...**

## କ୍ୟାମ୍ପରେ ପଶି ମାରପିଟ: ଦୁଇ ଗିରଫ

ଲହୁଣୀପଡା, ୧୦।୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡଠାରେ ଥିବା ଆରକେଡି କ୍ୟାମ୍ପରେ ମାଓବାଦୀ ପରିଚୟ ଦେଇ କ୍ୟାମ୍ପରୁ ଅର୍ଥ ଲୁଟିବା ଅଭିଯୋଗରେ ପୋଲିସ ଗୋଟେ ବୋଲେରୋକୁ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ବିମଳାଗଡଠାରେ ଏକ ଠିକା ସଂସ୍ଥା କ୍ୟାମ୍ପ ରହିଛି। ସେହି କ୍ୟାମ୍ପରେ ସଂସ୍ଥାର କର୍ମଚାରୀ ଓ ଜାତୀୟ ରାଜପଥ ନିର୍ମାଣର ସାମଗ୍ରୀ ରହିଛି । କିନ୍ତୁ ଗତ ୮ ତାରିଖ ବିଳମ୍ବିତ ରାତ୍ରିରେ ବୋଲେରୋ ଜେଏସ- ୦୫ ଏଏ- ୦୪୪୯ରେ ଚାରିଜଣ ଯୁବକ ଆସି କ୍ୟାମ୍ପର କର୍ମଚାରୀଙ୍କୁ ଲୁହାଛଡ ଲୁହାପାଇପ ଦେଖାଇ ଭୟଭୀତ କରାଇଥିଲେ। କ୍ୟାମ୍ପର କର୍ମଚାରୀଙ୍କୁ ମାଡ ମାରିବା ସହିତ ଆମକୁ ଚାନ୍ଦା ଦିଅ ନଚେତ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ଦୁଇଟି ମୋବାଇଲ ନଗଦ ସାଢ଼େ ୮ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଖବରପାଇ କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ବୋଲେରୋକୁ ଜବତ କରିଥିଲେ । ଯୋଜନାବଦ୍ଧ ଭାବେ ପୋଲିସ ଚଢ଼ାଉ କରିଥିଲେ ମଧ୍ୟ ଦୁଇଜଣ ଫେରାର ହୋଇ ଯାଇଥିଲେ । ଦୁଇ ଜଣଙ୍କୁ ଗିରଫ କରିଥିଲେ । ଗିରଫ ଦୁଇଜଣ ହେଲେ କେବଲାଙ୍ଗ ଥାନା ଅନ୍ତର୍ଗତ ଠେଲାକୁଦର ଗ୍ରାମର କୁଶଳ ମୁଣ୍ଡା (୩୬), ଝାଡ଼ଖଣ୍ଡ ଖୁଣ୍ଟି ଜିଲା ଅନ୍ତର୍ଗତ ମନୋହରପୁର ଥାନା ପିର୍ଲା ଗ୍ରାମର ବିମଳ ଲାକ୍ରା (୪୫) ବୋଲି ଜଣାପଡିଛି ।

# ସହରରେ ବଢୁଛି ଟ୍ରାଫିକ ସମସ୍ୟା

**ସୁନ୍ଦରଗଡ଼,୧୦।୧ (ଡି.ଏନ.ଏ.)**

ଦିନକୁଦିନ ସୁନ୍ଦରଗଡ଼ ସହରରେ ବଢୁଛି ଟ୍ରାଫିକ ସମସ୍ୟା। ଦୁର୍ଘଟଣାପ୍ରବଣ ପାଲଟିଛି ଶଙ୍କରା ଗୋଲେଇଛକ। ଜିଲା ଦେଇ ଯାଇଥିବା ୧୦ନଂ. ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେରେ ରୂପାନ୍ତରିତ କରାଯିବା ଓ ଲୁହୁରାଡିପା ନୂତନ ବସ୍‌ଷ୍ଟାଣ୍ଡ ହେବା ପରେ ସୁନ୍ଦରଗଡର ମୁଖ୍ୟ ରାସ୍ତାଗୁଡିକ ଏବେ ଦୁର୍ଘଟଣାପ୍ରବଣ ହୋଇପଡିଛି। ସହରର ହସ୍ପିଟାଲ ଛକରୁ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ରାସ୍ତା ଏବଂ ଡିଆରଡିଏ ଛକ ଠାରୁ ଲୁହୁରାଡିପା ବସ୍‌ଷ୍ଟାଣ୍ଡକୁ ଯାଇଥିବା ରାସ୍ତାରେ ଏବେ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡିଛି। ଲୁହୁରାଡିପାକୁ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ଡିଆରଡିଏ ଛକରୁ ଯାଇଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବା ଯୋଗୁ ଅଣଓସାରିଆ ଖାଲଖମା ରାସ୍ତାରେ ଯାନବାହନ ଯାତାୟତ ବେଳେ ନାନାଦି ଅସୁବିଧା ହେଉଛି। ଏହି ରାସ୍ତାର ମହିଳା କଲେଜ ନିକଟବର୍ତ୍ତୀ ବ୍ଲକ କଲୋନୀ ଛକ ନିକଟରେ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ହେଁ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ କୌଣସି ସଙ୍କେତ ଫଳକ ଲଗାଯାଇ ନାହିଁ। ଫଳରେ ଏହି ରାସ୍ତାରେ ନିୟମିତ ଛୋଟବଡ ଦୁର୍ଘଟଣା ଘଟିବା ସାଧାରଣ କଥା ହୋଇଛି। ସେହିପରି ଅନ୍ୟତମ ପ୍ରମୁଖ ବ୍ୟସ୍ତବହୁଳ ରାସ୍ତା କୁହାଯାଉଥିବା ହସ୍ପିଟାଲ ଛକରୁ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରାଫିକ ଅବସ୍ଥା ଜଟିଳ ହେବାରେ ଲାଗିଛି। ଏହି ରାସ୍ତା ସହରର ମୁଖ୍ୟ ପ୍ରବେଶ ଦ୍ୱାର ହୋଇଥିବା ବେଳେ ଶଙ୍କରା ଗୋଲେଇ ଛକ ଏବେ ଖାଲଖମା ହୋଇ ଶୋଚନୀୟ ହୋଇପଡିଛି। ସହର ଭିତରୁ ଓ ବାହାରକୁ ଯିବା ଆସିବା କରୁଥିବା ଯାନବାହନ ସାଙ୍ଗକୁ ବସୁନ୍ଧରା କୋଇଲା ଖଣିରୁ ବାଇପାସ ରାସ୍ତା ଦେଇ ଝାରସୁଗୁଡା -ସମ୍ବଲପୁର ଯାଉଥିବା କୋଇଲା ବୋଝେଇ ମଲ୍ଟି ଏକ୍ସେଲ ଚଳାଚଳ ଯୋଗୁ ଏହି ଗୋଲେଇ ଛକ ବିପଦସଙ୍କୁଳ ହୋଇପଡିଛି। ସେଠାରେ ଥିବା ହାଇମାଷ୍ଟ ଲାଇଟଟି ଦୀର୍ଘଦିନ ହେବ ଜଳୁ ନ ଥିବାରୁ ସେହି ସ୍ଥାନ ଅନ୍ଧାରୁଆ ରହୁଛି। ଝାରସୁଗୁଡା, ସମ୍ବଲପୁର ଆଦି ସ୍ଥାନରୁ ବସରୁ ଓହ୍ଲାଉଥିବା ସାଧାରଣ ଯାତ୍ରୀମାନଙ୍କ ସକାଶେ ସ୍ଥାନଟି ଅସୁରକ୍ଷିତ ପାଲଟିଛି। ଏପରିକି ଏହି ଛକରେ କୋଇଲା ବୋଝେଇ ମଲ୍ଟି ଏକ୍ସେଲ ଟ୍ରକଗୁଡିକ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଛିଡା ହେଉଥିବାରୁ ଅନ୍ୟାନ୍ୟ ଯାନବାହନ ଚଳାଚଳରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ଏହି ଛକ ଦେଇ ଭୁବନେଶ୍ୱର, ରାୟପୁର, ଝାରସୁଗୁଡା, ସମ୍ବଲପୁର, ବାମରା ଆଦି ସ୍ଥାନକୁ ଯିବା ପାଇଁ ଶହ ଶହ ସଂଖ୍ୟାରେ ଯାନବାହାନ ଯାତାୟତ କରୁଥିବା ବେଳେ ସହର ଉପକଣ୍ଠରେ ଥିବା ଭବାନୀପୁର ସ୍ପୋର୍ଟସ ହଷ୍ଟେଲ, କେନ୍ଦ୍ରୀୟ ବିଦ୍ୟାଳୟ, ଏକଲବ୍ୟ ମଡେଲ ସ୍କୁଲ, ସୁନ୍ଦରଗଡ ଇଞ୍ଜିନିୟରିଂ କଲେଜ, ସୁନ୍ଦରଗଡ ପବ୍ଲିକ ସ୍କୁଲ, ଟାଉନ ହାଇସ୍କୁଲ, ଶଙ୍କରା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଥିବାରୁ ଏହି ରାସ୍ତାରେ ଅନ୍ୟ ରାସ୍ତାଗୁଡିକ ଅପେକ୍ଷା ଯାନବାହନ ଚଳାଚଳ ସଂଖ୍ୟା ଅଧିକ ହୋଇଛି। ହସ୍ପିଟାଲ ଛକରୁ ଶଙ୍କରା ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା ଥିବା ବେଳେ ଶଙ୍କରା ମଣ୍ଡପ ନିକଟରେ ଏ ପର୍ଯ୍ୟନ୍ତ ରାସ୍ତା ଅଣଓସାରିଆ ଓ ଖାଲଖମା ହୋଇ ରହିଛି। ଫଳରେ ଯାନବାହନ ଓ ପଥଚାରୀ ଯାତାୟତ ବେଳେ ବାଧା ସୃଷ୍ଟି ହେଉଛି। ଶଙ୍କରାରେ ଏନ୍‌ଟିପିସି ତରଫରୁ ମେଡିକାଲ କଲେଜ ଓ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ବସିଥିବା ବେଳେ ଏହାକୁ ଆଖି ଆଗରେ ରଖି ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଏବେ ବିଭିନ୍ନ ଦୋକାନ ବଜାର, ଶପିଂ ମଲ୍ ଓ ସିନେମା ହଲ୍ ବଢିଚାଲିଛି। ହସ୍ପିଟାଲ ଛକରୁ ଶଙ୍କରା ପର୍ଯ୍ୟନ୍ତ ରାସ୍ତା ଉପରେ ବେଆଇନ୍ ଭାବେ କାର, ବାଇକ୍ ଆଦି ଯାନବାହନଗୁଡିକ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାର ମୁଖ୍ୟ କାରଣ ପାଲଟିଛି। ସହରର ହସ୍ପିଟାଲ ଛକ, ଡିଆରଡିଏ ଛକରେ କେବଳ ଟ୍ରାଫିକ ପୋଲିସ ବ୍ୟବସ୍ଥା ହୋଇଥିଲେ ହେଁ ଅନ୍ୟାନ୍ୟ ଛକଗୁଡିକରେ କିମ୍ବା ଜନଗହଳିପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ପୋଲିସ ବ୍ୟବସ୍ଥା ହୋଇପାରିନାହିଁ। ହସ୍ପିଟାଲଛକରୁ ଏମସିଏଲକୁ ଯାଇଥିବା ରାସ୍ତାର ରଙ୍ଗାଡିପା ଛକ ମଧ୍ୟରେ ମଧ୍ୟ ଟ୍ରାଫିକ ସମସ୍ୟା ଜଟିଳ ହେବାକୁ ଲାଗିଛି। ସହରର ବଢୁଥିବା ଟ୍ରାଫିକ ସମସ୍ୟା ଓ ସହର ଉପକଣ୍ଠସ୍ଥ ଦୁର୍ଘଟଣା ପ୍ରବଣ ଶଙ୍କରା ଗୋଲେଇ ଛକରେ ପ୍ରତିକାରସ୍ୱରୂପ ପଦକ୍ଷେପ ନେବାରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଦୁର୍ଘଟଣା ପ୍ରବଣ ସୁନ୍ଦରଗଡ ଶଙ୍କରା ଗୋଲେଇ ଛକ।

- ଦୁର୍ଘଟଣାପ୍ରବଣ ପାଲଟିଛି ଶଙ୍କରା ଗୋଲେଇ ଛକ
- ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା
- ସହରରେ ବଢୁଛି ଜନ ଅସନ୍ତୋଷ

## ଉଚ୍ଚନ୍ୟାୟାଳୟଙ୍କ ହସ୍ତକ୍ଷେପ,ବଣାଇ ବିଇଓ ପୁନଃ ଅବସ୍ଥାପିତ

**ବଣାଇ,୧୦।୧(ସ୍ୱ.ପ୍ର.)**

ଏକ ବିବାଦୀୟ ଘଟଣାରେ ଛନ୍ଦିହୋଇ ସୁନ୍ଦରଗଡ଼ ଜିଲାପାଳଙ୍କ ଦ୍ୱାରା ନିଲମ୍ବିତ ହୋଇଥିବା ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ବିନୟ ପ୍ରକାଶ ସାଏ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶପରେ ପୂର୍ବବତ୍ ଅବସ୍ଥାପିତ ହୋଇଛନ୍ତି। ସମ୍ପୃକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଏ ତିଲେଇମାଲ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିବା ବେଳେ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଏଥିରେ ସେ ମଧ୍ୟାହ୍ନ ଭୋଜନ ମେନୁ ପରିବର୍ତ୍ତେ ବିଭିନ୍ନ ପ୍ରକାର ଖାଦ୍ୟ ଖାଉଥିବା ଏକ ଫଟୋ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ସୁନ୍ଦରଗଡ଼ ଜିଲାପାଳ ନିଜ କାର୍ଯ୍ୟାଳୟ ପତ୍ରାଙ୍କ ସଂଖ୍ୟା ୨୪୬୪ ତା ୧୧।୧୦।୨୦୧୯ରିଖ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସାଏ ଉଚ୍ଚନ୍ୟାୟଳୟର ଦ୍ୱାରସ୍ଥ ହୋଇ ଅପିଲ କରିଥିଲେ। ଏଥିରେ ଉଚ୍ଚନ୍ୟାୟଳୟ ରିଟ ପିଟିସନ୍ କେସ ନମ୍ବର ୨୦୦୫୧/୨୦୧୯ର ଶୁଣାଣି କରି ସୁନ୍ଦରଗଡ଼ ଜିଲାପାଳଙ୍କୁ ନିଲମ୍ବନ ଆଦେଶ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶବଳରେ ସୁନ୍ଦରଗଡ଼ ଜିଲାପାଳ କାର୍ଯ୍ୟାଳୟ ପତ୍ରାଙ୍କ ସଂଖ୍ୟା ୮୬/୨୦୨୦ ବଳରେ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଏହା ବଳରେ ସାଏ ବଣାଇଁରେ ପୁନର୍ବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି।

# ମାଣ୍ଡିଆକ୍ରୟ ପାଇଁ ଖୋଲିଲା ମଣ୍ଡି



କୁତ୍ରା ଲ୍ୟାମ୍ପସଠାରେ ମାଣ୍ଡିଆ କିଣିବା ପାଇଁ ମଣ୍ଡିର ଶୁଭାରମ୍ଭ କରାଯାଉଛି।

**କୁତ୍ରା, ୧୦।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରାଠାରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ଓଡିଶା ଲିଃର ସୁନ୍ଦରଗଡ ଶାଖା ପକ୍ଷରୁ କୁତ୍ରା ଲ୍ୟାମ୍ପସଠାରେ ମାଣ୍ଡିଆ କିଣିବା ପାଇଁ ଶୁକ୍ରବାର ମଣ୍ଡିର ଶୁଭାରମ୍ଭ କରାଯାଇଥିଲା। ଏହି ଉତ୍ସବରେ କୁତ୍ରା ତହସିଲଦାର ସୁପ୍ରଭା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା ପରେ ମଣ୍ଡିରେ ଉଦଘାଟନ କରିଥିଲେ। ଉଦ୍‌ଘାଟନ ପରେ ମଣ୍ଡିରେ ମାଣ୍ଡିଆକ୍ରୟ କରାଯାଇଥିଲା। ଏହି ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଆଦିବାସୀ ଉନ୍ନୟନ ସମବାୟ ନିଗମର ଅଧ୍ୟକ୍ଷ ଜୟପ୍ରକାଶ ମହାନ୍ତି ଯୋଗଦେଇ କୁତ୍ରା ଲ୍ୟାମ୍ପସକୁ କୁତ୍ରା ସମେତ ଝାନପାଲି, ବିରିଙ୍ଗାଟୋଲି, ଜଉରାମୁଣ୍ଡାଠାରେ ମଣ୍ଡି ଖୋଲି ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ କରିବା ଦାୟୀତ୍ୱ ଦିଆଯାଇଥିବା ପ୍ରକାଶ କରିଥିଲେ । ଏହି ମଣ୍ଡି ଉଦ୍‌ଘାଟନ ଉତ୍ସବରେ ଓଡିଶା ଶସ୍ୟ ପୃଷ୍ଟି ଶସ୍ୟ ଜିଲା ସଂଯୋଜକ ଅର୍ପଣ ଦାସ ନିୟନ୍ତ୍ରିତ ବଜାର କମିଟିର ମାର୍କେଟିଂ ଗାର୍ଡ ତରୁଣ କୁମାର ମିଶ୍ର, କୁତ୍ରା ଲ୍ୟାମ୍ପସ ଏମଡି ସନ୍ତୋଷ କୁମାର ସାହୁ, ଲ୍ୟାମ୍ପସ ପରିଚାଳନା କମିଟି ସଭାପତି କମ୍ୱାଧର ଆମତଙ୍କ ସମେତ ବହୁ ମାଣ୍ଡିଆ ଚାଷୀ ଉପସ୍ଥିତ ଥିଲେ ।

# ଖଣ୍ଡାଧାର ମହୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ବଣାଇ, ୧୦।୧(ସ୍ୱ.ପ୍ର.)**

ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟ ସଭାକକ୍ଷ ଠାରେ ଚଳିତ ବର୍ଷ ୧୦ମ ଖଣ୍ଡାଧାର ମହୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଆୟୋଜିତ ହୋଇଯାଇଛି। ଏଥିରେ ଖଣ୍ଡାଧାର ମହୋତ୍ସବ ପାଳନ କମିଟିର ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଚଳିତ ମାସ ୩୦, ୩୧ ସମେତ ଫେବୃୟାରୀ ୧ ତିନିଦିନ ଧରି ଖଣ୍ଡାଧାର ମହୋତ୍ସବ ପାଳନ ହେବ ବୋଲି ସ୍ଥିରିକୃତ ହୋଇଥିଲା। ଏହା ରାଜା ଧରଣୀଧର ବହୁମୁଖୀ ଖେଳପଡିଆ ଠାରେ ଆୟୋଜିତ ହେବାକୁ ସ୍ଥିର କରାଯିବା ସହ ବିଭିନ୍ନ କମିଟି ଗଠିତ ହୋଇଥିଲା। ଏଥିରେ ସ୍ଥାନୀୟ କଳାକାରଙ୍କ ସମେତ ଓଡିଶା ତଥା ସମଗ୍ର ଭାରତ ବର୍ଷରୁ କଳାକାରମାନେ ଯୋଗଦେଇ ବିଭିନ୍ନ ପ୍ରକାର କଳା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ପ୍ରକାଶ କରାଯାଇଛି। ଖଣ୍ଡାଧାର ମହୋତ୍ସବର ସ୍ମରଣିକା ପ୍ରକାଶନ ନିମନ୍ତେ ନିଷ୍ପତ୍ତି ନିଆଯିବା ସହ ଏହାର ସମ୍ପାଦନା ଦାୟୀତ୍ୱ କୁମାର ଗୌତମ ବାରିକ ଏବଂ ସାହିତ୍ୟିକ ରବୀନ୍ଦ୍ର କୁମାର ସାହୁଙ୍କୁ ଦାୟୀତ୍ୱ ଦିଆଯାଇଛି। ମହୋତ୍ସବର ପରିଚାଳନା କମିଟି ଗଠନ କରାଯାଇ ଅଧ୍ୟକ୍ଷ ଭାବେ ବଣାଇ ରାଜା ବୀରକିଶୋର ଇନ୍ଦ୍ରଦେଓ ଦେବ, ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ଉପସଭାପତି ସତ୍ୟନାରାୟଣ ମିଶ୍ର, ସମ୍ପାଦକ ତପନ କୁମାର ଦଣ୍ଡିଆ, ସହ ସମ୍ପାଦକ ଜିତେନ୍ଦ୍ର ଆଚାର୍ଯ୍ୟ ଓ ହବିବ୍ ଖାନ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ତ୍ରିପାଠୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା କମିଟିରେ ଶୁଭେନ୍ଦ୍ରନାଥ ମଲ୍ଲିକ, ରାହାସ ବିହାରୀ ପ୍ରଧାନ, ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର, ବିନୟ ଦାସ, ବିଜନ ସେନ, ରଣଜିତ କିଷାନ ରହିଥିବା ବେଳେ ପରିଚାଳନା କମିଟିରେ ଡାକ୍ତର ଭୋଳେଶ୍ୱର ପ୍ରଧାନ,ରଞ୍ଜିତ ଚୌଧୁରୀ,ବିଭୂତି ଭୂଷଣ କର, ରାଜେନ୍ଦ୍ର ପ୍ରଧାନ, ତପନ କୁମାର ମଲ୍ଲିକ, ଗିରେନ୍ଦ୍ର ସାହୁ, ବିଦେଶୀ ମୁଖୀ, ଗିରିଧାରୀ ସାହୁ, ସୁଦ୍ୟୁମ୍ନ ସାହୁ, ସନ୍ତୋଷ ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନ୍ଦରମଣି ପ୍ରଧାନ, ବିଭୂତିଭୂଷଣ ପାଢୀଙ୍କୁ ମନୋନୀତ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ପଦ୍ମଚରଣ ଆଚାର୍ଯ୍ୟ, ଖଗେଶ୍ୱର ବାରିକ, ସୁନିଲ କୁମାର ପଣ୍ଡା, ଶୁକଦେବ ପଲେଇ ଓ କୈଳାସ ବରିହା ରହିଛନ୍ତି। ଅଭ୍ୟର୍ଥନା କମିଟିରେ ବଣାଇଗଡ଼ ସରପଞ୍ଚ ବସନ୍ତ ନାଏକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି।



ଖଣ୍ଡାଧାର ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।




ଗୋପବନ୍ଧୁ ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଗୋପବନ୍ଧୁ ହାଇସ୍କୁଲର ବାର୍ଷିକ ଉତ୍ସବ

ରାଜଗାଙ୍ଗପୁର, ୧୦।୧ (ଡି.ଏନ.ଏ)– ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ଗୋପବନ୍ଧୁ ହାଇସ୍କୁଲର ୪୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ ରାଜନ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମନଧ୍ୟାନ ଦେଇ ଶିକ୍ଷା ଅର୍ଜନ କରିବା ସାଙ୍ଗକୁ ସତ୍ ପଥରେ ଚାଲିବା ପାଇଁ ପରାମର୍ଶ ଦେଇଥିଲେ। ଶିଳ୍ପପତି ସଞ୍ଜିବ ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଜଗାଙ୍ଗପୁର ବ୍ଲକ ଶିକ୍ଷାଅଧିକାରୀ ସରିତା ସରୋନିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଜ କର୍ତ୍ତବ୍ୟ ପାଳନ କରିବା ପାଇଁ ଉପଦେଶ ଦେଇଥିଲେ। ସ୍କୁଲର ପୂର୍ବତନ ପିଟିଏ ସଭାପତି ରବିନାରାୟଣ ବିନୋଦଙ୍କ ନେତୃତ୍ୱରେ ଉତ୍ସବ ପରିଚାଳିତ ହୋଇଥିଲା। ପ୍ରଧାନଶିକ୍ଷକ ବିଜୟ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ସ୍କୁଲର ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ସତ୍‌ସଙ୍ଗ ଚରିତ୍ର ଗଠନର କର୍ମଶାଳା

**ସୁନ୍ଦରଗଡ, ୧୦।୧ (ଡି.ଏନ୍.ଏ)**

**ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ**

ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ ତମ ଜନମହୋତ୍ସବ ସତସଙ୍ଗ ବିହାର ଠାରେ ଶୁକ୍ରବାର ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ଶାହାନାଇ, ଉଷାକୀର୍ତ୍ତନ ପରେ ସମବେତ ବିନତି ପ୍ରାର୍ଥନା ଆଦି କାର୍ଯ୍ୟକ୍ରମ ହୋଇଥିଲା। ପରେ ପୁଣି ଏକ ସୁସଜ୍ଜିତ ଗାଡିରେ ଠାକୁରଙ୍କ ବିଗ୍ରହକୁ ସହର ପରିକ୍ରମା କରାଯାଇଥିଲା। ଅପରାହ୍ନରେ ପଦ୍ମିନୀ ଶାହାଙ୍କ ପରିଚାଳନାରେ ଆୟୋଜିତ ମାତୃ ସମ୍ମିଳନୀରେ ସୁନୟନା ଚାନ୍ଦ, ଶୁଭଶ୍ରୀ ସାମଲ, ଚିନ୍ମୟୀ ଚାନ୍ଦ, ଡା. ଅଦିତି ପଟ୍ଟନାୟକ, ଶ୍ରୀଲିପ୍ତା ଦାଶ, ଅରୁନ୍ଧତୀ ପଟ୍ଟନାୟକ, ଭାର୍ଗବୀ ସାହୁ, ସୋନାଲି ଦାସ, ବାଦିମା ଶତପଥୀ ମା ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ଜଗଦୀଶ ପ୍ରସାଦ ପଟ୍ଟନାୟକ, ଅଭୟ କୁମାର ପରିଡା ପ୍ରମୁଖ ଯୋଗଦେଇ ଠାକୁରଙ୍କ ଦିବ୍ୟ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱରରୁ ଆଗତ ଅଧ୍ୟାପକ କେଦାର କୁମାର ମହାନ୍ତି ଯୋଗଦେଇ ଠାକୁରଙ୍କ ଦିବ୍ୟଲୀଳା ଓ ତାଙ୍କ ଆଦର୍ଶରେ ସତମନ୍ତ୍ରରେ ଦୀକ୍ଷିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ସତସଙ୍ଗ ଏକ ଚରିତ୍ର ଗଠନର କର୍ମଶାଳା, ଯେଉଁଠି ମଣିଷ ବଞ୍ଚିବା ବଢିବା ସହିତ ପରିବେଶକୁ ସୁରକ୍ଷା ଦେବାର କଳା କୌଶଳ ଶିକ୍ଷା କରିଥାଏ।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନମହୋତ୍ସବ ଅବସରରେ ମାତୃ ସମ୍ମିଳନୀ।

# ଚନ୍ଦଲି ଶକ୍ତିପୀଠରେ ପୁଷ୍‌ପୁନି ଯାତ୍ରା: ଲକ୍ଷାଧିକ ଲୋକଙ୍କ ଭିଡ଼

ଲେଫ୍ରିପଡ଼ା,୧୦।୧(ଡି.ଏନ୍.ଏ.)

ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ରାଏଡିହି ପଞ୍ଚାୟତରେ ସର୍ଗିପାଲି-ଦର୍ଲିପାଲି ରାସ୍ତା କଡ଼ରେ ରହିଛି ମା' ଚନ୍ଦଲିପାଟଙ୍କ ଶକ୍ତି ପୀଠ। ଏଠାରେ ପ୍ରତିବର୍ଷ ପୌଷ ପୂର୍ଣ୍ଣିମାରେ ପୁଷ୍‌ପୁନି ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ମୁତାବକ ଶୁକ୍ରବାର ପୌଷ ପୂର୍ଣ୍ଣିମାରେ ଏଠାରେ ମା'ଙ୍କ ପୂଜୋତ୍ସବ ଓ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଏଡିହି ପଞ୍ଚାୟତ ତଥା ରାଜସ୍ୱ ଗ୍ରାମ ଅଧୀନରେ ରହିଥିବା ଚନ୍ଦଲିପାହାଡ଼ ଉପରେ ପାଟ ମା'ଙ୍କ ଆସ୍ଥାନ ଅବସ୍ଥିତ। ଶୁକ୍ରବାର ଏଠାରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ଆଖପାଖ ଗାଁ ସମେତ ଝାରସୁଗୁଡ଼ା, ସମ୍ବଲପୁର ଏବଂ ଛତିଶଗଡ଼ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ମା' ଚନ୍ଦଲିପାଟ ପ୍ରତ୍ୟକ୍ଷ ଦେବୀ ହୋଇଥିବା ବେଳେ ତାଙ୍କ ପାଖରେ ମନାସି କଲେ ଅଭିଳାଷ ପୂରଣ ହୋଇଥାଏ ବୋଲି ଲୋକଙ୍କର ଅଗାଧ ବିଶ୍ୱାସ ରହିଛି। ଏଣୁ ଲକ୍ଷ ଲକ୍ଷ ଭକ୍ତ ସମବେତ ହୋଇ ମା'ଙ୍କ ପୂଜା ଆରାଧନା କରିଥିଲେ। ଏହା ଜିଲା ତଥା ଅଞ୍ଚଳର ଏକ ପ୍ରସିଦ୍ଧ ଶକ୍ତିପୀଠ ଭାବେ ପରିଚୟ ସୃଷ୍ଟି କରିଥିବା ବେଳେ ଏହି ପୀଠ ପ୍ରତି ଲୋକଙ୍କ ଦୃଢ଼ ବିଶ୍ୱାସ ଓ ଭକ୍ତି ରହିଛି। ଉଲ୍ଲେଖ ଥାଉ ଯେ, ଶକ୍ତିପୀଠ ଚନ୍ଦଲିପାଟ ପାହାଡ଼ ଉପରେ ରହିଥିବା ବେଳେ ଏହି ବନ୍ଧୁର ଶିଳା ଉପରେ ମା' ପାଟଦେବୀଙ୍କ ଆସ୍ଥାନରେ ଏକ କୂଅ ଅଛି। ଯେଉଁଠି ବର୍ଷସାରା ପାଣି ରହିଥାଏ। ନିକଟସ୍ଥ ବସତିଗୁଡ଼ିକରେ ଗ୍ରୀଷ୍ମଦିନେ ଘୋର ଜଳସଙ୍କଟ ଦେଖା ଦେଉଥିଲେ ହେଁ ଏହି ପଥର ପାହାଡ଼ର ଶୀର୍ଷରେ ପଥର ଚଟାଣରେ ଥିବା କୂଅରେ ପାଣି ରହିଥିବାରୁ ଏହା ମା' ପାଟଦେବୀଙ୍କ ଚମତ୍କାର ବୋଲି କୁହାଯାଏ। ଏଭଳି ଅନେକ ଲୋକକଥା ଓ କିମ୍ବଦନ୍ତୀ ମା'ଙ୍କ ଉପରେ ରହିଛି। ମା'ଙ୍କ ଠାରେ ମନାସି କରି ଭକ୍ତ ଫଳବତୀ ହେଉଥିବାରୁ ମା'ଙ୍କ ଅତିପ୍ରିୟ ପୁଷ୍‌ପୁନି ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ସହ ମା'ଙ୍କୁ ନିଜ ମନାସି ମୁତାବକ ନଡ଼ିଆ, ବୋଦା, କୁକୁଡ଼ା ଆଦି ବଳି ଲାଗି କରିଥିଲେ। ସ୍ଥାନୀୟ ପରିଚାଳନା କମିଟି ପକ୍ଷରୁ ଭକ୍ତଙ୍କ ସୁବିଧା ସକାଶେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ତଥା ପୋଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମେଳାର ସୁପରିଚାଳନା ତଥା ଶାନ୍ତିଶୃଙ୍ଖଳା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୩ ପ୍ଲାଟୁନ୍ ଫୋର୍ସ, ୧୦ଜଣ ପୋଲିସ ଅଧିକାରୀ ଏବଂ ୨ଜଣ ମାଜିଷ୍ଟ୍ରେଟ ନିୟୋଜିତ କରାଯାଇଥିଲା।



ଚନ୍ଦଲିପାଟଙ୍କ ଶକ୍ତିପୀଠରେ ଭକ୍ତଙ୍କ ଗହଳି ଲାଗିଛି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



# ଅନ୍ୟଜାତିରେ ବିବାହ ବଦଳାଇ ଦେଇଛି ଜୀବନ

ରାଉରକେଲା ଅଫିସ,୧୦।୧

ଅନ୍ୟଜାତିର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିବା ତାଙ୍କ ପାଇଁ କାଳ ହୋଇଛି। ଏହି କାରଣରୁ ପର କରିଦେଲା ସମାଜ। ଦୂରେଇଗଲେ ଆତ୍ମୀୟସ୍ୱଜନ। ଦୁନିଆ ଅଲୋଡା ହୋଇଗଲା। ଦୀର୍ଘ ୨୦ବର୍ଷ ଧରି ସମାଜରୁ ବାସନ୍ଦ ହୋଇ ଅଭିଶପ୍ତ ଜୀବନ କାଟୁଛନ୍ତି କାର୍ମିଲା ଓରାମ। ସ୍ୱାମୀଙ୍କ ମୃତ୍ୟୁପରେ ଏହି ଦୁଃଖ ଏବେ ସାରା ପରିବାର ଭୋଗୁଛନ୍ତି। କାର୍ମିଲାଙ୍କ ବୟସ ୪୫ ସେପାଖେ। ଗୁରୁଣ୍ଡିଆ ବ୍ଲକ କୁଣ୍ଡେଇଡିହା ପଞ୍ଚାୟତ ଅନ୍ତର୍ଗତ ବଣ ପାହାଡଘେରା କଂସର ଗ୍ରାମରେ ତାଙ୍କ ଘର। ସେହି ଗାଁରେ ୩ ପିଲାଙ୍କୁ ନେଇ ରୁହନ୍ତି ସେ। ସମାଜ ତାଙ୍କୁ ବାସନ୍ଦ କରିବା ସହ ୩ ପିଲା ବି ସେହି ଦୁଃଖରେ ଛନ୍ଦି ହୋଇପଡିଛନ୍ତି । ଏହି କାରଣରୁ ବଡଝିଅ ସୁଷମା (୧୮)ସ୍କୁଲ ମାଟି ମାଡିପାରିଲାନାହିଁ। ମଝିଆ ପୁଅ ଜଗବନ୍ଧୁ (୧୩)ଓ ସାନ ଝିଅ ଶିବାନୀ(୧୧) ପାଠ ପଢିବାକୁ ଯାଉଥିଲେ ବି ତାଙ୍କୁ ନାନା ହିନସ୍ତା ହେବାକୁ ପଡୁଛି। ଜଗବନ୍ଧୁ ୮ମ ଶ୍ରେଣୀରେ ପଢୁଥିବା ବେଳେ ଶିବାନୀ ୫ମ ଶ୍ରେଣୀର ଛାତ୍ରୀ। ବାସନ୍ଦର ଯନ୍ତ୍ରଣା କେତେ ଯେ କଷ୍ଟଦାୟକ ତାକୁ ମର୍ମେ ମର୍ମେ ଅନୁଭବ କରି ଶିହରି ଉଠନ୍ତି କାର୍ମିଲା। ଯାହାକୁ ସାତ ଜନମ ପର୍ଯ୍ୟନ୍ତ ସାଥୀ କରି ବଞ୍ଚିବାକୁ ପଣ କରିଥିଲେ ସେ ହାତ ଛାଡି ଆରପାରିକୁ ଚାଲିଗଲେ। ବିରହ ବେଦନାକୁ ସାଥୀ କରି ପିଲାଙ୍କ ମୁହଁକୁ ଚାହିଁ ବଞ୍ଚିବାକୁ ସ୍ୱପ୍ନ ଦେଖିଥିବା କାର୍ମିଲାଙ୍କ ଆଖିରୁ ନିଦ ହଜିଛି। ଗତ ୮ ମାସ ଆଗରୁ ସ୍ୱାମୀ ଆରପାରିକୁ ଚାଲିଯିବା ପରେ ତାଙ୍କ ଉପରେ ସମସ୍ତେ ଦାଉ ସାଧିବା ଆରମ୍ଭ କରିଥିଲେ। ନିଜ ସ୍ୱପ୍ନକୁ ସାକାର କରିବାକୁ ଅଣ୍ଟା ଭିଡିଥିବା କାର୍ମିଲା ପିଲାଙ୍କୁ ଭଲ ମଣିଷ କରି ଗଢିବାକୁ ଚାହାନ୍ତି। ହେଲେ ସବୁ ଯେମିତି ତାଙ୍କ ପାଇଁ ନିଷ୍ଫଳ ହୋଇଛି। ସାଇ ପଡିଶାଙ୍କ ଟାହି ଟାପରା, ଗାଁ ଲୋକଙ୍କ ଅସୂୟା ଭାବ ତାଙ୍କ ପାଇଁ ଅଭିଶାପ ପାଲଟିଛି। ସ୍ୱାମୀ କାର୍ମାଙ୍କ ଭଲ ପାଇବା ଆଜି ବି ତାଙ୍କୁ ଜିଇଁବାର ରାସ୍ତା ଦେଖାଉଛି । ହେଲେ ଜାତି ପରମ୍ପରା ପାଚେରି ହୋଇ ଠିଆ ହୋଇଛି। ବୁଝୁନି ସମାଜ, ଜାତି ସଂପ୍ରଦାୟ। ତାଙ୍କ ନେହୁରା କାହା ମନକୁ ପାଉନି। ସମାଜ ସାଙ୍ଗରେ ମିଶିବାକୁ ଚାହିଁଲେ ବି କେହି ଶୁଣୁନାହାଁନ୍ତି। ଏମିତି ଅବସ୍ଥାରେ ସାମାଜିକ କର୍ମୀ ଶାନ୍ତନୁ କୁସୁମ କାର୍ମିଲାଙ୍କ ଘରେ ପହଞ୍ଚି ଭଲମନ୍ଦ ପଚାରି ବୁଝିଥିଲେ। ଏପରି ପ୍ରଶ୍ନରେ ବାହୁନି କାନ୍ଦି ଉଠିଥିଲେ କାର୍ମିଲା। ସମାଜ ସାଙ୍ଗରେ ମିଶାଇବାକୁ ନେହୁରା ହୋଇଥିଲେ। ସ୍ତବ୍ଧ ହୋଇଥିଲେ କୁସୁମ। ଆଜି ଭଳି ବିଜ୍ଞାନ ଯୁଗରେ ଜାତିପାତି ନେଇ ଜଣେ ନିରୀହ ମହିଳାଙ୍କୁ ଏମିତି ଦଣ୍ଡ ଦିଆଯିବା ଠିକ ନୁହେଁ। ଏହାକୁ ସେ ସହଜରେ ହଜମ କରିପାରି ନ ଥିଲେ। ସମାଜ ମୋ ଭୁଲ ସ୍ୱୀକାରକୁ ଗ୍ରହଣ କରିବା ଉଚିତ ବୋଲି ସେ ମତ ପ୍ରକାଶ କରିଛନ୍ତି। ୩ ସନ୍ତାନର ଜନନୀ କାର୍ମିଲାଙ୍କୁ ସମାଜରେ ବଞ୍ଚିବାର ଅଧିକାର ମିଳିବା ଦରକାର। ଏହା କିପରି ନ୍ୟାୟ ମୁଁ ବୁଝିପାରୁନି ବୋଲି କହିଛନ୍ତି ସାମାଜିକ କର୍ମୀ କୁସୁମ। ଯଦି ମା ବାପା ଭୁଲ କରିଛନ୍ତି ତାର ଦଣ୍ଡ ସନ୍ତାନମାନେ କାହିଁକି ପାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ଜିଲା ପ୍ରଶାସନ ସହ ସାମାଜିକ କାର୍ଯ୍ୟାକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି କୁସୁମ ପ୍ରକାଶ କରିଛନ୍ତି।



ସାମାଜିକ କର୍ମୀ ଶାନ୍ତନୁ କୁସୁମ କାର୍ମିଲା ଓରାମ ସହ ଆଲୋଚନା କରୁଛନ୍ତି।

■ ଅର୍ବାନ କୋଅପରେଟିଭ ବ୍ୟାଙ୍କର ସାଧାରଣ ପରିଷଦ ବୈଠକ

# ସହଯୋଗ ରହିଲେ ବ୍ୟାଙ୍କ ଉନ୍ନତି ପଥରେ ଅଗ୍ରସର ହେବ



ସାଧାରଣ ପରିଷଦ ବୈଠକରେ ସଭାପତି ରାଜେଶ ମହାପାତ୍ର ଓ ଅନ୍ୟମାନେ।

ରାଉରକେଲା ଅଫିସ,୧୦।୧

ରାଉରକେଲା ଅର୍ବାନ କୋଅପରେଟିଭ ବ୍ୟାଙ୍କର ସାଧାରଣ ପରିଷଦ ବୈଠକ ସଭାପତି ରାଜେଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ୨୦୧୪-୧୫ ଆର୍ଥିକ ବର୍ଷରେ ବ୍ୟାଙ୍କ ପାଖାପାଖି ୫୮ ଲକ୍ଷ କ୍ଷତିରେ ଚାଲୁଥିଲା। ସେତେବେଳେ ଏହାର ଗ୍ରସ ଏନପିଏ ଥିଲା ୧୫.୫୫ ପ୍ରତିଶତ। ଏଣୁ ବ୍ୟାଙ୍କର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ସଭାପତି ମହାପାତ୍ର ୨୦୧୫ରେ ଦାୟିତ୍ୱ ନେବା ପରେ ବ୍ୟାଙ୍କର ସ୍ଥିତି ସୁଦୃଢ କରିବାକୁ କଡା ଆଭିମୁଖ୍ୟ ଗ୍ରହଣ କରିଥିଲେ। ଫଳରେ ଗତବର୍ଷ କର୍ତ୍ତୃପକ୍ଷ ୮ ପ୍ରତିଶତ ଓ ଚଳିତ ବର୍ଷ ୧୦ ପ୍ରତିଶତ ଲାଭାଂଶ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଯାହାକୁ ନେଇ ବ୍ୟାଙ୍କ ଅଂଶୀଦାରଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି ବୋଲି ଏହି ବୈଠକରେ ମତପ୍ରକାଶ ପାଇଥିଲା। ଗ୍ରାହକ ଜମା ରାଶି ସହ ଲୋନ ଓ ୱାର୍କସ କ୍ୟାପିଟାଲ ସହିତ ଅନ୍ୟ କ୍ଷେତ୍ରରେ ବ୍ୟାଙ୍କ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଋଣ ଆଦାୟ କ୍ଷେତ୍ରରେ ମଧ୍ୟ ବ୍ୟାଙ୍କକୁ ସଫଳତା ମିଳିଛି ବୋଲି ସଭାପତି ମହାପାତ୍ର ଖବରଦାତାଙ୍କୁ କହିଛନ୍ତି। ବ୍ୟାଙ୍କ କର୍ମଚାରୀ ଓ ନିର୍ଦ୍ଦେଶକ ମଣ୍ଡଳୀଙ୍କ ସହଯୋଗ ତଥା ଆଗ୍ରହ ଯୋଗୁ ୨୦୧୮-୧୯ ଆର୍ଥିକ ବର୍ଷରେ ଜମାରାଶି ଆଶାତୀତ ବୃଦ୍ଧିପାଇଛି। ବକେୟା ଋଣ ଆଦାୟ କ୍ଷେତ୍ରରେ ପୂର୍ବରୁ ଲାଗି ରହିଥିବା ଅନିୟମିତତାକୁ ସଂପୂର୍ଣ୍ଣ ରୂପେ ଦୂର କରାଯିବା ଆଉ ଏକ ବିଶେଷ ଉଲ୍ଲେଖନୀୟ ଘଟଣା। ସହଯୋଗ ରହିଲେ ରାଜ୍ୟରେ ରାଉରକେଲା ଅର୍ବାନ କୋଅପରେଟିଭ ବ୍ୟାଙ୍କ ସବୁଠୁ ଆଗରେ ରହିବ ବୋଲି ମହାପାତ୍ର ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ବୈଠକରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତିକୁ ଚାଲେଞ୍ଜ

■ ନ୍ୟାୟ ନ ମିଳିବା ଯାଏ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ରାଉରକେଲା ଅଫିସ,୧୦।୧

ପାନପୋଷ ଉପଖଣ୍ଡ ନୂଆଗାଁ ବ୍ଲକ ଲାଙ୍ଗୋଇ ଗ୍ରାମ ୱାର୍ଡ ନଂ. ୧୪ କେନ୍ଦ୍ର ନିମନ୍ତେ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ହେରଫେର କରାଯାଇଛି। ଏହାକୁ ବାତିଲ କରି ଉପଯୁକ୍ତ ତଥା ଯୋଗ୍ୟ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦେବାକୁ ଦାବି କରାଯାଇ ଥିଲା। ଗତ ଏପ୍ରିଲରୁ ଏଭଳି ଅନିୟମିତତା ସତ୍ତ୍ୱେ ଏହାର ନିରାକରଣ କରାଗଲା ନାହିଁ। ଏମିତି ଅବସ୍ଥାରେ ସାମାଜିକ କର୍ମୀ ଚାନ୍ଦମଣି ସାଣ୍ଡିଲ ଓ ଜଗଦୀଶ ମୁଣ୍ଡାରୀଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଶୁକ୍ରବାର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ କହିବାନୁସାରେ ପାଖ ୱାର୍ଡରେ ଯୋଗ୍ୟ ପ୍ରାର୍ଥିନୀ ଥିଲେ ମଧ୍ୟ କାହିଁକି ଅନ୍ୟ ୱାର୍ଡରୁ ଶିକ୍ଷକ ନିଯୁକ୍ତ କରାଗଲା। ଘର ପାଖ ଶିକ୍ଷୟିତ୍ରୀଙ୍କୁ ଅବହେଳା କରି କାହା ଇଙ୍ଗିତରେ ଜଣେ ଯୋଗ୍ୟ ପ୍ରାର୍ଥିନୀଙ୍କ ଆବେଦନ ପତ୍ରକୁ ନାକଚ କରାଗଲା ତାର ତଦନ୍ତ ହେବା ଆବଶ୍ୟକ ରହିଛି। ସରକାର ସ୍ୱଚ୍ଛତା ନେଇ ୫-ଟି କଥା କହୁଥିବା ବେଳେ କାହିଁକି ବେଆଇନ ନିଯୁକ୍ତି ବାତିଲ କରାଯିବନି ସେନେଇ ଧାରଣା ଦିଆଯାଇଥିଲା। ଏହି ବିବାଦର ଉପଯୁକ୍ତ ତଦନ୍ତର ପ୍ରତିଶ୍ରୁତି ପରେ ଅପରାହ୍ନ ସାଢେ ୫ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସାମାଜିକ କର୍ମୀ ସାଣ୍ଡିଲ ସୂଚନା ପ୍ରଦାନ କରିଛନ୍ତି।



ଅଙ୍ଗନୱାଡି କର୍ମୀମାନେ ଧାରଣା ଦେଇଛନ୍ତି।

# ହଜିଲା ଝିଅ ଘରକୁ ଫେରିଲା

ରାଉରକେଲା ଅଫିସ,୧୦।୧

୨୦୧୩ରୁ ନିଖୋଜ ନାବାଳିକାଙ୍କୁ ପରିବାର ଲୋକେ ଫେରିପାଇଛନ୍ତି। ଏନେଇ ଆନନ୍ଦ ଉଲ୍ଲାସରେ ଘର ପୂରି ଉଠୁଛି। ଝିଅ କଣ ଖାଇବ, କ'ଣ ପିନ୍ଧିବ ସେନେଇ ସମ୍ପର୍କୀୟଙ୍କ ଆଖିକୁ ଯେମିତି ନିଦ ନାହିଁ। ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡା ବସ୍ତିର ବିପ୍ର ସାହୁଙ୍କ ଝିଅ ଗତ ନଭେମ୍ବର ୨୦୧୨ରୁ ହଠାତ କୁଆଡେ ନିଖୋଜ ହୋଇଯାଇଥିଲେ। ସେତେବେଳେ ତାଙ୍କ ମାନସିକ ଅବସ୍ଥା ଠିକ ନ ଥିଲା। ଘର ଲୋକେ ଭାବିଥିଲେ ଝିଅ ଫେରି ଆସିବ। ହେଲେ ଦିନ ଗଡିଲା, ମାସ ବର୍ଷ ବିତିଲା କିନ୍ତୁ ଝିଅର ପତ୍ତା ମିଳିଲାନି। ଏବେ ପୁରୀ ଚାଇଲ୍ଡ ଲାଇନରୁ ଝିଅକୁ ଉଦ୍ଧାର କରାଯାଇଛି। ସେଠିକୁ ଝିଅ କେମିତି ଗଲା, ଏତେ ଦିନ କଣ କରୁଥିଲା ସେନେଇ ପ୍ରଶ୍ନ କରିବାକୁ ମା ବାପାଙ୍କ ମନରେ ଆଗ୍ରହ ନାହିଁ। ଝିଅ ଫେରିଆସିଛି। ସେତିକି ତାଙ୍କ ପାଇଁ ବଡ କଥା। ମାତ୍ର ୩ୟ ଶ୍ରେଣୀରେ ଉଦିତନଗର ସ୍କୁଲରେ ପଢୁଥିବା ନାବାଳିକା ଏବେ ମନେ ପକାଉଛନ୍ତି ପରିବାର ମା ବାପା ଓ ସମ୍ପର୍କୀୟଙ୍କୁ। ତାଙ୍କ ପାଇଁ କିଛି ବି ବଦଳିନି ବୋଲି କହନ୍ତି ସେ। ସେହି ବସ୍ତି, ପାଖପଡୋଶୀ ଓ ପରିବେଶ ତାଙ୍କ ଅଭୁଲା ସ୍ମୃତିକୁ ତାଜା କରିଛି। କେଉଁ ପରିସ୍ଥିତିରେ ଘର ଛାଡିଲେ କିଏ ତାଙ୍କୁ ପୁରୀକୁ ନେଇଥିଲା ସେନେଇ ପ୍ରଶ୍ନ ପଚାରିଲେ ସେ ଅତୀତର ସ୍ମୃତିକୁ ମନେ ପକାଇ ପାରୁନାହାନ୍ତି। ହେଲେ ପରିବାର ଲୋକଙ୍କ ଦାବି ଝିଅକୁ ଯିଏ ଏତେ ବାଟ ନେଇଥିଲା ତାକୁ ଖୋଜି ବାହାର କରାଯାଉ। ଏଭଳି ଷଡଯନ୍ତ୍ରକାରୀଙ୍କୁ ଦଣ୍ଡ ମିଳିବା ଉଚିତ ବୋଲି କହିଛନ୍ତି ଶୀତଳପଡା ବସ୍ତିବାସିନ୍ଦା।

# କମେଣ୍ଟମରାରୁ ୨ ଜଣ ଗିରଫ

ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅଧୀନ ଗୁଆଲାପଡାର ଜଣେ ଝିଅକୁ ଦୁଇ ଜଣ ବ୍ୟକ୍ତି କମେଣ୍ଟ ମାରିଥିଲେ। ଏହି ଘଟଣାକୁ ନେଇ ବ୍ରଜରାଜନଗର ଥାନାରେ ୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ସେହି ଅଞ୍ଚଳର ଅମର ସିଂ ଓ ପଙ୍କଜ ସିଂକୁ ଗିରଫ କରିଛି। ଏମାନଙ୍କ ବିରୋଧରେ ଦଫା ୩୪୧, ୩୨୩, ୩୫୪ରେ ମାମଲା ରୁଜୁ ହୋଇଛି।

# ଦିଲୀପ ରାୟଙ୍କ ଜନ୍ମଦିନ ପାଇଁ ପୂଜାପାଠ

ରାଉରକେଲା ଅଫିସ, ୧୦।୧

ସହରର ବିଭିନ୍ନ ସ୍ଥାନରେ ଦିଲୀପ ରାୟଙ୍କ ଜନ୍ମ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ପୂଜାପାଠ ସାଙ୍ଗକୁ ଗରିବଙ୍କୁ ଅନ୍ନଦାନ ଓ ବସ୍ତ୍ରାଦି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରାଇଟ ଲେନ ୱେଲଫେୟାର କମିଟି, ଛେଣ୍ଡ ୱେଲଫେୟାର ଆସୋସିଏଶନ ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାୟଙ୍କ ଜନ୍ମ ଦିନରେ ବିଶେଷ ତତ୍ପରତା ପ୍ରକାଶ ପାଇଥିଲା। ସେହିଭଳି ଆଖଣ୍ଡଳମଣି ପୂଜା ବସ୍ତିରେ ରାୟଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇ ପୂଜାପାଠ କରାଯାଇ ଥିଲା। ବିଜୁ ଫାଉଣ୍ଡେଶନ ପକ୍ଷରୁ ତର୍କରା ଶିବ ମନ୍ଦିରରେ ରାୟଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ରୁଦ୍ରାଭିଷେକ ଆୟୋଜନ କରାଯାଇଥିଲା। ଏହି ଅବସରରେ ରାୟଙ୍କ ସମର୍ଥକ ଶୁଭେନ୍ଦୁଙ୍କ ପକ୍ଷରୁ ରାଉରକେଲା ସରକାରୀ ଡାକ୍ତରଖାନା ସମେତ ବିଭିନ୍ନ ସ୍ଥାନରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ହନୁମାନ ବାଟିକାଠାରେ ସୁନ୍ଦରାକାଣ୍ଡ ପଠନ କରାଯାଇ ରାୟଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇ ଥିଲା। ଏଥିରେ ରମେଶ ବଳ ଓ ହରି ରାଉତରାୟଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।

# ଆଜିଠୁ କାର୍ଯ୍ୟକ୍ଷମ ହେବ ବିବାଦୀୟ ନୂଆଡିହି ଟୋଲ୍‌ଗେଟ୍

ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.): ଝାରସୁଗୁଡା-ବ୍ରଜରାଜନଗର ମଧ୍ୟରେ ଥିବା ଏନ୍ଏଚ୍- ୪୯ର ନୂଆଡିହିଠାରେ ବନ୍ଦଥିବା ଟୋଲ୍‌ଗେଟ୍ ଶନିବାର ୧୦ଟା ସମୟରେ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଟୋଲ୍ ଗେଟ୍ ଠିକା ସଂସ୍ଥାର ମାଲିକ ସୁବାଷ ପଣ୍ଡାଙ୍କୁ ଗୁରୁବାର ସନ୍ଧ୍ୟାରେ ଜିଲା ପ୍ରଶାସନ ତରଫରୁ ଲିଖିତ ଅନୁମତି ପତ୍ର ମିଳିଛି। ଠିକାଦାରଙ୍କୁ ସୁରକ୍ଷା ଦେବା ଲାଗି ଜିଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ମିଳିଥିବା ଏସଡିପିଓ ଦିଲୀପ ଦାଶ ପ୍ରକାଶ କରିଛନ୍ତି । ଶୁକ୍ରବାର ଦିନତମାମ ଟୋଲଗେଟ ନିକଟରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଅପରାହ୍ନରେ ଏସଡିପିଓଙ୍କ ସହିତ ବ୍ରଜରାଜନଗର ଥାନା ଅଧିକାରୀ ନଳିତା ମୋଦି, ଓରିଏଣ୍ଟ ଥାନା ଅଧିକାରୀ ରଶ୍ମିତା ବେହେରା, ଗାନ୍ଧୀ ଛକ ଫାଣ୍ଡି ପୋଲିସ ଟୋଲଗେଟରେ ପରିସ୍ଥିତ ରହି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଟୋଲ୍‌ଗେଟ୍‌କୁ ବିରୋଧ କରି ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ କରି ଆସୁଛନ୍ତି।


## ZILLA SWASTHYA SAMITI, BALANGIR
O/o. The Chief District Medical & Public Health Officer (DPMU, NHM), Balangir
Advt.: 95 Dt.07.01.2020

**NOTICE**

No.: E-653: The merit list and rejected list for empanelment of different post under Daily Wage Basis with reference to this Office Advt. No. 2607 Dt.16.07.2019 is available in the website **www.balangir.nic.in**. Further candidates are requested to attend the counselling-cum-Document verification on Dt.20.01.2020 at 10.30 A.M. in the NHM Conference Hall, O/o. The CDM&PHO-cum-District Mission Director, Balangir as per Annexure-A. If the candidate fails to attend the counselling-cum-Document verification his/her candidature automatically cancelled and the next candidate in the merit list should be called for counselling. No personal contact will be entertained.

Sd./- CDM&PHO-cum-District Mission Director
Balangir

10019/11/0008/1920

## NOTICE INVITING REVISED E-TENDERS
CENTRE FOR MODERNIZING GOVERNMENT INITIATIVE (CMGI)

**Tender Enquiry No.: CMGI/PCU/BCP-HRMS/2018/581/31** **Dt.08.01.2020**

No.: CAD-794: The tender Vide No. RFP No. CMGI/PCU/DR-HRMS/2019/581/1082, Date: 10.09.2019 has been revised.

With reference to above, e-Tenders through Odisha Tenders Portal **(https://tendersodisha.gov.in)** are invited for procurement of Business Continuity Plan (BCP) site for HRMS. Tender documents can be downloaded from CMGI website **(www.cmgi.org.in)** and Odisha e-Tenders Portal **(https://tendersodisha.gov.in)**.

The authority reserves the right to reject any or all the tenders without assigning any reason thereof.

The last date of submission of the e-Tender in Odisha e-Tender Portal **(https://tendersodisha.gov.in)** is 10.02.2020 at 11.30 A.M.

**Executive Director, Centre for Modernizing Government Initiative (CMGI), 1st Floor, A-2, Toshali Bhawan, Satya Nagar, Bhubaneswar, Odisha**

By Order of Executive Director
**Procurement Officer**

09008/11/0006/1920

## GOVT. OF ODISHA
No.: A-552

## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
DRAINAGE CIRCLE, GANDARPUR, CUTTACK - 753003

**E-PROCUREMENT NOTICE NO.- SEDC-CTC-01/2019-20**

e-mail ID: sedrainagecirclectc@gmail.com

**1st Corrigendum to e-Procurement Notice**
**No.-SEDC-CTC-04/2019-20**

Sl. No. - 1 of Notice may be read as "Ranging from Rs.155.52 Lakhs to Rs.364.95 Lakhs".
All other terms and conditions remain unchanged.
Further details can be seen from the Govt. website **www.tendersorissa.gov.in**.

Superintending Engineer
Drainage Circle, Cuttack

32174/11/0010/1920

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## SUNDARGARH (R&B) DIVISION, SUNDARGARH
E-mail ID: pwd_sng@yahoo.co.in, Tel./Fax: (06622) 272230

No.: B-565

**"e" Procurement Notice**

Letter No.: 146/WE — Bid Identification No.- EE-R&B-SNG-22 of 2019-20 — Date: 08.1.2020

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in Single Cover System on Online mode from eligible contractors with valid licence for **Building & Electrical Work** as detailed in DTCN. | | |
| 2. | Nature of Work | : | Building & Electrical Work |
| 3. | No. of Works | : | 02 (Two) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | 'D' & 'C' and HT Electrical Contractor |
| 6. | Availability of Bid document in the website | : | From 10.00 A.M. of Date 14.01.2020 to 05.00 P.M. of Date 24.01.2020. |
| 7. | Date of Opening of Bid | : | 11.00 A.M. on Dt.27.01.2020. |
| 8. | The bidders have to participate in Online bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

34043/11/0008/1920 — Sd./- Executive Engineer, Sundargarh (R&B) Division

## NOTIFIED AREA COUNCIL, KESINGA

**BID IDENTIFICATION No.64 / 2019-20, Dated: 07.01.2020**

The Executive Officer, N.A.C., Kesinga invites sealed Percentage Rate bids for the works detailed in the table below. from appropriate Class of bidders registered with Kesinga NAC / PHED / RWSS / RD WR / PWD of the State Government. The details of project list may be seen in the office notice board of NAC, Kesinga. The sale receipt & opening of tender paper No. of works and class of contractors are given below.

| | | |
|---|---|---|
| Total No. of works | : | 23 (Twenty three) only |
| Value of works | : | Rs.89,500.00 Rs.1,78,910.00 |
| Period of Sale of bid documents | : | From 09.01.2020 to 18.01.2020 up to 17.00 hours |
| Date and time of receipt of tender paper | : | Up to 17.00 hours of 21.01.2020 |
| Date and time of opening | : | 11.30 hrs on 22.01.2020 |
| Class of Contractors | : | Regd. of NAC, Kesinga / D & C of state Govt. |

The authority reserves the right to reject any or all the tender without assigning any reason thereof.

**Sd./- Executive Officer, N.A.C., Kesinga**

## ODISHA STATE WAREHOUSING CORPORATION
PLOT NO. 2, CUTTACK ROAD, BHUBANESWAR-751006

**No. COM/TR/TEN/08/2019-20/120** **Dt.08.01.2020**

**NOTICE INVITING e-TENDER**

No.: CAD-792: The Odisha State Warehousing Corporation, Bhubaneswar invites online tenders through e-Tender portal from the interested parties for appointment of regular H&T contractor for handling and transportation of foodgrain stock of FCI at the warehouse at Bhawanipatna-II (Internal & RH Kesinga) Malkangiri (RH Jeypore), A.Katapali (RH Sambalpur City), Attabira (RH Sambalpur City) & Godbhaga (RH Sambalpur City) for a period of two years. The tender documents containing detailed terms and conditions can be obtained from the website https://tendersodisha.gov.in and **www.oswc.in** from **dt.10.01.2020**. The last date and time of online submission of bid is **dt.27.01.2020** upto 5 PM.

Future amendments, corrigendum or other communication regarding this tender will be available only on **https://tendersodisha.gov.in** and will not be published in print media.

The Managing Director reserves the right to accept or reject any or all tenders without assigning any reason thereof.

**Sd./- Managing Director**

39003/11/0009/1920

## THE ODISHA MINING CORPORATION LIMITED
OMC | ODISHA NEW OPPORTUNITIES

**OMC House, Bhubaneswar-751001, Odisha**
**CIN: U13100OR1956SGC000313, www.omcltd.in**

**NIT No. 01/OMC/Civil/2020**

No.: CAD-791: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated Cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Provision of renewal course over Barsuan Khandadhar road of Koira Region in the district of Sundargarh. | 1154.93 | 8 (Eight) | Special & Super | 11,55,000/- | 10,000/- + 18% GST |
| 2 | Development of CC drain, paved shoulder and guard wall of Daitari ghat road from RD KM 0/000 to KM 6/900 in the district of Keonjhar. | 828.43 | 8 (Eight) | Special & Super | 8,29,000/- | 10,000/- + 18% GST |

1. Available of Bid document in Govt. portal from dt.17/1/2020 to 07/02/2020 upto 5.00 PM.
2. Last date of on-line submission of tender in the portal is dt. 07/02/2020 upto 5.00 PM.
3. Date of opening of Technical Bid is dt .10/02/2020 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in.** The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0115/1920 — **CGM (Civil)**